# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁଲାଇ ୧୩/୨୦୨୩ (୧୬ ପୃଷ୍ଠା) Bhubaneswar, Thursday, July 13/2023 Page 16 ₹ 7.00

www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul

୪୯ଶ ଭାଗ ୨୨୮ ସଂଖ୍ୟା VOLUME 49 ISSUE 228 ମୂଲ୍ୟ ₹୭/-


# କଳାହାଣ୍ଡିରେ ଅନରକିଲିଂ

## ପ୍ରେମୀଯୁଗଳଙ୍କୁ ହତ୍ୟା ପରେ ଆତ୍ମହତ୍ୟାର ରୂପ ଦିଆଯାଇଥିଲା

### ପ୍ରେମିକାଙ୍କ ବାପା, କକା, ଭିଣୋଇ କୋର୍ଟଚାଲାଣ

**ଭବାନୀପାଟଣା,୧୨।୭(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଧର୍ମଗଡ଼ ଥାନା ବାଞ୍ଜିପଦର ଗାଁରେ ଘଟିଛି ଅନରକିଲିଂ। ଗାଁ ନିକଟରୁ ପ୍ରେମୀଯୁଗଳଙ୍କ ଗଳିତ ମୃତଦେହ ମିଳିବା ଘଟଣାରେ ତଦନ୍ତ କରୁଥିବା ପୋଲିସ ଏହା ସ୍ପଷ୍ଟ କରିଛି। ଏହି ଘଟଣାରେ ପ୍ରେମିକାଙ୍କ ବାପା କନେଶ୍ୱର ପଟେଲ, ଭିଣୋଇ ଠଣସୁନ୍ଦର ନାଏକ ଓ କକା ଦେବାନନ୍ଦ ପଟେଲଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହିଁ ହତ୍ୟାକାରୀ ଏବଂ ଆତ୍ମସମ୍ମାନ ପାଇଁ ଏହି ହତ୍ୟାକାଣ୍ଡ ଘଟାଇଥିବା ଭବାନୀପାଟଣାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଏସ୍‌ପି ଅଭିଲାଷ ଜି. କହିଛନ୍ତି।


ସୁନୀଲ ପଟେଲ


ଜେମାମଣି ପଟେଲ

ଗତ ୩୦ ତାରିଖରେ ପ୍ରେମୀଯୁଗଳ ଘରୁ ଫେରାର ହୋଇଥିଲେ। ସେହିଦିନ ଏକ ଆଖୁ କିଆରିରେ ଲୁଚିଥିବା ବେଳେ ପ୍ରେମିକାଙ୍କ ବାପା, କକା ଓ ଭିଣୋଇ ସେମାନଙ୍କୁ ତଣ୍ଟିଚିପି ହତ୍ୟାକରି ଗଛରେ ଟାଙ୍ଗିଦେଇ ଆତ୍ମହତ୍ୟାର ରୂପ ଦେଇଥିଲେ ବୋଲି ଏସ୍‌ପି କହିଛନ୍ତି।

ସୂଚନାନୁଯାୟୀ, ବାଞ୍ଜିପଦର ଗାଁର ଯୁବକ ସୁନୀଲ ପଟେଲ (୨୨) ଓ ଯୁବତୀ ଜେମାମଣି ପଟେଲ (୨୦)ଙ୍କ ମଧ୍ୟରେ ପ୍ରାୟ ୨ ବର୍ଷ ହେଲା ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଉଭୟେ ସମ୍ପର୍କୀୟ ହୋଇଥିବାରୁ ଏହି ସମ୍ପର୍କକୁ ପ୍ରେମିକଙ୍କ ପରିବାର ସମର୍ଥନ ଦେଇ ଆସୁଥିଲେ। ହେଲେ ପ୍ରେମିକାଙ୍କ ପରିବାର ଏହାକୁ ବିରୋଧ କରିଥିଲେ। ଗତ ୩୦ ତାରିଖରେ ଉଭୟେ ଘରୁ ☞ପୃଷ୍ଠା-୪

# ପ୍ରାର୍ଥନା ସଭାରେ ଛାତିକୁ ମୁଥ | ଶିକ୍ଷୟିତ୍ରୀଙ୍କ ମାଡ଼ରେ ଛାତ୍ର ଗୁରୁତର

**ଦଣ୍ଡମୁକ୍ତ ଅଞ୍ଚଳରେ ଦଣ୍ଡ। ପ୍ରାର୍ଥନା ସଭାରେ କୌଣସି କାରଣରୁ ଉତ୍ତେଜିତ ଶିକ୍ଷୟିତ୍ରୀଙ୍କ ମୁଥରେ ଗୁରୁତର ହୋଇଛନ୍ତି ଛାତ୍ର। ଛାତିରେ ଯନ୍ତ୍ରଣା ବଢ଼ିବା ପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି ହେବାକୁ ପଡ଼ିଛି। ଯଦିଓ ଚିକିତ୍ସା ପରେ ଛାତ୍ରଜଣକ ହସ୍ପିଟାଲରୁ ଛାଡ଼ ପାଇଛନ୍ତି, ତଥାପି ଏଭଳି ଘଟଣା ଶିକ୍ଷାୟତନରେ ସମ୍ପୃକ୍ତା ଶିକ୍ଷୟିତ୍ରୀଙ୍କ କାର୍ଯ୍ୟଧାରା ଉପରେ ଛିଡ଼ା କରାଇଛି ଅନେକ ପ୍ରଶ୍ନ।**

**କାମାକ୍ଷାନଗର, ୧୨।୭(ସୁଧୀର ପରିଡ଼ା)**

ପ୍ରାର୍ଥନା ସଭାରେ ଶିକ୍ଷୟିତ୍ରୀଙ୍କ ମୁଥ ମାଡ଼ରେ ଗୁରୁତର ହୋଇଛନ୍ତି ଛାତ୍ର। ଏଭଳି ଅମାନବୀୟ ଘଟଣା ଘଟିଛି ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ସଦରସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଅସୁସ୍ଥ ହୋଇପଡ଼ିଥିବା ଷଷ୍ଠ ଶ୍ରେଣୀ ଛାତ୍ର ଗଣପତି ମହାନ୍ତ (୧୨)ଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଚିକିତ୍ସା ପରେ ସେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

ଅଭିଯୋଗ ଅନୁଯାୟୀ, ଗଣପତିଙ୍କ ଘର କଙ୍କଡ଼ାହାଡ଼ ନିକଟବର୍ତ୍ତୀ କେରଜୋଳି ପଞ୍ଚାୟତ ଗୋପପୁର ଗ୍ରାମରେ। ବୁଧବାର ପୂର୍ବାହ୍ନରେ ମା’ ଭାରତୀ ମହାନ୍ତ ତାଙ୍କୁ ନେଇ ବିଦ୍ୟାଳୟରେ ଛାଡ଼ିଦେଇ ଆସିଥିଲେ। ଏହାର କିଛି ସମୟ ପରେ ପୁଅ ଅସୁସ୍ଥ ହୋଇପଡ଼ିଥିବା ନେଇ ସ୍କୁଲ କର୍ତ୍ତୃପକ୍ଷଙ୍କ ନିକଟରୁ ସୂଚନା ଆସିଥିଲା। ମା’ ଭାରତୀ ଏବଂ ଅଜା ବୈରାଗୀ ମହାନ୍ତ ତୁରନ୍ତ ସ୍କୁଲରେ ପହଞ୍ଚିଥିଲେ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ପରୀକ୍ଷାଗାରରେ ପ୍ରାଣିଜ ଉତ୍ପାଦ







ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୩ ଜୁଲାଇ , ୨୦୨୩



**ଫ୍ରାନ୍ସରୁ ଫେରିବାବେଳେ ଅବୁଧାବି ଯିବେ ମୋଦି**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୧୫ ତାରିଖରେ ଅବୁଧାବି ଯିବେ। ୨ ଦିନିଆ ଫ୍ରାନ୍ସ ଗସ୍ତରୁ ଫେରିବା ସମୟରେ ସେ ଅବୁଧାବି ଶାସକ ତଥା ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ମୁଖ୍ୟ ଶେଖ୍ ମହମ୍ମଦ ବିନ୍ ଜାୟେଦ ଅଲ୍ ନାହିୟାନଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ଶକ୍ତି, ଖାଦ୍ୟ ସୁରକ୍ଷା ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଦୁହିଁଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯିବ। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକରଁଙ୍କ ନିମନ୍ତ୍ରଣ କ୍ରମେ ମୋଦି ଫ୍ରାନ୍ସ ଗସ୍ତରେ ବାହାରିଛନ୍ତି। ୧୪ ତାରିଖରେ ପ୍ୟାରିସ୍‌ରେ ହେବାକୁ ଥିବା ବାଷ୍ଟାଇଲ ଡେ' ପରେଡ୍‌ରେ ମୋଦି ସମ୍ମାନିତ ଅତିଥି ରହିବେ।

## ସଂକ୍ଷେପରେ

### ଦକ୍ଷିଣ ଆଫ୍ରିକାରେ ଗୁଳି: ୬ ମୃତ

**ଜୋହାନ୍ସବର୍ଗ,୧୨।୭: (ଏ.ପି.):** ଦକ୍ଷିଣ ଆଫ୍ରିକାର କ୍ୱାନୋବୁହଲେରେ ମଙ୍ଗଳବାର ରାତି ଗୁଳିକାଣ୍ଡରେ ଜଣେ ମହିଳାଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ସନ୍ଦିଗ୍ଧ ମୃତକଙ୍କ ଘର ବଗିଚାରେ ପଶି ଆଖିବୁଜା ଗୁଳି ଚଳାଇଥିଲେ। ଘଟଣାରେ ୪ ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବୁଧବାର ପୋଲିସ ସୂଚନା ଦେଇଛି। ଗୁଳିକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ। ସରକାରୀ ତଥ୍ୟ ଅନୁସାରେ, ଦକ୍ଷିଣ ଆଫ୍ରିକାରେ ସର୍ବାଧିକ ହତ୍ୟାକାଣ୍ଡ ଘଟୁଥିବାବେଳେ ଜାନୁୟାରୀରୁ ମାର୍ଚ୍ଚ ମଧ୍ୟରେ ପାଖାପାଖି ୨,୬୨୯ ଜଣଙ୍କ ମୃତ୍ୟୁ ଗୁଳିକାଣ୍ଡରେ ଘଟିଥିବା ଜଣାପଡ଼ିଛି।

### ଜଳିଗଲେ ପରିବାରର ୧୦

**ଇସ୍‌ଲାମାବାଦ୍,୧୨।୭:** ପାକିସ୍ତାନ ଲାହୋରରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରରେ ୭ ପିଲାଙ୍କ ସମେତ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ପରିବାରର ଜଣେ ସଦସ୍ୟ ଅଗ୍ନିକାଣ୍ଡରୁ ବର୍ତ୍ତି ଯାଇଛନ୍ତି। ଏକାଧିକ ମହଲା ବିଶିଷ୍ଟ ଘରର ଦ୍ୱିତୀୟ ମହଲାରେ ନିଆଁ ଲାଗିଥିବାବେଳେ ଏହାର କାରଣ ସ୍ପଷ୍ଟ ହୋଇନାହିଁ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଘଟଣା ନେଇ ଶୋକବ୍ୟକ୍ତ କରିଛନ୍ତି। ପଞ୍ଜାବ ପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହସିନ୍ ନାକ୍‌ଭି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

### ପ୍ରଚଣ୍ଡଙ୍କ ସ୍ତ୍ରୀ ସୀତାଙ୍କ ପରଲୋକ


ସୀତା ଦହଲ

**କାଠମାଣ୍ଡୁ,୧୨।୭:** ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଳ ଦହଲ 'ପ୍ରଚଣ୍ଡ'ଙ୍କ ସ୍ତ୍ରୀ ସୀତା ଦହଲଙ୍କ ବୁଧବାର ପରଲୋକ ଘଟିଛି। ହୃଦ୍‌ଘାତରୁ ତାଙ୍କର ମୃତ୍ୟୁ ହୋଇଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ କୁହାଯାଇଛି। ସକାଳେ ସୀତାଙ୍କ ଦେହ ଅଧିକ ବିଗିଡ଼ିଯିବା ପରେ ତାଙ୍କୁ କାଠମାଣ୍ଡୁସ୍ଥିତ ନୋରଭିକ୍ ଇଣ୍ଟରନ୍ୟାଶନାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସକାଳ ୮ଟା ୩୩ ମିନିଟ୍‌ରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୀର୍ଘଦିନ ଧରି ସେ ସ୍ନାୟବିକ ରୋଗରେ ଆକ୍ରାନ୍ତ ଥିଲେ। ନେପାଳ କମ୍ୟୁନିଷ୍ଟ ପାର୍ଟିର ପରାମର୍ଶଦାତା ସେ ଥିଲେ। ସୀତାଙ୍କ ମର ଶରୀରକୁ ପାରିସ ଦାଣ୍ଡାସ୍ଥିତ ପାର୍ଟି ସେଣ୍ଟ୍ରାଲ ଅଫିସରେ ବିଳମ୍ବିତ ରାତି ୧ଟା ପର୍ଯ୍ୟନ୍ତ ରଖାଯିବ। ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପଶୁପତିନାଥ ଆର୍ଯ୍ୟଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ।


ଯମୁନା ନଦୀରେ ବନ୍ୟାଜଳ ପ୍ରବାହିତ ହେବା ପରେ ବୁଧବାର ଉପକୂଳବର୍ତ୍ତୀ ଅଞ୍ଚଳରେ ବାସ କରୁଥିବା ଲୋକମାନେ ଟ୍ରଲିରେ ଜିନିଷ ନେଇ ସୁରକ୍ଷିତ ସ୍ଥାନକୁ ଯାଉଛନ୍ତି।

# ଉଛୁଳୁଛି ଯମୁନା, ଦିଲ୍ଲୀରେ ବନ୍ୟା

- ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ କେଜରିୱାଲଙ୍କ ଚିଠି
- ତୁରନ୍ତ ଘର ଖାଲି କରିବାକୁ ନିର୍ଦ୍ଦେଶ
- ହିମାଚଳ ପ୍ରଦେଶରେ ମୃତ୍ୟୁସଂଖ୍ୟା ୮୦

**ନୂଆଦିଲ୍ଲୀ/କୁଲ୍ଲୁ/ଚଣ୍ଡିଗଡ଼,୧୨।୭**

ଉତ୍ତର ଭାରତରେ ଲଗାଣ ବର୍ଷା ପରେ ଯମୁନା ନଦୀର ଜଳସ୍ତର ବଢ଼ିବାରେ ଲାଗିଛି। ବୁଧବାର ନଦୀ ଜଳସ୍ତର ବୃଦ୍ଧି ଘଟି ୨୦୭.୫୫ ମିଟର ଛୁଇଁଥିବାବେଳେ ରାଜଧାନୀରେ ବନ୍ୟା ପରିସ୍ଥିତି ଉପୁଜିଛି। ଜଳସ୍ତର ବୃଦ୍ଧି ନେଇ ଯମୁନା ନଦୀ ୪୫ ବର୍ଷର ରେକର୍ଡ ଭାଙ୍ଗିଛି। ବିପଦ ଆଶଙ୍କା କରି ସ୍ଥାନୀୟ ଲୋକେ ଅତ୍ୟାବଶ୍ୟକ ସାମଗ୍ରୀ ଧରି ଛାତରେ ରହୁଥିବା ଦେଖିବାକୁ ମିଳିଛି। ସ୍ଥିତିର ମୁକାବିଲା ପାଇଁ ଏଏପି ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ମନ୍ତ୍ରିମଣ୍ଡଳ ସ୍ତରୀୟ ଜରୁରିକାଳୀନ ବୈଠକ ଡାକିଥିଲେ। ତଳିଆ ଅଞ୍ଚଳରେ ଥିବା ଘରଗୁଡ଼ିକରେ ବନ୍ୟାଜଳ ପ୍ରବେଶ କରିବା ପରେ, ବିଳମ୍ବ ନ କରି ଘର ଖାଲି କରିବାକୁ କେଜରିୱାଲ କହିଛନ୍ତି। ଏ ସମ୍ପର୍କରେ କେଜରିୱାଲ ବୁଧବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଉଦ୍ଦେଶ୍ୟରେ ଚିଠି ଲେଖିଛନ୍ତି। ହରିୟାଣା ହାଟନିକୁଣ୍ଡ ବ୍ୟାରେଜ୍ ଗେଟ୍‌ନ ଖୋଲିବାକୁ କେଜିୱାଲ ଅନୁରୋଧ କରିଛନ୍ତି। ସେହିପରି ଉତ୍ତର ଦିଲ୍ଲୀସ୍ଥିତ ରଙ୍ଗ ରୋଡରେ ପାଣି ଜମିବାଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଅନ୍ୟପକ୍ଷେ ଆଗାମୀ ଦିନରେ ରାଜଧାନୀ ଦିଲ୍ଲୀରେ ଜି୨୦ ବୈଠକ ହେବାକୁ ଥିବାବେଳେ ସହରର ବନ୍ୟା ସ୍ଥିତି ଯୋଗୁ ବିଶ୍ୱକୁ ଭଲ ସନ୍ଦେଶ ମିଳିବ ନାହିଁ ବୋଲି ସେ କହିଛନ୍ତି।

ସୁରକ୍ଷାକୁ ଦୃଷ୍ଟିରେ ରଖି ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଲୋକ ଜମା ହେବା ଲାଗି ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି। ବୁଧବାର ପୂର୍ବାହ୍ନ ୧୧ଟାବେଳେ ଓଲ୍ଡ ରେଲ୍‌ୱେ ବ୍ରିଜ୍‌ରେ ନଦୀ ଜଳସ୍ତର ୨୦୭.୩୮ ମିଟର ମାପ କରାଯାଇଥିଲା। ୨୦୧୩ରେ ନଦୀ ଜଳସ୍ତର ୨୦୭.୩୨ ମିଟର ରେକର୍ଡ କରାଯାଇଥିବାବେଳେ ରାଜଧାନୀରେ ବନ୍ୟା ଦେଖିବାକୁ ମିଳିଥିଲା। ସେହିପରି ୧୯୭୮ରେ ଯମୁନା ଜଳସ୍ତର ସର୍ବାଧିକ ୨୦୭.୪୯ ମିଟର ଥିବାବେଳେ ବୁଧବାର ଏହା ୨୦୭.୫୫ ମିଟରରେ ପହଞ୍ଚିଛି। କେନ୍ଦ୍ରୀୟ ଜଳ ଆୟୋଗ ସୂଚନା ଅନୁସାରେ ଯମୁନା ଜଳସ୍ତର ୨୦୭.୫୭ ମଟରରେ ପହଞ୍ଚିବା ଆଶଙ୍କା ରହିଛି। ସ୍ଥିତିକୁ ଦୃଷ୍ଟିରେ ରଖି ପୁରୁଣା ଦିଲ୍ଲୀରେ ବନ୍ୟା ଆଲର୍ଟ ଜାରି କରାଯାଇଛି।

ମୌସୁମୀ ବର୍ଷା ପ୍ରଭାବରେ ହିମାଚଳ ପ୍ରଦେଶରେ ଭୂସ୍ଖଳନ, ବିଦ୍ୟୁତ୍ କାଟ୍, ସଡ଼କ ଅବରୋଧ ଏବଂ ବ୍ରିଜ୍ ଭୁଶୁଡ଼ିବା ଯୋଗୁ ସ୍ଥିତି ଜଟିଳ ହୋଇପଡ଼ିଛି। ପାଖାପାଖି ୮୦ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ପର୍ଯ୍ୟଟକ ଏବେ ବି ପାହାଡ଼ ଅଞ୍ଚଳରେ ଫସିରହିଥିବା ଜଣାପଡ଼ିଛି। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗ ସୂଚନା ଅନୁସାରେ ବର୍ଷା ଯୋଗୁ ୩୦୦୦ କୋଟିରୁ ୪୦୦୦ କୋଟି ଟଙ୍କାର କ୍ଷତି ହୋଇଛି। ଭୂସ୍ଖଳନ ଯୋଗୁ ୧୩୦୦ରୁ ଉର୍ଦ୍ଧ୍ୱ ସଡ଼କ ବନ୍ଦ ହୋଇ ପଡ଼ିଥିବାବେଳେ ୪୦ ବ୍ରିଜ୍ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରୁ ୨୦୦୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି।

ବର୍ଷା ଯୋଗୁ ପଞ୍ଜାବ, ହରିୟାଣାରେ ମଧ୍ୟ ବନ୍ୟା ପରିସ୍ଥିତି ଉପୁଜିଛି। ଗତ ୩ଦିନର ଲଗାଣ ବର୍ଷାରେ ଲୋକେ ଏବେବି ପାଣିଘେରରେ ଅଛନ୍ତି। ପାଖାପାଖି ୧୦,୦୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବାବେଳେ ପ୍ରତ୍ୟେକଙ୍କ ପାଖରେ ରିଲିଫ୍ ସାମଗ୍ରୀ ପହଞ୍ଚିବା ନେଇ ସରକାର ଗୁରୁତ୍ୱ ଦେଉଥିବା କହିଛନ୍ତି। ଉଭୟ ପଞ୍ଜାବ ଓ ହରିୟାଣାରେ ବର୍ଷାଜନିତ ମୃତ୍ୟୁ ସଂଖ୍ୟା ୧୮ରେ ପହଞ୍ଚିଛି। ସ୍ଥିତି ନିୟନ୍ତ୍ରଣରେ ଥିବାନେଇ ମୁଖ୍ୟମନ୍ତ୍ରୀ ଭଗୱନ୍ତ ସିଂ ମାନ୍ କହିଛନ୍ତି। ବନ୍ୟା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଆତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦର ବୃଦ୍ଧି ଘଟିଛି।


ଲୋକଙ୍କ ଘରେ ବନ୍ୟାଜଳ ପଶିଯିବା ପରେ ଜେସିବି ସାହାଯ୍ୟରେ ଜିନିଷ ବୋହି ସୁରକ୍ଷିତ ସ୍ଥାନକୁ ନେଉଛନ୍ତି। (ଫଟୋ- ଚମନ ଗୌତମ)

### ବେଙ୍ଗାଲୁରୁ ଡବଲ ମର୍ଡର: ୩ ଗିରଫ

**ବେଙ୍ଗାଲୁରୁ,୧୨।୭**

ବେଙ୍ଗାଲୁରୁର ଇଣ୍ଟରନେଟ୍ ବ୍ରଡ୍‌ବ୍ୟାଣ୍ଡ ସର୍ଭିସ୍ ପ୍ରୋଭାଇଡର ଏରୋନିକ୍ସ ମିଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ସିଇଓ ଏବଂ ଏମ୍‌ଡିଙ୍କୁ ହତ୍ୟାଘଟଣାରେ ଅମୃତହାଲି ପୋଲିସ ବୁଧବାର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଶାବାରିଶ ଓରଫ ଫେଲିକ୍ସ, ବିନୟ ରେଡ୍ଡୀ ଏବଂ ସନ୍ତୋଷ। ମଙ୍ଗଳବାର ସନ୍ଧ୍ୟାରେ ଅଭିଯୁକ୍ତମାନେ ଅମୃତହାଲିସ୍ଥିତ ପାମ୍ପା ଏକ୍ସଟେନ୍‌ଶନ୍ ଅଞ୍ଚଳରେ ଥିବା ଏରୋନିକ୍ସ କାର୍ଯ୍ୟାଳୟରେ ପ୍ରବେଶ କରି ଆତର୍କିତ ଭାବେ ସେମାନଙ୍କ ଉପରକୁ ଆକ୍ରମଣ କରିଥିଲେ। ହତ୍ୟାକାଣ୍ଡ ଭିଆଇ ଅଭିଯୁକ୍ତ ଫେରାର ହୋଇଯାଇଥିବାବେଳେ ଅନ୍ୟ କର୍ମଚାରୀମାନେ ଆହତ ଅବସ୍ଥାରେ ସିଇଓ ଓ ଏମ୍.ଡିଙ୍କୁ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଫେଲିକ୍ସ୍ ପୂର୍ବରୁ ଏରୋନିକ୍ସରେ ଚାକିରି କରିଥିଲେ। କିନ୍ତୁ କିଛିଦିନ ପୂର୍ବେ ସେ ଚାକିରି ଛାଡ଼ି ନିଜର ଏକ କମ୍ପାନୀ ତିଆରି କରିଥିଲେ। କାରବାରକୁ କେନ୍ଦ୍ରକରି ହତ୍ୟାକାଣ୍ଡ ହୋଇଥିବା ପୋଲିସ ସନ୍ଦେହ କରୁଛି।

### ସୁପ୍ରିମକୋର୍ଟରେ ୨ ନୂଆ ବିଚାରପତି


ଜଷ୍ଟିସ୍ ଏସ୍.ଭି. ଭଟ୍ଟି ଜଷ୍ଟିସ୍ ଉଜ୍ଜଳ ଭୂୟାଁ

**ନୂଆଦିଲ୍ଲୀ,୧୨।୭**

ଦୁଇଜଣ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ବୁଧବାର ସୁପ୍ରିମକୋର୍ଟ ବିଚାରପତି ରୂପେ ପଦୋନ୍ନତି ମିଳିଛି। ଏନେଇ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନରାମ ମେଘୱାଲ ଟୁଇଟ୍ କରି ସୂଚନା ଦେଇଛନ୍ତି। ନବନିଯୁକ୍ତ ବିଚାରପତି ଦ୍ୱୟ ହେଲେ ଜଷ୍ଟିସ୍ ଉଜ୍ଜଳ ଭୂୟାଁ ଏବଂ ଏସ୍. ଭେଙ୍କଟନାରାୟଣ ଭଟ୍ଟି। ଜଷ୍ଟିସ୍ ଭୂୟାଁ ତେଲଙ୍ଗାନା ହାଇକୋର୍ଟ ମୁଖ୍ୟ ବିଚାରପତି ଥିବାବେଳେ ଜଷ୍ଟିସ୍ ଭଟ୍ଟି କେରଳ ହାଇକୋର୍ଟ ମୁଖ୍ୟ ବିଚାରପତି ଅଛନ୍ତି। ସୁପ୍ରିମକୋର୍ଟରେ ଉଭୟଙ୍କ ନିଯୁକ୍ତି ସକାଶେ ଗତ ୫ରେ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କଲେଜିୟମ୍ ବୈଠକରେ ସୁପାରିସ କରାଯାଇଥିଲା। ସର୍ବୋଚ୍ଚ ଅଦାଲତରେ ମୋଟ ୩୪ ବିଚାରପତି ରହିବା କଥା। କିନ୍ତୁ ବର୍ତ୍ତମାନ ୩୦ ଜଣ ଅଛନ୍ତି। ଏହି ୨ ବିଚାରପତି ଶପଥ ନେବା ପରେ ଆଉ ୨ ଜଷ୍ଟିସ୍ ପଦ ଖାଲିପଡ଼ିବ।

## ଜୁନ୍ ମୁଦ୍ରାସ୍ଫୀତି ୪.୮୧%

**୩ ମାସରେ ସର୍ବୋଚ୍ଚ ସ୍ତର**

**ନୂଆଦିଲ୍ଲୀ,୧୨।୭(ପି.ଟି.)**

ପନିପରିବା ଓ ଖାଦ୍ୟ ମୂଲ୍ୟରେ ବୃଦ୍ଧି ଯୋଗୁ ଗତ ଜୁନ୍‌ରେ ଭାରତର ଖୁଚୁରା ମୁଦ୍ରାସ୍ଫୀତି ୪.୮୧%ରେ ପହଞ୍ଚିଥିଲା, ଯାହାକି ୩ ମାସରେ ସର୍ବାଧିକ ବୋଲି ସରକାରୀ ଭାବେ କୁହାଯାଇଛି। ଖାଉଟି ମୂଲ୍ୟ ସୂଚକାଙ୍କ (ସିପିଆଇ) ଉପରେ ନିର୍ଭର କରୁଥିବା ମୁଦ୍ରାସ୍ଫୀତି ଗତ ମେ'ରେ ୪.୩୧% ରହିଥିଲା। ୨୦୨୨ ଜୁନ୍‌ରେ ସିପିଆଇ ୭% ସ୍ତରକୁ ଉଠିଥିଲା। ସଦ୍ୟ ପ୍ରକାଶିତ ହାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ସୁବିଧାଜନକ ସ୍ଥିତି ୬%ର ତଳେ ରହିଛି। ଏହା ପୂର୍ବରୁ ଗତ ମାର୍ଚ୍ଚରେ ସିପିଆଇର ସର୍ବୋଚ୍ଚ ହାର ୫.୬୬% ରହିଥିଲା। ମୁଦ୍ରାସ୍ଫୀତି ନିୟନ୍ତ୍ରଣକୁ ଆଣି ୪% ଭିତରେ ରଖିବା ପାଇଁ କେନ୍ଦ୍ର ସରକାର ଆର୍‌ବିଆଇକୁ ଦାୟିତ୍ୱ ଦେଇଛନ୍ତି।

ଗତ ଜୁନ୍‌ରେ ଖାଦ୍ୟ ସାମଗ୍ରୀଗୁଡ଼ିକର ଦାମ୍ ୪.୪୯% ବଢ଼ିଥିଲା, ଯାହାକି ମେ'ର ୨.୯୬%ଠାରୁ ଅଧିକ। ସିପିଆଇର ପ୍ରାୟ ଅଧା ଖାଦ୍ୟ ମୂଲ୍ୟ ଉପରେ ନିର୍ଭର କରିଥାଏ।

## ପରିବା ଦରରେ କେନ୍ଦ୍ରର ଲଗାମ ନାହିଁ

**ଆନ୍ଧ୍ର, କର୍ଣ୍ଣାଟକ, ମହାରାଷ୍ଟ୍ରରୁ ଟମାଟୋ ଆଣିବ ନାଫେଡ୍, ଏନ୍‌ସିସିଏଫ୍**

**ନୂଆଦିଲ୍ଲୀ,୧୨।୭**

ଦେଶରେ ଲଗାଣ ବର୍ଷା ଯୋଗୁ ଟମାଟୋର ଯୋଗାଣ ବାଧାପ୍ରାପ୍ତ ହେବାରୁ ଅନେକ ଭାଗରେ ଏହାର ମୂଲ୍ୟ ୨୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ରୋଷେଇ ଘରର ମୁଖ୍ୟ ପରିବା ଦର ଆକାଶଛୁଆଁ ହେବା ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ ଓ ମହାରାଷ୍ଟ୍ରରୁ ଟମାଟର ଅଧିଗ୍ରହଣ କରି ଆଣିବା ପାଇଁ ନ୍ୟାଶନାଲ ଏଗ୍ରିକଲ୍‌ଚରାଲ କୋ-ଅପରେଟିଭ୍ ମାର୍କେଟିଂ ଫେଡେରେଶନ୍ ଅଫ୍ ଇଣ୍ଡିଆ ଲିଃ (ନାଫେଡ୍) ଏବଂ ନ୍ୟାଶନାଲ କୋ-ଅପେରେଟିଭ୍ କଞ୍ଜ୍ୟୁମର୍ସ ଫେଡେରେଶନ୍ ଅଫ୍ ଇଣ୍ଡିଆ ଲିଃ (ଏନ୍‌ସିସିଏଫ୍)କୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି ୩ ରାଜ୍ୟରୁ ଟମାଟୋର ଆଣି ଦେଶର ବିଭିନ୍ନ ବଜାରକୁ ପଠାଯିବ, ଯେଉଁଠି ଏହାର ଦାମ୍ ମାସେ ଧରି ଆକାଶଛୁଆଁ ରହିଛି। ଖାଉଟି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳରେ ଆସନ୍ତା ୧୪ ତାରିଖରୁ ରିଟେଲ୍ ଆଉଟ୍‌ଲେଟ ଜରିଆରେ ଟମାଟୋର ବିକ୍ରି କରାଯିବ। ଅନ୍ୟପକ୍ଷେ ପରିବା ଦର ବୃଦ୍ଧିକୁ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ ଟୁଇଟ୍ କରିଛନ୍ତି, ମୋଦିଜୀ, ଲୋକେ ମୁଦ୍ରାସ୍ଫୀତିରେ ସନ୍ତୁଳି ହୋଇଗଲେଣି। ସେମାନେ ଆପଣଙ୍କଠାରୁ ଏହା ଉପରେ ମନ୍ତବ୍ୟ ଚାହୁଁନାହାନ୍ତି। କିନ୍ତୁ ଆପଣ ନିଜ କର୍ତ୍ତବ୍ୟ ସମ୍ପାଦନ କରନ୍ତୁ ବୋଲି ଚାହୁଁଛନ୍ତି।

## ନାଟୋ: ୟୁକ୍ରେନ୍‌କୁ ସମର୍ଥନ, ସଦସ୍ୟତା ଅସ୍ପଷ୍ଟ

**ଭିଲ୍‌ନିଅସ୍,୧୨।୭**

ୟୁରୋପୀୟ ଦେଶ ଲିଥୁଆନିଆ ରାଜଧାନୀ ଭିଲ୍‌ନିଅସ୍‌ରେ ବୁଧବାର ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ)ର ଦୁଇଦିନିଆ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଓ ତାଙ୍କ ନାଟୋ ପ୍ରତିପକ୍ଷମାନେ ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌କୁ ସମର୍ଥନ ଘୋଷଣା କରିଛନ୍ତି। କିନ୍ତୁ ରୁଷୀୟ ସୈନ୍ୟଙ୍କ ମୁକାବିଲା ପାଇଁ ୟୁକ୍ରେନ୍‌କୁ ନାଟୋ ସଦସ୍ୟତା ମିଳିବା ନେଇ ସ୍ଥିତି ସ୍ପଷ୍ଟ କରିନାହାନ୍ତି। ମୋଟାମୋଟି ଭାବେ ଏହି ବୈଠକର ଫଳାଫଳ ମିଶ୍ରିତ ରହିଛି। ସଦସ୍ୟ ରାଷ୍ଟ୍ରଗୁଡ଼ିକରୁ ବିପୁଳ ଅସ୍ତ୍ରଶସ୍ତ୍ର ମିଳୁଥିବାରୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସେମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ତେବେ ବିଶ୍ୱର ଏହି ସର୍ବବୃହତ୍ ସାମରିକ ମେଣ୍ଟରେ ୟୁକ୍ରେନ୍‌କୁ ସାମିଲ କରିବା ନେଇ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ସ୍ଥିର କରାଯାଇ ନ ଥିବାରୁ ଜେଲେନ୍‌ସ୍କି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଇତିମଧ୍ୟରେ ନାଟୋର ୩୨ତମ ସଦସ୍ୟ ହେବା ଦିଗରେ ସୁଇଡେନ୍ ଏକ ବଡ଼ ପଦକ୍ଷେପ ନେଇଛି। ଅକ୍ଟୋବର ପରେ ସୁଇଡେନ୍‌ର ସଦସ୍ୟତାକୁ ଅନୁମୋଦନ କରିବା ନେଇ ତୁର୍କୀ ସଙ୍କେତ ଦେଇଛି। ସେହିପରି ରୁଷିଆ ପକ୍ଷରୁ କିମ୍ବା ଆତଙ୍କବାଦୀଙ୍କ ଦ୍ୱାରା ଆକ୍ରମଣ ହେଲେ ଏହାର ମୁକାବିଲା କରିବା ଲାଗି ସହଯୋଗୀ ରାଷ୍ଟ୍ରଗୁଡ଼ିକ ପ୍ରତିରକ୍ଷା ଯୋଜନା କରିଛନ୍ତି। ଏଥିସହ ପ୍ରତିରକ୍ଷା ବ୍ୟୟ ବୃଦ୍ଧି ନେଇ ମଧ୍ୟ ସହମତି ପ୍ରକାଶ ପାଇଛି। ତେବେ କେବେ ସୁଦ୍ଧା ଏନେଇ ପଦକ୍ଷେପ ନିଆଯିବ ତାହା ସ୍ଥିର କରାଯାଇନାହିଁ।



ନାଟୋ ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି, ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି, ନାଟୋ ସେକ୍ରେଟାରି ଜେନେରାଲ ଜେନ୍ସ ଷ୍ଟୋଲ୍‌ଟେନ୍‌ବର୍ଗ ଓ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ।

## ଇଣ୍ଟରନେଟ୍ ପାଇଁ ବିନାଶ ଆଣିବ ସୌରଝଡ଼

**ୱାଶିଂଟନ୍,୧୨।୭(ପି.ଟି.)**



ଆସନ୍ତା ୨ ବର୍ଷ ମଧ୍ୟରେ ସୂର୍ଯ୍ୟ ଚରମ ସ୍ଥିତିରେ ପହଞ୍ଚିବ। ଫଳରେ ଅନେକ ମାସ ଧରି ସୌରଝଡ଼ ଲାଗିରହିବ। ଇଣ୍ଟରନେଟ୍ ପାଇଁ ଏହା ବିନାଶକାରୀ ସାଜିବା ସହ ବିଶ୍ୱ ଅର୍ଥନୀତିକୁ ମଧ୍ୟ ବହୁଳ ଭାବେ ପ୍ରଭାବିତ କରିବ ବୋଲି ଆମେରିକୀୟ ବୈଜ୍ଞାନିକମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ସୂର୍ଯ୍ୟର ସୌରଚକ୍ରରୁ ସୌରଝଡ଼ ସୃଷ୍ଟି ହେଉଥିବାରୁ ଏହା ଉପରେ ଅଧିକ ତଥ୍ୟ ଜାଣିବା ପାଇଁ ବୈଜ୍ଞାନିକଙ୍କ ମଧ୍ୟରେ ଉତ୍ସୁକତା ବଢ଼ିବାରେ ଲାଗିଛି। ବେଳେବେଳେ ସୌରଝଡ଼ ଏତେ ବିନାଶକାରୀ ହୋଇଥାଏ ଯେ ପୃଥିବୀରେ ଯୋଗାଯୋଗ ବ୍ୟବସ୍ଥାକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇପାରେ। ୱାଶିଂଟନ୍ ପୋଷ୍ଟରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ, ସୂର୍ଯ୍ୟ ୨୦୨୫ ସୁଦ୍ଧା 'ସୋଲାର ମାକ୍ସିମମ୍'(ସର୍ବାଧିକ ସକ୍ରିୟ ବା ଚରମ ସ୍ଥିତି)ରେ ପହଞ୍ଚିବ। ଏହି ବିନାଶକାରୀ ସ୍ଥିତି ପାଇଁ ସାମ୍ପ୍ରତିକ ଡିଜିଟାଲ ୱାର୍ଲ୍ଡ ପ୍ରସ୍ତୁତ ହୋଇ ନ ଥିବାବେଳେ 'ଇଣ୍ଟରନେଟ ଆପୋକାଲିପ୍ସ' ଭଳି ଶବ୍ଦ ସାମାଜିକ ଗଣମାଧ୍ୟମର ୟୁଜର୍ସଙ୍କ ଧ୍ୟାନ ଆକର୍ଷଣ କରିଛି। ଏଥିଯୋଗୁ ଅନେକ ଭ୍ରାନ୍ତ ଧାରଣା ସୃଷ୍ଟି ହେବାରେ ଲାଗିଛି। ଏହାକୁ ନେଇ ଆମେରିକୀୟ ମହାକାଶ ଗବେଷଣାକାରୀ ସଂସ୍ଥା ନାସା ଚେତାବନୀ ଜାରି କରିଛି। ତେବେ ୨୦୨୫ ସୁଦ୍ଧା ସୌରଝଡ଼ ଯୋଗୁ ଇଣ୍ଟରନେଟ ସବୁଦିନ ପାଇଁ ବନ୍ଦ ହୋଇଯିବା ଆଶଙ୍କା ଉପରେ ଏହି ସ୍ପେସ୍ ଏଜେନ୍ସି ପକ୍ଷରୁ କୌଣସି ମନ୍ତବ୍ୟ ଆସିନାହିଁ। କିନ୍ତୁ ଏଭଳି ସ୍ଥିତି ଉପୁଜିଲେ ସବୁବେଳେ ଇଣ୍ଟରନେଟ ଦୁନିଆରେ ମଜ୍ଜି ରହୁଥିବା 'ଅଲ୍‌ୱେଜ୍ ଅନ୍‌ଲାଇନ୍' ବର୍ଗର ଲୋକେ କ'ଣ କରିବେ ସେନେଇ ଚର୍ଚ୍ଚା ଆରମ୍ଭ ହୋଇଗଲାଣି। କେହି କେହି ଏହାକୁ ଅତିରଞ୍ଜିତ ପ୍ରଚାର ବୋଲି ବର୍ଣ୍ଣନା କରୁଥିବାବେଳେ ପ୍ରକାଶିତ ରିପୋର୍ଟ କହୁଛି, ସୌରଝଡ଼ ପ୍ରଭାବରେ ଇଣ୍ଟରନେଟ ଠପ୍ ହୋଇଯିବା ବିଷୟ ସମ୍ପୂର୍ଣ୍ଣ କାଳ୍ପନିକ ନୁହେଁ। ଏକ ସୌରଝଡ଼ ପୃଥିବୀରେ ପ୍ରଳୟ ସୃଷ୍ଟି କରିପାରେ। ପରସ୍ପର ସହ ଯୋଡ଼ିହୋଇଥିବା ବିଶ୍ୱରେ ଏଭଳି ବିରଳ ଘଟଣା ପୂର୍ବରୁ କେବେ ଦେଖିବାକୁ ମିଳିନାହିଁ। ୧୮୫୯ରେ କ୍ୟାରିଙ୍ଗଟନ୍ ଇଭେଣ୍ଟ ଯୋଗୁ ଟେଲିଗ୍ରାଫ୍ ଲାଇନ୍‌ଗୁଡ଼ିକରୁ ବିଦ୍ୟୁତ୍ ବିଚ୍ଛୁରଣ (ସ୍ପାର୍କ) ହେବାରୁ ଅପରେଟରମାନେ ବିଦ୍ୟୁତ୍ ଆଘାତ ପାଇଥିଲେ। ସେହିପରି ୧୯୮୯ରେ ସୌରଝଡ଼ କାନାଡାର କ୍ୟୁବେକ୍ ପାୱାର ଗ୍ରୀଡ୍‌କୁ ଅଚଳ କରିଦେଇଥିଲା। କାଲିଫର୍ନିଆ ୟୁନିଭର୍ସିଟିର କମ୍ପ୍ୟୁଟର ସାଇନ୍ସ ପ୍ରଫେସର ସଙ୍ଗୀତା ଅବ୍‌ଦୁ ଜ୍ୟୋତି କହିଛନ୍ତି, ଏପରି ଚରମ ସ୍ଥିତିକୁ ପୂର୍ବରୁ ଆମେ ସାମ୍ନା କରିନାହୁଁ। ତେଣୁ ସମ୍ଭାବ୍ୟ ସୌରଝଡ଼ ଆମ ଭିତ୍ତିଭୂମିର କେତେ କ୍ଷତି କରିପାରେ ତାହା କାହାକୁ ଜଣାନାହିଁ। ଅନେକ ମାସ ଧରି ଏହାର ପ୍ରଭାବ ରହିଲେ କେବଳ ଆମେରିକାରେ ଯୋଗାଯୋଗ ବିଚ୍ଛିନ୍ନ ହେବାର ଦୈନିକ କ୍ଷତି ୧୧ ବିଲିୟନ୍ ଡଲାରରେ ପହଞ୍ଚିପାରେ ବୋଲି ଅନୁମାନ କରାଯାଉଛି।




# ବାହାନଗା ଟ୍ରେନ୍ ଦୁର୍ଘଟଣା: ୭ ରେଳ କର୍ମଚାରୀ ନିଲମ୍ବିତ

## ସମନ ସତ୍ତ୍ୱେ ହାଜର ହେଲେନି ଷ୍ଟେଶନ ମାଷ୍ଟର

ବାଲେଶ୍ୱର(ମାନସ ବିଶ୍ୱାଳ)/ବାହାନଗା (ଅରୂପ କୁମାର ଦାସ), ୧୨।୭

ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣା ଘଟଣାରେ ୭ଜଣ ରେଳ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ଏନେଇ ବାଲେଶ୍ୱର ଗସ୍ତରେ ଆସିଥିବା ଦକ୍ଷିଣ ପୂର୍ବ ରେଳପଥର ମହାପ୍ରବନ୍ଧକ (ଜିଏମ୍) ଅନିଲ କୁମାର ମିଶ୍ରା ବୁଧବାର ରେଳଷ୍ଟେଶନ ପରିସରରେ ସୂଚନା ଦେଇଛନ୍ତି। ନିଲମ୍ବିତ ହୋଇଥିବା କର୍ମଚାରୀଙ୍କ ମଧ୍ୟରେ ସିବିଆଇ ଗିରଫ କରିଥିବା ୩ଜଣ କର୍ମଚାରୀ ଅଛନ୍ତି। ଏଥିସହ ଷ୍ଟେଶନମାଷ୍ଟର, ଟ୍ରାଫିକ ଇନ୍ସପେକ୍ଟର ଓ ୨ ଜଣ ଟେକ୍ନିକାଲ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି। ଏହି କର୍ମଚାରୀମାନେ ସତର୍କ ହୋଇଥିଲେ ଏତେବଡ଼ ଦୁର୍ଘଟଣାକୁ ଏଡ଼ାଇ ହୋଇପାରିଥାନ୍ତା। କାର୍ଯ୍ୟରେ ଅବହେଳା କରିଥିବା ନେଇ ସେମାନଙ୍କୁ ନିଲମ୍ବନ କରାଯାଇଛି। ସିବିଆଇ ଘଟଣାର ତଦନ୍ତ ଜାରି ରଖିଥିବା ସେ କହିଛନ୍ତି।


ବାଲେଶ୍ୱର ରେଳ ଷ୍ଟେଶନରେ ଦକ୍ଷିଣ ପୂର୍ବ ରେଳପଥର ମହାପ୍ରବନ୍ଧକ (ଜିଏମ୍) ଅନିଲ କୁମାର ମିଶ୍ରା।

ବୁଧବାର ଭଦ୍ରକରୁ ଖଡ଼ଗପୁର ଇନ୍ସପେକ୍ସନ ପାଇଁ ଆସିଥିଲେ ଦକ୍ଷିଣ ପୂର୍ବ ରେଳପଥର ଜିଏମ୍ ମିଶ୍ରା। ସେ ପ୍ରଥମେ ବାହାନଗା ଷ୍ଟେଶନ ପରିଦର୍ଶନ କରିବା ସହ ସେଠାରେ ଦୁର୍ଘଟଣା ପରେ ସୁଧୁରିଥିବା ସ୍ଥିତିକୁ ଅନୁଧ୍ୟାନ କରିଥିଲେ। ଷ୍ଟେଶନ ପରିସରରେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବାହାନଗା ଷ୍ଟେଶନ ନିକଟ ଲେଭେଲକ୍ରସିଂ ନିକଟରେ ଘଟିଥିବା ଦୁର୍ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଥିଲେ। ପରେ ଉଦ୍‌ଘାଟନ ଅପେକ୍ଷାରେ ଥିବା ନୀଳଗିରିର ଗୋପୀନାଥପୁର ଷ୍ଟେଶନ ପରିଦର୍ଶନ କରି ସେଠାକାର ସ୍ଥିତିକୁ ଅନୁଧ୍ୟାନ କରିଥିଲେ। ଦୁର୍ଘଟଣାରେ ସିଆର୍‌ଏସ୍ ତଦନ୍ତ କରି ଫେରିଥିବା ବେଳେ ବର୍ତ୍ତମାନ ସିବିଆଇ ତଦନ୍ତ ଜାରି ରହିଛି। ଏହି ଦୁର୍ଘଟଣା ପରେ ସିବିଆଇ ଦାୟିତ୍ୱରେ ଗୁରୁତର ଅବହେଳା ଲାଗି ଏବେ ୩ ଜଣ ଅଧିକାରୀଙ୍କୁ ଗିରଫ କରିଛି। ଏଥିସହ ଦୁଇ ଜଣଙ୍କୁ ପୁଣି ସମନ କରିଛି। ବର୍ତ୍ତମାନ ସୁଦ୍ଧା ୭ଜଣଙ୍କୁ ରେଲୱେ ପକ୍ଷରୁ ନିଲମ୍ବନ କରାଯାଇଛି। ଅନ୍ୟପକ୍ଷରେ ବାହାନଗା ରେଳ ଦୁର୍ଘଟଣାରେ ସିବିଆଇ ଷ୍ଟେଶନମାଷ୍ଟରଙ୍କୁ ହାଜର ପାଇଁ ସମନ ଜାରି କରିଥିବା ବେଳେ ସେ ହାଜର ହୋଇନାହାନ୍ତି। ପୂର୍ବରୁ ଗିରଫ କରାଯାଇଥିବା ୩ ଅଭିଯୁକ୍ତ ସିଗ୍‌ନାଲ ସିନିୟର ସେକ୍ସନ ଇଞ୍ଜିନିୟର ଅରୁଣ ମହାନ୍ତ, ସେକ୍ସନ ଇଞ୍ଜିନିୟର ମହମ୍ମଦ ଅମିର ଖାଁ ଓ ଟେକ୍ନିସିଆନ ପପୁ କୁମାରଙ୍କୁ ପୁଣିଥରେ ରିମାଣ୍ଡରେ ଆଣିଛି ସିବିଆଇ।

# ଜୁଇରୁ ଦରପୋଡ଼ା ମାଂସ ଖାଇ ୨ ଗିରଫ

## ଗାଁରେ ଉତ୍ତେଜନା

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ବଡ଼ସାହି(ସମ୍ବିତ କୁମାର ରାଉତ/ଦୀପକ ବୁଗୁଡ଼େଇ), ୧୨।୭

ଯୁବତୀଙ୍କ ଶବ ଦାହ ପାଇଁ ଯାଇଥିବା ଦୁଇ ବ୍ୟକ୍ତି ଜୁଇରୁ ଦରପୋଡ଼ା ମାଂସ ଆଣି ଖାଇଛନ୍ତି। ସେମାନଙ୍କ ରାକ୍ଷସ ପ୍ରବୃତ୍ତିକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ଉଭୟଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଏଭଳି ଅମାନବୀୟ ଘଟଣା ଘଟିଛି ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ପ୍ରତାପପୁର ପଞ୍ଚାୟତର ବନ୍ଧସାହି ଗ୍ରାମରେ। ମୃତା ଯୁବତୀଙ୍କ ବାପାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୨୯୦/୨୩) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଅଭିଯୁକ୍ତଦ୍ୱୟ ହେଲେ ବଡ଼ସାହି ଥାନା ଦାନ୍ତୁଣୀ ଗ୍ରାମର ସୁନ୍ଦର ମୋହନ ସିଂ(୫୮) ଓ ନରେନ୍ଦ୍ର ସିଂ(୨୫)।

ସୂଚନା ଅନୁଯାୟୀ, ମଙ୍ଗଳବାର ବନ୍ଧସାହି ଗ୍ରାମର ସମାଏ ସିଂଙ୍କ ଝିଅ ମଧୁସ୍ମିତା(୨୫)ଙ୍କ ଦେହ ହଠାତ୍ ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୪୦/୨୩) ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ମୃତଦେହ ଗାଁରେ ପହଞ୍ଚିବା ପରେ ପରିବାର, ସମ୍ପର୍କୀୟ ଓ ଗ୍ରାମବାସୀ ଶବଦାହ ପାଇଁ ଘର ପାଖ ମଶାଣିକୁ ନେଇଥିଲେ। ଶବଦାହ ଚାଲିଥିବା ସମୟରେ ଦାନ୍ତୁଣୀ ଗ୍ରାମର ସୁନ୍ଦର ମୋହନ ଓ ନରେନ୍ଦ୍ର ଜୁଇରୁ ଦରପୋଡ଼ା ମାଂସ ଆଣି ଖାଇବାକୁ ଲାଗିଥିଲେ। ଏହା ଦେଖି ପରିବାର ଲୋକେ ଉଭୟଙ୍କୁ ଗାଁ ମୁଣ୍ଡରେ ଅଟକ ରଖିଥିଲେ। ସେମାନେ ଗାମୁଛାରେ ପୋଡ଼ା ମାଂସ ମଧ୍ୟ ବାନ୍ଧି ଆଣିଥିବା ଦେଖିବାକୁ ପାଇଥିଲେ। ଏନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ପୋଲିସ ପହଞ୍ଚି ଉଭୟଙ୍କୁ ଥାନାକୁ ନେଇ ଯାଇଥିଲା। ସୁନ୍ଦର ମୋହନ ପୂର୍ବରୁ ଗୁଣିଆ ଭାବେ ଝଡ଼ାଫୁଙ୍କା କରୁଥିବାରୁ ଗୁଣିଗାରେଡ଼ି ପାଇଁ ସେ ମଣିଷ ମାଂସ ଖାଇଥିବା ସନ୍ଦେହ କରି ଉତ୍ତ୍ୟକ୍ତ ଲୋକେ ତାଙ୍କୁ ଗାଳିଗୁଲଜ କରୁଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ତେବେ ନିଶାସକ୍ତ ଅବସ୍ଥାରେ ଅଭିଯୁକ୍ତଦ୍ୱୟ ଦରପୋଡ଼ା ମଣିଷ ମାଂସ ଖାଇଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଆଇଆଇସି ସଞ୍ଜୟ କୁମାର ପରିଡ଼ା କହିଛନ୍ତି।


ଗିରଫ ଦୁଇ ଅଭିଯୁକ୍ତ।

# ଆଜିଠୁ ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା

## ୩୨ କେନ୍ଦ୍ରରେ ପରୀକ୍ଷା ହେବ

ଭୁବନେଶ୍ୱର,୧୨।୭ (ଅନୁରାଧା ମହାରଣା)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରିଚାଳିତ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହେବ। ସକାଳ ୧୦ ଟାରୁ ୧ଟା ମଧ୍ୟରେ ରାଜ୍ୟର ୩୨ ପରୀକ୍ଷା କେନ୍ଦ୍ରରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକର ଥିଓରି ପରୀକ୍ଷା ଅନୁଷ୍ଠିତ ହେବ। ଧନ୍ଦାମୂଳକ ଟ୍ରେଡ୍ ପେପର ଓ ବାୟୋଲୋଜିକୁ ବାଦ୍ ଦେଲେ ଅନ୍ୟ ସମସ୍ତ ବିଷୟରେ ରେଗୁଲାର ତଥା ଏକ୍ସ ରେଗୁଲାର ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେହିପରି ୧୪ ତାରିଖରେ ସମସ୍ତ ବିଷୟର ପ୍ରାକ୍ଟିକାଲ ପରୀକ୍ଷା କରାଯିବ।

# ଝିଅ ଘରେ ଗୁଳିମାଡ଼: ବାପା ମୃତ

ପୋଲସରା, ୧୨।୭ (ସୁବ୍ରତ ବେହେରା)

ଝିଅର ଶାଶୁଘରକୁ ଆସିଥିବା ବାପା ଗୁଳିମାଡ଼ରେ ପ୍ରାଣ ହରାଇଛନ୍ତି। ଏଭଳି ଅଭାବନୀୟ ଘଟଣା ଘଟିଛି ଗଞ୍ଜାମ ଜିଲା ପୋଲସରାରେ। ମୃତକ ହେଉଛନ୍ତି ପୋଲସରା ଥାନା ଅନ୍ତର୍ଗତ କୋମଣ୍ଡ ଗ୍ରାମର ବିଜୟ ବେହେରା (୫୫)। ଗୁଳିମାଡ଼ରେ ଝିଅ ମଧ୍ୟ ଗୁରୁତର ହୋଇଥିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, କୋମଣ୍ଡ ଗ୍ରାମର ବିଜୟ ବେହେରାଙ୍କ ଝିଅ ଗାୟତ୍ରୀ ସୋଡ଼କ ଗ୍ରାମର ସନ୍ତୋଷ ବେହେରାଙ୍କୁ ବିବାହ କରିଥିଲେ। ସନ୍ତୋଷ ପୋଲସରାରେ ଏକ ଟେଲରିଂ ଦୋକାନ କରିଥିବାରୁ ସେଠାରେ ଭଡ଼ାଘରେ ରହିଆସୁଛନ୍ତି। ଗାୟତ୍ରୀଙ୍କ ବାପା ବିଜୟ

## ଗୁରୁତର ଝିଅ ଡାକ୍ତରଖାନାରେ ଭର୍ତ୍ତି

କୌଣସି କାମରେ ବୁଧବାର ଝିଅ ଘରକୁ ଆସିଥିଲେ। ସେଠାରେ କୌଣସି ଘଟଣାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଝିଅର ନଣନ୍ଦେଇ ପ୍ରଶାନ୍ତ କୁମାର ବେହେରା ଖବର ପାଇ ସେଠାରେ ପହଞ୍ଚି ହଠାତ ବିଜୟଙ୍କୁ ଗୁଳିମାଡ଼ କରିଥିଲେ। ତେବେ ବାପାଙ୍କୁ ବଞ୍ଚାଇବାକୁ ଯାଇ ଝିଅ ଗାୟତ୍ରୀ ମଧ୍ୟ ଗୁଳିମାଡ଼ର ଶିକାର ହୋଇଥିଲେ। ପରିବାର ଲୋକେ ଉଭୟଙ୍କୁ ପୋଲସରା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବିଜୟଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଗୁଳିମାଡ଼ କରି ଫେରାର ଥିବା ପ୍ରଶାନ୍ତଙ୍କୁ ହିଞ୍ଜିଳି ଥାନା ଅଞ୍ଚଳରୁ ପୋଲିସ ଗିରଫ କରିଛି।




**ଆଜିର ମନ୍ତବ୍ୟ**

"ସାଇବର ଅପରାଧ ସାରା ବିଶ୍ୱରେ ନାଗରିକଙ୍କ ସୁରକ୍ଷା ପ୍ରତି ବିପଦ ଭାବେ ଉଭା ହୋଇଛି। ଏହି ଆତଙ୍କ ବିରୋଧରେ ପ୍ରଭାବଶାଳୀ ଢଙ୍ଗରେ ଲଢ଼େଇ କରିବା ପାଇଁ ଭରସାଯୋଗ୍ୟ ବୈଶ୍ୱିକ ସହଭାଗିତା ଜରୁରୀ। **-ଅମିତ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛୁଇଁ ଖଡ଼ା ଭାତକୁ ଅଡୁଆ।**
**ବୁଢ଼ାବୁଢ଼ୀ ବାଟକୁ ଅଡୁଆ।।**

ସାଧାରଣତଃ ଛୁଇଁ ଓ ଖଡ଼ା ତେଢ଼ାମେଢ଼ା ଖାଦ୍ୟ ହୋଇଥିବା ହେତୁ ଭାତ ସଙ୍ଗେ ଖାଇବାକୁ ଅଡୁଆ ତଡୁଆ ଲାଗିଥାଏ। ଠିକ୍ ସେମିତି ବୟସ୍କ ବ୍ୟକ୍ତି ତରୁଣ ପଥଚାରୀଙ୍କ ସଙ୍ଗେ ବାଟରେ ସାମିଲ ହୋଇ ଚାଲିବା ପାଇଁ ସେମାନଙ୍କୁ ଅଡୁଆ ଲାଗିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଛାଇକି ଛତା,**
**ପାଣିକି ଜୋତା।**

ଛତା ଖରାରୁ ରକ୍ଷାକରି ଛାଇ ପ୍ରଦାନ କରିବା ସହ ବର୍ଷାରୁ ମଧ୍ୟ ସୁରକ୍ଷା ଦେଇଥାଏ। ସେହିପରି ଜୋତା ପାଦକୁ ବରଷା ପାଣିରୁ ରକ୍ଷା କରିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗ ଢମାଳି ଓ ରୁଢ଼ି ପ୍ରୟୋଗ - ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରା :ଲିଃ :

# ଜମି ଫାଟି ଆଁ କଲାଣି

## ଆସୁଛି ଲଘୁଚାପଃ ୧୮ରୁ ୨୨ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୨।୭(ଅନିଲ ଦାସ)

ଆଷାଢ଼ ଯାଇ ଶ୍ରାବଣ ଅଧା ହୋଇଗଲାଣି। ପାଣି ଟୋପାଏ ପାଇଁ ଚାଷୀ ଆକାଶକୁ ଚାହିଁ ରହିଛି। ରାଜ୍ୟର ଅଧା ଜିଲାରେ ମାଟି ଫାଟି ଆଁ କରିଛି। ୧୦ ଜିଲାରେ ସ୍ଥିତି ସଙ୍ଗିନ। ବର୍ଷା ନ ହେଲେ ସେହି ଜିଲାରେ ଧାନ ଚାଷ ଗଭୀର ଭାବେ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ଜୁନ୍ ପହିଲାରୁ ଜୁଲାଇ ୧୨ ତାରିଖ ମଧ୍ୟରେ ରାଜ୍ୟରେ ସ୍ୱାଭାବିକଠାରୁ ୨୬ ପ୍ରତିଶତ କମ୍ ବର୍ଷା ହୋଇଛି। ଏହି ସମୟ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ଭାବେ ୩୨୩.୬ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ୨୩୮.୮ ମିଲିମିଟର।

କଳାହାଣ୍ଡିରେ ସ୍ୱାଭାବିକଠାରୁ ୬୨ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ନବରଙ୍ଗପୁର ୬୩, ରାୟଗଡ଼ା ୫୪, ମୟୂରଭଞ୍ଜ ୫୪, କନ୍ଧମାଳ ୪୭, ଗଞ୍ଜାମ ୪୦, ପୁରୀ ୪୨, କେନ୍ଦ୍ରାପଡ଼ା ୪୮, ବାଲେଶ୍ୱର ୪୦, ଖୋର୍ଦ୍ଧା ୩୮, ଯାଜପୁର ୩୭, ଜଗତ୍‌ସିଂହପୁରରେ ୩୬ ପ୍ରତିଶତ କମ୍ ବର୍ଷା ହୋଇଛି। ମୌସୁମୀ ଦୁର୍ବଳ ଥିବାରୁ ରାଜ୍ୟରେ ବର୍ଷା ପରିମାଣ ହ୍ରାସପାଇଛି।

ତେବେ ନିରାଶ ଭିତରେ ଆଶା ସଞ୍ଚାର ହୋଇଛି। ଆସନ୍ତା ୧୬ ତାରିଖରୁ ରାଜ୍ୟରେ ଅଳ୍ପ ବହୁତ ବର୍ଷା ଆରମ୍ଭ ହେବ। ୧୮ରୁ ୨୨ ତାରିଖ ମଧ୍ୟରେ ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ। ଆସନ୍ତା ୧୮ ତାରିଖରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହା ଘନୀଭୂତ ହୋଇ ଗଭୀର ଅବପାତ(ଡିପ୍ ଡିପ୍ରେସନ)ରେ ପରିଣତ ହେବାର ସମ୍ଭାବନା ରହିଛି। ଲଘୁଚାପ ପ୍ରଭାବରେ ଦକ୍ଷିଣ, ପଶ୍ଚିମ, ଉତ୍ତର ଏବଂ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏପରି କି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଅଧିକାଂଶ ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ପାଣିପାଗ ବିଭାଗ ଏ ନେଇ ସ୍ପଷ୍ଟ ସଙ୍କେତ ଦେଇ ନ ଥିଲେ ମଧ୍ୟ ବିଭିନ୍ନ ପାଣିପାଗ ମଡେଲରୁ ଏହା ଜଣାପଡ଼ିଛି। ବିଶେଷକରି ମାଲକାନଗିରି, ନବରଙ୍ଗପୁର, କନ୍ଧମାଳ, ଗଜପତି, ରାୟଗଡ଼ା, ନୂଆପଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୋନପୁର, ବୌଦ୍ଧ, ନୟାଗଡ଼, ଖୋର୍ଦ୍ଧା ଆଦି ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ଆନ୍ଧ୍ର ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ୟେଲୋୱାର୍ନିଂ ଜାରି କରାଯାଇଛି। ଆସନ୍ତା ୧୭ ତାରିଖ ଯାଏ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ଗତ ୪୮ ଘଣ୍ଟା ମଧ୍ୟରେ ପାରଳାଖେମୁଣ୍ଡିରେ ସର୍ବାଧିକ ୬୧.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଗୋପାଳପୁର ୩୯.୪, ଭୁବନେଶ୍ୱର ୩୪.୨, ସୁନ୍ଦରଗଡ଼ ୨୪.୩, କଟକ ୩୨.୪, ଦେବଗଡ଼ ୩୧.୪, ଖୋର୍ଦ୍ଧା ୩୬, ରାୟଗଡ଼ା ୧୭.୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ଓଡ଼ିଶାକୁ ମିଳିଲା ୭୦୭ କୋଟି ଏସ୍‌ଡିଆର୍‌ଏଫ୍ ପାଣ୍ଠି

ଭୁବନେଶ୍ୱର,୧୨।୭(ଅନିଲ ଦାସ)

କେନ୍ଦ୍ର ସରକାର ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଓଡ଼ିଶାକୁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍‌ଡିଆର୍‌ଏଫ୍) ବାବଦରେ ୭୦୭.୬୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ବୁଧବାର ଏ ନେଇ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଓଡ଼ିଶା ସମେତ ୨୨ଟି ରାଜ୍ୟକୁ ଏସ୍‌ଡିଆର୍‌ଏଫ୍ ବାବଦରେ ୭୫୩୨ କୋଟି ଟଙ୍କା ମଞ୍ଜୁର କରିଛି। ଓଡ଼ିଶାକୁ ତୃତୀୟ ସର୍ବାଧିକ ଅନୁଦାନ ପ୍ରଦାନ କରାଯାଇଛି। ଏସ୍‌ଡିଆର୍‌ଏଫ୍ ପାଇଁ ମହାରାଷ୍ଟ୍ରକୁ ସର୍ବାଧିକ ୧୪୨୦.୮୦ କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଉତ୍ତର ପ୍ରଦେଶକୁ ୮୧୨, ଓଡ଼ିଶାକୁ ୭୦୭.୬୦, ବିହାର ୬୨୪.୪୦, ଉତ୍ତରାଖଣ୍ଡକୁ ୪୧୩.୨୦ କୋଟି ମଞ୍ଜୁର କରାଯାଇଛି। ସେହିପରି ଗୁଜରାଟକୁ ୫୮୪ କୋଟି ଟଙ୍କା ଦିଆଯାଇଥିବା ବେଳେ ତାମିଲନାଡୁକୁ ୪୫୦, କର୍ଣ୍ଣାଟକକୁ ୩୪୮.୮୦, ଆନ୍ଧ୍ର ପ୍ରଦେଶକୁ ୪୯୩.୬୦, ପଞ୍ଜାବକୁ ୨୧୮.୪୦, ତେଲଙ୍ଗାନାକୁ ୧୮୮.୮୦, କେରଳକୁ ୧୩୮.୮୦, ଆସାମକୁ ୩୪୦.୪୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ତେବେ ବିଭିନ୍ନ ରାଜ୍ୟରେ ବର୍ଷାଜନିତ ବନ୍ୟାକୁ ଦେଖି ଏହି ଅର୍ଥ ଖର୍ଚ୍ଚ କରିବାକୁ ଥିବା ଗାଇଡ୍‌ଲାଇନରେ କେନ୍ଦ୍ର ସରକାର କୋହଳ କରିଛନ୍ତି। ଗତ ଆର୍ଥିକ ବର୍ଷର ବିନିଯୋଗ ପ୍ରମାଣପତ୍ର (ୟୁସି ) ଦେଇ ନ ଥିଲେ ମଧ୍ୟ ଉକ୍ତ ଅର୍ଥକୁ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଖର୍ଚ୍ଚ କରାଯାଇପାରିବ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟଗୁଡ଼ିକୁ ଜଣାଇ ଦିଆଯାଇଛି। ବିପର୍ଯ୍ୟୟ ପରିଚାଳନା ଆଇନ-୨୦୦୫ର ସେକ୍ସନ ୪୮(୧)(କ) ଅନୁଯାୟୀ ପ୍ରତ୍ୟେକ ରାଜ୍ୟରେ ଷ୍ଟେଟ୍ ଡିଜାଷ୍ଟର ରେସ୍‌ପନ୍ସ ଫଣ୍ଡ(ଏସ୍‌ଡିଆର୍‌ଏଫ୍) ଗଠନ କରାଯାଇଛି। ଏହି ପାଣ୍ଠି ପାଇଁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ୭୫% ଏବଂ ଉତ୍ତର-ପୂର୍ବ ଓ ହିମାଳୟ ପାଦଦେଶର ରାଜ୍ୟଗୁଡ଼ିକ ପାଇଁ ୯୦% ଯୋଗାଇ ଦେଉଛନ୍ତି। ଅର୍ଥ କମିଶନଙ୍କ ସୁପାରିସ ଆଧାରରେ ଏହି ଅନୁଦାନ କେନ୍ଦ୍ର ସରକାର ୨ କିସ୍ତିରେ ରାଜ୍ୟଗୁଡ଼ିକୁ ଯୋଗାଇ ଦେଇଥାଆନ୍ତି। ଗାଇଡ୍‌ଲାଇନ ଅନୁଯାୟୀ ରାଜ୍ୟଗୁଡ଼ିକ ପ୍ରଥମ କିସ୍ତିର ବିନିଯୋଗ ପ୍ରମାଣପତ୍ର (ୟୁସି) ଦେବା ପରେ ଦ୍ୱିତୀୟ କିସ୍ତି ପ୍ରଦାନ କରାଯାଇଥାଏ। ଜରୁରୀ ପରିସ୍ଥିତିକୁ ଦେଖି କେନ୍ଦ୍ର ସରକାର ଗାଇଡ୍‌ଲାଇନରେ ପରିବର୍ତ୍ତନ କରିଛନ୍ତି। ପଞ୍ଚଦଶ ଅର୍ଥ କମିଶନଙ୍କ ସୁପାରିସ ଆଧାରରେ କେନ୍ଦ୍ର ସରକାର ୨୦୨୧-୨୨ରୁ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧,୨୮,୧୨୨.୪୦ କୋଟି ଟଙ୍କା ଏସ୍‌ଡିଆର୍‌ଏଫ୍ ପାଇଁ ଅନୁମୋଦନ କରିଛନ୍ତି। ସେଥିରୁ ଏ ପର୍ଯ୍ୟନ୍ତ କେନ୍ଦ୍ର ସରକାର ନିଜ ଅଂଶ ବାବଦରେ ୯୮,୦୮୦.୮୦ କୋଟି ଟଙ୍କା ପ୍ରଦାନ କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

## କଳାହାଣ୍ଡିରେ ଅନରକିଲିଂ...

ପଳାଇଯାଇ ଗାଁ ନିକଟ ଏକ ଆଖୁ କିଆରିରେ ଲୁଚି ରହିଥିଲେ। କୌଣସି ସୂତ୍ରରୁ ଯୁବତୀଙ୍କ ବାପା କନେଶ୍ୱର ଖବର ପାଇ ଠଣସୁନ୍ଦର ଓ ଦେବାନନ୍ଦଙ୍କୁ ସାଙ୍ଗରେ ନେଇ ପ୍ରେମୀଯୁଗଳ ଲୁଚି ରହିଥିବା ସ୍ଥାନରେ ପହଞ୍ଚିଥିଲେ। ପରେ ଉଭୟଙ୍କୁ ତଣ୍ଟି ଚିପି ହତ୍ୟା କରିବା ସହ ମୃତଦେହ ଦ୍ୱୟକୁ ବାଞ୍ଜିପଦର ଓ ସାଗୁନ ଭାଡ଼ି ଗାଁ ମଧ୍ୟରେ ଥିବା ଏକ ନାଳ ନିକଟକୁ ଆଣି ଏକ ଗଛରେ ଟାଙ୍ଗି ଆତ୍ମହତ୍ୟାର ରୂପ ଦେଇଥିଲେ। ଗତ ଜୁଲାଇ ୨ରେ ଝିଅ ନିଖୋଜ ହୋଇଥିବା ନେଇ କନେଶ୍ୱର ଧର୍ମଗଡ଼ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ କରିଥିଲା। ଗତ ୯ ତାରିଖ ଅପରାହ୍ନରେ ମୃତଦେହ ଥିବା ସ୍ଥାନରୁ ଦୁର୍ଗନ୍ଧ ବାହାରିବା ପରେ ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉଭୟଙ୍କ ଗଳିତ ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପକ୍ଷେ ଯୁବତୀଙ୍କ ପରିବାର ଲୋକେ ହତ୍ୟା କରିଥିବା ନେଇ ଯୁବକଙ୍କ ବାପା ମୋହନ ପଟେଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଯୁବତୀଙ୍କ ବାପା, ଭିଣୋଇ ଓ କକା ଏହି ହତ୍ୟା କରିଥିବା ନେଇ ପୋଲିସ ଜାଣିପାରିଥିଲା।

## ପ୍ରାର୍ଥନା ସଭାରେ ...



କାମାକ୍ଷାନଗର ମେଡିକାଲରେ ଭର୍ତ୍ତି ହୋଇଥିବା ଛାତ୍ର ଗଣପତି ମହାନ୍ତ।

ଏହି ସମୟରେ ଗଣପତି ଯନ୍ତ୍ରଣାରେ ଛଟପଟ ହେବା ସହ ଭଲଭାବେ କଥା କହିପାରୁ ନ ଥିଲେ। ତାଙ୍କୁ ପ୍ରଥମେ କଙ୍କଡ଼ାହାଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ନ ଆସିବାରୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ମେଡିକାଲକୁ ନେବା ସମୟରେ ଶିକ୍ଷାନୁଷ୍ଠାନର କୌଣସି ଶିକ୍ଷୟିତ୍ରୀ ଶିକ୍ଷକ ମାନବିକତା ଦୃଷ୍ଟିରୁ ସାମାନ୍ୟତମ ସହାୟତା କରି ନ ଥିବା ଭାରତୀ ଅଭିଯୋଗ କରିଛନ୍ତି। ସାମାନ୍ୟ ସୁସ୍ଥ ହେବା ପରେ ଛାତ୍ର ଜଣକ ସବୁକଥା କହିଥିଲେ। ନଖ ଯାଞ୍ଚ ବେଳେ କୌଣସି କାରଣରୁ ଉତ୍ତ୍ୟକ୍ତ ହୋଇ ସମ୍ପୃକ୍ତା ଶିକ୍ଷୟିତ୍ରୀ ଛାତ୍ରଙ୍କ ଛାତିକୁ ମାଡ଼ ମାରିଥିବା ଜଣାପଡ଼ିଛି।

ଅନ୍ୟପଟେ ଦଣ୍ଡମୁକ୍ତ ଅଞ୍ଚଳରେ ଶିକ୍ଷୟିତ୍ରୀଙ୍କ ମାଡ଼ରେ ଛାତ୍ର ଗୁରୁତର ହେବା ଘଟଣା ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ଏହାକୁ ଗୁରୁତର ସହ ନେଇଛି ଶିକ୍ଷା ବିଭାଗ। ଏ ନେଇ ବିଇଓ ସାଗର ଟୁଡୁ କୁହନ୍ତି, ଶିକ୍ଷାନୁଷ୍ଠାନରେ ଏଭଳି ଘଟଣାକୁ ବରଦାସ୍ତ କରାଯିବ ନାହିଁ। ଅଭିଯୋଗର ତଦନ୍ତ କରାଯିବ। ଏଥିରେ ସତ୍ୟତା ଥିଲେ ଶିକ୍ଷୟିତ୍ରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ହୋଇପାରିଲାନି ସୀମା ଚିହ୍ନଟ



ସୀମା ଚିହ୍ନଟ କରିବାକୁ ଆସିଥିବା ଓଡ଼ିଶା, ଆନ୍ଧ୍ର ଅଧିକାରୀମାନେ।

- **ସୀମାନ୍ତ ରାଇପାହାଡ଼ରେ ଏକାଠି ହେଲେ ଓଡ଼ିଶା, ଆନ୍ଧ୍ର ଅଧିକାରୀ**
- **ସୀମା ଚିହ୍ନଟ ନ ହେବା ପର୍ଯ୍ୟନ୍ତ ଆନ୍ଧ୍ର ପକ୍ଷରୁ ଚାଲିଥିବା ଉନ୍ନୟନ କାମ ବନ୍ଦ ନେଇ ଚୁକ୍ତିନାମା ସ୍ୱାକ୍ଷର**

ନନ୍ଦପୁର, ୧୨।୭(ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଗୋଲୁର ପଞ୍ଚାୟତର ବିବାଦୀୟ ରାଇପାହାଡ଼ ଗ୍ରାମ ସୀମାନ୍ତରେ ବୁଧବାର ଓଡ଼ିଶା ଓ ଆନ୍ଧ୍ର ଅଧିକାରୀମାନେ ଏକାଠି ହୋଇ ସୀମା ଚିହ୍ନଟ ନିମନ୍ତେ ଆଲୋଚନା କରିଥିଲେ। ଓଡ଼ିଶା ଅଧିକାରୀ ମାନଚିତ୍ର ମାଧ୍ୟମରେ ସୀମା ଚିହ୍ନଟ କରାଇଥିବାବେଳେ ଆନ୍ଧ୍ର ଅଧିକାରୀମାନେ କିନ୍ତୁ ମାନଚିତ୍ର ଆଣି ନ ଥିଲେ। ଆଉ ଦିନେ ଆଲୋଚନା ଓ ସୀମା ନିର୍ଦ୍ଧାରଣ କରିବାକୁ ଆନ୍ଧ୍ର ଡୁମୁରିଗୁଡ଼ା ତହସିଲଦାର ସି.ଏଚ୍. ନାଗମା ଅନୁରୋଧ କରିଥିଲେ। ଦୁଇ ପକ୍ଷର ଅଧିକାରୀ ଏଥିରେ ରାଜି ହୋଇଥିଲେ। କୋରାପୁଟ ଉପଜିଲାପାଳ ବେଣୁଧର ଶବରଙ୍କ ନେତୃତ୍ୱାଧୀନ ପ୍ରଶାସନିକ ଦଳ ଆନ୍ଧ୍ର ପ୍ରତିନିଧି ଦଳକୁ ନିଜ ରାଜ୍ୟର ମାନଚିତ୍ର ଓ ସୀମା ଦେଖାଇଥିଲେ। ଆନ୍ଧ୍ରର ପ୍ରଶାସନିକ ଅଧିକାରୀ ବେଆଇନ ଅନୁପ୍ରବେଶ କରି ରାଇପାହାଡ଼ ଗ୍ରାମବାସୀଙ୍କୁ ଆଧାର, ରାଶନ କାର୍ଡ, ଭୋଟର ପରିଚୟ ପତ୍ର, ଭତ୍ତା, ଶିକ୍ଷା, ସ୍ୱାସ୍ଥ୍ୟସେବା, ସରକାରୀ ପାଣ୍ଠିରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ, ଜଙ୍ଗଲ ଜମି ଅକ୍ତିଆର କରି ପଟ୍ଟା ବାଣ୍ଟିବା ସମ୍ପର୍କରେ ଅବଗତ କରିଥିଲେ। ଜଣେ ଲୋକ କିଭଳି ୨ ରାଜ୍ୟର ହିତାଧିକାରୀ ହେବ ସେ ନେଇ ଉପଜିଲାପାଳ ପ୍ରଶ୍ନ କରିଥିଲେ। ଆନ୍ଧ୍ର ପ୍ରଶାସନିକ ଅଧିକାରୀ ଦଳର ନେତୃତ୍ୱ ନେଉଥିବା ଡୁମୁରିଗୁଡ଼ା ତହସିଲଦାର ସି.ଏଚ୍. ନାଗମା ଏହା ଅସ୍ୱାଭାବିକ ବୋଲି କହିଥିଲେ। ଆନ୍ଧ୍ର ପକ୍ଷରୁ ଉପସ୍ଥିତ ବନ ବିଭାଗ ଅଧିକାରୀ ବି. ପଲୁରାଜୁଙ୍କୁ ଆନ୍ଧ୍ରପ୍ରଦେଶ ସୀମା ମାନଚିତ୍ର ଦେଖାଇବାକୁ କହିଥିଲେ। ସେ ମ୍ୟାପ୍ ଆଣି ନ ଥିବାରୁ ମୋବାଇଲ ଜିପିଏସ୍ ମ୍ୟାପ ଦେଖାଇଥିଲେ। ଏଏସ୍‌ଆର ଜିଲାପାଳଙ୍କ କାର୍ଯ୍ୟାଳୟ କୌଣସି ନିର୍ମାଣ ସମ୍ପର୍କରେ ସୂଚନା ଦେଇ ନ ଥିବା ତହସିଲଦାର କହିଥିଲେ। ଜଙ୍ଗଲରୁ ବେଆଇନ ଗଛକଟା ହେଉଛି। ଜଙ୍ଗଲ କାହାର ଜାଣିବାକୁ ସେମାନେ ଆସିଥିବା ଆନ୍ଧ୍ର ଅଧିକାରୀମାନେ କହିଥିଲେ। ଓଡ଼ିଶା ଅଧିକାରୀମାନେ କରୁଥିବା ଅଭିଯୋଗ ସମ୍ପର୍କରେ ଜାଣି ନ ଥିବାରୁ ଉତ୍ତର ଦେବାକୁ ସେମାନେ ଅପ୍ରସ୍ତୁତ ବୋଲି ଆନ୍ଧ୍ର ଅଧିକାରୀମାନେ କହିଥିଲେ। ତେଣୁ ଆଲୋଚନାରେ କୌଣସି ନିଷ୍କର୍ଷ ବାହାରି ନ ଥିଲା। ଏଠାରେ ହୋଇଥିବା ଆଲୋଚନା ସମ୍ପର୍କରେ ନିଜ ନିଜ ଜିଲାପାଳଙ୍କୁ ଅବଗତ କରିବେ। ୨ ଜିଲାପାଳଙ୍କ ନିର୍ଦ୍ଦେଶାନୁଯାୟୀ ସୀମା ନିର୍ଦ୍ଧାରଣ ପାଇଁ ଆଉ ଏକ ତାରିଖ ବାହାର କରାଯିବ ବୋଲି ସ୍ଥିର ହୋଇଛି। ସେତିକି ଦିନ ଯାଏ ଆନ୍ଧ୍ର ପକ୍ଷରୁ ସମସ୍ତ ନିର୍ମାଣ ବନ୍ଦ ରହିବ ବୋଲି ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ଓଡ଼ିଶା ପକ୍ଷରୁ କୋରାପୁଟ ଉପଜିଲାପାଳଙ୍କ ସମେତ ନନ୍ଦପୁର ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ କୁମାର ମହାପାତ୍ର, ନନ୍ଦପୁର ତହସିଲଦାର ନରସିଂହ ଗାଦବା, ବିଡିଓ ସୁଜିତ ମିଶ୍ର, ବାଲଡା ବନାଞ୍ଚଳ ଅଧିକାରୀ ବାଦଲ ମହାନ୍ତି, ଜିପିଓ ବେଦାନ୍ତ ମାଝି, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ ପରିଡ଼ା, ପାଡୁଆ ଥାନାଧିକାରୀ ସବ୍ୟସାଚୀ ଶତପଥୀ, ଗୋଲୁର ସରପଞ୍ଚ ସାବିତ୍ରୀ ବୁରୁଡ଼ି ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ। ସେହିଭଳି ଆନ୍ଧ୍ର ପକ୍ଷରୁ ଡୁମୁରିଗୁଡ଼ା ତହସିଲଦାର, ଡେପୁଟି ତହସିଲଦାର ଏସ୍.କେ. ମୃଜିବ, ଫରେଷ୍ଟ ରେଞ୍ଜ ଅଫିସର ବି ପଲୁରାଜୁ, ଫରେଷ୍ଟ ଅଫିସର ବି. ରେଣୁକା, କଣ୍ଡୁମ୍ ପଞ୍ଚାୟତ ସରପଞ୍ଚ ସ୍ୱାକ୍ଷର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନନ୍ଦପୁର ବ୍ଲକ ସ୍ୱାସ୍ଥ୍ୟ, କୃଷି, ମହିଳା ଓ ଶିଶୁ ବିକାଶ, ଉଦ୍ୟାନ, ଶିକ୍ଷା, ମିଶନ ଶକ୍ତି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ରାଇପାହାଡ଼ ଗ୍ରାମ ସମେତ ସୀମାନ୍ତ ପଞ୍ଚାୟତରେ ଏଭଳି ଅନୁପ୍ରବେଶ ଓ ଉନ୍ନୟନମୂଳକ କାର୍ଯ୍ୟ ପ୍ରତି କଡ଼ା ନଜର ରଖିବାକୁ ଉପଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଳ୍ପଦିନ ମଧ୍ୟରେ ରାଇପାହାଡ଼ ଗ୍ରାମକୁ ପକ୍କା ରାସ୍ତା, ବିଦ୍ୟୁତ୍ ସେବା, ଗାଁ ମଝିରେ ଫେଭର ବ୍ଲକ ରାସ୍ତା, ନଦୀକୁ ଯିବାକୁ ରାସ୍ତା, ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ନଡ଼ିଆ ଷଢ଼େଇରେ ଡାକୋଟା ବିମାନ

## ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଉପହାର ଦେବାକୁ ଇଚ୍ଛାକଲେ ବିଜୁ ଭାଇ

ଉଦଳା, ୧୨।୭
(ସନ୍ତୋଷ କୁମାର ବାଛିନୀ)

ନଡ଼ିଆ ଷଢ଼େଇରେ ତିଆରି ହୋଇଛି ପ୍ରବାଦ ପୁରୁଷ ବିଜୁବାବୁଙ୍କ ଡାକୋଟା ବିମାନ ଭଳି ଏକ ପ୍ରତିକୃତି। ଏହାକୁ ଯିଏ ତିଆରି କରିଛନ୍ତି ତାଙ୍କ ନାଁ ମଧ୍ୟ ବିଜୁ। ବିଜୁ ଭାଇ ନାମରେ ପରିଚିତ ଶିଳ୍ପୀ ବିଜୟ କମିଳା ହେଉଛନ୍ତି ମୟୂରଭଞ୍ଜ ଜିଲା ଉଦଳା ଏନ୍‌ଏସି ଅନ୍ତର୍ଗତ ୭ନଂ. ୱାର୍ଡର ବାସିନ୍ଦା। ପେସାରେ ଜଣେ ଗାଡ଼ି ମେକାନିକ ହୋଇଥିଲେ ମଧ୍ୟ ନିଶାରେ ସେ କାରିଗର। କରୋନା ଜନିତ ଲକ୍‌ଡାଉନ ସମୟରେ ନଡ଼ିଆ ଷଢେଇରେ ସେ ବିଭିନ୍ନ ପ୍ରକାର ଘରକରଣା ଜିନିଷ ତିଆରି କରି ଚର୍ଚ୍ଚାକୁ ଆସିଥିଲେ। ତେବେ ବିଜୁ ବାବୁଙ୍କୁ ଭଲ ପାଉଥିବାରୁ ତାଙ୍କର ପ୍ରିୟ ଡାକୋଟା ବିମାନ ଷଢ଼େଇରେ ତିଆରି କରିଥିବା ସେ କହିଛନ୍ତି। ଅନୁମତି ମିଳିଲେ ଏହାକୁ ସେ ବିଜୁ ବାବୁଙ୍କ ପୁତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଉପହାର ଦେବେ ବୋଲି ଆଗ୍ରହ ପ୍ରକାଶ କରିଛନ୍ତି। ଷଢେଇରେ ତିଆରି ହୋଇଥିବା ଏହି ଡାକୋଟାର ଲମ୍ବ ୩ ଫୁଟ ୬ ଇଞ୍ଚ। ବିଭିନ୍ନ ସ୍ଥାନରୁ ଷଢେଇ ସଂଗ୍ରହ କରି ତାକୁ କାଟି ଅଠା ଦ୍ୱାରା ଯୋଡ଼ି ତିଆରି କରିଛନ୍ତି ଡାକୋଟା ବିମାନ। ଏହା ତିଆରି କରିବାକୁ ଦୁଇ ମାସ ସମୟ ଲାଗିଥିବା କହିଛନ୍ତି ବିଜୟ। ଯେତେବେଳେ ସମୟ ପାଆନ୍ତି ସେତେବେଳେ ସେ ଏହି କାମ କରିଥାନ୍ତି ଏବଂ ପରିବାର ଲୋକଙ୍କ ପ୍ରେରଣା ପାଇଁ ଏହା ସମ୍ଭବ ହୋଇଛି ବୋଲି ବିଜୟ କହିଛନ୍ତି। ତେବେ ସରକାରୀ ପ୍ରୋତ୍ସାହନ ମିଳିଲେ ବିଜୟ ଆଗକୁ ବଢ଼ିପାରିବା ସହ ତାଲିମ କେନ୍ଦ୍ର ଆରମ୍ଭ କରି ନୂଆ ଶିଳ୍ପୀ ସୃଷ୍ଟି କରିପାରନ୍ତେ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।





ଡାକୋଟା ପ୍ରତିକୃତି ନିର୍ମାଣ କାର୍ଯ୍ୟରେ ଲାଗିପଡ଼ିଥିବା ବିଜୟ କମିଳା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ସକାଳୁ ସକାଳୁ ଶୁଭ ଖବର ପାଇ ଖୁସି ହୋଇଯିବେ। ପିଲାମାନଙ୍କ ସକାଶେ ଥିବା ସମସ୍ୟାକୁ ଦୂରେଇବାରେ ସମର୍ଥ ହେବେ। ଅଭିଳଷିତ ଫଳ ପାଇବେ ଏବଂ ଆମୋଦ ପ୍ରମୋଦର ମଉକା ଜୁଟିବ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବା ସାଙ୍ଗକୁ କଳା,ସାହିତ୍ୟ,ସଙ୍ଗୀତରେ ନିଜକୁ ନିୟୋଜିତ କରିପାରନ୍ତି।

**ବୃଷ** - ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରିପାରିଲେ ପରିସ୍ଥିତିକୁ ସଜାଡ଼ିପାରିବେ। ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରିବା ଠିକ୍ ହେବନାହିଁ। ଶିଳ୍ପ,ବାଣିଜ୍ୟ,ବ୍ୟବସାୟ,ଲେଖାପଢ଼,ସଭାସମିତି ପ୍ରଭୃତିରେ ପ୍ରାଧାନ୍ୟ ରହିବ। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ମିଥୁନ** - ଆଜି ଆପଣ କୌଣସି ବିବଦୀୟ ଘଟଣାରେ ମୁଣ୍ଡ ପୂରାଇବା ଠିକ୍ ହେବ ନାହିଁ। ଅବଶ୍ୟ ବନ୍ଧୁମାନଙ୍କ ସହଯୋଗରୁ ଅର୍ଥ ଓ ସମ୍ମାନ ପାଇ କାର୍ଯ୍ୟ ହାସଲ କରିବେ। କାର୍ଯ୍ୟଦକ୍ଷତା ହେତୁ କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀ ପ୍ରଶଂସା କରିପାରନ୍ତି। ଦୀର୍ଘଦିନରୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ଣେ ପାଇପାରନ୍ତି।

**କର୍କଟ** - ଆତ୍ମୀୟସ୍ୱଜନଙ୍କ ସାହାଯ୍ୟରୁ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୂରେଇବାରେ ସମର୍ଥ ହେବେ। ଏପରିକି ବହୁ ଦିନରୁ ଭାବିଥିବା କଥାଟି ଆଜି ହିଁ ସାକାର ରୂପ ନେବାର ସୂଚନା ପାଇପାରନ୍ତି। କୌଣସି ଶୁଭ ଖବର କିମ୍ବା ମୂଲ୍ୟବାନ୍ ଜିନିଷ ପ୍ରାପ୍ତିରେ ଆନନ୍ଦ ଅନୁଭବ କରିବେ। କିନ୍ତୁ ପରିବାରରେ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ସିଂହ** - ମାନସିକ ସ୍ଥିତି ବିଶୃଙ୍ଖଳିତ ରହିଥିବାରୁ ତରବରିଆ କୌଣସି କାମ ନ କରି ଜଗିରଖି ଚଳିବା ଭଲ ହେବ। ଆତ୍ମୀୟ କିମ୍ବା ହିତୈଷୀମାନଙ୍କ ସାହାଯ୍ୟ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ସରକାରୀ ସ୍ତରରୁ କୌଣସି ଖବର ପାଇ ଖୁସି ହେବେ।

**କନ୍ୟା** - କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଆକସ୍ମିକ ଆବିର୍ଭାବ ପରିସ୍ଥିତିକୁ ଏପଟସେପଟ କରିଦେଇପାରେ। କାର୍ଯ୍ୟରେ ସଫଳତା ହାସଲ ସକାଶେ ବହୁ ସଂଘର୍ଷ କରିବାକୁ ପଡ଼ିବ। ହିତୈଷୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ। ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷାକରି ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ତୁଳା** - ଆନୁଷ୍ଠାନିକ କ୍ଷେତ୍ରରେ କାମ ଚାପ ଏତେ ବଢ଼ିଯିବ ଯେ ଆପଣ ଜମା ଶାନ୍ତିରେ ରହିପାରିବେ ନାହିଁ। ଘରଲୋକମାନଙ୍କ କାମରେ ଅସନ୍ତୁଷ୍ଟ ହେଲେ ସୁଦ୍ଧା ପାଟି ଫିଟାଇବାର ରାସ୍ତା ନ ଥିବ। ଚିତ୍ରା ନକ୍ଷତ୍ର କିନ୍ତୁ ବନ୍ଧୁମିଳନ ସହ ଖୁସିର ଆସର ଏବଂ ସ୍ନେହ ଶ୍ରଦ୍ଧା ଓ ଅନୁରକ୍ତି ଲାଭ କରିବେ।

**ବିଛା** - ହାତରେ କାମ ବହୁ ରହିବ, କିନ୍ତୁ କୌଣସିଟା ମଧ୍ୟ ପୂର୍ଣ୍ଣାଙ୍ଗ ହୋଇପାରିବ ନାହିଁ। ବ୍ୟସ୍ତବିବ୍ରତ ହୋଇ ଏଣୁତେଣୁ ଗୁଡ଼ାଏ ଚିନ୍ତାକରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥବାଦୀ ହୋଇପଡ଼ିବ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଅସଂଯତ କାର୍ଯ୍ୟକଳାପ ପାଇଁ ସମାଲୋଚିତ ହେବେ।

**ଧନୁ** - ଆଜି ଈର୍ଷାପରାୟଣ ବନ୍ଧୁଙ୍କ ଅଭିଶାପ ଆଶୀର୍ବାଦରେ ପରିଣତ ହୋଇଯିବ। ଘରର ଅପ୍ରକାଶ୍ୟ କେତେକ ଘଟଣା ସବୁ ଶୁଣିବେ ସିନା କାହାକୁ କିଛି କହିପାରିବେ ନାହିଁ। ପିଲାମାନଙ୍କ କଳହକୁ କେନ୍ଦ୍ରକରି ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି।

**ମକର** - ଗୁରୁଚଣ୍ଡାଳ ଯୋଗ ଚତୁର୍ଥସ୍ଥ ହେତୁ ଯାହା କରିବାକୁ ଯାଉଛନ୍ତି ବୁଝିବିଚାରି କରିବା ଭଲ ହେବ। ଘରେ ହେଉ କିମ୍ବା କର୍ମକ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସାହାଯ୍ୟ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** - ଅଯଥା ପରକଥାରେ ଦୁଶ୍ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଭୁଲ୍ କାର୍ଯ୍ୟପଦ୍ଧତି ଆଚରଣ କାରଣରୁ ଭଲ ସମ୍ପର୍କ ଥିବା ବନ୍ଧୁ ଭୁଲ୍ ବୁଝିବେ। ସାହାଯ୍ୟ କରିବାକୁ କଥା ଦେଇଥିବା ସହକର୍ମୀ ପରକ୍ଷଣରେ ଓଲଟା କଥା କହିବେ। ହିତୈଷୀଙ୍କ ପରାମର୍ଶରେ କୌଣସି ନୂତନ କର୍ମାରମ୍ଭ ପାଇଁ ମନ ବଳାଇପାରନ୍ତି।

**ମୀନ** - ମନ୍ଥର ଗତିରେ ଆଜିର କାମଗୁଡ଼ିକ ସମାଧାନ ହୋଇପାରିବ। କିନ୍ତୁ ଉତ୍ତରଭାଦ୍ରପଦ ନକ୍ଷତ୍ରର ବାରମ୍ବାର ଅସଫଳତା ଲାଗିରହିବା କାରଣରୁ ମନରେ ବିଭିନ୍ନ ପ୍ରକାର କଳ୍ପନା ଜାଗ୍ରତ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ସାମାଜିକ ସ୍ତରରେ ସେବା ଓ ପରୋପକାରକରି ପ୍ରଶଂସିତ ହେବେ।

ଆଜି ଶ୍ରାବଣ କୃଷ୍ଣପକ୍ଷର ସର୍ବସମ୍ମତ ଚକ୍ରବୁଲା ଏକାଦଶୀ ଗୁରୁବାର,ଜୁଲାଇ ୧୩ ତାରିଖ,କର୍ମବୀର ଗୌରୀଶଙ୍କରଙ୍କ ଜୟନ୍ତୀ। ରାଶି ନକ୍ଷତ୍ର-କୃତ୍ତିକା/ମେଷ,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୧୯ ଗତେ, ଘ.୦୬।୧୧ ମଧ୍ୟେ, ଘ.୦୯।୪୧ ଗତେ,ଘ.୧୧।୨୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୩୦ ଗତେ, ଘ.୦୩।୦୮ମଧ୍ୟେ ରାହୁକାଳ।

ସମୁଦ୍ରରେ ଜାହାଜ ବୁଡିଗଲା ବେଳେ, ଯେତେବେଳେ ମୋ ଛଡା ସମସ୍ତେ ବୁଡିମଲେ– ସେତେବେଳେ ଭଗବାନଙ୍କ କୃପାରୁ ମୁଁ କେବଳ ରକ୍ଷା ପାଇଗଲି ଏବଂ ଅନ୍ୟପକ୍ଷରେ ଏକଥା ବି ସତ ଯେ, ଜାହାଜ ଜଳମଗ୍ନ ହେଲାବେଳେ ସମସ୍ତେ ରକ୍ଷାପାଇଗଲେ। କିନ୍ତୁ ଭଗବାନ ମୋ ହାତରୁ ଶେଷ ଆଶ୍ରୟଟି ଛଡାଇ ନେଲେ ଓ ମୁଁ ବୁଡିଗଲି। ଏହା ମଧ୍ୟ ଭଗବାନଙ୍କ କୃପା ବୋଲି ଧରିବାକୁ ହେବ। **–ଶ୍ରୀଅରବିନ୍ଦ**

# ପରୀକ୍ଷାଗାରରେ ପ୍ରାଣିଜ ଉତ୍ପାଦ



ପିଟର ସିଙ୍ଗର

ଖାଦ୍ୟ ପାଇଁ ପ୍ରାଣୀ ପାଳନ କରୁଥିବା ବିଶାଳ ଶିଳ୍ପ ବିଂଶଶତାବ୍ଦୀର ଅଧିକାଂଶ ଭାଗ ପ୍ରତିଛବିଗୁଡ଼ିକୁ ରେକର୍ଡ ଏବଂ ସଂରକ୍ଷଣ କରିବାରେ ପ୍ରାଧାନ୍ୟ ବିସ୍ତାର କରିଥିବା ଶିଳ୍ପ ସହ ସମାନ ଧାରାରେ ଅଗାଉଥିଲା ବୋଲି ଯେତେବେଳେ ସ୍ପଷ୍ଟ ହେବ ସେତେବେଳେ ଆମେ ହୁଏତ ଏବକାର ୨୦୨୩କୁ ମନେପକାଇବା। ଏହା ନିଶ୍ଚିତ ଘଟିବାର ଅନେକ ସଙ୍କେତ ମିଳିଛି। କାରଣ ୨୦୨୩ରେ ପରୀକ୍ଷାଗାରରେ ମାଂସ ପ୍ରସ୍ତୁତିରେ ହୋଇଥିବା ଅଗ୍ରଗତିର ଆଭାସ ମିଳିସାରିଲାଣି। ଚଳିତ ବର୍ଷ ଏପ୍ରିଲରେ ଗାଈ କିମ୍ବା କ୍ଷୀର ଦେଉଥିବା ଅନ୍ୟ କୌଣସି ପ୍ରାଣୀଙ୍କଠାରୁ ପ୍ରସ୍ତୁତ ହେଉ ନ ଥିବା ଏକ କୃତ୍ରିମ ଡେଏରି ଉତ୍ପାଦକୁ ଇସ୍ରାଏଲର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସ୍ୱୀକୃତି ଦେଇଛି। ଏହାବାଦ୍ ଡେଏରି ଉତ୍ପାଦକ କମ୍ପାନୀ ରିମିଲ୍କ ଏକ ଅତି ଉନ୍ନତ ଡେଏରି ଫୁଡ୍ ସୃଷ୍ଟିକରୁଛି। ୪୦ ବର୍ଷ ପୂର୍ବେ ଜିନ୍‌ଟେକ୍ ପୁନଃ ସଂଯୋଜକ ଡିଏନ୍‌ଏ ଟେକ୍‌ନିକ ଦ୍ୱାରା ଡାଇବେଟିସ୍ ପାଇଁ ଇନ୍‌ସୁ୍ୟଲିନ ସୃଷ୍ଟି କରିପାରୁଥିବା ଜେନେଟିକାଲି ମଡିଫାଏଡ୍(ଜିଏମ୍) ବ୍ୟାକ୍ଟେରିଆ ସୃଷ୍ଟି କରିଥିଲା । ଏହା ଭଲ ଥିଲା ଏବଂ ଘୁଷୁରି ପାନ୍‌କ୍ରିୟାଜ୍‌ରୁ ପ୍ରସ୍ତୁତ ଇନ୍‌ସୁଲିନ ତୁଳନାରେ ଶସ୍ତା ମଧ୍ୟ ରହିଥିଲା। ଏହି ସମାନ ପ୍ରକ୍ରିୟାରେ ରିମିଲ୍କ ଗାଈର ଡିଏନ୍‌ଏରୁ ଏକ ଉତ୍ପାଦ ତିଆରି କରିଛନ୍ତି ଯାହା ଗାଈକ୍ଷୀର ସହ ସମାନ। ଉକ୍ତ କ୍ଷୀର କୋଲେଷ୍ଟରଲ , ଆଣ୍ଟିବାୟୋଟିକ୍ସ ଏବଂ ଗ୍ରୋଥ୍ ହର୍ମୋନରୁ ମୁକ୍ତ। ରିମିଲ୍କ ଦାବିକରେ ଯେ, ଏହି ଡେଏରି ଉତ୍ପାଦର ସ୍ୱାଦ ଓ ନିହିତ ଉପାଦାନ ପାରମ୍ପରିକ ବାସ୍ତବ ଡେଏରି ଉତ୍ପାଦ ଭଳି ଏବଂ ମୂଲ୍ୟ ବି ତାହା ସହ ସମାନ। ରିମିଲ୍କ କେବଳ ୧% ଭୂମି ଓ ୫% ପାଣି ଉପଯୋଗକରି ଏହି ଉତ୍ପାଦ ପ୍ରସ୍ତୁତ କରୁଛି ଏବଂ ଉକ୍ତ ପ୍ରକ୍ରିୟାରେ ମାତ୍ର ୪% ପ୍ରଦୂଷଣକାରୀ ତତ୍ତ୍ୱ ନିର୍ଗମନ ହେଉଛି। ତେବେ ବିଚାର କରିବା ଦରକାର , ବିନା ଗାଈରେ ଡେଏରି ଉତ୍ପାଦ ତିଆରି କରିବାରେ ନିଶ୍ଚିତ ଭାବେ ଗୋପାଳନଜନିତ ସମସ୍ୟା ଦୂରହେବା ସହ ମିଥେନ୍ ଗ୍ୟାସ୍ ନିର୍ଗମନ ହ୍ରାସ ପାଇବ।

ଜୁନ୍‌ରେ ଏ କ୍ଷେତ୍ରରେ ଏକ ସବୁଠୁ ମହତ୍ତ୍ୱପୂର୍ଣ୍ଣ ବିକାଶ ହୋଇଛି। ଜାତିସଂଘର ଡିପାର୍ଟମେଣ୍ଟ ଅଫ୍ ଏଗ୍ରିକଲ୍‌ଚର ଦୁଇଟି ପୃଥକ୍ ଦରଖାସ୍ତକୁ ଅନୁମୋଦନ କରିଛି। ଇଟ୍ ଜଷ୍ଟ କମ୍ପାନୀର ଏକ ଶାଖା ଗୁଡ୍ ମିଟ୍‌ରୁ ଗୋଟିଏ ଦରଖାସ୍ତ ଆସିଥିଲାବେଳେ ଅନ୍ୟଟି ଥିଲା ଅପ୍‌ସାଇଡ୍ ଫୁଡ୍ସର। ସେମାନେ ଚିକେନ ସେଲ୍‌ରୁ ପ୍ରସ୍ତୁତ ଚିକେନ ବିକ୍ରି କରିବାକୁ ଦରଖାସ୍ତ କରିଥିଲେ। ଏପରିକି ଏହି ପ୍ରକ୍ରିୟାରେ କୌଣସି ପ୍ରାଣୀର ସମ୍ପୃକ୍ତି ନାହିଁ କି କୌଣସି କୁକୁଡ଼ା ମାରିବାକୁ ପଡ଼ିବ ନାହିଁ। ସୂଚନାଯୋଗ୍ୟ, ପ୍ରତିବର୍ଷ ମାଂସ ପାଇଁ ୭୦ ବିଲିୟନ କୁକୁଡ଼ା ମରାଯାଉଛି। ଏହି ସେଲୁଲାର ମିଟ୍ ବା କଲଚର୍ଡ ମିଟ୍ (ପ୍ରାଣୀ କୋଷରୁ ପରୀକ୍ଷାଗାରରେ ପ୍ରସ୍ତୁତ ହେଉଥିବା ମାଂସ)କୁ ସ୍ୱୀକୃତି ଦେବାରେ ଆମେରିକା ପ୍ରଥମ ନୁହେଁ, ବରଂ ୨୦୨୦ରୁ ସିଙ୍ଗାପୁରରେ ଏହା ବିକ୍ରି ହୋଇଆସୁଛି। ତେବେ ପାରମ୍ପରିକ ପଦ୍ଧତିରେ ଗୋଟିଏ ଜାଗାରେ ଅନେକ ହଜାର କୁକୁଡ଼ା ରଖି ସେମାନଙ୍କୁ ମାରି ଯେଉଁ ଚିକେନ ପ୍ରସ୍ତୁତ କରାଯାଉଛି ତାହାର ମୂଲ୍ୟ ସହ କଲଚର୍ଡ ଚିକେନ ତାଳଦେଇ ଚାଲିବାରେ ସକ୍ଷମ ହୋଇନାହିଁ। କିନ୍ତୁ ଆମେରିକାରେ ଏହାର ବଡ଼ ମାର୍କେଟ ରହିଛି ଓ ଏହା ଲୋକଙ୍କୁ ଆକର୍ଷିତ କରିପାରିଥିବାରୁ ଆଶା କରାଯାଉଛି ଏହାର କାରବାର ଅଧିକ ବଢ଼ିଲେ ମୂଲ୍ୟ ହ୍ରାସ ହେବା ସହ ଉତ୍ପାଦନ ବି ବୃଦ୍ଧିପାଇବ।



ପରୀକ୍ଷାଗାରରେ ମାଂସ ପ୍ରସ୍ତୁତି ଓ ଏହା ଉପରେ ଗବେଷଣା କରିବା ଏକ ବିଶ୍ୱସ୍ତରୀୟ ବିଷୟ ହୋଇଯାଇଛି। ଡଚ୍ କମ୍ପାନୀ ମୋସା ମିଟ୍ ୨୦୧୩ରେ ପରୀକ୍ଷାଗାରରେ ପ୍ରଥମେ କୃତ୍ରିମ ମାଂସର ବର୍ଗର ପ୍ରଦର୍ଶିତ କରିଥିଲା ଏବଂ ଏହା ମାର୍କେଟକୁ ଆସିବାକୁ ଏକ ଦଶନ୍ଧି ଲାଗିଯିବ ବୋଲି ଆକଳନ କରିଥିଲା। ଏହି ଆକଳନ ଏବେ ଠିକ୍ ହୋଇଛି। ମୋସା ମେ'ରେ ଆଉ ଏକ ବଡ଼ ଉତ୍ପାଦନ କେନ୍ଦ୍ର ଖୋଲିବା ସହ ଖୁବ୍ ଶୀଘ୍ର ସିଙ୍ଗାପୁରରେ ଏବଂ ଏହାକୁ ସ୍ୱୀକୃତି ମିଳିଲେ ଅନ୍ୟ ମାର୍କେଟରେ ବିକ୍ରି କରିବାକୁ ଆଶା ରଖିଛି। ମେ'ର ମଧ୍ୟ ଚାଇନା ମିଟ୍ ଫୁଡ୍ କମ୍ପ୍ରେହେନ୍‌ସିଭ ରିସର୍ଚ୍ଚ ସେଣ୍ଟର ପ୍ରାଣୀ କୋଷରୁ ମାଂସ ତିଆରି ପାଇଁ ଆଗ୍ରହ ପ୍ରକାଶ କରିଥିଲା। ଏ ସମ୍ପର୍କରେ ବେଜିଂ ଟାଇମ୍ସ ପ୍ରକାଶ କରିଥିଲା ଯେ, ଏହି ସେଣ୍ଟରର ଜ୍ଞାନକୌଶଳ ଦ୍ୱାରା ପ୍ରାଣୀ ମାଂସପେଶୀ କୋଷିକାରୁ ଚିକେନ୍ ପ୍ରସ୍ତୁତ ହେଉଛି। ପ୍ରାଣୀଙ୍କ ମାଂସରେ ଥିବା ପୋଷକ ତତ୍ତ୍ୱ ଏଥିରେ ବି ରହୁଛି। ଯଦିଓ ଏ କ୍ଷେତ୍ରରେ ଗବେଷଣା ଓ ବିକାଶ କିଛି ଲକ୍ଷ୍ୟ ହାସଲ କରିଛି, ତେବେ ମାଂସ ପ୍ରସ୍ତୁତି ପାରମ୍ପରିକ ପଦ୍ଧତିକୁ ହଟାଇ ନୂଆ ପ୍ରକ୍ରିୟାକୁ ଆପଣାଇଲେ ଏହାର ଉଲ୍ଲେଖନୀୟ ପରିଣାମ ରହିବ। ମାଂସ ପାଇଁ ପ୍ରାଣୀ ପାଳନ କରିବା ଲାଗି ଅଧିକ କୃଷି ଜମି ଲାଗେ । ଏହା ସହ ଚାରଣଭୂମି ଓ ଚାରା ବଢ଼ାଇବା ଲାଗି ଜମିର ଆବଶ୍ୟକତା ପଡ଼େ। ମନେରଖିବାକୁ ହେବ ଯେ, ଏହି ପଦ୍ଧତି ଜଳବାୟୁ ପରିବର୍ତ୍ତନର ଏକପ୍ରମୁଖ କାରଣ। ମାଂସ ଓ ଡେଏରି ଉତ୍ପାଦନରେ ହୋଇଥିବା ଏବକାର ଅଗ୍ରଗତିରେ ଯଦି ଏକ ନାଟକୀୟ ପରିବର୍ତ୍ତନ ଆରମ୍ଭ ହୁଏ ତେବେ ପାରମ୍ପରିକ ମାଂସ ଉତ୍ପାଦନରେ ବ୍ୟବହାର ହେଉଥିବା ପୃଥିବୀରେ ଅଧିକାଂଶ ଜମିରୁ ଲାଭ ମିଳିବ। ଏହା ବ୍ୟତୀତ କୋଷିକାରୁ କୃତ୍ରିମ ଉପାୟରେ ସିଫୁଡ୍ ତିଆରି ହେଲେ ତାହା ଲୋପ ପାଇଯାଉଥିବା ମାଛବଂଶକୁ ରକ୍ଷା କରିପାରିବ।

ଦେଶଗୁଡ଼ିକ ସମୃଦ୍ଧ ତଥା ଧନୀ ହେଉଥିବାରୁ ସେଠାରେ ମାଂସ ଖାଇବା ବଢ଼ିବାରେ ଲାଗିଛି। ଚାଇନା ଏହାର ଏକ ପ୍ରକୃଷ୍ଟ ଉଦାହରଣ। ଏଣୁ ଚାହିଦା ପୂରଣ ଲାଗି ମାଂସ ଓ ଅନ୍ୟ ପ୍ରାଣିଜ ଉତ୍ପାଦ ଉତ୍ପାଦନର ଏକ ପ୍ରଭାବଶାଳୀ ଢାଞ୍ଚାର ବ୍ୟାପକ ଆବଶ୍ୟକତା ଅଛି। ବିଶ୍ୱରେ ଖାଦ୍ୟ, ଶକ୍ତି ଏବଂ ପରିବେଶର ନିୟାମକ ଭାଗ୍‌ଲାବ୍ ସ୍ମିଲ୍ ମତରେ, ପ୍ରାଣୀଙ୍କ ଖାଦ୍ୟ ସକାଶେ ଶସ୍ୟ ଉତ୍ପାଦନ ଉପରେ ନିର୍ଭରଶୀଳ କରିବାକୁ ପଡୁଛି। ଏହି ନିର୍ଭରଶୀଳତା ଯୋଗୁ ଚାପ ସୃଷ୍ଟି ହେଉଛି ଓ ତାହାକୁ ଏହି ସଂସ୍ଥା ୫ଟି ବର୍ଗରେ ତାଲିକାଭୁକ୍ତ କରିଛି। ଏଗୁଡ଼ିକ ମଧ୍ୟରେ ରହିଛି ଅତ୍ୟଧିକ ମୃତ୍ତିକା କ୍ଷୟକରି କେବଳ ଗୋଟିଏ ଜମିରେ ଚାରା ଚାଷ କରିବା, ଉଦ୍ଭିଦକୁ ପ୍ରାଣିଜ ଉତ୍ପାଦରେ ରୂପାନ୍ତର କରିବା ; ଅତ୍ୟଧିକ ପରିମାଣର ପଶୁ ବର୍ଜ୍ୟ ସୃଷ୍ଟି ହେବା,ଯାହା ଫସଲରେ ପର୍ଯ୍ୟାପ୍ତ ପରିମାଣର ପୁନଃ ବ୍ୟବହାରକୁ ରୋକିଥାଏ ; ଚାରା ଫସଲ ଏବଂ ପଶୁ ଶାରୀରିକ କ୍ରିୟାରୁ ଗ୍ରୀନ୍‌ହାଉସ–ଗ୍ୟାସ୍ ନିର୍ଗମନ ଏବଂ ଆବଦ୍ଧ ସ୍ଥାନରେ ରହୁଥିବା ଅତ୍ୟଧିକ ସଂଖ୍ୟକ ପଶୁଙ୍କ ଚିକିତ୍ସା ସହ ଜଡ଼ିତ ପଶୁ କଲ୍ୟାଣ ବିଷୟ। ସମସ୍ତେ ଯଦି ଉଦ୍ଭିଦଜ ଖାଦ୍ୟ ଗ୍ରହଣ କରିବେ ତେବେ ଆମେ ଏହିସବୁ ଚାପକୁ ଦୂରକରିପାରିବା। ନିକଟରେ ପ୍ରକାଶ ପାଇଥିବା ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ଏହାଦ୍ୱାରା ମହାମାରୀ ମଧ୍ୟ ହ୍ରାସ କରାଯାଇପାରିବ। ଉଦ୍ଭିଦଜ ଖାଦ୍ୟ ଖାଇବାରେ ଉଲ୍ଲେଖନୀୟ ବୃଦ୍ଧି ହୋଇଥିଲେ ମଧ୍ୟ ଏହା ଆଡ଼କୁ ସମ୍ପୂର୍ଣ୍ଣ ଢଳିବା ନିକଟ ଭବିଷ୍ୟତରେ ସମ୍ଭବ ହେବା ଜଣାପଡୁନାହିଁ। ଏଣୁ ଏବେ ମାଂସ ଖାଉଥିବା ଲୋକମାନଙ୍କୁ ଏହା ଛାଡ଼ିବା ଲାଗି ବୁଝାଇବା ହୁଏତ ସହଜ ହେବ। ଏହାଦ୍ୱାରା ପ୍ରାଣୀପାଳନ କରି ସେମାନଙ୍କୁ ହତ୍ୟାକରିବା ଆଉ ଦରକାର ପଡ଼ିବ ନାହିଁ। ଫଳରେ ଏକ କ୍ରୂରତା, ବିଧ୍ୱଂସୀ ଏବଂ ବିପଜ୍ଜନକ ଶିଳ୍ପର ଶେଷ ଆମେ ଖୁବ୍ ଶୀଘ୍ର ଦେଖିବାର ଆଶା ପୋଷଣ କରିପାରିବା।

**ପ୍ରାଧାପକ,ବାୟୋଏଥିକ୍ସ, ପ୍ରିନ୍‌ଷ୍ଟନ ବିଶ୍ୱବିଦ୍ୟାଳୟ**

# ବିଚାରରେ ବିପର୍ଯ୍ୟୟ



ଉମା ଶଙ୍କର ପ୍ରସାଦ

ସାମ୍ପ୍ରତିକ ବିଶ୍ୱରେ ଗଣତନ୍ତ୍ର ପ୍ରତି ସମସ୍ତଙ୍କର ଆଦର ରହିଛି। ରାଷ୍ଟ୍ର ଶାସନରେ ଗଣତନ୍ତ୍ର ବ୍ୟବସ୍ଥା ହିଁ ସର୍ବମାନ୍ୟ ଶାସନ ବ୍ୟବସ୍ଥା ରୂପେ ଆଦୃତ ହୋଇଛି। ଭାରତ ବିଶ୍ୱରେ ସର୍ବବୃହତ୍ ଗଣତନ୍ତ୍ର ରୂପେ ମାନ୍ୟତା ଲାଭ କରିଛି। ତେବେ ଏହି ବ୍ୟବସ୍ଥା ରାଷ୍ଟ୍ରର ସାଧାରଣ ନାଗରିକଙ୍କର ଗଣତାନ୍ତ୍ରିକ ବିଚାରବୋଧ ଉପରେ ନିର୍ଭରକରିଥାଏ। ଏହି ବିଚାରବୋଧରେ ଭାରତର ସାଧାରଣ ନାଗରିକଟିଏ କେତେଦୂର ଉଦ୍‌ବୁଦ୍ଧ, ତାହା ବିଚାରକରିବା କଥା। ଅନେକ ବିଶେଷଜ୍ଞ କହିଥାନ୍ତି, ଗଣତାନ୍ତ୍ରିକ ବ୍ୟବସ୍ଥାରେ ମଧ୍ୟ ରାଷ୍ଟ୍ର ଶାସନ ମୌଳିକତଃ ମୁଷ୍ଟିମେୟ ବ୍ୟକ୍ତିବିଶେଷଙ୍କ ମତାନୁସାରେ ନିୟନ୍ତ୍ରିତ ହୋଇଥାଏ। ବେଳେ ବେଳେ ଜଣେ ବ୍ୟକ୍ତିଙ୍କ ମତ ହିଁ ମାନ୍ୟତା ଲାଭ କରିଥାଏ। ହେଲେ ଏ କଥା ମଧ୍ୟ ସତ୍ୟ ଯେ ଅନେକଙ୍କ ଇଚ୍ଛାକୃତ ଅଥବା ଅନିଚ୍ଛାକୃତ ସମର୍ଥନ ଦ୍ୱାରା ଉକ୍ତ ମତ ପରିପୁଷ୍ଟ ଲାଭ କରିଥାଏ।

ଗଣତନ୍ତ୍ରର ସୁଲଭ କ୍ରମ ବିକାଶଧାରା କ୍ରମଶଃ ବିକଶିତ ହେବା ପରିବର୍ତ୍ତେ ନାନାବିଧ ପ୍ରତିବନ୍ଧକର ସମ୍ମୁଖୀନ ହେବା ରାଷ୍ଟ୍ରର ଚିନ୍ତାଶୀଳ ବ୍ୟକ୍ତିଙ୍କୁ ନିରାଶ କରିଦେଉଛି। ଆମ ରାଷ୍ଟ୍ରର ସଂସଦ ଓ ବିଧାନସଭା ବିଧିବିଧାନର ମନ୍ଦିର। ରାଷ୍ଟ୍ରର ସର୍ବମାନ୍ୟ ନୀତି ନିୟାମକ ସ୍ଥଳୀ, ଏଠାରେ ରାଷ୍ଟ୍ରର ବିଜ୍ଞଜନ ପ୍ରତିନିଧିମାନେ ଏକତ୍ର ଉପବିଷ୍ଟ ହୋଇଥାନ୍ତି ଏବଂ ସେମାନଙ୍କର ଉପସ୍ଥିତି ଏହାକୁ ରାଷ୍ଟ୍ରର ଅଗଣିତ ନାଗରିକଙ୍କ ବିଶ୍ୱାସଭାଜନ କରିଦେଇଥାଏ। ସାଧାରଣ ନାଗରିକଟିଏ ପାଇଁ ଏହା ଚରମ ଆଶା ଭରସାର ସ୍ଥଳୀ। ତେବେ ସାମ୍ପ୍ରତିକ ପରିସ୍ଥିତିଗୁଡିକୁ ବିଚାରକଲେ ଯେ କେହି ସମ୍ବେଦନଶୀଳ ନାଗରିକ ହୃଦୟ ବିଦାରିତ ହୁଏ। ଲଜ୍ଜା ଲାଗେ ଯେ ବିଶ୍ୱର ସର୍ବ ବୃହତ୍ ଗଣତନ୍ତ୍ରରେ ସର୍ବୋଚ୍ଚ ଆଇନ ପ୍ରଣୟନକାରୀ ସଭା ଅନେକେ ଦୁର୍ନୀତିପରାୟଣ, ସ୍ୱାର୍ଥାନ୍ୱେଷୀଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି। ଭାରତୀୟ ଗଣତନ୍ତ୍ରର ସାମ୍ପ୍ରତିକ ଅବସ୍ଥାକୁ ଲକ୍ଷ୍ୟକରି ବିଖ୍ୟାତ ଆଇନଜ୍ଞ ନନି ପାଲ୍‌ଖିୱାଲା କହିଛନ୍ତି, ଗତ କିଛି ବର୍ଷ ଧରି ଭାରତରେ ଏକ ବିଚାରହୀନ ସଂସଦ ଚାଲୁଛି। ତାଙ୍କର ଏହି ମତଟି ଅନେକ ଦୃଷ୍ଟିରୁ ଯଥାର୍ଥ ମନେହୁଏ। ବର୍ତ୍ତମାନ ଏ ଦେଶରେ ଗଣତନ୍ତ୍ର ନାମରେ ସ୍ୱେଚ୍ଛାଚାରିତା ବଢ଼ିବାରେ ଲାଗିଛି। ବର୍ଷକୁ ବର୍ଷ ଧରି ଏହି ଧାରା ବଢ଼ିବାରେ ଲାଗିଛି। ସଂସଦ ତଥା ରାଜ୍ୟଗୁଡ଼ିକର ବିଧାନସଭାର ଦୁର୍ଦ୍ଦଶାକୁ ଲକ୍ଷ୍ୟକଲେ ମନକୁ ଆସେ ଯେ ଏ ସ୍ଥଳୀ ମାନଙ୍କରେ ଗଣତନ୍ତ୍ର ନୁହେଁ, ସ୍ୱେଚ୍ଛାଚାର ହିଁ କ୍ରିୟାଶୀଳ।

ଓଡ଼ିଶାର ଜଣେ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ତାଙ୍କ କାର୍ଯ୍ୟକାଳରୁ ବିଦାୟ ନେବାର ଅବ୍ୟବହିତ ପୂର୍ବରୁ ଅତି ଦରଦୀ ସ୍ୱରରେ କହିଥିଲେ, '' ମୁଁ ଧନିକର ଧନସମ୍ପଦ ସୁରକ୍ଷା ପାଇଁ ପଦାସୀନ। ଦରିଦ୍ରର କ'ଣ ଅଛି ଯେ ସେ ମୋର ସୁରକ୍ଷା ଆବଶ୍ୟକ କରିବ। ଦଦରା ହାଡ଼ ଖଣ୍ଡେ, ସାମାନ୍ୟ ଚମଡ଼ା, ଭଙ୍ଗା କୁଡ଼ିଆ, ଛିଣ୍ଡାବସ୍ତ୍ର ଖଣ୍ଡେ ତା'ର ସମ୍ପତ୍ତି। ସେତକକୁ ସେ ତା'ର ନିଜେ ସମ୍ଭାଳୁଛି। ମୋଠାରେ ତା'ର ଆବଶ୍ୟକତା କ'ଣ ?'' କେତେ ଦରଦୀ ଭାବ ଭରି ରହିଥିଲା ଏଇ କେତୋଟି ପଦରେ। ଏଥିରୁ କାଣିଚାଏ ଯଦି ଆମ ନେତୃବର୍ଗ ତଥା ପ୍ରଶାସକଙ୍କ ପାଖରେ ଥାଆନ୍ତା ତେବେ ଏ ଦେଶ ସୁନା ପାଲଟିଯାଇଥାନ୍ତା। ଏହାକୁ ବିଚାରକଲେ ଭାରି ନୈରାଶ୍ୟବୋଧ ଆସିଯାଏ।

ଗଣମାଧ୍ୟମକୁ ସାଧାରଣ ଜନତା ଚତୁର୍ଥ ସ୍ତମ୍ଭରୂପେ ସ୍ୱୀକୃତି ଦେଇଛନ୍ତି। ପ୍ରଥମ ଦୁଇଟି ସ୍ତମ୍ଭ ଯେତେବେଳେ ନିଜ ଧର୍ମ ପାଳନ କରିବାରେ ବିଫଳ ହୋଇଥାଏ ତୃତୀୟ ସ୍ତମ୍ଭ ସେତେବେଳେ ଆଶା ଭରସାର କେନ୍ଦ୍ର ହୋଇଥାଏ। ମାତ୍ର ସେଇ ତୁଳନାରେ ଗଣମାଧ୍ୟମ ନିଜ ଦାୟିତ୍ୱ ତୁଲାଇବାରେ ସମର୍ଥ ହୋଇପାରିନାହିଁ। କୋର୍ଟ ଗୋଟିଏ ଆଦେଶ ଦେଲେ ତାହାର ପୁନର୍ବିଚାର ପାଇଁ କୋର୍ଟକୁ ନିବେଦନ କରିବା ପରିବର୍ତ୍ତେ ଶାସକ ଦଳରେ ଆସୀନ ଦଳ ନିଜର ଦଳୀୟ ବହୁମତରେ ବଳୀୟାନ ହୋଇ ଆଇନର ପରିବର୍ତ୍ତନ କରିଦେବାକୁ ପଶ୍ଚାଦ୍‌ପଦ ହେଉନାହାନ୍ତି। ଯାହାର ସଦ୍ୟ ଉଦାହରଣ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ମୁଖ୍ୟ ସଞ୍ଜୟ ମିଶ୍ରାଙ୍କ କାର୍ଯ୍ୟକାଳ ବୃଦ୍ଧି ପ୍ରସଙ୍ଗ। ଏଥିରୁ ସ୍ପଷ୍ଟ ଅନୁମେୟ ରାଜନେତାଙ୍କ ସ୍ଥାନ ଆଇନଠାରୁ ଊର୍ଦ୍ଧ୍ୱରେ। ଭାରତୀୟ ଗଣତନ୍ତ୍ରର ଏ ଯେଉଁ ଅବକ୍ଷୟିଷ୍ଣୁ ଧାରା ଏ ରାଷ୍ଟ୍ରକୁ ଯେ ଦିନେ ରସାତଳଗାମୀ କରିଦେବ ଏଭଳି ଆଶଙ୍କା ଆସିବା ସ୍ୱାଭାବିକ। ଅତଏବ ସମୟ ଆସିଛି, ବହିର୍ବିପତ୍ତିଗୁଡ଼ିକର ମୁକାବିଲା କରିବା ସାଙ୍ଗକୁ ଆଭ୍ୟନ୍ତରୀଣ ଶୃଙ୍ଖଳା, ସୌହାର୍ଦ୍ଦ୍ୟ, ସଂହତି ପ୍ରତି ଓ ନିରାପତ୍ତା ପ୍ରତି ଅଧିକ ସଚେତନ ହେବା ଆବଶ୍ୟକ। କ୍ଷୁଦ୍ର କ୍ଷୁଦ୍ର ପ୍ରସଙ୍ଗରେ ଅଯଥା ବୌଦ୍ଧିକ ଶକ୍ତି ବ୍ୟୟ ନ କରି ବ୍ୟକ୍ତିକୈନ୍ଦ୍ରିକ କନ୍ଦଳ, ଦଳୀୟ କନ୍ଦଳକୁ ପଛରେ ପକାଇ ରାଷ୍ଟ୍ରୀୟ ବିକାଶ ଚିନ୍ତାରେ ନେତୃବର୍ଗ ଅଧିକ ଧ୍ୟାନଦେଲେ ଗଣତନ୍ତ୍ର ସୁରକ୍ଷିତ ହେବ।

**ଖୋର୍ଦ୍ଧା, ମୋ: ୬୩୭୦୬୭୫୫୬୨**

## ଏଇ ଭାରତରେ

ବେଙ୍ଗାଲୁରୁର ଏକ ସ୍କୁଲର ବିଜ୍ଞାନ ଶିକ୍ଷକ ସି.ଏମ୍. ନାଗରାଜଙ୍କ ଅପସାଇକେଲିଂ ଚିନ୍ତାଧାରା ଅନ୍ୟମାନଙ୍କ ପାଇଁ ପ୍ରେରଣା କହିଲେ ଅତ୍ୟୁକ୍ତି ହେବନାହିଁ। ନାଗରାଜ ସ୍କୁଲରେ ବର୍ଜ୍ୟ ପରିଚାଳନା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ସେ ଭାଙ୍ଗିଯାଇଥିବା ଧାତବ ଫର୍ନିଚର, ଟେବୁଲ ଓ ଚେୟାରରୁ ପ୍ରୋଜେକ୍ଟର ସ୍କ୍ରିନ, ଷ୍ଟାଫ୍‌ମାନଙ୍କ ପାଇଁ କପ୍‌ବୋର୍ଡ, ନ୍ୟୁଜ୍‌ପେପର ରିଡିଂ ଷ୍ଟାଣ୍ଡ ତିଆରି କରିଛନ୍ତି। ଏହାବ୍ୟତୀତ ସେ ପିଲାମାନଙ୍କ ଦ୍ୱାରା ସଂଗୃହୀତ କ୍ଷୀର ପାଉଚରୁ ୨୦ଟି କମ୍ପ୍ୟୁଟର କଭର ତିଆରି କରିଛନ୍ତି। ଏହି କାର୍ଯ୍ୟରେ ଟେଲର କାର୍ଯ୍ୟ କରୁଥିବା ଅଭିଭାବକମାନେ ତାଙ୍କୁ ସହଯୋଗ କରିଛନ୍ତି। ସେ ଦୁଇଟି ବାୟୋ ୱେଷ୍ଟ କନଭର୍ଟର ଏବଂ କାଗଜ ଓ ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ କରି ରଖିବାର ବ୍ୟବସ୍ଥା କରିଛନ୍ତି। ନାଗରାଜ ନିକଟସ୍ଥ କୃଷି କ୍ଷେତରୁ ଶସ୍ୟ ବର୍ଜ୍ୟ ସଂଗ୍ରହ କରି ସେଥିରୁ ଖତ ପ୍ରସ୍ତୁତ କରି ସ୍କୁଲ ବଗିଚାରେ ଲଗାଉଛନ୍ତି। ସ୍କୁଲରୁ ମଧ୍ୟାହ୍ନଭୋଜନରେ ବାହାରୁଥିବା ବର୍ଜ୍ୟରୁ ବି ଖତ ତିଆରି କରୁଛନ୍ତି। ୬ରୁ ୮ ମାସ ମଧ୍ୟରେ ସେ ୧ ଟନ୍ ଖତ ପ୍ରସ୍ତୁତ କରିଛନ୍ତି। ବଳକା ଖତ ବିକ୍ରି କରି ସ୍କୁଲ ଉନ୍ନତି ପାଇଁ ବ୍ୟୟ କରୁଛନ୍ତି। ବର୍ଷକ ମଧ୍ୟରେ ସଂଗ୍ରହ ହୋଇଥିବା ୫୮କେଜି କାଗଜ ଓ ପ୍ଲାଷ୍ଟିକ ବର୍ଜ୍ୟକୁ ନିକଟସ୍ଥ ରିସାଇକେଲିଂ କେନ୍ଦ୍ରକୁ ପଠାଇଛନ୍ତି। କେବଳ ଏତିକି ନୁହେଁ, ସେ ସ୍କୁଲ ପରିସରରେ ଭୂତଳ ଜଳ ଚାର୍ଜ କରିବା ଲାଗି ବ୍ୟବସ୍ଥା ବି କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ଜୁଲାଇ ୧୯୯୮**

- ରାଜ୍ୟ ଜନତା ଦଳର ୪ ଜଣ ବରିଷ୍ଠ ନେତା ଶରତ କୁମାର କର, କାଳିନ୍ଦୀ ବେହେରା, ଦାମୋଦର ରାଉତ ଓ ସହରାଇ ଓରାମଙ୍କ ବିଜୁ ଜନତା ଦଳରେ ଯୋଗଦାନ।
- ବ୍ରାଜିଲକୁ ୩–୦ ଗୋଲ୍‌ରେ ହରାଇ ଫ୍ରାନ୍ସ ପ୍ରଥମ ଥର ପାଇଁ ବିଶ୍ୱକପ୍ ଫୁଟବଲ ଚାମ୍ପିୟନ।
- ଶ୍ରୀଲଙ୍କାର ବିମାନ ବାହିନୀ ଉତ୍ତରାଞ୍ଚଳ କିଲିନୋଚିଠାରେ ଥିବା ଏଲ୍‌ଟିଟିଇ ଗେରିଲା ବାହିନୀ ବାସସ୍ଥଳ ଉପରେ ବୋମା ବର୍ଷଣ କରିବା ଫଳରେ ୧୧ ଗେରିଲା ନିହତ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | 8 | | 9 | | 5 | |
| | | | 6 | | | 2 | | |
| | 3 | 4 | | 5 | | | | |
| | | | 5 | 1 | | | 9 | 4 |
| 8 | | | | | | | 2 | |
| | | 3 | 2 | | | | | |
| | | | | | | | | |
| | | | | 7 | | 5 | 1 | 3 |
| 9 | 7 | | | | 3 | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 1 | 9 | 3 | 6 | 4 | 8 | 7 | 5 |
| 5 | 8 | 3 | 7 | 2 | 9 | 6 | 1 | 4 |
| 6 | 7 | 4 | 5 | 1 | 8 | 2 | 3 | 9 |
| 7 | 4 | 2 | 8 | 3 | 1 | 9 | 5 | 6 |
| 8 | 9 | 6 | 2 | 7 | 5 | 1 | 4 | 3 |
| 1 | 3 | 5 | 4 | 9 | 6 | 7 | 2 | 8 |
| 9 | 5 | 1 | 6 | 4 | 2 | 3 | 8 | 7 |
| 4 | 2 | 7 | 9 | 8 | 3 | 5 | 6 | 1 |
| 3 | 6 | 8 | 1 | 5 | 7 | 4 | 9 | 2 |

ଗତକାଲିର ଉତ୍ତର

# ଗୃହପତ୍ନୀଙ୍କ ମୂଲ୍ୟାୟନ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ଆମ ପରମ୍ପରାରେ ଗୃହପତ୍ନୀ ଏକ ମହାନ୍ ଆନନ୍ଦଦାୟୀ ବ୍ୟକ୍ତିତ୍ୱ। ତହିଁରେ ପ୍ରତିଫଳିତ ହେଉଥାଏ ପତିଙ୍କ ପାଇଁ ପ୍ରେମ, ଗୁରୁଜନମାନଙ୍କ ପାଇଁ ଭକ୍ତି, ଲଘୁଜନମାନଙ୍କ ପ୍ରତି ଶ୍ରଦ୍ଧା ଏବଂ ପୁତ୍ରକନ୍ୟାଙ୍କ ପାଇଁ ସମର୍ପଣଭାବ। ଏହା ବ୍ୟତୀତ ସାମଗ୍ରିକଭାବେ ପରିବାରର ସଭିଙ୍କ ଯତ୍ନନେବାଠାରୁ ଆରମ୍ଭକରି ଏହାର ସୁପରିଚାଳନାକୁ ସେ ସହାସ୍ୟବଦନରେ ଗ୍ରହଣ କରିଥାନ୍ତି ନିଜର ପବିତ୍ର ଦାୟିତ୍ୱ ରୂପେ। ସେଥିପାଇଁ ତାଙ୍କୁ ତୁଳନା କରାଯାଏ ଲକ୍ଷ୍ମୀଦେବୀଙ୍କ ସହ ଅର୍ଥାତ୍ ସେ ହେଲେ ଗୃହଲକ୍ଷ୍ମୀ। ଏଭଳି ଜଣେ ବ୍ୟକ୍ତିତ୍ୱଙ୍କ ଆର୍ଥିକ ମୂଲ୍ୟାୟନ କଦାପି ସମ୍ଭବ ନୁହେଁ, ସେ ଅକଳନୀୟ।

ସମୟ ବଦଳିବା ସହ ଏବେ ବଦଳିଚାଲିଛି ଆମ ମାନସିକତା। ତାହା କ୍ରମଶଃ ଅଧିକରୁ ଅଧିକ ବସ୍ତୁବାଦୀ ହେବାରେ ଲାଗିଛି। ଏଣୁ ବର୍ତ୍ତମାନ ପରିବାରର ସେହି ପୁରୁଣା ଅବବୋଧ ଆଉ ନାହିଁ। ପାରିବାରିକ ସମ୍ପର୍କ ବିଜଡ଼ିତ ହୋଇଗଲାଣି ବ୍ୟକ୍ତିଗତ ସ୍ୱାର୍ଥ ସହ। ଫଳରେ ବଦଳିଯାଇଛି ଗୃହପତ୍ନୀଙ୍କ ଭାବମୂର୍ତ୍ତି ଏବଂ ତାଙ୍କ ପ୍ରତି ଆମର ଦୃଷ୍ଟିକୋଣ। ପୁନଶ୍ଚ ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ଆମେ ମୂଲ୍ୟାୟନ କରିବାକୁ ଲାଗିଛୁ ତାଙ୍କ ଆର୍ଥିକ ଆୟ ବିଚାରକୁ ନେଇ। ଏ ଦୃଷ୍ଟିରୁ ଜଣେ ପାରମ୍ପରିକ ଗୃହପତ୍ନୀଙ୍କ ମୂଲ୍ୟ ଶୂନ୍ୟ ବୋଲି ମନେହେବା ସ୍ୱାଭାବିକ। କାରଣ, ତାଙ୍କର ସମସ୍ତ ଉତ୍ସର୍ଗୀକୃତ କାର୍ଯ୍ୟକଳାପରୁ କୌଣସି ଆର୍ଥିକ ଆୟ ହୁଏ ନାହିଁ।

କେବଳ ଗୃହକର୍ମରେ ସମ୍ପୂର୍ଣ୍ଣ ରୂପେ ଲିପ୍ତ ରହୁଥିବା ବିବାହିତା ମହିଳାଙ୍କୁ ସାଧାରଣତଃ ଆମେ ଗୃହପତ୍ନୀ ବୋଲି କହିଥାଉ। ଏକ ଆକଳନ (୨୦୨୧) ଅନୁସାରେ ଆମ ଦେଶରେ ବିବାହିତା ମହିଳାଙ୍କ ସଂଖ୍ୟା ପ୍ରାୟ ୧୬୦ ନିୟୁତ। ସେମାନଙ୍କ ମଧ୍ୟରୁ ମାତ୍ର ୧୦/୧୨ ନିୟୁତ ଚାକିରି କିମ୍ବା ଅନ୍ୟ କିଛି ଆର୍ଥିକ ଆୟକାରୀ କାର୍ଯ୍ୟରେ ଲିପ୍ତ ଥିବାବେଳେ ଅବଶିଷ୍ଟ ଥିଲେ ଗୃହପତ୍ନୀ। ଏମାନେ ତାଙ୍କର ପ୍ରାୟ ସମୟ ନାନାଦି ଗୃହକର୍ମରେ ଅତିବାହିତ କରୁଥିଲେ ହେଁ ସେମାନଙ୍କୁ ଆମେ ଆୟକାରୀ ରୂପେ ଗଣନା କରୁନାହୁଁ। ତେବେ, ଗଭୀର ଭାବେ ଚିନ୍ତାକଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଏସବୁ କାର୍ଯ୍ୟର ମଧ୍ୟ ଅର୍ଥନୈତିକ ମୂଲ୍ୟ ରହିଛି।

ଏ କଥା ପ୍ରଥମେ ସର୍ବସାଧାରଣଙ୍କ ମନକୁ ଛୁଇଁଥିଲା ଯେତେବେଳେ ଜଣେ ଗୃହପତ୍ନୀଙ୍କର ଏକ ଦୁର୍ଘଟଣାରେ ମୃତ୍ୟୁ ହେଲା ପରେ ତାଙ୍କ ପରିବାରବର୍ଗ ୧୯୮୭ରେ ପଞ୍ଜାବ ଉଚ୍ଚ ନ୍ୟାୟାଳୟରେ ମକଦ୍ଦମାଟିଏ ରୁଜୁ କରିଥିଲେ। ମୃତକଙ୍କ ବୟସ, ସେ ପରିବାର ପାଇଁ କରିଥିବା ସବୁପ୍ରକାର କାର୍ଯ୍ୟ ଇତ୍ୟାଦି ବିଚାରକୁ ନେଇ ନ୍ୟାୟାଳୟ ଏହି ରାଶି ୫୦ ହଜାର ଟଙ୍କାରେ ସ୍ଥିର କରିଥିଲେ। ସେହିପରି ୨୦୦୦ ମସିହାରେ ସେହି ପ୍ରକାର ଅନ୍ୟ ଏକ ମାମଲାରେ ବିହାରର ପାଟନା ଉଚ୍ଚ ନ୍ୟାୟାଳୟ ଗୃହପତ୍ନୀଙ୍କ ବୟସ, ତାଙ୍କର ସାମାଜିକ ସ୍ଥିତି, ପାରିବାରିକ ଏବଂ ସାମାଜିକ ଦାୟିତ୍ୱ ଆଦି ଆକଳନକରି ବାର୍ଷିକ କ୍ଷତିପୂରଣ ୧୬,୦୦୦ରୁ ୨୦,୦୦୦ ଟଙ୍କା ବୋଲି ନିର୍ଦ୍ଧାରଣ କଲେ। ଏହାପରେ ୨୦୨୧ ମସିହାରେ କୀର୍ତ୍ତି ବନାମ ଓରିଏଣ୍ଟାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ ମାମଲାରେ ଉଚ୍ଚତମ ନ୍ୟାୟାଳୟ ଏଥିପାଇଁ କେଉଁ ସବୁ ବିଷୟ ବିଚାରକୁ ନିଆଯିବ ତାହାର ଏକ ମାର୍ଗଦର୍ଶିକା ଜାରିକଲେ। ଅତଏବ ଏହାରି ମାଧ୍ୟମରେ ମୂଲ୍ୟାୟନ ଜଣେ ଗୃହପତ୍ନୀଙ୍କ ମୂଲ୍ୟ ବୋଲି କୁହାଗଲା। ଏଥି ଅନୁସାରେ ଏକ ନିର୍ଦ୍ଦିଷ୍ଟ ମାମଲାରେ 'ମୋଟର ଆକ୍‌ସିଡେଣ୍ଟ କ୍ଲେମସ୍ ଟ୍ରିବ୍ୟୁନାଲ' ଏ କ୍ଷତିପୂରଣ ୪୬ ଲକ୍ଷ ଟଙ୍କାରେ ସ୍ଥିର କଲାବେଳେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ତାହାକୁ ୨୨ ଲକ୍ଷକୁ ହ୍ରାସ କରିଥିଲା।



ଇତିମଧ୍ୟରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ମାନବାଧିକାର ସଂସ୍ଥା ଏବଂ ବହୁ ଅର୍ଥନୀତିଜ୍ଞ ଓ ଆଇନଜୀବୀ ଏହା ଉପରେ ଚିନ୍ତା କରିବାକୁ ଲାଗିଲେ। ସେମାନେ ଯୁକ୍ତି ବାଢ଼ିଲେ ଯେ ଗୃହପତ୍ନୀ ପ୍ରକୃତରେ ହେଉଛନ୍ତି ସମାଜର ମେରୁଦଣ୍ଡ। ଜାତିସଂଘର ଆକଳନ ଅନୁସାରେ ସାରା ବିଶ୍ୱରେ ସମ୍ପୂର୍ଣ୍ଣ ଘରୋଇ ଉତ୍ପାଦ (ଗ୍ରସ୍ ଡୋମେଷ୍ଟିକ୍ ପ୍ରଡକ୍ଟ ବା ଜିଡିପି)ର ପ୍ରାୟ ୩୯% ଆସିଥାଏ ସେମାନଙ୍କ ମଜୁରିବିହୀନ ଗୃହକର୍ମରୁ। ଅତଏବ ତାହା ସେହି ଅନୁସାରେ ନିର୍ଦ୍ଧାରିତ ହେବା ଉଚିତ। ଅନ୍ୟପକ୍ଷେ ନିକଟରେ (ମାର୍ଚ୍ଚ ୨୦୨୩) ଷ୍ଟେଟ୍‌ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ରିପୋର୍ଟରେ ସୂଚିତ କରାଯାଇଛି ଯେ ଆମ ଦେଶରେ ଜଣେ ଗୃହପତ୍ନୀ ଦିନକୁ ହାରାହାରି ୭.୨ ଘଣ୍ଟା ଘରୋଇ କାର୍ଯ୍ୟରେ ନିୟୋଜିତ ରହନ୍ତି। ଅର୍ଥନୈତିକ ଦୃଷ୍ଟିକୋଣରୁ ଆକଳନକଲେ ଏହା ହେବ ପ୍ରାୟ ୨୨.୭ ଲକ୍ଷ କୋଟି ଟଙ୍କା (ଗ୍ରାମାଞ୍ଚଳରୁ ୧୪.୭ ଲକ୍ଷ କୋଟି ଏବଂ ସହରାଞ୍ଚଳରୁ ୮ଲକ୍ଷ କୋଟି)। ଅତଏବ ଜଣେ ଗୃହପତ୍ନୀଙ୍କ ଆର୍ଥିକ ଅବଦାନ ସେହି ଅନୁସାରେ ଆକଳନ ହେବା ଉଚିତ।

୨୦୨୧ ଅଗଷ୍ଟ ୧୮ ସଂଖ୍ୟା 'ଇକୋନୋମିକ୍ସ' ପତ୍ରିକାର 'ଦ ଇକୋନୋମିକ୍ ଓ୍ୱର୍ଥ ଅଫ୍ ହାଉସ୍ ୱାଇଫ୍ ' ଶୀର୍ଷକ ନିବନ୍ଧରେ ତାଙ୍କର ପ୍ରତ୍ୟେକ କାର୍ଯ୍ୟର ଅଲଗା ଅଲଗା ଭାବେ ମୂଲ୍ୟାୟନ କରାଯାଇଛି। ତଦନୁଯାୟୀ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ପାଇଁ ଏହା ଭିନ୍ନ ଭିନ୍ନ–

ସହରାଞ୍ଚଳଗୁଡ଼ିକରେ ମାସକୁ ଏହା ହେଲା (୧) ପିଲାଙ୍କ ଯତ୍ନ ୧୨,୦୦୦ ଟଙ୍କା, (୨)ଘରର ଯତ୍ନ ୩୦୦୦ ଟଙ୍କା, (୩) ପରିବାରର ଆୟବ୍ୟୟର ହିସାବ, ତାହା ଖର୍ଚ୍ଚ ବରାଦ ଇତ୍ୟାଦି କାର୍ଯ୍ୟ ୪୦୦୦ ଟଙ୍କା, (୪) ପରିବାର ପାଇଁ (୩/୪ଜଣଙ୍କ) ରୋଷେଇ ୬୦୦୦ ଟଙ୍କା, (୫)ପରିବାରର ଶିଶୁ, ବୃଦ୍ଧାବୃଦ୍ଧ ଅନ୍ୟମାନେ ରୋଗାକ୍ରାନ୍ତ ହେଲେ ସେମାନଙ୍କ ସେବା ୬୦୦୦ଟଙ୍କା, (୬) ଘରେ ପିଲାମାନଙ୍କୁ ପାଠପଢ଼ାରେ ସାହାଯ୍ୟ କରିବା ୬୦୦୦ ଟଙ୍କା ଏବଂ (୭) ଗାଡ଼ିରେ ପିଲାମାନଙ୍କୁ ସ୍କୁଲକୁ ନେବା ଆଣିବା, ବଜାର ସଉଦା କିମ୍ବା ପରିବାରର ଅନ୍ୟମାନଙ୍କୁ ବଜାରକୁ ନେବା ୮୦୦୦ ଟଙ୍କା। ଅତଏବ ସମୁଦାୟ ଏହା ହେଲା ମାସିକ ୪୫,୦୦୦ ଟଙ୍କା।

ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ତାହା ମାସିକ (୧) ପିଲାଙ୍କ ଯତ୍ନ ୬୦୦୦ଟଙ୍କା,(୨) ଘରେ ସେମାନଙ୍କୁ ପାଠପଢ଼ାରେ ସାହାଯ୍ୟ ଇତ୍ୟାଦି ୫୦୦୦ଟଙ୍କା, (୩)ରନ୍ଧନ କାର୍ଯ୍ୟ (୩/୪ଜଣଙ୍କ ପାଇଁ) ୪୦୦୦ଟଙ୍କା, (୪)ଘରର ଯତ୍ନ ଓ ଅନ୍ୟାନ୍ୟ ଘରୋଇ କାମ ୩୦୦୦ ଟଙ୍କା, (୫) ଅସୁସ୍ଥ ହୋଇଥିବା ପରିବାର ଲୋକଙ୍କ ଯତ୍ନ ୫୦୦୦ଟଙ୍କା ଏବଂ (୬) ସ୍ୱାମୀ ତଥା ଅନ୍ୟମାନଙ୍କୁ ସେମାନଙ୍କ କାର୍ଯ୍ୟରେ ସାହାଯ୍ୟ ୬୦୦୦ଟଙ୍କା। ଅତଏବ ସମୁଦାୟ ତାହା ହେଲା ୨୯,୦୦୦ ଟଙ୍କା।

ପ୍ରକୃତରେ ଏ ସବୁର ଊର୍ଦ୍ଧ୍ୱରେ ରହିଛି ଗୃହପତ୍ନୀଙ୍କର ପରିବାରବର୍ଗଙ୍କୁ ମାନସିକ ସ୍ତରରେ ସହାୟତା। ଉଦାହରଣ ସ୍ୱରୂପ ଘରେ ତାଙ୍କ ଉପସ୍ଥିତି ରୋଗୀ, ଶିଶୁ, ବୃଦ୍ଧାବୃଦ୍ଧ ଆଦିଙ୍କୁ ଅସହାୟ ମନେକରିବାକୁ ଦିଏ ନାହିଁ। ସେମାନଙ୍କୁ ସର୍ବଦା ଅନୁଭବ କରିବାକୁ ଦିଏ ଯେ ସମୟ ଅସମୟରେ ସାହାଯ୍ୟ କରିବା ପାଇଁ ତାଙ୍କ ନିକଟରେ ଜଣେ ନିର୍ଭରଯୋଗ୍ୟ ବ୍ୟକ୍ତି ରହିଛନ୍ତି। ସେହିପରି ସ୍ୱାମୀ କର୍ମକ୍ଷେତ୍ରରୁ ଏବଂ ପିଲାମାନେ ବିଦ୍ୟାଳୟରୁ ଫେରିଲା ପରେ ତାଙ୍କ ଉପସ୍ଥିତି ସେମାନଙ୍କ ମାନସିକ ଚାପ ଏବଂ ଶାରୀରିକ କ୍ଲାନ୍ତି ଦୂରକରିଥାଏ। ଏ ସବୁର ଆର୍ଥିକ ମୂଲ୍ୟାୟନ ଅସମ୍ଭବ। ଅତଏବ, ଏଥିରୁ ସ୍ପଷ୍ଟ ଯେ ଜଣେ ଗୃହପତ୍ନୀଙ୍କ ମୂଲ୍ୟ ଅକଳନୀୟ।

**ଉଷା ନିବାସ, ଖଣ୍ଡଗିରି ବିହାର, ଭୁବନେଶ୍ୱର, ମୋ: ୭୩୮୧୬୬୯୫୫୪**

## ପାଠକ ଶ୍ରେଷ୍ଠ ବିଚାରକ

### ମ୍ୟାନ୍‌ମାର ସେନାର ମାନବିକ ଅଧିକାର ଉଲ୍ଲଂଘନ

ମହାଶୟ,

ମ୍ୟାନ୍‌ମାରର ସୈନ୍ୟବାହିନୀ ନିଜ ଦେଶର ଲୋକମାନଙ୍କୁ ବନ୍ଧୁକ ଗୁଳି ଦ୍ୱାରା ମାନବିକତାର ଦ୍ୱାହିଦେଇ ଯେପରି ଅତ୍ୟାଚାର କରିଚାଲିଛି ତାହା ଦେଶକୁ ଧ୍ୱଂସ ପଥକୁ ନେବ । ବିଗତ ଦିନରେ ୧୯ ନିରୀହ ବ୍ୟକ୍ତିଙ୍କୁ ମାରି ଜାଳିଦେବା ଘଟଣା ମ୍ୟାନ୍‌ମାରର ମର୍ଯ୍ୟାଦାକୁ କ୍ଷୁଣ୍ଣ କରିଛି। ଏକଥା ମ୍ୟାନ୍‌ମାର ସାମରିକ ଶାସନ ମୁଖ୍ୟ ଅସ୍ୱୀକାର କରିଛନ୍ତି। ଗଣତାନ୍ତ୍ରିକ ପଦ୍ଧତିରେ ଦେଶର ନବ ନିର୍ବାଚିତ ସରକାରକୁ କ୍ଷମତାଚ୍ୟୁତ କରି ଏବଂ ଗଣତନ୍ତ୍ର ସପକ୍ଷବାଦୀ ସେ ଦେଶର ଲୋକପ୍ରିୟ ନେତ୍ରୀ ଅଙ୍ଗ୍ ସାନ୍ ସୁ'ଚିଙ୍କୁ ଜୀବନକାଳ ବନ୍ଦୀ କରି ରଖିବା ଦେଶ ପ୍ରଗତି ପଥରେ ଯାଉଛି ନା ଅବନତି ପଥରେ ଯାଉଛି ମ୍ୟାନ୍‌ମାର ଶାସନ ମୁଖ୍ୟ ସତ୍‌ସାହସର ସହ ଉତ୍ତର ଦେଇପାରିବେ ନାହିଁ। ମ୍ୟାନ୍‌ମାରର ସବୁ ମୁଖ୍ୟ ସେନା ନିଜ ଦେଶର ଲୋକମାନଙ୍କୁ ଯେପରି ନିର୍ଦ୍ଦୟ ମାନସିକତାରେ ହତ୍ୟାକରି ଚାଲିଛନ୍ତି ଏବଂ ରୀତିମତ ରକ୍ତନଦୀ ବୁହାଇ ଚାଲିଛନ୍ତି ଏକଥା କ'ଣ ମିଳିତ ଜାତିସଂଘ, ସମଗ୍ର ବିଶ୍ୱ ଜାଣିପାରୁନାହିଁ ? ମ୍ୟାନ୍‌ମାରରେ ସାମରିକ ଶାସନ ନ ହୋଇ ଗଣତନ୍ତ୍ର ଶାସନକୁ ପ୍ରୋତ୍ସାହନ ଦେବା ଉଚିତ।

**–ରଞ୍ଜନ ମିଶ୍ର, ରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

## ଚିରନ୍ତନୀ

ଜୀବନ ଥାଉଁ କି ଭୟ ଆଉ
ହସରେ ଯେତେ ହସ
କାନ୍ଦିବାକୁ ନ କରି ତିଳେ ଲାଜ
ମରଣ ଆଗୁଁ କର ହେ ପାନ
ଜୀବନ ସୁଧାରସ
ମରଣ–ପଥ ପଥିକ ଆଜି ସାଜ !

(ଅମର ଆଶା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସବୁଜ ବିସ୍ତାର ପକ୍ଷରୁ ଚାରାରୋପଣ**

ବାଲିଅନ୍ତା,(ନୀଳମାଧବ ସାହୁ): ରାଜଧାନୀ ଉପକଣ୍ଠ ନହରକଣ୍ଟା ଶ୍ରୀ ଜୟଦେବ କଲେଜ ରାସ୍ତା ପାର୍ଶ୍ୱରେ 'ସବୁଜ ବିସ୍ତାର' ପକ୍ଷରୁ ମଙ୍ଗଳବାର ଲିମ୍ବ ଚାରା ରୋପଣ କରାଯାଇଛି। ଏଥିରେ ସବୁଜ ବିସ୍ତାରର ସଭାପତି ପ୍ରଭାତ ଦାଶ, ଜୟପ୍ରକାଶ ମିଶ୍ର, ବିକ୍ରମ କେଶରୀ ପାତ୍ର, ସନ୍ଧ୍ୟାରାଣୀ ବେହେରା, ରଘୁନାଥ ପଣ୍ଡା, ପ୍ରିୟରଞ୍ଜନ ସାହୁ, ବ୍ରହ୍ମାନନ୍ଦ ପଣ୍ଡା, ସୋନାରାମ ସିଂ ପ୍ରମୁଖ ଯୋଗଦେଇ ଲିମ୍ବ ଚାରାରୋପଣ କରିଥିଲେ। ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳରେ ପ୍ରତ୍ୟେକ ବ୍ୟକ୍ତି ୧୦ରୁ ୨୦ଟି ଗଛକୁ ଲଗାଇବା ଜରୁରୀ ବୋଲି ସଭାପତି ଦାଶ କହିଥିଲେ। ଆଗାମୀ ଦିନରେ ଯଥେଷ୍ଟ ଚାରାରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ରାଜ୍ୟସ୍ତରୀୟ ସୁନ୍ଦରୀ ପ୍ରତିଯୋଗୀତା: ୧୬ରେ ଗ୍ରାଣ୍ଡ ଫିନାଲେ

ଭୁବନେଶ୍ୱର,୧୨।୭(ଶର୍ମିଷ୍ଠା ପାଣିଗ୍ରାହୀ)- ଜାଗୃତି ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ସୁନ୍ଦରୀ ପ୍ରତିଯୋଗିତା ଆସନ୍ତା ୧୬ରେ ସତ୍ୟନଗର ଦୁର୍ଗାପୂଜା ମଣ୍ଡପ ନିକଟସ୍ଥ ଦି ପାର୍କ ପ୍ରିମିୟମଠାରେ ଅନୁଷ୍ଠିତ ହେବ। ପ୍ରଥମଥର ପାଇଁ ଏକାଡେମୀ ପକ୍ଷରୁ ଓଡ଼ିଶା ଦି ଏଲିଜେଣ୍ଟ ସିଜନ-୧(୨୦୨୩) ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଫ୍ୟାଶନ ସୋ ପ୍ରତି ରୁଚି ରଖୁଥିବା ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ। ଏନେଇ ମଙ୍ଗଳବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏକାଡେମୀର ପ୍ରତିଷ୍ଠାତା ରଶ୍ମିତା ପଣ୍ଡା ସୂଚନା ଦେଇଛନ୍ତି। ଆସନ୍ତା ୧୫ରେ ଗ୍ରାଣ୍ଡ ଅଡିସନ ଓ ୧୬ରେ ଫ୍ୟାଶନ ସୋ'ର ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହେବ। ଆୟୋଜିତ ଫ୍ୟାଶନ ସୋ ଏବଂ ମଡେଲିଂର କୃତୀ ପ୍ରତିଯୋଗୀମାନଙ୍କୁ ଆଗାମୀ ଦିନରେ ଦିଲ୍ଲୀ ଏବଂ ମୁମ୍ବାଇଠାରେ ହେବାକୁ ଥିବା ଶୋ'ରେ ଭାଗ ନେବାକୁ ସୁଯୋଗ ଦିଆଯିବ। ଏହି ଖବରଦାତା ସମ୍ମିଳନୀରେ ସାମାଜିକ କର୍ମୀ ଉଷାରାଣୀ ମହାପାତ୍ର, ରାଇଜିଂ ଷ୍ଟାର୍ ଏକାଡେମୀର ପ୍ରତିଷ୍ଠାତା ସସ୍ମିତାରାଣୀ ସାହୁ ଓ ଲୀନା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ଆକ୍ରମଣ କରି ଲୁଟ୍ ଘଟଣା: ୫ବର୍ଷ ପରେ ଫେରାର ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୨।୭(ସୂର୍ଯ୍ୟକାନ୍ତ ବେହେରା) ଆକ୍ରମଣକରି ଲୁଟ ଘଟଣାରେ ଖାରବେଳନଗର ଥାନା ପୋଲିସ ଫେରାର ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ୫ବର୍ଷ ପରେ ଗିରଫ କରିଛି। ସେ ହେଲେ ଧଉଳି ଅଞ୍ଚଳର ରାକେଶ ମହାନ୍ତି। ତେବେ ଏହି ଘଟଣାରେ ପୋଲିସ ପୂର୍ବରୁ ତାଙ୍କ ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ମୁଖ୍ୟ ଅଭିଯୁକ୍ତ ରାକେଶଙ୍କ ନାମରେ ୨୦୧୬ରୁ ଏଯାବତ ଭୁବନେଶ୍ୱରର ବିଭିନ୍ନ ଥାନାରେ ୧୮ଟି ଆପରାଧିକ ମାମଲା ରହିଛି। ସୂଚନାନୁସାରେ, ଅଭିଯୋଗକାରୀ ରାମଚନ୍ଦ୍ରଙ୍କ ୨ଜଣ ସମ୍ପର୍କୀୟ ସିଆର୍‌ପିଏଫ୍ କ୍ୟାମ୍ପସରୁ ରେଲ୍‌ୱେ ଷ୍ଟେଶନକୁ ଯାଉଥିବାବେଳେ ଅଭିଯୁକ୍ତ ଓ ତାଙ୍କର ୨ଜଣ ସହଯୋଗୀ ଗୋଟିଏ ସ୍କୁଟିରେ ପିଛାକରି ପିଏମ୍‌ଜି ଛକ ନିକଟରେ ଅଟକାଇ ଆଣିଥିବା ଚାପଡ ଓ ଲୁହାରେ ସେମାନଙ୍କୁ ଆକ୍ରମଣ କରିଥିଲେ। ପରେ ପୀଡିତାଙ୍କ ବେକରୁ ସୁନା ଚେନ୍ ଲୁଟ୍ କରି ପଳାଇଥିଲେ। ଏହି ସମୟରେ ଅଭିଯୋଗକାରୀଙ୍କ ସମ୍ପର୍କୀୟ ସୂର୍ଯ୍ୟନାରାୟଣ ଅଭିଯୁକ୍ତଙ୍କ ପିଛାକରି ସହଯୋଗୀ ଅଭିଯୁକ୍ତ ନିରଞ୍ଜନଙ୍କୁ କାବୁ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ରାକେଶ ଓ ଅନ୍ୟଜଣେ ସହଯୋଗୀ ଘଟଣାସ୍ଥଳରୁ ଖସି ପଳାଇଥିଲେ।

### ଶ୍ରୀଜଗନ୍ନାଥ ସଂସ୍କୃତି ଓ ଶିଖ୍ ଧର୍ମର ସମନ୍ୱୟ ଜଣାଇବ 'ଓଡ଼ିଶାରେ ଶିଖ୍ ଧର୍ମର ଇତିହାସ' ପୁସ୍ତକ

ଭୁବନେଶ୍ୱର,୧୨।୭(ଶର୍ମିଷ୍ଠା ପାଣିଗ୍ରାହୀ): ବାଲେଶ୍ୱରର ଯୁବ ଲେଖକ ଅବିନାଶ ମହାପାତ୍ର ତାଙ୍କ ରଚିତ 'ଓଡ଼ିଶାରେ ଶିଖ୍ ଧର୍ମର ଇତିହାସ' ପୁସ୍ତକକୁ ମଙ୍ଗଳବାର ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ କାର୍ଯ୍ୟାଳୟରେ ଅଧକ୍ଷ ଡ. ଲେନିନ ମହାନ୍ତିଙ୍କୁ ସାକ୍ଷାତ କରି ପ୍ରଦାନ କରିଛନ୍ତି। ସର୍ବଧର୍ମର ସମନ୍ୱୟ ହେଉଛି ଶ୍ରୀ ଜଗନ୍ନାଥ ସଂସ୍କୃତି। ଯୁଗେ ଯୁଗେ ଏହା ସାଧୁସନ୍ଥ ଓ ମହାପୁରୁଷମାନଙ୍କୁ ଆକର୍ଷିତ କରିଆସିଛି। ଏହିକ୍ରମରେ ଶିଖ ଧର୍ମର ପ୍ରବର୍ତ୍ତକ ତଥା ସଂସ୍ଥାପକ ଗୁରୁ ନାନକଙ୍କ ଶ୍ରୀକ୍ଷେତ୍ର ଆଗମନ ହୋଇଛି। ଏହାର ସ୍ମୃତି ସରୂପ ଶ୍ରୀକ୍ଷେତ୍ର ପୁରୀଠାରେ ଗୁରୁଦ୍ୱାର ପ୍ରତିଷ୍ଠା ହୋଇଛି। ଗୁରୁ ନାନକ ଦେବଙ୍କ ପ୍ରବର୍ତ୍ତିତ ଶିଖ ଧର୍ମ ବିଶ୍ୱ ଭ୍ରାତୃତ୍ୱ, ତ୍ୟାଗ, ସାମାଜିକ ଅନ୍ୟାୟ ବିରୋଧରେ ସଂଗ୍ରାମରେ ବିଶ୍ୱାସ କରିବା ସହ ମାନବିକ ମୂଲ୍ୟବୋଧ ତଥା ବିଶପ୍ରେମ ଉପରେ ଗୁରୁତ୍ୱାରୋପ କରିଥିଲେ। ନାନକଙ୍କ ଓଡିଶା ଆଗମନ, ଓଡିଶାରେ ଶିଖ ଧର୍ମର ଅବସ୍ଥିତି, କ୍ରମବିକାଶ, ପ୍ରଚାର ପ୍ରସାର ସହ ଏହାର ସାରମର୍ମ ଉଲ୍ଲେଖ ଥିବା ଏହି ପୁସ୍ତକ ଯୁବପିଢିଙ୍କୁ ଧର୍ମାନୁରାଗୀ କରିବା ସହ ଗବେଷକଙ୍କୁ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଶିଖ ଧର୍ମ ମଧ୍ୟରେ ଥିବା ସମନ୍ୱୟ ସମ୍ପର୍କରେ ଅଧିକ ସଚେତନତା ପାଇଁ ଖୋରାକ ଯୋଗାଇବ ବୋଲି ଓଟିଡିସି ଅଧକ୍ଷ ମହାନ୍ତି ଆଶାବ୍ୟକ୍ତ କରିଛନ୍ତି।

# ଜୁନ୍‌ରେ ୨୩ ଅଭିଯୋଗରୁ ୨୦ ସମାଧାନ

ଭୁବନେଶ୍ୱର,୧୨।୭(ସତ୍ୟଜିତ୍ ରାଉତ)

**ପୀଡ଼ିତାଙ୍କୁ ସହାୟ ହେଉଛି 'ମାଧମ'**

ପରିବାର ଓ ବିଭିନ୍ନ କ୍ଷେତ୍ରରେ ନିର୍ଯାତନାର ଶିକାର ହେଉଥିବା ପୀଡିତା ମହିଳାଙ୍କୁ ସୁରକ୍ଷା ଦେବା ସହ ଉଚିତ ପରାମର୍ଶ ଦେଇ ସେମାନଙ୍କ ମଧ୍ୟରେ ସକାରାତ୍ମକ ମନୋଭାବ ସୃଷ୍ଟି କରିବା ଦିଗରେ ସହାୟ ହେଉଛି ମହିଳା ସହଯୋଗ କେନ୍ଦ୍ର 'ମାଧମ'। ଭୁବନେଶ୍ୱର ଡିସିପିଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଏହି ସଂସ୍ଥା ଜୁନ୍ ମାସରେ ମୋଟ ୨୩ଟି ଅଭିଯୋଗ ମଧ୍ୟରୁ ୨୦ଟିର ଆପୋସ ବୁଝାମଣାରେ ସମାଧାନ କରିଛି। ଏଥିସହ ଜଣେ ମହିଳାଙ୍କୁ ଡାକ୍ତରୀ ସହାୟତା, ଜଣେ ମହିଳାଙ୍କୁ ଆଇନଗତ ସୁରକ୍ଷା ଏବଂ ଅନ୍ୟଜଣଙ୍କ କ୍ଷେତ୍ରରେ ଥାନାରେ ମାମଲା ରୁଜୁ କରିବା ପାଇଁ ପରାମର୍ଶ ଦିଆଯାଇଛି। ଏନେଇ କମିଶନରେଟ ପୋଲିସ ବୁଧବାର ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ନିର୍ଯାତନାର ଶିକାର ହେଉଥିବା ମହିଳାଙ୍କୁ ସହଯୋଗ ପାଇଁ ଏହି ସଂସ୍ଥା ଡିସିପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ କରିବା ସହ ନ୍ୟାୟ ପ୍ରଦାନ ଲାଗି ପ୍ରୟାସ ଜାରି ରଖିଛି। ଏପରିକି ଯେଉଁ ମହିଳାମାନେ ଥାନା କିମ୍ବା କୋର୍ଟକୁ ନ ଯାଇ ସେମାନଙ୍କ ସମସ୍ୟାର ଆପୋସ ସମାଧାନ ଚାହୁଁଛନ୍ତି 'ମାଧମ' ସେମାନଙ୍କର ସମସ୍ୟା ବୁଝି ସମାଧାନ ବାହାର କରି ବହୁ ଘଟଣାରେ ସଫଳତା ହାସଲ କରୁଛି। ଏହାସହ ଏହି ସଂସ୍ଥା ଦ୍ୱାରା ମଧ୍ୟ କେତେଜଣ ପୀଡିତା ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ଧନ୍ଦାମୂଳକ ତାଲିମ କେନ୍ଦ୍ରଗୁଡ଼ିକରେ ମାଗଣା ତାଲିମ ନେବାର ବ୍ୟବସ୍ଥା କରାଯାଉଛି। ବିବାହ ବିଚ୍ଛେଦ ହେବାକୁ ଯାଉଥିବା କେତେକ ଘଟଣାରେ ବ୍ୟକ୍ତିଗତ ଭାବେ ସ୍ୱାମୀସ୍ତ୍ରୀଙ୍କୁ ଏକାଠି ବସାଇ କିମ୍ବା ଉଭୟଙ୍କ ପରିବାର ସଦସ୍ୟଙ୍କୁ ଡକାଇ ବୁଝାମଣା ମାଧମରେ ମାମଲାର ସମାଧାନ କରାଯାଇପାରୁଥିବା ପୋଲିସ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଗତ ଜୁଲାଇରେ ଏହି ସଂସ୍ଥା ୧୮ଟି ଅଭିଯୋଗରୁ ୧୪ଟିରେ ଆପୋସ ସମାଧାନ କରିବାରେ ସକ୍ଷମ ହୋଇଥିଲା।

# ଖୋର୍ଦ୍ଧାରେ ମେମୁ କାର୍ ଶେଡ୍‌ରେ ଅତିରିକ୍ତ ସରଞ୍ଜାମ ସ୍ଥାପନ

**ଏବେ ମେମୁ କୋଚ ରିମୋଟ୍ କଣ୍ଟ୍ରୋଲରେ ଉଠାଯାଇପାରିବ**



ରେଳ ପ୍ରବନ୍ଧକ ଅଧିକାରୀମାନେ ମେମୁ କୋଚକୁ ଅନୁଧ୍ୟାନ କରୁଛନ୍ତି।

ଜଟଣୀ,୧୨।୭(ରବୀନ୍ଦ୍ରନାଥ ମହାକୁଡ଼)

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ ରେଳମଣ୍ଡଳ ଖୋର୍ଦ୍ଧାରେ ମେମୁ କାର୍ ଶେଡ୍‌ର ଅତିରିକ୍ତ ଯାନ୍ତ୍ରିକ ସରଞ୍ଜାମ ସ୍ଥାପିତ କରାଯାଇଛି। ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେସ୍ ରାୟ ଉକ୍ତ ଯାନ୍ତ୍ରିକ ଭିତ୍ତିଭୂମି କାର୍ଯ୍ୟକୁ ଉଦ୍‌ଘାଟନ କରିଥିଲେ। ୩୦ଟନ୍ କ୍ଷମତା ବିଶିଷ୍ଟ ଓଭରହେଡ୍ କ୍ରେନ ସହିତ ଭାରି ମରାମତି ନିରକ୍ଷଣ ପଥ, ମେମୁ କାର୍ ଶେଡ୍ ସ୍ଥାପନ କରାଯାଇଛି। ଯାହାଦ୍ୱାରା ଟ୍ରାକ୍ସନ ମୋଟର ପରିବର୍ତ୍ତନ, ବଗି ଏବଂ ଚକ ସେଟ ଚେଞ୍ଜ ଇତ୍ୟାଦି କରାଯିବ। ଏହି ଭାରି ମରାମତି ନିରକ୍ଷଣ ପଥ ବ୍ୟବହାର କରାଯିବ। ପୂର୍ବରୁ ଏହି କାର୍ଯ୍ୟଗୁଡିକ ପିଟ ଏବଂ ସିଙ୍କ୍ରୋନସ ଜ୍ୟାକ ସାହାଯ୍ୟରେ ମେମୁ କୋଚଗୁଡ଼ିକୁ ଉଠେଇ କରାଯାଉଥିଲା। ବର୍ତ୍ତମାନ ଏହି ୩୦ଟନ କ୍ଷମତା ବିଶିଷ୍ଟ ଓଭରହେଡ୍ କ୍ରେନ ସହିତ ଭାରି ମରାମତି ନିରକ୍ଷଣ ପଥ ସାହାଯ୍ୟରେ ମେମୁ କୋଚ୍‌ଗୁଡିକ ରିମୋଟ କଣ୍ଟ୍ରୋଲ ସାହାଯ୍ୟରେ ୪ମିଟର ଉଚ୍ଚତା ପର୍ଯ୍ୟନ୍ତ ଉଠାଯାଇପରିବ ଏବଂ ୧୦୦ ମିଟର ପର୍ଯ୍ୟନ୍ତ ସ୍ଥାନାନ୍ତରିତ ହୋଇପାରିବ। ଏହି ଯାନ୍ତ୍ରିକ କୌଶଳ ମେମୁ କୋଚ୍‌ଗୁଡିକର ସହଜ ରକ୍ଷଣାବେକ୍ଷଣରେ ସାହାଯ୍ୟ କରିବ। ଏହା ସହିତ ମେମୁ ଶେଡ୍‌ରେ ଆଧୁନିକ ସୁବିଧା ସହିତ ଏକ ଷ୍ଟୋର ଡିପୋ ବିକଶିତ କରାଯାଇଛି। ଯାହା ମେମୁ କୋଚ୍ ରକ୍ଷଣାବେକ୍ଷଣ ପାଇଁ ବ୍ୟବହୃତ ସାମଗ୍ରୀ ଏବଂ ଯନ୍ତ୍ରପାତିର ଠିକ୍ ରକ୍ଷଣାବେକ୍ଷଣରେ ଉପଯୋଗୀ ହେବ। ବର୍ତ୍ତମାନ ମେମୁ ଶେଡ୍ ୧୭ମେମୁ ରେକ ସହିତ କାର୍ଯ୍ୟ କରୁଛି। ଯାହା ୩୬ ମେମୁ ଟ୍ରେନ ଚଲାଇବା ପାଇଁ ବ୍ୟବହୃତ। ରିଙ୍କେଶ ରାୟ, ମେମୁ କାର୍ ଶେଡର ବୈଷୟିକ ଟିମ୍‌କୁ ଅଭିନନ୍ଦନ ଜଣାଇବା ସହିତ ଭିତ୍ତିଭୂମିର ପରବର୍ତ୍ତୀ ବିକାଶ ପାଇଁ ପରାମର୍ଶ ଦେଇଥିଲେ। ଯାହାଦ୍ୱାରା ଆଗାମୀ ଦିନରେ ଅଧିକ ମେମୁ ଟ୍ରେନର ରକ୍ଷଣାବେକ୍ଷଣ ହୋଇପାରିବ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଅପରେଶନ) କଲ୍ୟାଣ ପଟ୍ଟନାୟକ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍ଫ୍ରା)ଶୁଭ୍ରଜ୍ୟୋତି ମଣ୍ଡଳ, ଜେନେରାଲ ମ୍ୟାନେଜର/ଆରଭିଏନଏଲ ବି. କେ. ରାୟ ଏବଂ ସମସ୍ତ ଶାଖା ଅଧିକାରୀ ଉପସ୍ଥିତ ଥିଲେ। ଖୋର୍ଦ୍ଧା ରେଳ ମଣ୍ଡଳର ବରିଷ୍ଠ ମଣ୍ଡଳ ଇଲେକ୍ଟ୍ରିକାଲ ଇଞ୍ଜିନିୟର୍ (ଅପରେଶନ) ଆଲୋକ ରଞ୍ଜନ ମହାନ୍ତି ଏବଂ ସହକାରୀ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ମେମୁ)ସୌମ୍ୟକାନ୍ତ ଦାସଙ୍କ ନେତୃତ୍ୱରେ, ମେମୁ ଶେଡ୍‌ରେ ଅତିରିକ୍ତ ଭିତ୍ତିଭୂମି ବିକାଶ କାର୍ଯ୍ୟ ପାଇଁ ପଦକ୍ଷେପ ନିଆଯାଇଥିବା ମଣ୍ଡଳ ରେଳ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଅଣ୍ଡିଲୋରେ ବର୍ଷାଜଳ ନିଷ୍କାସନ ସ୍ଥିତି ପରଖିଲେ ବ୍ଲକ ଅଧିକାରୀ

ବାଲିଅନ୍ତା,୧୨।୭(ନୀଳମାଧବ ସାହୁ)



ବାଲିଅନ୍ତା ବ୍ଲକର ଅଣ୍ଡିଲୋ ଗ୍ରାମରେ ଦୀର୍ଘ ବର୍ଷେ ହେଲା ବର୍ଷାଜଳ ନିଷ୍କାସନ ସମସ୍ୟା ଦେଖାଦେଇଥିଲା। ଏଥିପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଡ୍ରେନ ନିର୍ମାଣ ପାଇଁ ୯ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇ କାର୍ଯ୍ୟାରମ୍ଭ କରାଯାଇଥିଲା। କିନ୍ତୁ ଡ୍ରେନ ନିର୍ମାଣରେ ତ୍ରୁଟିକୁ ନେଇ କିଛି ବ୍ୟକ୍ତିଙ୍କ ଅଭିଯୋଗ ପରେ ବିବାଦ ସୃଷ୍ଟି ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ତତ୍‌କାଳୀନ ବିଡିଓ ଓ ତହସିଲଦାର ଘଟଣାସ୍ଥଳକୁ ଆସି କାର୍ଯ୍ୟକୁ ବନ୍ଦ କରିଥିଲେ। ହେଲେ ଏହାକୁ ବର୍ଷେ ବିତିଯାଇଥିଲେ ମଧ୍ୟ ବନ୍ଦ ଥିବା ଡ୍ରେନ କାର୍ଯ୍ୟରେ ଅଗ୍ରଗତି ହେଉନାହିଁ। ଅଧାପନ୍ତରିଆ ବ୍ୟବସ୍ଥାର ଡ୍ରେନ ନିର୍ମାଣ ହୋଇ ରହିଛି। ପୂର୍ବ ପରି ଗାଁ ରାସ୍ତାରେ ଆଣ୍ଠୁଏ ଲେଖାଏ ବର୍ଷା ପାଣି ଜମି ରହୁଛି। ବାରମ୍ବାର ଅଭିଯୋଗ ପରେ ନୂତନ ଭାବେ ଯୋଗଦେଇଥିବା ବିଡିଓ ପବିତ୍ର ସାମଲ, ସହକାରୀ ଯନ୍ତ୍ରୀ ନିରଞ୍ଜନ ବିଶ୍ୱାଳ ଓ କନିଷ୍ଠ ଯନ୍ତ୍ରୀ ମଧୁସ୍ମିତା ପ୍ରିୟଦର୍ଶନୀ ପ୍ରମୁଖ ଅଣ୍ଡିଲୋ ଗ୍ରାମକୁ ଆସି ସ୍ଥିତିକୁ ବୁଲି ଦେଖିବା ସହ ଏହାର ସମାଧାନ ପାଇଁ ନିଷ୍ପତ୍ତି ନେଇଥିଲେ। ସହକାରୀ ଯନ୍ତ୍ରୀ ବିଶ୍ୱାଳ ରାସ୍ତାରେ ହେମ ପାଇପ୍ ପକାଇ ପାଣି ନିଷ୍କାସନ କରିବାକୁ ପ୍ରସ୍ତାବ ଦେଇଥିଲେ। ଆଉ ଥରେ ସର୍ଭେ ସହ ମେଜରମେଣ୍ଟ ଓ ଏଷ୍ଟିମେଣ୍ଟ କରିବାକୁ କନିଷ୍ଠ ଯନ୍ତ୍ରୀଙ୍କୁ ବିଡିଓ ସାମଲ ନିର୍ଦ୍ଦେଶ ଦେଇଥିଲେ। ତତ୍‌ସହିତ ଆରଡି ରାସ୍ତାକୁ ଛାଡ଼ି ପଞ୍ଚାୟତ ରାସ୍ତାକୁ ଉଚ୍ଚା କରି କିଭଳି ଗାଁ ଦାଣ୍ଡରୁ ପାଣି ନିଷ୍କାସନ ହେବ ସେନେଇ ତୁରନ୍ତ ପଦକ୍ଷେପ ନେବାପାଇଁ ବିଡିଓ ଉପସ୍ଥିତ ଯାନ୍ତ୍ରିକ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

# ଶ୍ରେଷ୍ଠ ଓଡ଼ିଆଣୀ ସୁଶୀଳା ରଥଙ୍କୁ ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର,୧୨।୭(ଶର୍ମିଷ୍ଠା ପାଣିଗ୍ରାହୀ)

ସଂଭାବନାର ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ୨୦୦୮ର ଶ୍ରେଷ୍ଠ ଓଡ଼ିଆଣୀ ମୁକୁଟ ପିନ୍ଧିଥିବା ସୁଶୀଳା ରଥଙ୍କ ପରଲୋକ ହୋଇଯାଇଛି। ତାଙ୍କ ସ୍ମୃତିରେ ଅନୁଷ୍ଠାନ ପକ୍ଷରୁ ବୁଧବାର ଶ୍ରଦ୍ଧାଞ୍ଜଳି ସଭା 'ସୁଶୀଳା ସ୍ମରଣେ' ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଥିଲା। ଅଧକ୍ଷ ଶରତ ଚନ୍ଦ୍ର ଭଦ୍ର ଏଥିସହ ଅଧକ୍ଷତା କରିଥିଲେ। ସମ୍ପାଦକ ଦେବ ପ୍ରସାଦ ପରିଜା ଓ ତ୍ରୃଷ୍ଟି ସ୍ମୃତି ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସନ୍ଧ୍ୟାରେ ବିଭିନ୍ନ ବର୍ଷର ଶ୍ରେଷ୍ଠ ଓଡ଼ିଆଣୀ ବାସନ୍ତୀ ପଟ୍ଟନାୟକ, ଡ.ସୁଜାତା ମହାନ୍ତି, ନିବେଦିତା ମଲ୍ଲିକ, ବିଜୟଲକ୍ଷ୍ମୀ ସା, ଲୋରିସ୍ମା ବିଶ୍ୱାଳ, ସ୍ୱୟଂପ୍ରଭା ସାହୁ, ସୌଦାମିନୀ ସାମଲ, ମଧୁସ୍ମିତା ଦାସ, ଚନ୍ଦ୍ରପ୍ରଭା ଦାସ, ରଶ୍ମି ସାହୁ, ବେବିରାଣୀ ଦାସ ଓ ସୌଭାଗ୍ୟଲକ୍ଷ୍ମୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଆଣୀ ସମିତିର ସଂପାଦିକା ଅରୁନ୍ଧତୀ ମିଶ୍ର, ରେଖା ସାହୁ, ଜ୍ୟୋସ୍ନାମୟୀ ସେନାପତି, ପଦ୍ମାଳୟା ଶତପଥୀ, ମଧୁସ୍ମିତା ପଟ୍ଟନାୟକ, ସୌଦାମିନୀ ମହାନ୍ତି, ବିଜୟଲକ୍ଷ୍ମୀ ପତି, ପାର୍ବତୀ ମହାନ୍ତି ପ୍ରମୁଖ ଶୁଶୀଳାଙ୍କ ସ୍ମୃତି ଚାରଣ କରିବା ସହ ଭକ୍ତି ସଂଗୀତ ପରିବେଷଣ କରିଥିଲେ।

# ବାଲିପାଟଣାରେ ହେଟା ବାଘ ଆତଙ୍କ



ବାଲିପାଟଣା,୧୨।୭(ଅଭିମନ୍ୟୁ ନାୟକ)

ବାଲିପାଟଣା ବନ ଉପଖଣ୍ଡ ଅଧୀନରେ ଥିବା ଭଂଅରା ସଂରକ୍ଷିତ ଜଙ୍ଗଲରେ କାହିଁ କେବେଠାରୁ ହେଟା ରହି ଆସୁଛନ୍ତି। କାଳକ୍ରମେ ଜଙ୍ଗଲ କ୍ଷୟ ହେଉଥିବାରୁ ଖାଦ୍ୟ ଅଭାବ ହେଉଛି। ଖାଦ୍ୟ ପାଇଁ ସେମାନେ ବାହାରକୁ ଖାଦ୍ୟ ଅନ୍ୱେଷଣରେ ଆସି ଆଖପାଖ ଗ୍ରାମ ନିକଟ ବଣ ବୁଦାରେ ରହି ଶିକାର କରୁଛନ୍ତି। ଗ୍ରାମଲୋକ ବାଘ ଭାବି ଆତଙ୍କିତ ହେଉଛନ୍ତି। ବୁଧବାର ଫୁବାଗଡ଼ ଗାଁ ନିକଟ ବୁଦା ଅଞ୍ଚଳରେ ବିଲରେ ଖାଦ୍ୟ ପାଇଁ ଏକ ହେଟା ବାଘ ଆସିଥିବା ସ୍ଥାନୀୟ ଲୋକେ ଦେଖି ଜଙ୍ଗଲ ବିଭାଗକୁ ଖବର ଦେଇଥିଲେ। ଏ ସଂକ୍ରାନ୍ତରେ ରେଞ୍ଜର ମାନସ ରଞ୍ଜନ ମହାନ୍ତି କୁହନ୍ତି, ଏ ଅଞ୍ଚଳରେ ବାଘ ନାହାନ୍ତି । ଗଧିଆ ଭଉଁରା ଜଙ୍ଗଲରୁ ଚରା କରିବାକୁ ଆସନ୍ତି, ଆତଙ୍କିତ ହେବାର ନାହିଁ। ସେମାନେ ମଣିଷଙ୍କର କିଛି କ୍ଷତି କରନ୍ତି ନାହିଁ।

# କୁଆଖାଇରୁ ନିଖୋଜ ୨ ଛାତ୍ରଙ୍କ ମୃତଦେହ ଜବତ

ବାଲିଅନ୍ତା,୧୨।୭(ନୀଳମାଧବ ସାହୁ)

ବାଲିଅନ୍ତା ଥାନା ବଇଁଚୁଆ ପଞ୍ଚାୟତ ଅଧୀନ ଧବଳାହାର ଗ୍ରାମ ସମ୍ମୁଖ କୁଆଖାଇ ନଦୀରେ ମଙ୍ଗଳବାର ଅପରାହ୍ନରେ ବୁଡ଼ି ନିଖୋଜ ଥିବା ୨ ଛାତ୍ରଙ୍କ ମୃତଦେହ ବୁଧବାର ସକାଳେ ଜବତ ହୋଇଛି। ସେମାନେ ହେଲେ କଟକ ସଦର ଥାନା ବାଲିକୁଦାର ପ୍ରତୀକ ଧଳସାମନ୍ତ(୨୨) ଓ ବାଲେଶ୍ୱର ଖନ୍ତାପଡ଼ା ଥାନା ଅଞ୍ଚଳର ରୋହିତ ପରିଡ଼ା(୨୨)। ବାଲିଅନ୍ତା ପୋଲିସ ୨ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା।

ସୂଚନା ମୁତାବକ, ମଙ୍ଗଳବାର ୪ ଜଣ ଏମ୍‌ବିଏ ଛାତ୍ରୀ କୁଆଖାଇ ନଦୀରେ ଗାଧୋଇବାବେଳେ ବୁଡ଼ିଯାଇଥିଲେ। ସେମାନଙ୍କ ମଧ୍ୟରୁ ୨ ଛାତ୍ରଙ୍କ ମୃତଦେହ ସ୍ଥାନୀୟ ଲୋକ ଓ ଅଗ୍ନିଶମ କର୍ମଚାରୀ ଜବତ କରିଥିବାବେଳେ ୨ ଛାତ୍ର ନିଖୋଜ ଥିଲେ। ଅଗ୍ନିଶମ କର୍ମଚାରୀ ସେମାନଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ଛାତ୍ରଦ୍ୱୟଙ୍କୁ ଠାବ କରିପାରି ନ ଥିଲେ। ବୁଧବାର ସକାଳେ କଟକ ଓ ଭୁବନେଶ୍ୱରରୁ ଆସିଥିବା ଓଡ୍ରାଫ୍‌ର ଏକ ସ୍ୱତନ୍ତ୍ର ଟିମ୍ ଓ ୨ ଅଗ୍ନିଶମ କର୍ମଚାରୀ ମିଳିତ ଭାବେ ଉଦ୍ଧାର କାର୍ଯ୍ୟ କରିଥିଲେ। ଓଡ୍ରାଫର ୨ଜଣ ପାଣି ବୁଡ଼ାଳି ପାଖାପାଖି ୧୫ ଫୁଟ ଗଭୀରରେ ଥିବା ୨ ନିଖୋଜ ଛାତ୍ରଙ୍କ ମୃତଦେହ ଜବତ କରିଥିଲେ। ୨୦ ମିନିଟ୍ ଭିତରେ ଏହି ୨ ଛାତ୍ରଙ୍କ ମୃତଦେହକୁ ଉଦ୍ଧାରକାରୀ ଟିମ୍ ଠାବ କରି ଉପରକୁ ଆଣିବାରେ ସକ୍ଷମ ହୋଇଥିଲେ। ବୁଧବାର ୪ ଛାତ୍ରଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ କହିଛି। ଏନେଇ ବାଲିଅନ୍ତା ଥାନାରେ ୨୨/୨୩,୨୩/୨୩, ୨୪/୨୩, ୨୫/୨୩ ୪ଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ଚାଲିଥିବା ଥାନା ଅଧିକାରୀ କହିଛନ୍ତି।

# ଏଟିଏମ୍ କାଟି ଟଙ୍କା ଚୋରି ଉଦ୍ୟମ

ଭୁବନେଶ୍ୱର,୧୨।୭ (ସୂର୍ଯ୍ୟକାନ୍ତ ବେହେରା)

**ବ୍ୟାଟେରି ନେଇ ପଳାଇଲେ ଦୁର୍ବୃତ୍ତ**

ଇନ୍‌ଫୋସିଟି ଥାନା ଅନ୍ତର୍ଗତ ନନ୍ଦନବିହାର ଛକରେ ଥିବା ଏକ ଘରୋଇ ବ୍ୟାଙ୍କ୍‌ର ଏଟିଏମ୍‌କୁ କିଛି ଦୁର୍ବୃତ୍ତ କାଟିଦେଇଛନ୍ତି। ହେଲେ ଟଙ୍କା ନେବାରେ ବିଫଳ ହୋଇଥିଲେ ମଧ୍ୟ ଏଟିଏମ୍‌ର ଦୁଇଟି ବ୍ୟାଟେରିକୁ ଧରି ଚମ୍ପଟ ମାରିଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଦୁର୍ବୃତ୍ତମାନେ ଏଟିଏମ୍‌କୁ କାଟୁଥିବାବେଳେ ସ୍ଥାନୀୟ ଅଞ୍ଚଳରେ ରହୁଥିବା ଜଣେ ବ୍ୟକ୍ତି ଶବ୍ଦ ଶୁଣି ପିସିଆରକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିବା ଦେଖି ଦୁର୍ବୃତ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ। ତେବେ ବୁଧବାର ଉକ୍ତ ଏଟିଏମ୍ ନିକଟରୁ ପୋଲିସ ଦୁଇଟି ଆରି ବ୍ଲେଡ୍ କଟରକୁ ଜବତ କରିଛି। ସିସିଟିଭି ଫୁଟେଜରେ ଘଟଣା ସମୟର ଚିତ୍ର ରହିଛି। ଦୁର୍ବୃତ୍ତମାନେ ଟଙ୍କା ନେଇ ନ ପାରି ମେଶିନ ପଛରେ ଲାଗିଥିବା ଦୁଇଟି ବ୍ୟାଟେରିକୁ ଭାଙ୍ଗି ନେଇଯାଇଥିବା ଦେଖିବାକୁ ମିଳିଛି। ସିସିଟିଭି ଫୁଟେଜକୁ ଆଧାରକରି ଦୁର୍ବୃତ୍ତଙ୍କୁ ଚିହ୍ନଟ କରିବା ପାଇଁ ଚେଷ୍ଟା ଚାଲିଥିବା ଥାନା ପକ୍ଷରୁ କୁହାଯାଇଛି।

# କଳିଙ୍ଗ କ୍ରୀଡ଼ା ଓ ବିକାଶ ପରିଷଦ ପକ୍ଷରୁ ରକ୍ତଦାନ ଶିବିର




ଭୁବନେଶ୍ୱର,୧୨।୭(ଶର୍ମିଷ୍ଠା ପାଣିଗ୍ରାହୀ)

ନୂଆପଲ୍ଲୀ କଳିଙ୍ଗ କ୍ରୀଡ଼ା ଓ ବିକାଶ ପରିଷଦ ପକ୍ଷରୁ ବୁଧବାର ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ପରିଷଦ ପକ୍ଷରୁ ପ୍ରାୟ ୮୦ରୁ ୧୦୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଅତିଥି ଭାବେ ମେୟର ସୁଲୋଚନା ଦାସ, ଭୁବନେଶ୍ୱର ପର୍ଯ୍ୟବେକ୍ଷକ ଶ୍ରୀମୟୀ ମିଶ୍ର, ଓଡ଼ିଶା ମୋ ପରିବାର ସଭାପତି ରୁଦ୍ର ସାମନ୍ତରାୟ, ଛାତ୍ର ମହାସଚିବ ଇପ୍‌ସିତା ସାହୁ, ସ୍ଥାନୀୟ କର୍ପୋରେଟର ବନ୍ଦିତାପାଲ୍, ସମାଜସେବୀ ଅର୍ଜ୍ଜୁନ ବେହେରା ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶ୍ୱିନୀ ଦେବତା, ଆର୍ କେ ମହାନ୍ତି, ରଞ୍ଜିତ ସାହୁ, ବାଙ୍କନିଧି ସାମଲ, ଚିନ୍ମୟୀ ଦାସ, କାହ୍ନୁଚରଣ ମହାକୁଡ଼, ମନୋରଞ୍ଜନ ବେହେରା, ଚିତ୍ରସେନା ବେହେରା, ପ୍ରଭୁଦତ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ପରିଷଦ ଉପସଭାପତି ନିହାର ମହାପାତ୍ରଙ୍କ ଜନ୍ମଦିନ ଅବସରରେ ଏହି ଶିବିରର ଆୟୋଜନ କରାଯାଇଥିଲା।

# ନେତ୍ରୀଙ୍କ ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ

ଭୁବନେଶ୍ୱର,୧୨।୭ (ସୂର୍ଯ୍ୟକାନ୍ତ ବେହେରା)

**ଥାନାର ଦ୍ୱାରସ୍ଥ ହେଲେ ବୋହୂ**

ଭୁବନେଶ୍ୱରର ଜଣେ ନେତ୍ରୀଙ୍କ ବିରୋଧରେ ତାଙ୍କ ବୋହୂ ଯୌତୁକ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଏନେଇ ବୋହୂ ଜଣକ ବୁଧବାର ଇନ୍‌ଫୋସିଟି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏହାର ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ନିର୍ବନ୍ଧ ଦିନଠାରୁ ତାଙ୍କ ଶାଶୁ ୫୦ ଲକ୍ଷ ଟଙ୍କା ଯୌତୁକ ଦାବି କରିଆସୁଥିଲେ। ଏପରିକି ସ୍ୱାମୀଙ୍କ ଚାକିରି ଛଡାଇନେବା ସହ ମହିଳା ଓ ତାଙ୍କ କୁନି ପିଲାକୁ ଜୀବନରୁ ମାରିଦେବେ ବୋଲି ଧମକ ଦେଇଆସୁଛନ୍ତି। ଅଭିଯୋଗ ପରେ ନ୍ୟାୟ ପାଇବା ଆଶାରେ ସେ ବୁଧବାର ରାତିରେ ଥାନା ବାରଣ୍ଡାରେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଅଧିକାରୀଙ୍କୁ ଅପେକ୍ଷା କରି ବସିଥିବା ଦେଖିବାକୁ ମିଳିଥିଲା। ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଆତ୍ମାହୁତି ଦେବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ନେତ୍ରୀଜଣକ ପୁଅ ନାମରେ ମଧ୍ୟ ନିର୍ଯାତନା ଅଭିଯୋଗ ଆଣିଛନ୍ତି।

# ନବଜାତକକୁ ରାସ୍ତାପାର୍ଶ୍ୱରେ ଛାଡ଼ି ପଳାଇଲେ ମା'

ଭୁବନେଶ୍ୱର,୧୧।୭(ସତ୍ୟଜିତ୍ ରାଉତ)

**ରାଜଧାନୀରେ ନବଜାତ ଶିଶୁପୁତ୍ର ଉଦ୍ଧାର**

- ଥାନାରେ ଏତଲା ଦେଲା ଚାଇଲ୍ଡଲାଇନ୍
- କଠୋର କାର୍ଯ୍ୟାନୁଷ୍ଠାନ ଦାବି, ବିଭିନ୍ନ ମହଲରେ ଉଦ୍‌ବେଗ

ରାଜଧାନୀରେ ବୁଧବାର ଏକ ସମ୍ବେଦଶୀଳ ଘଟଣା ଘଟିଛି। ଜଣେ ଶିଶୁପୁତ୍ରଙ୍କୁ ଜନ୍ମ ପରେ ମା' ନିର୍ଦ୍ଦୟତାର ସୀମା ଲଂଘି ଆଚାର୍ଯ୍ୟ ବିହାର ଛକ ନିକଟ ରାସ୍ତା କଡ଼ରେ ଛାଡ଼ି ପଳାଇଛନ୍ତି। ସ୍ଥାନୀୟ ଆଖଣ୍ଡଳମଣୀ ବସ୍ତିର ରିତାଞ୍ଜଳୀ ମହାନ୍ତି ନାମ୍ନୀ ମହିଳା ଉକ୍ତ ଶିଶୁପୁତ୍ରଙ୍କୁ ସେଠାରୁ ନେଇ ନିଜ ପାଖରେ ରଖିଥିବାବେଳେ ଶହୀଦନଗର ଥାନା ପୋଲିସ ତାଙ୍କଠାରୁ ନିଜ ହେପାଜତକୁ ନେଇଥିଲା। ପରବର୍ତ୍ତୀ ସମୟରେ ଭୁବନେଶ୍ୱର ଚାଇଲ୍ଡଲାଇନ୍ ଉକ୍ତ ଶିଶୁପୁତ୍ରଙ୍କୁ ନେଇ ଅତିରିକ୍ତ ସିଡବ୍ଲୁସିଙ୍କ ପାଖରେ ହାଜର କରିଥିଲା। ପରେ ଅଧିକ ଚିକିତ୍ସା ପାଇଁ ଶିଶୁପୁତ୍ରଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶିଶୁପୁତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଚାଇଲ୍ଡଲାଇନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

ସୂଚନାନୁଯାୟୀ, ଦିନ ପ୍ରାୟ ୧ଟାରେ ଶିଶୁପୁତ୍ରଙ୍କୁ ତାଙ୍କ ମା' ଏକ ଅଟୋରେ ଆଣି ଆଚାର୍ଯ୍ୟବିହାର ଛକ ନିକଟ ରାସ୍ତା କଡ଼ରେ ଛାଡ଼ି ଚାଲିଯାଇଥିଲେ। ଏହାର କିଛି ସମୟ ପରେ ରିତାଞ୍ଜଳୀ ସେଠାକୁ ଆସି ଶିଶୁପୁତ୍ରଙ୍କୁ ନେଇଯାଇଥିଲେ। ଏନେଇ ସ୍ଥାନୀୟ ଲୋକ ଦେଖି ଚାଇଲ୍ଡଲାଇନ୍ ଓ ପୋଲିସକୁ ଖବର ଦେଇଥିଲେ। ଚାଇଲ୍ଡଲାଇନ୍ ଟିମ୍ ସେଠାକୁ ଆସି ଯାଞ୍ଚ କରିବା ସହ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଥିଲା। ଅନ୍ୟପକ୍ଷରେ ରିତାଞ୍ଜଳୀ ଉକ୍ତ ଶିଶୁପୁତ୍ରଙ୍କୁ କ୍ୟାପିଟାଲ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା କରି ନିଜ ଘରକୁ ନେଇଯାଇଥିଲେ। ପରେ ପୋଲିସ ଟିମ୍ ରିତାଞ୍ଜଳୀଙ୍କ ପାଖକୁ ଯାଇ ଶିଶୁପୁତ୍ରଙ୍କୁ ଉଦ୍ଧାର କରି ଚାଇଲ୍ଡଲାଇନ୍‌କୁ ଖବର ଦେଇଥିଲେ। ଏଭଳି ଘଟଣାକୁ ନେଇ ଚାଇଲ୍ଡଲାଇନ ପକ୍ଷରୁ ଶହୀଦନଗର ଥାନାରେ ଏତଲା ଦିଆଯାଇଛି। ଏପରିକି ଶିଶୁପୁତ୍ରଙ୍କୁ ଜନ୍ମ ଦେଇଥିବା ମା'ଙ୍କ ନାଁରେ ହତ୍ୟା ଉଦ୍ୟମ ଭଳି ଦଫା ଲଗାଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରାଯାଇଛି। ତେବେ ପୋଲିସ ଏହି ଏତଲାକୁ ଭିତ୍ତି କରି ଅଧିକ ତଦନ୍ତ ଜାରି ରଖିଛି।



ଶିଶୁପୁତ୍ରକୁ ଉଦ୍ଧାର କରିଥିବା ଆଖଣ୍ଡଳମଣୀ ବସ୍ତିର ରିତାଞ୍ଜଳୀ ମହାନ୍ତି।

## ସଂକ୍ଷେପରେ

### ଜିଲାସ୍ତରରେ ଇନ୍ସପେକ୍ଟରଙ୍କ ବଦଳି

**ଖୋର୍ଦ୍ଧା,୧୨।୭(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ଜିଲା ପୋଲିସ ଇନ୍ସପେକ୍ଟର ସ୍ତରରେ ବୁଧବାର ଛୋଟ ଧରଣର ଅଦଳବଦଳ ହୋଇଛି। ନିକଟରେ ଜିଲା ପୋଲିସର ୧୦ଜଣ ଇନ୍ସପେକ୍ଟରଙ୍କ ବଦଳି ହୋଇଥିବାରୁ ବିଭିନ୍ନ ଥାନା ଖାଲିପଡିଥିଲା। ଏହି ପରିପ୍ରେକ୍ଷୀରେ ବୁଧବାର ଜିଲା ପୋଲିସ ମୁଖ୍ୟାଳୟରେ ଯୋଗଦେଇଥିବା ନୂତନ ଇନ୍ସପେକ୍ଟରମାନଙ୍କୁ ବିଭିନ୍ନ ଥାନା ଓ ଜିଲା ପୋଲିସ ମୁଖ୍ୟାଳୟର ବିଭିନ୍ନ ବିଭାଗରେ ଦାୟିତ୍ୱ ଦିଆଯାଇଛି। ଖୋର୍ଦ୍ଧା ଟାଉନ ଥାନା ଅତିରିକ୍ତ ଆଇଆଇସି କାହ୍ନୁଚରଣ ସ୍ୱାଇଁଙ୍କ ସଦର ଥାନା ଆଇଆଇସି ଭାବେ ବଦଳି ହୋଇଛି। ସେହିପରି ବାଣପୁର ଆଇଆଇସି ଜୟପ୍ରକାଶ ପରିଡ଼ାଙ୍କ ବାଲୁଗାଁ ଥାନା ଆଇଆଇସି, ଜିଲା ପୋଲିସ ମୁଖ୍ୟାଳୟ ଇନ୍ସପେକ୍ଟର ରମେଶ ଚନ୍ଦ୍ର ଦେବତାଙ୍କୁ ବାଣପୁର ଥାନା ଆଇଆଇସି, ଜିଲା ପୋଲିସ ମୁଖ୍ୟାଳୟ ଇନ୍ସପେକ୍ଟର ଜ୍ଞାନେନ୍ଦ୍ର କୁମାର ସାହୁଙ୍କୁ ଟାଉନ ଥାନା ଅତିରିକ୍ତ ଆଇଆଇସି ଏବଂ ଜିଲା ପୋଲିସ ମୁଖ୍ୟାଳୟ ଇନ୍ସପେକ୍ଟର ରବୀନ୍ଦ୍ର ନାଥ ସେଠିଙ୍କୁ ଜିଲା ପୋଲିସ ମୁଖ୍ୟାଳୟ ଏସ୍ଆର ସେକ୍ସନ ଇନଚାର୍ଜ ଭାବେକ ନିଯୁକ୍ତି ମିଳିଛି।

### ନନ୍ଦନକାନନ ପରିଦର୍ଶନ କଲା ହାଇ ଟେକ୍ନିକାଲ କମିଟି

**ବାରଙ୍ଗ,୧୨।୭(ଲିଙ୍ଗରାଜ ରାଉତ):** ନନ୍ଦନକାନନରେ ଥିବା ଜୀବଜନ୍ତୁଙ୍କ ସୁରକ୍ଷା, ଯତ୍ନ, ସେବା ଏବଂ ସ୍ୱାସ୍ଥ୍ୟ ସମ୍ପର୍କରେ ଅନୁଧ୍ୟାନ କରିବାକୁ ହାଇ ଟେକ୍ନିକାଲ କମିଟି ବୁଧବାର ପରିଦର୍ଶନରେ ଆସିଥିଲେ। ସେମାନେ ନନ୍ଦନକାନନର ବିଭିନ୍ନ ଏନ୍କ୍ଲୋଜରରେ ଥିବା ପଶୁପକ୍ଷୀଙ୍କୁ ଦେଖିବା ସହ ସ୍ୱାସ୍ଥ୍ୟାବସ୍ଥା ପରଖିଥିଲେ। ପ୍ରଫେସର ଡ. ଇନ୍ଦ୍ରମଣୀ ନାଥ, ପ୍ରଫେସର ଡ.ସୁଶେଣ ପଣ୍ଡା, ପ୍ରଫେସର ଡ. ନିରଞ୍ଜନ ସାହୁଙ୍କୁ ନେଇ ଗଠିତ ୧୫ଜଣିଆ ଟିମ୍ ପ୍ରାଣୀବିଭାଗ ଅଧିକାରୀଙ୍କ ସହ ଡାକବଙ୍ଗଳାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟତଃ ୨ମାସର ହାତୀଛୁଆ 'ଅଭି' ଓ ବୟସ୍କ ମାଈହାତୀ ବାସନ୍ତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ଆଲୋଚନା କରାଯାଇଥିଲା। ଏହି ଦୁଇ ହାତୀଙ୍କ ଯତ୍ନ ସେବା ଓ ସ୍ୱାସ୍ଥ୍ୟ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ କମିଟି ପରାମର୍ଶ ଦେବା ସହିତ ଭାଲୁ, ବାରଶିଂଘା ଆଦି ରୋଗାକ୍ରାନ୍ତ ହୋଇ ଚିକିତ୍ସା ହେଉଥିବା ଜୀବଜନ୍ତୁଙ୍କ ଅତ୍ୟାଧୁନିକ ଚିକିତ୍ସା ନିମନ୍ତେ ପରାମର୍ଶ ଦେଇଥିଲେ। ଜୁନ୍ ୨୫ତାରିଖରେ କେନ୍ଦୁଝର ଅଞ୍ଚଳରୁ ଉଦ୍ଧାର ହୋଇ ଆସିଥିବା ୨ବର୍ଷର ହାତୀଛୁଆ 'ଅଭି'ର ଯତ୍ନ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକଙ୍କୁ ବିଭିନ୍ନ ପ୍ରଣାଳୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ଉପନିର୍ଦ୍ଦେଶକ ସନତ୍ ଏନ୍ଙ୍କ ସମେତ ନନ୍ଦନକାନନ ଡାକ୍ତର ଓ ପ୍ରାଣୀବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

### ଗାଡ଼ି ଧକ୍କାରେ ବାଇକ ଆରୋହୀ ମୃତ

**ଖୋର୍ଦ୍ଧା,୧୨।୭ (ପ୍ରଭାତ ପାଣିଗ୍ରାହୀ):** ସଦର ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର କେତକୀଝର ସମ୍ମୁଖରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ ଆରୋହୀଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ନୟାଗଡ ଜିଲ୍ଲା ଖଣ୍ଡପଡା ଥାନା ବଳଭଦ୍ରପୁର ଗ୍ରାମର ଆନନ୍ଦ ପ୍ରଧାନ। ଆନନ୍ଦ ଦଧିମାଛଗାଡିଆରୁ ବାଇକ ଯୋଗେ ଖୋର୍ଦ୍ଧା ଅଭିମୁଖେ ଆସୁଥିଲେ। କେତକୀଝର ସମ୍ମୁଖରେ ପଛପଟୁ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲ ନିଆଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ମାମଲା (ନଂ. ୧୯୬/୨୩) ରୁଜୁ ହୋଇଛି।

# ରାସ୍ତାରେ ଭାସୁଛି ଡ୍ରେନ ପାଣି



ଖୋର୍ଦ୍ଧା ଅଞ୍ଚଳର ଏକ ସାହିରେ ନାଳପାଣି ଜମିଛି।



ୱାର୍ଡ ନଂ.୩ର ଡ୍ରେନ୍ ପାଣି ରାସ୍ତାରେ ଭାସୁଛି।

**ଖୋର୍ଦ୍ଧା,୧୨।୭(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଡ୍ରେନ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାକୁ ଉଦ୍‌ବୃତ୍ତ ହୋଇଆସି ବର୍ଷା ଜଳରେ ମିଶୁଥିବାବେଳେ କୁଢ କୁଢ ଆବର୍ଜନା ଭାସୁଥିବା ଦେଖିବାକୁ ମିଳିଛି। ପୌର ପ୍ରଶାସନର ମୌସୁମୀ ପ୍ରାକ୍ ପ୍ରସ୍ତୁତି ପଦାରେ ପଡ଼ିଛି।

ୱାର୍ଡ ନଂ ୫ ଦଳିତ ସାହିର ସବୁଠାରୁ ଦୟନୀୟ ସ୍ଥିତି ରହିଛି। ଡ୍ରେନ ସଫା ନ ହେବା ଫଳରେ ଅପରିଷ୍କାର ପାଣି ରାସ୍ତା ଉପରେ ବୋହୁଛି। ଘରେ ଡ୍ରେନ ପାଣି ପଶିଛି। ଅଳିଆ, ଆବର୍ଜନା ନିଷ୍କାସନ ହୋଇ ନ ପାରି ପଚି ଦୁର୍ଗନ୍ଧ ହେଲାଣି। ଲୋକେ ଘରୁ ବାହାରି ପାରୁନାହାନ୍ତି। ଅପରିଷ୍କାର ପାଣିରେ ପଶି ଯାତାୟତ କରିବାକୁ ବାଧ ହେଉଛନ୍ତି। ମୁଖ୍ୟ ରାସ୍ତା ଠାରୁ ତଳେ ରହିଥିବାରୁ ଅସରାଏ ବର୍ଷା ହେଲେ ପାଣି ଜମୁଛି। ଅଗ୍ନିଶମ କାର୍ଯ୍ୟାଳୟ ପାର୍ଶ୍ୱରୁ ଏହି ଅଞ୍ଚଳକୁ ସଂଯୋଗ କରୁଥିବା ସାହି ଡ୍ରେନ ଦୀର୍ଘ ଦିନ ହେଲା ସଫା କରାଯାଇନାହିଁ। ଅପରିଷ୍କାର ପାଣିରେ ମଶା ବଂଶ ବୃଦ୍ଧି ଯୋଗୁ ଅନେକ ଜ୍ୱରରେ ପୀଡିତ ହୋଇଥିବା ସୂଚନା ମିଳିଛି। ସାହି ବାସିନ୍ଦା କହିଛନ୍ତି, ପୌର ପ୍ରଶାସନ ନିକଟରେ ବାରମ୍ବାର ଗୁହାରି ଜଣାଇବା ସ୍ଥାୟୀ ପ୍ରତିକାର କରାଯାଉନାହିଁ। ଆମେ ପୌରାଂଚଳ ବାସିନ୍ଦା। ଆମଠାରୁ ଟିକସ ନେଉଛନ୍ତି। ପୌର ପ୍ରଶାସନ ମୌଳିକ ସୁବିଧା ଯୋଗାଇବାରେ ବିଫଳ ହୋଇଛି। ଅନ୍ୟପକ୍ଷରେ ଖୋର୍ଦ୍ଧାରେ ଏହା କେବଳ ଗୋଟିଏ ଚିତ୍ର ନୁହଁ। ଏଭଳି ଅନେକ ସାହି ଗଳିକନ୍ଦିର ସମାନ ଦୃଶ୍ୟ ରହିଛି। ଦୀପ ତଳ ଅନ୍ଧାର ଭଳି ପୌର କାର୍ଯ୍ୟାଳୟ ନିକଟ ସ୍କୁଲ ଆଗରେ ଡ୍ରେନ ଭାଙ୍ଗି ମାଟିରେ ମିଶି ଯାଇଥିବାବେଳେ ବାସେଳି ସାହି ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱ ଡ୍ରେନ ପାଣି ରାସ୍ତା ଉପରେ ଭାସୁଛି। ଲୋକେ ଡ୍ରେନ ପାଣି ଦେଇ ଯାତାୟତ କରୁଛନ୍ତି। ସହର ସାରା ଡ୍ରେନପାଣିରେ ରାସ୍ତା ଏବେ ଉବୁଟୁବୁ ହେଉଛି। ମୌସମୀ ଆସିବା ପୂର୍ବରୁ ପୌର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ସ୍ଥାନୀୟ ବାସିନ୍ଦା ଏବଂ ସାଧାରଣ

- ୫ନଂ. ୱାର୍ଡ ସ୍ଥିତି ସାଂଘାତିକ, ଜ୍ୱର ବ୍ୟାପିଲାଣି
- ସଫା କଲେନି, ଦୁର୍ଦ୍ଦଶା ଭୋଗୁଛନ୍ତି ସହରବାସୀ

ଜନତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗୋପିନାଥ ସାହି, ଉପରସାହି, ରାଧାବଲ୍ଲଭ ସାହି ଓ ବରୁଣେଇ ସାହିରୁ ନିଷ୍କାସନ ହେଉଥିବା ନାଳ ପୁରୁଣା ଦମକଳ ଛକ ନାଳରେ ମିଶୁଛି। ସେହିଭଳି ସାମନ୍ତରାପୁର ଛକଠାରୁ ଉପରସାହି, ଖ୍ରୀଷ୍ଟିଆନ ସାହି, ବାସେଳି ସାହି, ମାଛ ମାର୍କେଟ, ଉପଜିଲାପାଳଙ୍କ ବାସଭାବନ ପଛପଟ ପ୍ରଭୃତି ସାହିର ନାଳ ପୁରୁଣା ଦମକଳ ଛକ ନାଳକୁ ସଂଯୋଗ କରୁଛି। ସେଠାରୁ ଗୋଡି ପୋଖରୀ ଛକ ପରେ ନାଳ ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଅନ୍ୟପଟେ ଏହି ନାଳରେ ଘରୋଇ ବର୍ଜ୍ୟବସ୍ତୁ, ପ୍ଲାଷ୍ଟିକ, ପଲିଥିନ ପ୍ରଭୃତି ପଡି ନାଳରେ ଜମା ହୋଇରହୁଛି। ଏହାକୁ ସଫା କରାଯାଉନାହିଁ। ନାଳପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଭାସୁଛି। ସେହିଭଳି ଟ୍ରାଫିକ ଛକଠାରୁ ମାରୱାଡି ପଟି ଗୋଟିଏ ପାର୍ଶ୍ୱ ରାସ୍ତା ଡ୍ରେନ ଅବରୋଧ କାରଣରୁ ଦୀର୍ଘ ବର୍ଷ ହେଲା ସଫା କରାଯାଇନାହିଁ। ଫଳରେ ବର୍ଷାରେ ପାଣି ଜମି ଲହଡି ମାରୁଛି। ନୂଆ ବସଷ୍ଟାଣ୍ଡ ମାର୍କେଟ କମ୍ପ୍ଲେକ୍ସ ଠାରୁ କୋର୍ଟ ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱ ରାସ୍ତା ଡ୍ରେନ ସଫା ହୋଇ ନ ଥିବା ବେଳେ ରାସ୍ତା ଠାରୁ ଡ୍ରେନ ଉଚ୍ଚାରେ ରହିଛି। ବର୍ଷା ପାଣି ନିଷ୍କାସନ କୌଣସି ବ୍ୟବସ୍ଥା ନାହିଁ। ବର୍ଷାରେ ନୂଆବସଷ୍ଟାଣ୍ଡ ରୋଡ ବିଭିନ୍ନ ସ୍ଥାନରେ ପାଣି ଜମୁଛି।

୫ନଂ. ୱାର୍ଡ କାଉନସିଲର ଅମୀୟ ମହାନ୍ତି କହିଛନ୍ତି, ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ପୌର ବୈଠକ, ବର୍ଷା ପ୍ରାକ୍ ପ୍ରସ୍ତୁତି ବୈଠକରେ ବାରମ୍ବାର କହିବା ସତ୍ତ୍ୱେ ଏଥିପ୍ରତି ଗୁରୁତ୍ୱ ଦିଆଯାଇନାହିଁ। ସାମାଜିକ କର୍ମୀ ବସନ୍ତ ଦାସ କହିଛନ୍ତି, ଭାଙ୍ଗିରୁଜି ଯାଇଥିବା ନାଳ ମରାମତି ଏବଂ ପୋତି ହୋଇ ରହିଥିବା ନାଳକୁ ସଫା କରାଯାଇନାହିଁ। ଗତବର୍ଷ ଭଳି ଏବର୍ଷ ସମାନ ଅବସ୍ଥା। ଡ୍ରେନ ସଫା କଲେନାହିଁ, ସହରବାସୀ ଦୁର୍ଦ୍ଦଶା ଭୋଗୁଛନ୍ତି। ଯୁବ ସାମାଜିକ କର୍ମୀ ଆଦିତ୍ୟ ମହାରଣା କହିଛନ୍ତି, ଦୀର୍ଘ ବର୍ଷ ଧରି ଏହି ସମସ୍ୟା ଲାଗି ରହିଛି। କେବଳ ବର୍ଷାଦିନ ଆସିଲେ ଲୋକେ ଦେଖାଣିଆ ଭାବେ ନାଳସଫା କରି ଛାଡି ଦିଆଯାଉଛି। ଅନ୍ୟ ଦିନେ ସମସ୍ୟା ଲାଗିରହୁଛି। ସାମାଜିକ କର୍ମୀ ଆଶିଷ ବୁଧିରେନ୍ଦ୍ର କହିଛନ୍ତି, ପରିମଳ ସୁଧାରିବା ଲାଗି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ତେବେ ସବୁ କିଛି ସରକାରୀ କାଗଜକଲମରେ ଚାଲିଛି, କୌଣସି ପରିବର୍ତ୍ତନ ନାହିଁ। ପୌର ନିର୍ବାଚନ ପରେ ନବ ନିର୍ବାଚିତ ଜନପ୍ରତିନିଧି ଏଥିପ୍ରତି ଗୁରୁତ୍ୱ ଦେବା ପରିବର୍ତ୍ତେ ସଭାସମିତି ଏବଂ ବୈଠକରେ ବ୍ୟସ୍ତ ରହୁଛନ୍ତି। ଅନ୍ୟପକ୍ଷରେ ପୌର ନିର୍ବାହୀ ଅଧିକାରୀ ରିଜୱାନ ୱାକବ କହିଛନ୍ତି, ଡ୍ରେନ ସଫା ପାଇଁ ପଦକ୍ଷେପ ନିଆଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ୱାଟର ଲଗିଙ୍ଗ ରହିଥିବା ଡ୍ରେନ ସଫାକୁ ଗୁରୁତ୍ୱ ଦିଆଯାଉଛି, ଯେପରି ବର୍ଷା ଆସିଲେ ରାସ୍ତାରେ ପାଣି ଜମିବ ନାହିଁ। ପର୍ଯ୍ୟାୟ କ୍ରମେ ସମସ୍ତ ଡ୍ରେନ ସଫା କରାଯିବ।

## ଗଙ୍ଗାଧରଙ୍କ ପ୍ରତିଭା ବିଷୟରେ ଗୁଣଗାନ

**ବୋଲଗଡ,୧୨।୭(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ସାନପଦର ଗ୍ରାମରେ ଜନ୍ମଗ୍ରହଣ କରିଥିବା କୃଷକନେତା ତଥା ପୂର୍ବତନ ବିରୋଧୀଦଳ ନେତା, ପୂର୍ବତନ ବିଧାୟକ ସ୍ୱର୍ଗତ ଗଙ୍ଗାଧର ପାଇକରାୟଙ୍କ ୧୦୮ତମ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଜନ୍ମମାଟିରେ ଶିକ୍ଷକ ଶ୍ରୀକାନ୍ତ କୁମାର ନାୟକଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ସାନପଦର ସାରସ୍ୱତ ପାଠାଗାର ପକ୍ଷରୁ ଗ୍ରାମରେ ଚାରା ବଣ୍ଟନ କରାଯିବା ସହ ରୋପଣ କରାଯାଇଥିଲା। ଏହା ପରେ ସାଧାରଣ ସଭା ହୋଇଥିଲା। ସଭାରେ ଅତିଥି ଭାବେ ସାମାଜିକ କର୍ମୀ ଅଜୟ କୁମାର ମଙ୍ଗରାଜ, ସାନପଦର ସରପଞ୍ଚ ବୈକୁଣ୍ଠଚରଣ ସ୍ୱାଇଁ, ସମିତିସଭ୍ୟ ଦିଲୀପ ମହାପାତ୍ର, ପୂର୍ବତନ ସରପଞ୍ଚ ବିଜୟ ଗୁମାନସିଂ, ରଘୁନାଥ ସାହୁ, ଗ୍ରାମ ସଭାପତି ସୁରେଶ ଚନ୍ଦ୍ର ମହାପାତ୍ର, ସମ୍ପାଦକ ଅର୍ଜୁନ ପଟ୍ଟନାୟକ, ବସନ୍ତ ସେଠୀ, ନୃସିଂହଚରଣ ସ୍ୱାଇଁ, ମଧୁ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ଗଙ୍ଗାଧର ପାଇକରାୟଙ୍କ ପ୍ରତିଭା ବିଷୟରେ ଗୁଣଗାନ କରିଥିଲେ। ପୂର୍ବତନ ସରପଞ୍ଚ ବିଜୟ ସାହୁ ଧନ୍ୟବାଦ ଦେଇଥିଲେ। ରାସୋଳ, ବାୟାପଲ୍ଲୀ, କୃଷ୍ଣଶରଣପୁରର ଲୋକ ସାମିଲ ଥିଲେ। ବୋଲଗଡସ୍ଥିତ ସିପିଆଇ କାର୍ଯ୍ୟାଳୟରେ ମଧ୍ୟ ସିପିଆଇ ଜୋନ କମିଟି ପକ୍ଷରୁ ସ୍ୱର୍ଗତ ପାଇକରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶିକ୍ଷାବିତ ଦିବାକର ପରମଗୁରୁଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଏଥିରେ ଐତିହାସିକ ରବୀନ୍ଦ୍ର ପରିଡା, ବସନ୍ତମଞ୍ଜରୀ ପରମଗୁରୁ ସୁମନ୍ତ ଛୋଟରାୟ, ପ୍ରଫୁଲ୍ଲ ମହାପାତ୍ର, ବୈକୁଣ୍ଠ ମହାରଣା, ଦୁର୍ଯ୍ୟୋଧନ ସୁବୁଦ୍ଧି, ଅର୍ଜୁନ ମହାନ୍ତି, ଅର୍ଜୁନ ଚାନ୍ଦ, କନକଲତା ମହାପାତ୍ର ପ୍ରବୋଧ ପରମଗୁରୁ ଯୋଗଦେଇ ଏହି କୃଷକ ନେତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଶାଖା ସମ୍ପାଦକ ଧନୁର୍ଜୟ ନାୟକ ଧନ୍ୟବାଦ ଦେଇଥିଲେ।

# ରାସ୍ତାକୁ ଓହ୍ଲାଇଲା ଅଧ୍ୟାପକ କର୍ମଚାରୀ ସଂଘ




ନିଖିଳ ଓଡ଼ିଶା ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ୪ଦଫା ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଉଛି।

**ଖୋର୍ଦ୍ଧା,୧୨।୭ (ପ୍ରଭାତ ପାଣିଗ୍ରାହୀ)**

ନିଖିଳ ଓଡ଼ିଶା ୬୬୨ (+୨ ଓ ୩) ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଖୋର୍ଦ୍ଧା ଜିଲା ଆନକୂଲ୍ୟରେ ୪ଦଫା ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ଓ ପ୍ରତିବାଦ କରିଛନ୍ତି। ବୁଧବାର ପୂର୍ବାହ୍ନରେ ଗୀତାଭବନଠାରୁ ଶତାଧିକ କର୍ମକର୍ତ୍ତା ବିଶାଳ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଦର୍ଶାଯାଇଛି ଯେ, ସମାନ କାମକୁ ସମାନ ଦରମା, ଏହି ବର୍ଗର କର୍ମଚାରୀଙ୍କୁ ପେନସନ୍ ପରିସରଭୁକ୍ତ, ଗ୍ରେଡ ପେ ଆଧାରରେ ସମସ୍ତଙ୍କୁ ସପ୍ତମ ବେତନ ହାରରେ ଦରମା ଏବଂ ବାଦ୍ ପଡିଥିବା କର୍ମଚାରୀଙ୍କୁ ଅନୁଦାନ ଅନ୍ତର୍ଭୁକ୍ତ କରିବା ଲାଗି ଦାବି କରିଛନ୍ତି। ଉପରୋକ୍ତ ଦାବି ପୂରଣ ନେଇ ଗତ ୫ମାସ ହେଲାଣି ଭୁବନେଶ୍ୱର ଲୋୟର ପିଏମଜି ଠାରେ କର୍ମଚାରୀମାନେ ଅହୋରାତ୍ର ଧାରଣାରେ ବସିଛନ୍ତି। ତଥାପି ସରକାରଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନି।

### ପ୍ରତିଶ୍ରୁତି ଦେଇ ପ୍ରତାରଣା କରୁଛନ୍ତି ସରକାର

ସରକାରଙ୍କ ପ୍ରତିଶ୍ରୁତି ଓ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ପରୀକ୍ଷା ସୁପରିଚାଳନା, ମୂଲ୍ୟାୟନ କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ ସତ୍ତ୍ୱେ ସରକାର କୌଣସି ପଦକ୍ଷେପ ନେଲେ ନାହିଁ। ସରକାର ଏ ବର୍ଗର କର୍ମଚାରୀଙ୍କୁ ଗୋଟିଏ ବର୍ଷ ସମାନ ଗ୍ରେଡ୍ ଆଧାରରେ ସମାନ ଦରମା ପ୍ରଦାନ ପରେ ପୁଣି ଏହାକୁ ପରିବର୍ତ୍ତନ କରି ଏକ ବଡ଼ ଅସଙ୍ଗତି ସୃଷ୍ଟି କରିଛନ୍ତି ବୋଲି ସଂଘ ଅଭିଯୋଗ କରିଛି। ବାରମ୍ବାର ଏ ବିଷୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ସରକାର ଗୋଟିଏ ବି ଦାବି ପୂରଣ କଲେ ନାହିଁ। ଆନ୍ଦୋଳନ, ପ୍ରତିବାଦ ପରେ କେବଳ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରି ସରକାର ଚୁପ୍ ବସିଛନ୍ତି। ଇତିମଧ୍ୟରେ ଅନେକ କର୍ମଚାରୀ ବିନା ପେନସନ୍ ଓ ଅବସରକାଳୀନ ସୁବିଧା ନ ପାଇ ଅବସର ଗ୍ରହଣ କଲେଣି। ଜୁଲାଇ ୨୦ ତାରିଖ ମଧ୍ୟରେ ଦାବି ପୂରଣ ନ ହେଲେ ସମସ୍ତ କଲେଜରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ବୋଲି ଜିଲା ଆବାହକ ସତାପଉଦ୍ଦିନ ଅହମ୍ମଦ, ସଭାପତି ଡ. ତପନ କୁମାର ଜେନା, ଅକ୍ଷୟ ଶତପଥୀ, ପ୍ରଶାନ୍ତ ଦାସ, ରଞ୍ଜନ ପ୍ରଧାନ, ସୁଧିର ପଟ୍ଟନାୟକ, କଲ୍ୟାଣ ପଣ୍ଡା, ବିକାଶ ପାଇଁ, ସତ୍ୟପ୍ରିୟ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି ।

## କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ବାଣପୁର, ୧୨।୭ (ଶଙ୍କର ବସ୍ତି)**

ବାଣପୁର ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତିଙ୍କୁ ବୁଧବାର ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ନିକଟରେ ମହାନ୍ତିଙ୍କ ଅନୁଗୋଳ ଜିଲା ଆଠମଲ୍ଲିକ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି ହୋଇଥିଲା। ବେଙ୍ଗରାଜପଲ୍ଲି ଠାରେ ଏ ନେଇ ଏକ ବିଦାୟ କାଳୀନ ସଭାର ଆୟୋଜନ ଏନଏସି ପକ୍ଷରୁ କରାଯାଇଥିଲା। ଉକ୍ତ ସଭାରେ ଅଧକ୍ଷ ମିଟୁ ନାୟକ, ଉପାଧକ୍ଷା ପ୍ରାଚୀପ୍ରଭା ସ୍ୱାଇଁ, ବିଡିଓ ଶୀତଲ ଅଗ୍ରୱାଲ, ସମସ୍ତ କାଉନସିଲର ଏବଂ ଏନ୍ଏସି କର୍ମଚାରୀମାନେ ଉପସ୍ଥିତ ଥିଲେ। ଉପସ୍ଥିତ ଅଧିକାରୀମାନେ ମହାନ୍ତିଙ୍କ ସହ କାର୍ଯ୍ୟ କରିଥିବା ସୁଖଦ ସମୟକୁ ମନେ ପକାଇବା ସହ ତାଙ୍କ ପ୍ରଶଂସା କରିଥିଲେ। କରୋନା ପରବର୍ତ୍ତୀ ସମୟରେ ମହାନ୍ତି ନୂତନ ଭାବେ ବାଣପୁର ଏନଏସି ଦାୟିତ୍ୱ ନେଇଥିଲେ ଏବଂ ଦୀର୍ଘ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ଉକ୍ତ ଦାୟିତ୍ୱରେ ରହି ଏନ୍ଏସିରେ ବହୁ ଉନ୍ନତିମୂଳକ କାର୍ଯ୍ୟ କରିଥିବାର ଅଧକ୍ଷ ନାୟକ କହିଥିଲେ। ସମସ୍ତଙ୍କୁ ସାଥିରେ ନେଇ ଉନ୍ନୟନ କାର୍ଯ୍ୟ ଜାରି ରଖିବାର ଉଚ୍ଚ ମନୋବୃତ୍ତି ମହାନ୍ତିଙ୍କ ପାଖେ ଥିବା ସମସ୍ତ କର୍ମଚାରୀ ପରିପ୍ରକାଶ କରିଥିଲେ। ଶେଷରେ ତାଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇଥିଲା ।

## ଉଦ୍ୟାନ କୃଷି କର୍ମଶାଳାରେ ଚାଷୀଙ୍କ ଆୟକୁ ଗୁରୁତ୍ୱ




କର୍ମଶାଳାରେ ଉପସ୍ଥିତ ବିଧାୟକ ଓ ଅନ୍ୟ ଅତିଥି।

**ଖୋର୍ଦ୍ଧା,୧୨।୭(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଉଦ୍ୟାନ କୃଷି ପ୍ରଶିକ୍ଷଣ ବିଦ୍ୟାଳୟରେ ବୁଧବାର କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ଜିଲା ପରିଷଦ ଅଧକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ଅତିରିକ୍ତ ଜିଲାପାଳ ପ୍ରତାପ ବେହେରା, ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ଖୋର୍ଦ୍ଧା ବ୍ଲକ ଉପାଧକ୍ଷ ପ୍ରକାଶ ସମାନ୍ତରାୟ, ଆତ୍ମା ଅଧକ୍ଷ ରୁଦ୍ରଭାନୁ ନରେନ୍ଦ୍ରସିଂହ ପ୍ରମୁଖ ଯୋଗଦେଇଥିଲେ। ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶିକା ସ୍ମିତା ମହାନ୍ତି ଉଦ୍ୟାନ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସମସ୍ତ ଚାଷୀଙ୍କୁ ବୁଝାଇଥିଲେ । କୃଷିର ବିକାଶ ଉପରେ ସରକାର ପ୍ରାଧାନ୍ୟତା ଦେଉଛନ୍ତି। ଆନୁଷଙ୍ଗିକ ଉଦ୍ୟାନ କୃଷି କୃଷକର ଆୟ ଦୁଇଗୁଣ କରିବାରେ ସହାୟକ ହୋଇପାରିବ। କୃଷିର ଉନ୍ନତିରେ ସମଗ୍ର ଦେଶର ଉନ୍ନତି ବୋଲି ବିଧାୟକ ମିତ୍ର କହିଥିଲେ। ଅତିରିକ୍ତ ଜିଲାପାଳ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ତୃଣମୂଳସ୍ତରରେ ଯୋଜନା ଯେପରି ସମସ୍ତ ଚାଷୀଙ୍କ ପାଖରେ ପହଁଚିପାରିବ ତାହା ଉପରେ ଗୁରୁତ୍ୱ ଦେଇଥିଲେ । ପଞ୍ଚାୟତ ସ୍ତରରେ ଏହି କର୍ମଶାଳା ଆୟୋଜନ କରାଯିବ। ଯୋଜନାର ଲାଭ ଉଠାଇବା ପାଇଁ ଜିଲା ପରିଷଦ ଅଧକ୍ଷା ଗୁମାନସିଂ ଚାଷୀଙ୍କୁ କହିଥିଲେ। ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଅଜୟ କୁମାର ଦାସ ଯୋଗଦେଇ ଜୈବିକ ଚାଷ, ଏଫ୍ପିଓ, ନର୍ସରି ପରିଚାଳନା ଆଦି ମାଧ୍ୟମରେ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ଉପରେ ବକ୍ତବ୍ୟ ରଖିଥିଲେ । ଏଥିସହିତ ନୂତନ ରାଜ୍ୟ ଯୋଜନା ଅନ୍ତର୍ଗତ ଫୁଲ ଓ ଛତୁ ଚାଷରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶେଷରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଗାୟତ୍ରୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ଜିଲା ଶିକ୍ଷାଧିକାରୀ

**ବାଣପୁର, ୧୨।୭ (ଶଙ୍କର ବସ୍ତି)**

ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ, ଖୋର୍ଦ୍ଧା ଜିଲା ପରିଷଦ ଉପାଧକ୍ଷ ଗୋପୀନାଥ ମହାରଣା ଓ ବାଣପୁର ବ୍ଲକ ଶିକ୍ଷାଧିକାରୀ ସନାତନ ଜାଲି ବୁଧବାର ଚିଲିକା ଓ ବାଣପୁର ବ୍ଲକର ବିଭିନ୍ନ ୫-ଟି ସ୍କୁଲ ପରିଦର୍ଶନ କରିଛନ୍ତି। ଜିଲା ଶିକ୍ଷାଧିକାରୀ ତରାଇ ୨ଟି ବ୍ଲକର ୫-ଟି ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟ ଗସ୍ତ କରି ବିଦ୍ୟାଳୟରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା ସହ ଶିକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ଜିଲା ଶିକ୍ଷାଧିକାରୀ ଶିକ୍ଷକମାନଙ୍କର ଉପସ୍ଥାନ, ଛାତ୍ରୀଛାତ୍ରୀଙ୍କ ଉପସ୍ଥାନ ଓ ମଧ୍ୟାହ୍ନ ଭୋଜନର ମାନ ଆଦି ନିରୀକ୍ଷଣ କରିବା ସହ ୫-ଟି ମାଧ୍ୟମରେ ଉନ୍ନତମାନର ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ ଦେଇଥିଲେ। ଗମ୍ଭାରୀମୁଣ୍ଡାସ୍ଥିତ ସରକାରୀ ଆଦର୍ଶ ବିଦ୍ୟାଳୟ, ଆଲାଇଡିହ ୫-ଟି ସ୍କୁଲରେ ଇଂଲିଶ୍ ମାଧ୍ୟମ ଶିକ୍ଷାରେ ଛାତ୍ରୀଛାତ୍ରମାନେ କେଉଁ କେଉଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ନିର୍ମାଣାଧୀନ କୋଠା କାର୍ଯ୍ୟକୁ ଶୀଘ୍ର ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବାକୁ ଜିଲା ପରିଷଦ ଉପାଧକ୍ଷ ମହାରଣା ସ୍କୁଲ କର୍ତ୍ତୃପକ୍ଷଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ଗସ୍ତ ସମୟରେ ବ୍ଲକ ଶିକ୍ଷା ଅଧିକାରୀ ସନାତନ ଜାଲି ସମସ୍ତ ପ୍ରଧାନ ଶିକ୍ଷକମାନେ ଉପସ୍ଥିତ ରହି ଶିକ୍ଷା ବ୍ୟବସ୍ଥାର ଉନ୍ନତିକରଣ ନିମନ୍ତେ ଯଥାସାଧ୍ୟ ପ୍ରସ୍ତାବ ଉପରିସ୍ଥ ଅଧିକାରୀଙ୍କ ପାଖରେ ଉପସ୍ଥାପନ କରିଥିଲେ ।



ଜିଲା ଶିକ୍ଷା ଅଧିକାରୀ ଏବଂ ଅନ୍ୟମାନେ ଏକ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଆଗରେ ଧାରଣା

**କୃଷ୍ଣପ୍ରସାଦ,୧୨।୭ (କୈଳାସଚନ୍ଦ୍ର ପଟ୍ଟନାୟକ)**

ଜମିବାଡ଼ି ବିବାଦକୁ ନେଇ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମୁଣ୍ଡାବର ଗାଁର ଗୁଣମଣି ସାହୁଙ୍କୁ ଗତ ଜୁନ ୨୬ରେ ହତ୍ୟା କରାଯାଇଥିବା ନେଇ କୃଷ୍ଣପ୍ରସାଦ ଥାନାରେ ଅଭିଯୋଗ ହୋଇଥିଲା। ଏହି ହତ୍ୟା ଘଟଣାକୁ ୨ସପ୍ତାହ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତମାନଙ୍କ ଖୋଜଖବର ପୋଲିସ ପାଇପାରୁନି। ତେବେ ହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରିବା ଓ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଦାବିରେ ମୃତକ ଗୁଣମଣିଙ୍କ ପରିବାର ଲୋକ ଓ ଗ୍ରାମବାସୀ ବୁଧବାର କୃଷ୍ଣପ୍ରସାଦ ଥାନା ଆଗରେ ଦିନତମାମ ଧାରଣାରେ ବସିଥିଲେ। ଅପରାହ୍ନରେ ଖବରପାଇ ଥାନାଧିକାରୀ ଶରତ ଚନ୍ଦ୍ର ନାୟକ ଗୁଣମଣିଙ୍କ ପରିବାର ଲୋକଙ୍କ ନିକଟରେ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ସୂଚନା ଅନୁଯାୟୀ, ଏକ ଘରବାରିକୁ କେନ୍ଦ୍ର କରି କିଛିଦିନ ହେବ ମୁଣ୍ଡାବର ଗ୍ରାମର ଗୁଣମଣିଙ୍କ ସହ ଦାଦାଙ୍କ ପୁଅଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ଗତ ମାସ ୨୬ତାରିଖରେ ଗୁଣମଣି ନିଜ ଘର ବାଡ଼ିର ବାଡ଼ ପୋତିବା ବେଳେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ବଚସା ହୋଇଥିଲା। ତେବେ ସେଠାରେ ଗୁଣମଣିକୁ ମାଡ଼ ମାରିଥିଲେ। ରାତିରେ ଗୁଣମଣିକୁ ପରିବାର ଲୋକ ଖୋଜିଥିଲେ ମଧ୍ୟ ପାଇ ନ ଥିଲେ। ପରଦିନ ସକାଳୁ ଏକ ବରଗଛରେ ଗୁଣମଣିଙ୍କ ମୃତଦେହ ଝୁଲୁଥିବା ଜଣାପଡ଼ିଲା। ଗୋଡ଼ରୁ ରକ୍ତ ଝରୁଥିବା ବେଳେ ବାମ ଗୋଡ଼ରେ ଏକ ଧଳା ରଙ୍ଗରେ ୧ ଲେଖାଯାଇଥିଲା। ଯାହା ଆଉ ଜଣେ ତାଙ୍କ ଟାର୍ଗେଟରେ ଥିବା ଅନୁମାନ ହେଉଛି। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଇଥିଲେ। ଏ ନେଇ ଗୁଣମଣିଙ୍କ ପରିବାର ଲୋକେ ଥାନାରେ ଏକ ଲିଖିତ ହତ୍ୟା ଅଭିଯୋଗ କରିଥିଲେ। ପୋଲିସ ମାମଲ ରୁଜୁ କରି ତଦନ୍ତ ଚଳାଇଥିଲେ ମଧ୍ୟ ଏଯାଏଁ ଅଭିଯୁକ୍ତଙ୍କୁ ଧରିପାରି ନାହିଁ। ତେବେ ହତ୍ୟା ଘଟଣାକୁ ୨ସପ୍ତାହ ବିତିଯାଇଥିବା ବେଳେ ପୋଲିସ ଜାଣିଶୁଣି ତଦନ୍ତକୁ ଧିମେଇ ଦେଉଥିବା ପରିବାର ଲୋକେ ଦାବି କରି ବୁଧବାର ଥାନା ଆଗରେ ଧାରଣା ଦେଇଛନ୍ତି। ସେମାନଙ୍କ ଜିଦ୍ ଯେ, ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ ନ କରିବା ଯାଏଁ ଥାନା ସମ୍ମୁଖରୁ ହଟିବୁ ନାହିଁ। ଏ ନେଇ ଥାନା ଅଧିକାରୀ ନାୟକ କହିଛନ୍ତି, ମାମଲାର ତଦନ୍ତ ଚାଲିଥିବା ବେଳେ ଅଭିଯୁକ୍ତମାନେ ଫେରାର ଅଛନ୍ତି। ଅନ୍ୟପଟେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ତଦନ୍ତରେ ସାହାଯ୍ୟ ହେବ।

### ଜମି ବିବାଦକୁ ନେଇ ଯୁବକଙ୍କୁ ହତ୍ୟା ଘଟଣା



ଧାରଣାକାରୀଙ୍କୁ ପୋଲିସ ବୁଝାଶୁଝା କରୁଛି।

## ଆକ୍ରମଣ ଅଭିଯୋଗରେ ଅଭିଯୁକ୍ତ ଗିରଫ

**କଟକ ସଦର,(ସୁଶାନ୍ତ କୁମାର ଜେନା):** କିଶନ ନଗର ଥାନା ଅନ୍ତର୍ଗତ ବୋଦର ଗ୍ରାମର ଧନେଶ୍ୱର ସ୍ୱାଇଁ ନାମକ ବ୍ୟକ୍ତିଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ବୋଦର ଗ୍ରାମର ଦିଲ୍ଲୀପ ସ୍ୱାଇଁ। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ନାବାଳକଙ୍କୁ ପୋଲିସ ଅନୁଗୋଳ କୁଭେନାଇଲ ଜଷ୍ଟିସ୍ ବୋର୍ଡକୁ ପଠାଇ ଦେଇଛି। ସୋମବାର ରାତିରେ ଅଭିଯୁକ୍ତ ଦ୍ୱୟ କୌଣସି କାରଣକୁ ନେଇ ଧନେଶ୍ୱରଙ୍କୁ କଟୁରିରେ ଆକ୍ରମଣ କରିଥିଲେ। ଚିକିତ୍ସା ଲାଗି ରଘୁନାଥପୁର ଗୋଟେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୧୩୮/୨୩) ରୁଜୁ କରିଥିଲା।

## ସଂକ୍ଷେପରେ

### ବିଡାନାସୀ, ରାଇଜିଂ ଷ୍ଟାର ବିଜୟୀ

**କଟକ,୧୨।୭(ସୁପ୍ରିୟା ପ୍ରିୟଦର୍ଶିନୀ):** ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ଲିଗ୍‌ର ବୁଧବାର ଅନୁଷ୍ଠିତ ଦୁଇଟି ମ୍ୟାଚରେ ବିଡାନାସୀ କ୍ଲବ ଏବଂ ରାଇଜିଂ ଷ୍ଟାର କ୍ଲବ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ବିଡାନାସୀ ୨-୦ ଗୋଲରେ ରାଇଜିଂ ଷ୍ଟୁଡେଣ୍ଟକୁ ହରାଇଥିଲା। ୱାଙ୍ଗଡେନ ଲାମା ଏବଂ ରାଜେଶ ନାୟକ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପରବର୍ତ୍ତୀ ମ୍ୟାଚରେ ରାଇଜିଂ ଷ୍ଟାର ୩-୦ ଗୋଲରେ ପୂର୍ବତଟ ରେଲୱେକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ବିକାଶ ପିହାରୀ, ଜିତେନ୍ଦ୍ର ମୁଦୁଲି ଏବଂ ଅବିନାଶ ମୁଦୁଲି ଗୋଟିଏ ଲେଖାଏ ଗୋଲ ଦେଇଛନ୍ତି। ଗୁରୁବାର ମଙ୍ଗଳା କ୍ଲବ-କିଶୋର କ୍ଲବ, ରୋଭର୍ସ କ୍ଲବ-ସନରାଇଜ କ୍ଲବ ମଧ୍ୟରେ ମ୍ୟାଚ୍ ଖେଳାଯିବ।

### ଦୁଇ ବାଇକ୍ ଜବତ, ଯୁବକ ଗିରଫ

**ଫୁଲନଖରା, ୧୨।୭(ସତ୍ୟରଞ୍ଜନ ଦାସମହାପାତ୍ର):** ବାଇକ୍ ଚୋରି ଅଭିଯୋଗରେ କଟକ ସଦର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ନଛିପୁର ଗ୍ରାମର ଲୋକନାଥ ସାହୁ। ତାଙ୍କ ନିକଟରୁ ଦୁଇଟି ବାଇକ ଓ କିଛି ଲୌହ ଯନ୍ତ୍ରାଂଶ ଜବତ କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ସୋମବାର ବିଳମ୍ବିତ ରାତିରେ ଲୋକନାଥ ନଛିପୁର ଗ୍ରାମରେ ନିର୍ମାଣାଧୀନ ପାଣି ଟାଙ୍କିର ଷ୍ଟୋର୍ ରୁମ୍‌ର କବାଟ ଭାଙ୍ଗି ଗୋଟିଏ ବାଇକ୍ ଓ କିଛି ଲୁହା ସରଞ୍ଜାମ ଚୋରି କରିଥିଲେ। ଏ ନେଇ ନିର୍ମାଣାଧୀନ ପାଣିଟାଙ୍କି ସୁପରଭାଇଜର ସାଗର ଦିଗାଲ ମଙ୍ଗଳବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୩୯୫/୨୩) ରୁଜୁ କରିଥିଲା। ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ଚୋରି ବାଇକ୍ ସମେତ ଆଉ ଏକ ବାଇକ୍ ଜବତ କରିଥିଲା।

### 'ସୁସନ୍ତାନ ପାଇଁ ସଂସ୍କାର ଲୋଡ଼ା'

**ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଆଲୋଚନାଚକ୍ର**

**କଟକ,୧୨।୭ (କାର୍ତ୍ତିକ ସାହୁ):** ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରସ୍ଥ ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ଅନୁସନ୍ଧାନ ଚିକିତ୍ସାଳୟ ଆନୁକୂଲ୍ୟରେ ଗର୍ଭସଂସ୍କାର ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଡିରେକ୍ଟର ଅପରେଶନ ସ୍ୱାମୀ ସତ୍ୟ ଚୈତନ୍ୟ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ମନୁଷ୍ୟ ଜୀବନରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ୪୧ଟି ସଂସ୍କାରର ଉପଯୋଗିତା ବିଷୟରେ ଆଲୋକପାତ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଗୁଜରାଟ ଆୟୁର୍ବେଦ ବିଶ୍ୱବିଦ୍ୟାଳୟର ପ୍ରସୂତି ବିଭାଗ ମୁଖ୍ୟ ପ୍ରଫେସର ଲକ୍ଷ୍ମୀପ୍ରିୟା ଦେଈ ଯୋଗଦେଇ କହିଥିଲେ, ଉତ୍ତମ ସୁସନ୍ତାନ ପ୍ରାପ୍ତି ନିମନ୍ତେ ଗର୍ଭଧାରଣ ସମୟରେ ସମସ୍ତ ପ୍ରକାର ଆୟୁର୍ବେଦୀୟ ଶାସ୍ତ୍ରରେ ବର୍ଣ୍ଣିତ ସଂସ୍କାର ଲୋଡ଼ା। ମହାବିଦ୍ୟାଳୟର ଡିନ୍ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ରେଜିଷ୍ଟ୍ରାର ପ୍ରଫେସର ଦେବୀ ପ୍ରସାଦ ସାହୁ, ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଦୁର୍ଗା ପ୍ରସାଦ ଦାଶ ପ୍ରମୁଖ ଯୋଗଦେଇଥିଲେ। ଭାଗ୍ୟଶ୍ରୀ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା ଓ ପ୍ରଫେସର ନଗେନ୍ଦ୍ର ପ୍ରସାଦ ଧନ୍ୟବାଦ ଦେଇଥିଲେ।

# କାର୍ଯ୍ୟ ଶେଷ ପାଇଁ ତୁରନ୍ତ ପଦକ୍ଷେପ ନିଅ

**ରେଭେନ୍‌ସା ଦ୍ୱିତୀୟ କ୍ୟାମ୍ପସ୍, ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟ ପରିଦର୍ଶନ କଲେ ସିଏମ୍‌ସି ମେୟର ଓ କମିଶନର**

**କଟକ,୧୨।୭(ସୁପ୍ରିୟା ପ୍ରିୟଦର୍ଶିନୀ)**

କଟକ ସିଡିଏଠାରେ ଖୁବ୍‌ଶୀଘ୍ର ରେଭେନ୍‌ଶା ଦ୍ୱିତୀୟ କ୍ୟାମ୍ପସ୍ ଓ ମୌଲାନା ଆଜାଦ୍ ଉର୍ଦ୍ଦୁ ୟୁନିଭର୍ସିଟି କାର୍ଯ୍ୟକ୍ଷମ ହେବ। ଏହି ପରିପ୍ରେକ୍ଷୀରେ ବୁଧବାର ପୂର୍ବାହ୍ନରେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଓ କମିଶନର ନିଖିଲ ପୱନ କଲ୍ୟାଣ ନିର୍ମାଣାଧୀନ ଦୁଇଟି କ୍ୟାମ୍ପସ ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ବାକିଥିବା କାର୍ଯ୍ୟ ଯେପରି ଶୀଘ୍ର ଶେଷ କରାଯିବ ସେଥିପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଉଭୟ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରେଭେନ୍‌ଶା ଦ୍ୱିତୀୟ କ୍ୟାମ୍ପସର ପ୍ରାୟ ୯୯ ଭାଗ କାମ ଶେଷ ହୋଇଥିବାବେଳେ ବାକି କାର୍ଯ୍ୟ ଆସନ୍ତା ଅଗଷ୍ଟ ମଧ୍ୟରେ ଶେଷ କରାଯିବ ବୋଲି ମେୟର ସିଂ କହିଛନ୍ତି। ସେହିପରି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରାଯାଇ ହେବାକୁଥିବା ଜରୁରୀ କାର୍ଯ୍ୟ ସମାପନ କରାଯିବ



ସିଏମ୍‌ସି ମେୟର ଓ କମିଶନର ବୁଧବାର ରେଭେନ୍‌ଶା ଦ୍ୱିତୀୟ କ୍ୟାମ୍ପସ କାର୍ଯ୍ୟର ଅନୁଧ୍ୟାନ କରୁଛନ୍ତି।

ବୋଲି କମିଶନର କଲ୍ୟାଣ କହିଛନ୍ତି।

୨୦୧୫ ଜୁନ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସିଡିଏଠାରେ ୧୨୬ ଏକର ପରିମିତ ଜମିରେ ରେଭେନ୍‌ଶା ଦ୍ୱିତୀୟ କ୍ୟାମ୍ପସ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଉକ୍ତ କ୍ୟାମ୍ପସ୍‌ରେ ୨୬୦ ଜଣ ଛାତ୍ରୀଙ୍କ ପାଇଁ ହଷ୍ଟେଲ ବ୍ୟବସ୍ଥା ଓ ୨୦୦୦ ଛାତ୍ରୀଛାତ୍ର ପାଠ ପଢ଼ିବା ଭଳି କ୍ଲାସ୍‌ରୁମ୍ ବ୍ୟବସ୍ଥା କରାଯାଇଛି। ପାଠପଢ଼ା ପାଇଁ ୩୫ କୋଟି, ରାସ୍ତାଘାଟ ପାଇଁ ୧୩ କୋଟି, ଛାତ୍ରୀନିବାସ ନିମନ୍ତେ ୧୦ କୋଟି ଓ ପାଚେରି ନିର୍ମାଣ ଲାଗି ୧୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ସେହିପରି ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟ କାର୍ଯ୍ୟ ମଧ୍ୟ ଏକପ୍ରକାର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଉର୍ଦ୍ଦୁ ଶିକ୍ଷା ବ୍ୟତୀତ ଧନ୍ଦାମୂଳକ ଶିକ୍ଷା ଓ ବୈଷୟିକ ଶିକ୍ଷାଦାନ ବ୍ୟବସ୍ଥା ମଧ୍ୟ କରାଯିବ। ଶିକ୍ଷାକ୍ଷେତ୍ରରେ ଏହି ବିଶ୍ୱବିଦ୍ୟାଳୟ ଐତିହାସିକ କଟକ ସହରର ସୁନାମକୁ ଶୀର୍ଷରେ ପହଞ୍ଚାଇବ। ସିଏମ୍‌ସି ମେୟର ଓ କମିଶନରଙ୍କ ପରିଦର୍ଶନବେଳେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର କୃଷ୍ଣଚନ୍ଦ୍ର ମଲ୍ଲିକ, ପ୍ରଫେସର ସିଦ୍ଧାର୍ଥ କୁମାର ଭରଦ୍ୱାଜ, ପ୍ରିନ୍ସିପାଲ ଅବଦୁଲୁଲ ହକ୍, ୱାକର ୟୁସୁଫ୍, ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝି, ଡେପୁଟି କମିଶନର ଅଜୟ ମହାନ୍ତି, ସିଟି ଇଞ୍ଜିନିୟର ଅତନୁ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବକଙ୍କୁ ହତ୍ୟା ମାମଲା: ମୁଖ୍ୟ ଅଭିଯୁକ୍ତ ଗିରଫ

**କଣ୍ଟାପଡା,୧୨।୭(ସୁରନାରାୟଣ ସାହୁ)**

ଉତ୍ତାଡ଼ ପଞ୍ଚାୟତ ଅଧୀନ ବ୍ରହ୍ମପୁର ଗ୍ରାମର ଯୋଗେନ୍ଦ୍ର ପ୍ରହରାଜ(୩୮) ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଗୋବିନ୍ଦପୁର ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ସେହି ଗ୍ରାମର ଅଜୟ କୁମାର ସାମନ୍ତରା(୩୫)। ତାଙ୍କ ନିକଟରୁ ହତ୍ୟାରେ ବ୍ୟବହୃତ ଏକ ଭୁଜାଲି ଜବତ କରାଯାଇଛି। ତେବେ ଏହି ଘଟଣାର ଅନ୍ୟତମ ଅଭିଯୁକ୍ତ ରାଜକିଶୋର ସାମନ୍ତରା ଫେରାର ଅଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ, ଶୁକ୍ରବାର ରାତିରେ ଘରେ କେହି ନ ଥିବା ସୁଯୋଗରେ ଅଜୟଙ୍କ ସ୍ତ୍ରୀଙ୍କୁ ଯୋଗେନ୍ଦ୍ର ହଇରାଣ କରୁଥିଲେ। ଏହି ସମୟରେ ଅଜୟ ଓ ତାଙ୍କ ଭାଇ ରାଜକିଶୋର ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ମହିଳାଙ୍କଠାରୁ ସମସ୍ତ କଥାଶୁଣି ଯୋଗେନ୍ଦ୍ରଙ୍କୁ ଜୀବନରୁ ମାରିଦେବାକୁ ନିଷ୍ପତ୍ତି ନେଇଥିଲେ। ସେମାନେ ଯୋଗେନ୍ଦ୍ରଙ୍କୁ ଠେଙ୍ଗା ଓ ଭୁଜାଲିରେ ଆକ୍ରମଣ କରି ମାରିଦେବା ପରେ ନିକଟସ୍ଥ ଏକ ଘରେ ଫିଙ୍ଗିଦେଇ ବାହାରପଟୁ କବାଟ ଦେଇଥିଲେ। ଶନିବାର ଅପରାହ୍ନ ପ୍ରାୟ ୧ଟାରେ ଯୋଗେନ୍ଦ୍ରଙ୍କ ମା' ଚନ୍ଦ୍ରମା ଉକ୍ତ ଘର ନିକଟରେ ପହଞ୍ଚିବା ପରେ ବାହାରପଟୁ କବାଟ ଦିଆଯାଇଥିବା ଦେଖିବାକୁ ପାଇଥିଲେ। କବାଟ ଖୋଲିବା ପରେ ଯୋଗେନ୍ଦ୍ରଙ୍କ ମୃତଦେହ ତଳେ ପଡିଥିବା ଦେଖିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଅଜୟ ଓ ରାଜକିଶୋର ମିଶି ଯୋଗେନ୍ଦ୍ରଙ୍କୁ ହତ୍ୟା କରିଥିବା ଚନ୍ଦ୍ରମା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ହତ୍ୟା ମାମଲା(ନଂ.୧୩୩/୨୩) ରୁଜୁ କରିଥିଲା। ମଙ୍ଗଳବାର ଅଭିଯୁକ୍ତ ଅଜୟ ଗ୍ରାମକୁ ଆସିଥିବା ଖବର ପାଇବା ପରେ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଚଢ଼ାଉ ଜାରି ରହିଛି ବୋଲି ଆଇଆଇସି ରବିନାରାୟଣ ବେହେରା କହିଛନ୍ତି।



ଅଜୟ କୁମାର ସାମନ୍ତରା





ବିଭିନ୍ନ ଦାବି ନେଇ ନିଖିଳ ଓଡ଼ିଶା ବେସରକାରୀ ଅଧ୍ୟାପକ, କର୍ମଚାରୀ ସଂଘ କଟକ ଜିଲା ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

# ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଜିଲାପାଳଙ୍କୁ ଦାବିପତ୍ର**

**କଟକ,୧୨।୭ (କାର୍ତ୍ତିକ ସାହୁ)**

ନିଖିଳ ଓଡ଼ିଶା ବେସରକାରୀ ଅଧ୍ୟାପକ, କର୍ମଚାରୀ ସଂଘ କଟକ ଜିଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪ ଦଫା ଦାବିପତ୍ର ଜିଲାପାଳଙ୍କୁ ବୁଧବାର ପ୍ରଦାନ କରାଯାଇଛି। ଜିଲାର ସମସ୍ତ କଲେଜର କର୍ମଚାରୀମାନେ ରାଧାନାଥ ବି.ଏଡ୍ କଲେଜଠାରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସମସ୍ତଙ୍କୁ ସମାନ ଦରମା, ପେନ୍‌ସନ୍ ପ୍ରଦାନ, ସପ୍ତମ ବେତନ ହାରରେ ଦରମା ଓ ବାଦ ପଡ଼ିଥିବା କର୍ମଚାରୀଙ୍କୁ ଅନୁଦାନ ପରିସରଭୁକ୍ତ କରିବା ପାଇଁ ଦାବି କରାଯାଇଛି। ଆସନ୍ତା ୨୦ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି। ଜିଲା ଆବାହକ ଗଗନ ବେଉରା, ସଭାପତି ଅଶୋକ ପରିଜା, ସାଧାରଣ ସମ୍ପାଦକ ସୁରେନ୍ଦ୍ର ପେଣ୍ଟୋଇ, କୋଷାଧ୍ୟକ୍ଷ ଯଶୋଧାରା ମହାପାତ୍ର ପ୍ରମୁଖଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା।

# ରାଜ୍ୟରେ ତୃଣମୂଳ ସ୍ତରରୁ ହେବ କ୍ରିକେଟର ବିକାଶ

**ଓସିଏ ଆପେକ୍ସ କାଉନ୍‌ସିଲ ବୈଠକ**

**କଟକ,୧୨।୭(ସୁପ୍ରିୟା ପ୍ରିୟଦର୍ଶିନୀ)**

ରାଜ୍ୟ ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପ୍ରାୟତଃ ଶେଷ ହୋଇଛି। ସମ୍ଭାବ୍ୟ ଦଳକୁ ନେଇ ଏବେ ରାଜ୍ୟ ଦଳର ପ୍ରସ୍ତୁତି ଜାରି ରହିଛି। ଆଗାମୀ ଦିନରେ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବ। ଯେଉଁଥିରେ ଅନ୍ୟ ରାଜ୍ୟ ମଧ୍ୟ ଅଂଶ ଗ୍ରହଣ କରିବେ ବୋଲି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ)ର ଆପେକ୍ସ କାଉନସିଲ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୁଧବାର ଓସିଏ ସମ୍ମିଳନୀ କକ୍ଷ-୨ରେ ଅନୁଷ୍ଠିତ ବୈଠକରେ ଉପସଭାପତି ପଙ୍କଜ ଲୋଚନ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ବୈଠକ ପ୍ରାରମ୍ଭରେ ଦିବଙ୍ଗତ ସାହିଦ ଖାଁ, ଡ. ସଞ୍ଜୟ ଶତପଥୀ, ମନୋରଞ୍ଜନ ମହାନ୍ତି, ଭବତୋଷ ପରମାଣିକ ଏବଂ ସୋମନାଥ ନାୟକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ତୃଣମୂଳ ସ୍ତରରୁ ରାଜ୍ୟରେ କ୍ରିକେଟର ବିକାଶ କରାଯିବ। ଏଥିପାଇଁ ବିଭିନ୍ନ ଜିଲାରେ ଭିତ୍ତିଭୂମିର ବିକାଶ କରାଯାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ୪୦ଟି ସ୍ଥାନରେ ଏକାଡେମୀ ପ୍ରତିଷ୍ଠା କରାଯାଇଛି। ଖୁବଶୀଘ୍ର ଓସିଏ ଦ୍ୱାରା ପରିଚାଳିତ ସମସ୍ତ ଏକାଡେମୀରେ କୋଚ୍ ନିଯୁକ୍ତି କରାଯିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏତଦବ୍ୟତୀତ ୧୯ବର୍ଷରୁ କମ୍ ବାଳକ ଆନ୍ତଃ ଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ କଳାହାଣ୍ଡି କପ୍ ଫର୍ମାଟ (ତ୍ରିସ୍ତରୀୟ)ରେ ଆୟୋଜନ କରାଯିବା ଦିଗରେ ଆଲୋଚନା ହୋଇଛି। ଉକ୍ତ ବୈଠକରେ ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ମୋନାଲିକା ବୋରଗୋଏନ, ରାକେଶ ମହାନ୍ତି, ଗୀତା ସାମନ୍ତରାୟ, ସିଇଓ ସୁବ୍ରତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ଶେଷରେ ପ୍ରତାପ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ପୋଲିସଠାରୁ ପାଉନାହାନ୍ତି ଜବତ ସାମଗ୍ରୀର ତାଲିକା

**ସ୍ୱାମୀ ହତ୍ୟା ମାମଲାରେ ନିର୍ଦ୍ଦୋଷରେ ଖଲାସ ମହିଳା ଡିଜିପିଙ୍କ ଦ୍ୱାରସ୍ଥ**

**କଟକ,୧୨।୭ (କାର୍ତ୍ତିକ ସାହୁ)**

ସ୍ୱାମୀଙ୍କୁ ହତ୍ୟା କରିବା ଅଭିଯୋଗରେ ୪ ବର୍ଷ ଜେଲ ଭୋଗିବା ପରେ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ ଢେଙ୍କାନାଳର ମହିଳା ଅରୁଣା ପାତ୍ର। ସେ ଏବେ ନ୍ୟାୟ ଦାବିରେ ଡିଜିପିଙ୍କୁ ବୁଧବାର ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଢେଙ୍କାନାଳ ଟାଉନ୍ ଥାନା ଅନ୍ତର୍ଗତ ମୀନାବଜାର ପଟ୍ଟନାୟକ ସାହିର ଅରୁଣା ପାତ୍ରଙ୍କ ସ୍ୱାମୀ ମଣ୍ଟୁ ପାତ୍ର ଗାନ୍ଧୀମନ୍ଦିର ରୋଡ୍‌ରେ ଏକ ଜୁଏଲେରି ଦୋକାନ କରିଆସୁଥିଲେ। ସ୍ଥାନୀୟ ଅଞ୍ଚଳର ଏକ ଭଡ଼ାଘରେ ସେମାନେ ରହୁଥିଲେ। ୨୦୧୮ ସେପ୍ଟେମ୍ବର ୩ରେ ଅରୁଣା ତାଙ୍କ ପୁଅ ସ୍କୁଲ୍‌ରୁ ମାତାପିତା ବୈଠକରେ ଯୋଗଦେଇ ଘରକୁ ଫେରି ସ୍ୱାମୀଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘରେ ପଡ଼ିଥିବା ଦେଖିଥିଲେ। ଭଡ଼ାଘରର ମାଲିକ ଏ ବାବଦରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ସେଠାରେ ପହଞ୍ଚିବା ପରେ ଅରୁଣାଙ୍କୁ ସ୍ୱାମୀ ହତ୍ୟା ଅଭିଯୋଗରେ ଗିରଫ କରିଥିଲା। ଅରୁଣା ସ୍କୁଲ ବୈଠକରେ ଯୋଗଦେବା ନିମନ୍ତେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବାହାରେ ଥିବା ଯେତେ କହିଥିଲେ ବି ପୋଲିସ ତାଙ୍କ କଥା ଶୁଣି ନ ଥିଲା। ପୋଲିସ ଅରୁଣାଙ୍କୁ ଗିରଫ କରିବା ସହ କେତେକ ସାମଗ୍ରୀ ତାଙ୍କଠାରୁ ଜବତ କରିଥିଲା। କୋର୍ଟରେ ମାମଲାର ବିଚାର ଚାଲିବା ପରେ ଅରୁଣା ନିର୍ଦ୍ଦୋଷରେ ଖଲାସ ହୋଇଥିଲେ। ଏହାପରେ ତାଙ୍କ ଘରେ ଥିବା କେତେକ ସୁନା ଓ ରୁପା ଅଳଙ୍କାର ଗାଏବ ହୋଇଯାଇଥିବା ଅରୁଣା ଜାଣିବାକୁ ପାଇଥିଲେ। ସେ ସମୟରେ ଅରୁଣା ବାରମ୍ବାର ଥାନାକୁ ଦୌଡ଼ି ଦୌଡ଼ି ପୋଲିସ ଜବତ କରିଥିବା ସାମଗ୍ରୀର ତାଲିକା ପାଇ ନ ଥିଲେ। ଫଳରେ ରାଷ୍ଟ୍ରୀୟ ପଛୁଆ ବର୍ଗ ମହାସଂଘ ସହଯୋଗରେ ଅରୁଣା ଡିଜିପିଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

## ଆନ୍ଦୋଳନ ସଫଳ ପରେ ମନ୍ଦିରରେ ଏକାଠି ହେଲେ ଓଟିଏମ୍ ଶ୍ରମିକ

**ମଙ୍ଗୁଳି-ଜଗତପୁର, ୧୨।୭(ମାନସ ସାମଲ)**

ଦୀର୍ଘ ୧୮ବର୍ଷ ତଳେ ଓଟିଏମ୍ ଆନ୍ଦୋଳନ ସଫଳ ହେବା ପାଇଁ ଶ୍ରମିକମାନଙ୍କ ପକ୍ଷରୁ ଆଗ୍ରାହାଟ ପଞ୍ଚାୟତସ୍ଥିତ ମଣିନାଗେଶ୍ୱର ମନ୍ଦିରରେ ମାନସିକ କରି ଗୁଆ ବସାଯାଇଥିଲେ। ଆନ୍ଦୋଳନ ସଫଳ ହେଲା ପରେ ବୁଧବାର ଆଗ୍ରାହାଟ ଗ୍ରାମର ଓଟିଏମ୍ ଶ୍ରମିକଙ୍କ ପକ୍ଷରୁ ଠାକୁରଙ୍କ ପାଖରୁ ମାନସିକ ଗୁଆ ଉଠାଇ ନିଆଯାଇଛି। ଚୌଦ୍ୱାର ସମେତ ଆଖପାଖ ଗ୍ରାମରୁ ୧୦୦୦ରୁ ଉର୍ଦ୍ଧ୍ୱ ଶ୍ରମିକ ଏବଂ ମୃତ ଶ୍ରମିକଙ୍କ ସ୍ତ୍ରୀ ଓ ପିଲା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଓଟିଏମ୍ ବଞ୍ଚାଅ ସଙ୍ଗଠନ ଓ ବିରାଟ ଜନ କଲ୍ୟାଣ ସମିତି ପକ୍ଷରୁ ୧୮ବର୍ଷ ଧରି ସତ୍ୟାଗ୍ରହରେ ସାମିଲ ହୋଇଥିବା ପ୍ରତ୍ୟେକ ଶ୍ରମିକ ଓ ମୃତ ଶ୍ରମିକଙ୍କ ପରିବାର ଲୋକଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଉପସ୍ଥିତ ଶ୍ରମିକମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୀର୍ଘାୟୁ କାମନା କରିବା ସହ ତୁରନ୍ତ ଟେକ୍ସ ଟାଇଲ ପାର୍କ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ଶିଳ୍ପାଞ୍ଚଳ ଚୌଦ୍ୱାରର ପୁନର୍ଗଠନ, ବାଲାରପୁର ଓ ଲିବ୍ରା କାର୍ପେଟ୍ସ ଜାଗାରେ ନୂତନ ଶିଳ୍ପ ପ୍ରତିଷ୍ଠା ଦିଗରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଉଭୟ ସଙ୍ଗଠନ ଆବାହକ ଦୀପକ ବାରିକ କହିଛନ୍ତି। ରାମଚନ୍ଦ୍ର ଜୀ, ଅନାମ ବେହେରା, ବଚନ ପ୍ରଧାନ, ଧରଣୀଧର ବେହେରା, କାଳନ୍ଦୀ ବେହେରା, ଜଗନ୍ନାଥ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ଭାଗବତ ପାଠ କଲେ ମୋକ୍ଷ ପ୍ରାପ୍ତି ହୋଇଥାଏ'



କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସହ ଅନ୍ୟମାନେ।

**ଚୌଦ୍ୱାର,୧୨।୭(ଆଶୁତୋଷ ଦାସ)**

ଚୌଦ୍ୱାର ଓଟିଏମ୍ କଲୋନୀସ୍ଥିତ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀ ଆଶ୍ରମରେ ଭାଗବତ ସପ୍ତାହ ପାରାୟଣ, ପ୍ରବଚନ ଓ ଗୀତାଜ୍ଞାନ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ କଳସ ଯାତ୍ରା, ଅଧିବାସ, ଗୁରୁବନ୍ଦନା ଭଳି ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ଚୌଦ୍ୱାରର ବାବା ବୈକୁଣ୍ଠନାଥ ଭାଗବତ ପ୍ରଚାର ସମିତି ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମଚାରୀ ସତ୍ୟାନନ୍ଦ ଦାସ ଯୋଗଦେଇ କହିଥିଲେ, ଦୈନିକ ଭାଗବତ ପଠନ କଲେ ମନୁଷ୍ୟ ମୋକ୍ଷପ୍ରାପ୍ତି ହୋଇଥାଏ। ଏହି ଅବସରରେ କୁନି ପ୍ରବଚକ କେଶବ ଦାସ ଦ୍ୱିତୀକୃଷ୍ଣଙ୍କ ପ୍ରବଚନ ଶୁଣିବା ପାଇଁ ବହୁସଂଖ୍ୟକ ଲୋକଙ୍କ ସମାଗମ ହୋଇଥିଲା। ଏଥିସହ କୃଷ୍ଣଲୀଳାର ବିଭିନ୍ନ ବିଷୟକୁ ନେଇ କଳାକାରମାନଙ୍କ ଅଭିନୟ ବେଶ୍ ଲୋକାଦୃତ ହୋଇଥିଲା। ଆୟୋଜକ କମିଟି ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ସଂଯୋଜକ ସନ୍ତୋଷ କୁମାର ଧର, ସମ୍ପାଦକ ରାଜକିଶୋର ସାମନ୍ତ, ଅର୍ଜୁନ ପଣ୍ଡା, ସଚ୍ଚିଦାନନ୍ଦ ପାଲ ପ୍ରମୁଖ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅନୁସୂଚିତ ଜାତି ମହିଳାଙ୍କୁ ମିଳୁନି ପଦୋନ୍ନତି

**ସିନିୟର ଆସିଷ୍ଟାଣ୍ଟ ପଦବୀରେ ୨୬ ବର୍ଷ**

**କଟକ,୧୨।୭ (କାର୍ତ୍ତିକ ସାହୁ)**

କଟକ ସଦର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସିନିୟର ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟରତ ଜଣେ ଅନୁସୂଚିତ ଜାତି ମହିଳା ବନ୍ଦନା ବେହେରାଙ୍କୁ ପଦୋନ୍ନତି ମିଳୁନି। ସେ ସିନିୟର ଆସିଷ୍ଟାଣ୍ଟ ପଦବୀରେ ଦୀର୍ଘ ୨୬ ବର୍ଷ ହେବ କାର୍ଯ୍ୟ କରିଆସୁଥିବାବେଳେ ତାଙ୍କୁ ଆଳ ଦେଖାଇ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପଦୋନ୍ନତି ଦିଆଯାଉ ନ ଥିବା ନେଇ ବନ୍ଦନା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ, ବନ୍ଦନା ଜୁନିୟର କିରାଣି ଭାବେ ୧୯୮୯ ଡିସେମ୍ବର ୨୨ରୁ ଚାକିରି ଜୀବନ ଆରମ୍ଭ କରିଥିଲେ। ୧୯୯୭ ଅକ୍ଟୋବର ୬ରେ ତାଙ୍କୁ ସିନିୟର ଆସିଷ୍ଟାଣ୍ଟ ଭାବେ ପଦୋନ୍ନତି ମିଳିଥିଲା। ସେବେଠାରୁ ସେହି ପଦବୀରେ ଅଦ୍ୟାବଧି ସେ କାର୍ଯ୍ୟ କରୁଛନ୍ତି। ତାଙ୍କଠାରୁ ଜୁନିୟରମାନଙ୍କୁ ପଦୋନ୍ନତି ଦିଆଯାଉଥିବାବେଳେ ତାଙ୍କୁ ପଦୋନ୍ନତି ଦିଆଯାଉନାହିଁ। ସେ ଅନୁସୂଚିତ ଜାତିର ହୋଇଥିବାବେଳେ ଗ୍ରେଡେଶନ ତାଲିକାରେ ତାଙ୍କ ନାମ ସର୍ବାଗ୍ରେ ରହିଛି। ଗ୍ରେଡେଶନ ତାଲିକାକୁ ନେଇ ବରିଷ୍ଠତା ଭିତ୍ତିରେ ଯେକୌଣସି ବର୍ଗର କର୍ମଚାରୀଙ୍କୁ ପଦୋନ୍ନତି ଦିଆଯିବାର ନିୟମ ରହିଥିବାବେଳେ ତାଙ୍କୁ ଉପେକ୍ଷା କରାଯାଉଥିବା ସେ ଅଭିଯୋଗ ଆଣିଛନ୍ତି। ଅନୁସୂଚିତ ଜାତି ପଦ ଖାଲି ନ ଥିବାରୁ ପଦୋନ୍ନତି ମିଳିପାରୁନାହିଁ ବୋଲି ତାଙ୍କୁ କୁହାଯାଉଛି। ଗତ ୪ ବର୍ଷ ମଧ୍ୟରେ ୫ ଜଣଙ୍କୁ ପଦୋନ୍ନତି ଦିଆଯାଇଥିବାବେଳେ ଏବେ ଆଉ ୫ ଜଣଙ୍କ ତାଲିକା ପଦୋନ୍ନତି ପାଇଁ ପ୍ରସ୍ତୁତ କରାଯାଇଛି। ତନ୍ମଧ୍ୟରୁ ୨ ଜଣଙ୍କୁ ପଦୋନ୍ନତି ଦିଆଯାଇସାରିଥିବା ଜଣାପଡ଼ିଛି। ଜୁନିୟରମାନେ ପର୍ଯ୍ୟାୟ କ୍ରମେ ପଦୋନ୍ନତି ପାଉଥିବାବେଳେ ତାଙ୍କୁ ପଦୋନ୍ନତି ଦିଆ ନ ଯାଇ ଏକପ୍ରକାର ମାନସିକ ନିର୍ଯାତନା ଦିଆଯାଉଥିବା ସେ କହିଛନ୍ତି। ତାଙ୍କୁ ନ୍ୟାୟ ନ ମିଳିଲେ ସେ ଆମରଣ ଅନଶନ କରିବା ସହ ଆବଶ୍ୟକ ପଡ଼ିଲେ ଆଇନ୍‌ର ଆଶ୍ରୟ ନେବେ ବୋଲି ବନ୍ଦନା କହିଛନ୍ତି। ଏ ନେଇ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ କହିଛନ୍ତି, ଅଭିଯୋଗ ବାବଦରେ ଅବଗତ ଅଛି। ଏନେଇ ତର୍ଜମା ଓ ଆବଶ୍ୟକ ଯାଞ୍ଚ କରାଯାଉଛି। କୌଣସି ବ୍ୟତିକ୍ରମ ହୋଇଥିଲେ ତାହାକୁ ନିଶ୍ଚିତ ଭାବେ ସୁଧାରିବାକୁ ପଦକ୍ଷେପ ନିଆଯିବ।

# ୪ ବର୍ଷ ହେବ କାର୍ଯ୍ୟକ୍ଷମ ହୋଇପାରୁନି ଛାତ୍ରୀନିବାସ

**କଟକ ସଦର,୧୨।୭ (ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗର ମହାବିଦ୍ୟାଳୟ ନିକଟରେ ଏକ ଛାତ୍ରୀ ନିବାସ ନିର୍ମାଣ କରାଯାଇଛି। ନିର୍ମାଣ କାର୍ଯ୍ୟ ୪ ବର୍ଷ ହେବ ଶେଷ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ। କିଛି ଲୋକ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦାୟୀ କରୁଥିବାବେଳେ ଆଉ କିଛି ସରକାରଙ୍କୁ ଦୋଷ ଦେଉଛନ୍ତି। ୬୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୬୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ଅନୁଦାନରେ





୨୦୧୯ ମସିହାରେ ନିର୍ମାଣ କରାଯାଇଥିଲା। ମହାବିଦ୍ୟାଳୟର ନିଜସ୍ୱ ଜାଗା ନ ଥିବାରୁ ଜାଗା କିଣାଯାଇ ଛାତ୍ରୀନିବାସ କରାଗଲା। ମାତ୍ର ଏଥିରେ କେହି ଛାତ୍ରୀ ରହିବା ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଉକ୍ତ ମହାବିଦ୍ୟାଳୟର ସମସ୍ତ ଛାତ୍ରୀ ସ୍ଥାନୀୟ ବାସିନ୍ଦା ଅଟନ୍ତି। ତେଣୁ ଛାତ୍ରୀନିବାସ ସେମାନଙ୍କ ପାଇଁ ଜରୁରୀ ଆବଶ୍ୟକ ନୁହେଁ। ଏନେଇ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଅଭୟ କୁମାର ସ୍ୱାଇଁ କହିଛନ୍ତି, ସ୍ଥାନୀୟ ଅଞ୍ଚଳର ଛାତ୍ରୀମାନେ ଏଠାରେ ରହି ଖର୍ଚ୍ଚାନ୍ତ ହେବାକୁ ଚାହୁଁନାହାନ୍ତି। ବିକଳ୍ପ କଥା ଚିନ୍ତା କରାଯାଇନାହିଁ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ଦାବି

**ପୁରୀ, ୧୨।୭(ଅଜିତ୍ ମହାନ୍ତି):** ରାଜ୍ୟ ସରକାର ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ନ ଦେଇ ନବମ ଓ ଦଶମଶ୍ରେଣୀ ପିଲାଙ୍କ ପାଇଁ ଡ୍ରେସ, ଜୋତା, ମୋଜା ଦେବା ହାସ୍ୟାସ୍ପଦ। ତେଣୁ ରାଜ୍ୟ ସରକାର ତୁରନ୍ତ ଏହାକୁ ପ୍ରତ୍ୟାହାର କରିବା ପାଇଁ ପୁରୀ ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ଦାବି କରିଛନ୍ତି। ଶିକ୍ଷାକ୍ଷେତ୍ରରେ ରାଜ୍ୟରେ ଦେଖାଦେଇଥିବା ଦୁର୍ଭାଗ୍ୟଜନକ ସ୍ଥିତିକୁ ସଜାଡିବାକୁ ଓ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ବ୍ୟବସ୍ଥାକୁ ଶିକ୍ଷାଧିକାରୀମାନେ ସୁପରିଚାଳନା କରି ଶିକ୍ଷା ପ୍ରଦାନ କ୍ଷେତ୍ରରେ ମାନ ବଢାଇବାକୁ ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ ଗୁରୁତ୍ୱ ଦେଉଛି। ବିଦ୍ୟାଳୟର ରଙ୍ଗ ବଦଳାଇବା ନିମ୍ନମାନର କାର୍ଯ୍ୟ କରିବା, ଉଦ୍‌ଘାଟନର ୨ ମାସ ନ ପୂରୁଣୁ ପାଚେରୀ ଭୁଶୁଡିବା, ଛାତରୁ ପ୍ଲାଷ୍ଟର ଖସିବା, ବର୍ଷାରେ ସ୍ମାର୍ଟ କ୍ଲାସ୍‌ରୁମ୍‌ରେ ପାଣି ପଶିବା ଭଳି ଦୁର୍ଭାଗ୍ୟଜନକ ସ୍ଥିତିକୁ ସରକାର ଧ୍ୟାନ ଦେବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବେହେରା ଦାବି କରିଛନ୍ତି।

### ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ମକ୍‌ଡ୍ରିଲ୍

**କଣାସ,୧୨।୭(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ବ୍ଲକରେ ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରତ୍ୟେକ ବାତ୍ୟା ଆଶ୍ରୟସ୍ଥଳିରେ କଣାସ ଅଗ୍ନିଶମ ବିଭାଗ ପକ୍ଷରୁ ଜନସଚେତନତା ସହିତ ମକ୍‌ଡ୍ରିଲ୍ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବସନ୍ତପୁର, ଯାମଳଯୋଗା, ଆଳିବାଡ଼, ଚୁପୁରିଙ୍ଗି ବାତ୍ୟା ଆଶ୍ରୟସ୍ଥଳିରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ଲୋକଙ୍କୁ ଉଦ୍ଧାର କରାଯାଇ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ, ସେ ସମ୍ପର୍କରେ ତାଲିମ ଦିଆଯାଇଥିଲା। କଣାସ ଅଗ୍ନିଶମ ବିଭାଗ ଭାରପ୍ରାପ୍ତ ଅଧିକାରୀ ସୁବାସ ପାତ୍ର, ମହେଶ୍ୱର ପରିଡ଼ା, ସୁକାନ୍ତ ଜେନା, ଫାୟାରମ୍ୟାନ ଜ୍ୟୋତିରଞ୍ଜନ ନାୟକ, ତୋଫାନ ଭୋଇ ପ୍ରମୁଖ ଯୋଗଦେଇଥିଲେ। ମଙ୍ଗଳବାର ପଞ୍ଚାୟତ ସମିତି ସଭାଗୃହରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ବୈଠକ ହୋଇଥିଲା। ବୈଠକରେ ବିଡିଓ ପବିତ୍ର ବେହେରା, ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତୀ ରାଉତ, ଉପାଧକ୍ଷ ଅଭିମନ୍ୟୁ ଜୟସିଂ, ଅଗ୍ନିଶମ ବିଭାଗ କର୍ମଚାରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ।

### ସୁଦର୍ଶନ ପ୍ରଧାନଙ୍କ ବିୟୋଗରେ ଶୋକସଭା

**ଡେଲାଙ୍ଗ,୧୨।୭ (ରଶ୍ମୀରଞ୍ଜନ ପ୍ରଧାନ):** ରାଜ୍ୟ ସମାଜବାଦୀ ପାର୍ଟିର ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଏନେଇ ବୁଧବାର ଡେଲାଙ୍ଗ ଷ୍ଟେଶନ ବଜାରସ୍ଥିତ ଶ୍ୟାମସୁନ୍ଦର ପାଠାଗାର ପରିସରରେ ଗାନ୍ଧୀବାଦୀ ପ୍ରଚାରକ ଅନାମ ମଲ୍ଲିକଙ୍କ ଅଧକ୍ଷତାରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ସଭାରେ କବି କାଶୀନାଥ ମହାପାତ୍ର, ଚନ୍ଦ୍ରଶେଖର, ଶ୍ରୀମାନ ଗବା, ଅଭୟଚରଣ ସାହୁ, ହୃଷୀକେଶ ପାଢ଼ୀ ବୁଦ୍ଧିଜୀବୀ ମାଧବ ମଲ୍ଲିକ, ବିନାୟକ ବସ୍ତିଆ, ଜିତେନ୍ଦ୍ର ପ୍ରଧାନ, ଦିବାକର ପ୍ରଧାନ ଯୋଗଦେଇ ନୀରବ ପ୍ରାର୍ଥନା କରିବା ସହ ତାଙ୍କର ବୈପ୍ଳବିକ କବିତା, ଅଗ୍ନିବର୍ଷି ଓଜସ୍ୱୀନୀ ବକ୍ତବ୍ୟ, ସମାଜସେବା, ଭାଷା, ସାହିତ୍ୟ ଓ ସମାଜହିତ ପାଇଁ ସଂଗ୍ରାମ ସମ୍ପର୍କରେ ଆଲୋକପାତ କରି ତାଙ୍କ ବିୟୋଗ ଡେଲାଙ୍ଗ ଓ ପିପିଲି ଅଞ୍ଚଳ ପାଇଁ ଏକ ବିରାଟ ଶୂନ୍ୟସ୍ଥାନ ବୋଲି ଦୁଃଖର ସହ କହିଥିଲେ।

# ‘ଦାବି ପୂରଣ ନ ହେଲେ କାମ ବନ୍ଦ ଆନ୍ଦୋଳନ’

**ପୁରୀ, ୧୨।୭ (ଅଜିତ୍ ମହାନ୍ତି)**

ପୁରୀ ଜିଲାର ୬୬୨ବର୍ଗ କଲେଜ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଅଧ୍ୟାପିକା ଅଧ୍ୟାପକମାନେ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ପତ୍ରରେ ଉଲ୍ଲେଖ ରହିଛି ଯେ, ବିଭିନ୍ନ ଦାବି ନେଇ ସଂଘର କର୍ମକର୍ତ୍ତାମାନେ ଗତ ଫେବୃୟାରୀ ୧୩ରୁ ଭୁବନେଶ୍ୱର ଲୋୟର ପିଏମଜିରେ ଦିବାରାତ୍ର ଧାରଣାରେ ବସିଛନ୍ତି। ପୂର୍ବରୁ ସଂଘ ୪ଦଫା ଦାବି ବିଷୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେବଳ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରି ସରକାର ଚୁପ ବସିଛନ୍ତି। ସରକାର ଏହି ବର୍ଗର କର୍ମଚାରୀଙ୍କୁ ଗୋଟିଏ ବର୍ଷ ସମାନ ଗ୍ରେଡ୍ ପେ ଆଧାରରେ ସମାନ ଦରମା ଦେବା ପରେ ପୁଣି ଏହି ନିୟମକୁ ପରିବର୍ତ୍ତନ କରି ଅସଙ୍ଗତି ସୃଷ୍ଟି କରିଛନ୍ତି। ଏହି ବର୍ଗର କର୍ମଚାରୀମାନେ ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱକାଳ ଉଚ୍ଚଶିକ୍ଷା ବିଭାଗର ୭୦ ଭାଗ ଦାୟିତ୍ୱ ବହନ କରିଆସୁଥିବାବେଳେ ଏ ପର୍ଯ୍ୟନ୍ତ ପେନସନ ପରିସରଭୁକ୍ତ ହୋଇପାରି ନାହାନ୍ତି। ବାରମ୍ବାର



୬୬୨ ବର୍ଗ କଲେଜ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି।

## ୬୬୨ ବର୍ଗ କଲେଜ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ସରକାରଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ସରକାର ଦାବି ପୂରଣ କଲେ ନାହିଁ, ଯାହା ଅଧ୍ୟାପକ ଓ କର୍ମଚାରୀଙ୍କୁ ମର୍ମାହତ କରିଛି। ଏଥିମଧ୍ୟରେ ବହୁ କର୍ମଚାରୀ ଅବସର ଗ୍ରହଣ କରିସାରିଲେଣି। ନିଖିଳ ଓଡ଼ିଶା ୬୬୨ (+୨ ଓ +୩) ବେସରକାରୀ ଅନୁଦାନପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀଙ୍କ ସମାନ ଗ୍ରେଡ୍ ପେ ଆଧାରରେ ସମସ୍ତ ବର୍ଗର କର୍ମଚାରୀଙ୍କୁ ଦରମା ଦିଆଯାଉ। ସମସ୍ତ କର୍ମଚାରୀଙ୍କୁ ପେନସନ ଓ ଅବସରକାଳୀନ ରାଶି ପ୍ରଦାନ, ୨୦୧୮ ଜିଓ ଅନ୍ତର୍ଭୁକ୍ତ କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ ହାରରେ ଦରମା ପ୍ରଦାନ, ବିଭିନ୍ନ ଅସଙ୍ଗତିରେ ବାଦପଡ଼ିଥିବା କର୍ମଚାରୀଙ୍କୁ ଅନୁଦାନ ପରିସରଭୁକ୍ତ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଆଗାମୀ ୨୦ତାରିଖ ଭିତରେ ପଦକ୍ଷେପ ନିଆ ନ ଗଲେ ସଂଘ ସମସ୍ତ କଲେଜରେ ତାଲା ପକାଇ କାମ ବନ୍ଦ କରିବା ସହ ଆନ୍ଦୋଳନକୁ ତୀବ୍ର କରିବ ବୋଲି କୁହାଯାଇଛି। ଏହି ସମାବେଶରେ ଜିଲା ସଂଘର ସଭାପତି ଜ୍ୟୋତ୍ସ୍ନାରାଣୀ ବସ୍ତିଆ, ସମ୍ପାଦକ ସୁରତ କୁମାର ସ୍ୱାଇଁ, ସହସମ୍ପାଦକ ରତିକାନ୍ତ ଦାସ, କୋଷାଧକ୍ଷ ବିଶ୍ୱନାଥ ବଳିୟାରସିଂ, ଦେବାଶିଷ ଜେନା, ଅଜୟ କୁମାର ମହାପାତ୍ର, ପ୍ରଦୀପ୍ତ କୁମାର ମହାନ୍ତି, ଦେବଦତ୍ତ ମିଶ୍ର, ଲୋକନାଥ ମିଶ୍ରଙ୍କ ସମେତ ୩୯ଟି ମହାବିଦ୍ୟାଳୟର ଅଧକ୍ଷା ଅଧକ୍ଷ, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଯୋଗଦେଇଥିଲେ।

# ଅଗ୍ନିଶମ ବିଭାଗ ପରିସରରୁ ଗାଡ଼ି ଚୋରି ଉଦ୍ୟମ

**ଗୋପ,୧୨।୭ (ଭାରତୀ ଭୂଷଣ ଉପାଧ୍ୟାୟ)**

### ଗୋଟିଏ କି.ମି. ପରେ ଜବତ ହେଲା




ବୁଧବାର ଭୋର ୫ଟାରେ ଜଣେ ଦୁର୍ବୃତ୍ତ ଅଗ୍ନିଶମ ବିଭାଗ ଗାଡ଼ିକୁ ଚୋରି କରିବା ଉଦ୍ଦେଶ୍ୟରେ ୧ କି.ମି. ପର୍ଯ୍ୟନ୍ତ ଗଡ଼ାଇ ଆଣିଥିବାବେଳେ ଲୋକଙ୍କ ଦ୍ୱାରା ଗାଡ଼ିଟି ଜବତ ହୋଇଛି। ତେବେ ଦୁର୍ବୃତ୍ତଙ୍କୁ ଲୋକେ ଅଗ୍ନିଶମ ବିଭାଗର ଜିମା ଦେଇଥିବାବେଳେ କେତେଜଣ କର୍ମଚାରୀ ତାଙ୍କୁ ମାରଧର କରି ଛାଡ଼ିଦେଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ଭୋର ୫ଟାରେ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ସାମ୍ନାରେ ରଖାଯାଇଥିବା ଦମକଳ ଗାଡ଼ି (ଓଡ଼ି୦୫-ସି ୩୯୭୭)ଟିକୁ ଜଣେ ଯୁବକ ହଠାତ୍ ଷ୍ଟାର୍ଟ କରି କୋଣାର୍କ ଅଭିମୁଖେ ଯାଇଥିଲେ। ଡ୍ୟୁଟିରେ ଥିବା କର୍ମଚାରୀ ଏହା ଜାଣିପାରି ନ ଥିବାବେଳେ ଜଣେ ଅଜଣା ବ୍ୟକ୍ତି ଗାଡ଼ି ନେଇ ଯାଉଥିବା ସ୍ଥାନୀୟ କିଛି ଲୋକେ ଦେଖି ଅଗ୍ନିଶମ ବିଭାଗକୁ ଜଣାଇବା ସହ ଗାଡ଼ିର ପିଛା କରିଥିଲେ। ଗାଡ଼ିଟିକୁ ଗୋଟିଏ କି.ମି. ପରେ ବିଭାଗ କର୍ମଚାରୀ ଓ ସ୍ଥାନୀୟ ଲୋକ ଅଟକାଇବା ସହ ଚାଳକଙ୍କୁ ଧରି ଅଗ୍ନିଶମ ବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। ସେଠାରେ କିଛି କର୍ମଚାରୀ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ମାରଧର କରିବା ସହ ବ୍ୟକ୍ତିଙ୍କର ମାନସିକ ବିକୃତ ଥିବା କହି ଛାଡ଼ି ଦେଇଥିଲେ। ଯଦି ବ୍ୟକ୍ତିଟି ମାନସିକ ବିକୃତର ଥିଲା ସେ କିଭଳି ଗାଡ଼ି ଚଳାଇଥିଲା, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଅଗ୍ନିଶମ ବିଭାଗ ଅଧିକାରୀ ବସନ୍ତ କୁମାର ପାତ୍ର ଯୋଗାଯୋଗ କରିବା ବେଳେ ସେ ଛୁଟିରେ ଥିବା କହିଥିବାବେଳେ ଜିଲା ଅଗ୍ନିଶମ ଅଧିକାରୀ ନାରାୟଣ ଦାଶ କୁହନ୍ତି ଏହି ଘଟଣା ସମ୍ପର୍କରେ ଜାଣିଛି, ତଦନ୍ତ ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ନିଆଯିବ।

# ପୁନର୍ବ୍ୟବହାର ଯୋଗ୍ୟ ସାନିଟାରି ନାପ୍‌କିନ୍ ବଣ୍ଟନ

**ଗୋପ,୧୨।୭(ଭାରତୀ ଭୂଷଣ ଉପାଧ୍ୟାୟ)**

ତାମିଲନାଡୁର ସୌକ୍ଷମ୍ ସଂଗଠନ ଓ ଅଏଲ ଇଣ୍ଡିଆ ପକ୍ଷରୁ ମିଳିତ ଭାବେ ଏକ ସ୍ୱାସ୍ଥ୍ୟ ଶିବିର ବୁଧବାର ଗୋପ ନିଗମାନନ୍ଦ ମହାବିଦ୍ୟାଳୟରେ ଆୟୋଜନ କରାଯାଇଥିଲା। ଏହି କଲେଜରେ ଅଧ୍ୟୟନରତ ନବମ ଦଶମ ଶ୍ରେଣୀର ଛାତ୍ରୀ ଓ କିଛି ମହିଳା କର୍ମଚାରୀଙ୍କୁ ପୁନର୍ବ୍ୟବହାର ଯୋଗ୍ୟ ସାନିଟାରି ନାପ୍‌କିନ୍ ବଣ୍ଟନ କରିଛନ୍ତି। ମହିଳାମାନେ ଋତୁସ୍ରାବ ସମୟରେ ସ୍ୱଚ୍ଛତା ପାଇଁ ଏହି ନାପ୍‌କିନ୍ ବ୍ୟବହାର କଲେ, ସ୍ୱଚ୍ଛ ରହିବା ସହ ଶରୀର ସୁସ୍ଥ ରହିବ ବୋଲି ଅଏଲ ଇଣ୍ଡିଆର ଜେନେରାଲ ମ୍ୟାନେଜର ତ୍ରିଦେବ ସାଇକିଆ କହିଛନ୍ତି। ଚଳିତବର୍ଷ ଶ୍ରୀମାତା ଅମୃତାନନ୍ଦମୟୀ ଦେବୀଙ୍କ ସୌକ୍ଷମ୍ ପୁନର୍ବ୍ୟବହାର ଯୋଗ୍ୟ ନାପ୍‌କିନ୍‌ର ଆରମ୍ଭ କରାଯାଇଥିଲା। ଏହା ପ୍ରଥମ କରି ପୁରୀ ଜିଲାର ନିଗମାନନ୍ଦ ଛାତ୍ରୀଙ୍କୁ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ହିମାଂଶୁ ଶେଖର, ବ୍ଲକ୍ ଶିକ୍ଷାଧିକାରୀ ସୁଶୀଲ କୁମାର ବ୍ରହ୍ମା ଉପସ୍ଥିତ ଥିବାବେଳେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ସୁପରଭାଇଜର ସମ୍ପଦ ପ୍ରଧାନ, ମନୋରଞ୍ଜନ ମହାନ୍ତି ଓ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବିଳାସିନୀ ମଲ୍ଲ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମନୋରଞ୍ଜନ ପଟ୍ଟନାୟକ, ପ୍ୟାଡ୍ ଓମେନ୍ ମହିଳା ଅଞ୍ଜୁବିଷ୍ଟ, ଉପଦେଷ୍ଟା ପ୍ରବୀଣ ବିଷ୍ଟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ବାଲିଗୁଆଳି ଗ୍ରାମରେ ଆୟୋଜିତ ସ୍ୱଚ୍ଛତା କାର୍ଯ୍ୟକ୍ରମ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ବୃକ୍ଷ ହିଁ ଜୀବନ

**ସାକ୍ଷୀଗୋପାଳ,୧୨।୭(ଭରତ ରାଉତ)**

ବୃକ୍ଷ ହିଁ ପ୍ରାଣୀ ଜଗତକୁ ଅମ୍ଳଜାନ ଯୋଗାଇଥାଏ। ଯାହା ପ୍ରକୃତି ଦତ୍ତ। ମାତ୍ର ପ୍ରକୃତି ଉପରେ ମଣିଷର ଅନବରତ ଅତ୍ୟାଚାର ଏବଂ ଆଖିବୁଜା ଜଙ୍ଗଲ ଧ୍ୱଂସ ଯୋଗୁ ଗୋଟିଏ ପଟେ ଅମ୍ଳଜାନ ହ୍ରାସ ପାଉଥିବା ବେଳେ ପ୍ରଦୂଷଣ ହାର ବଢି ଚାଲିଛି। ତେବେ ଏଭଳି ପରିସ୍ଥିତିରେ ମଣିଷ ସମାଜକୁ ବ୍ୟାପକ ଚାରାରୋପଣ ହିଁ ଉଦ୍ଧାର କରିପାରିବ। ଯାହାକି ଭବିଷ୍ୟତରେ ଅମ୍ଳଜାନର ଅଭାବ ପୂରଣ କରିପାରିବ। ଆସନ୍ତୁ ଗଛ ଲଗାଇବା ଜୀବନ ରକ୍ଷା କରିବା ଏହି ନାରା ଦେଇ ସତ୍ୟବାଦୀ ହିନ୍ଦୁ ଏକତା ଜାଗରଣ ମଞ୍ଚ ପକ୍ଷରୁ ବୁଧବାର ସତ୍ୟବାଦୀ ଥାନା ପରିସରରେ ଚାରା ରୋପଣ କରାଯାଇଛି। ନିମ୍ବ,ବର, ଅଁଳା, ବେଲ, ବଉଳ, ପିସ୍ତାବାଦାମ ଓ ସ୍ୱର୍ଣ୍ଣ, ଚମ୍ପା ଆଦି ଚାରାରୋପଣ କରିଛନ୍ତି ସଙ୍ଗଠନର କର୍ମକର୍ତ୍ତାମାନେ। ସତ୍ୟବାଦୀ ଥାନା ଭାରପ୍ରାପ୍ତ ଅଧିକାରୀ ବିଜୟ କେତେକ ବେହେରାଙ୍କ ଉପସ୍ଥିତିରେ ମଞ୍ଚର ସଦସ୍ୟ ତିରୁପତି ଜେନା, ପ୍ରଶାନ୍ତ ମହାରଣା, ଅବକାଶ ପ୍ରଧାନ, ବିହାରୀ ବିଶାଳ, ସନ୍ତୋଷ ବେହେରା, ଆକାଶ ପ୍ରଧାନ, ଅବିନାଶ ବରାଳ, ବିଜୟ କୁମାର ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ପରିବେଶ ସ୍ୱଚ୍ଛତା ସମ୍ପର୍କରେ ସଚେତନତା

**ପୁରୀ,୧୨।୭ (ଅଜିତ୍ ମହାନ୍ତି)**

ଭାରତ ସରକାରଙ୍କ ପକ୍ଷରୁ ସମ୍ପ୍ରତି ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମ ଚାଲିଛି। ଏହି ଅବସରରେ ବୁଧବାର ପୁରୀ ମେରାଇନ ଥାନା ଅନ୍ତର୍ଗତ ବାଲିଗୁଆଳି ଗ୍ରାମରେ ଜି-୨୦ ଅନ୍ତର୍ଗତ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ପରିସଂଖ୍ୟାନ ଏବଂ ପ୍ରୋଗ୍ରାମ ଇମ୍ପ୍ଲିମେଣ୍ଟେଶନ ମନ୍ତ୍ରଣାଳୟ ଅଧୀନରେ ନ୍ୟାଶନାଲ ସାମ୍ପଲ ସର୍ଭେ ତରଫରୁ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଛି। ଲୋକଙ୍କ ମଧ୍ୟରେ ସ୍ୱଚ୍ଛତା ପ୍ରତି ସଚେତନତା କରାଇବା ଏହି ଅଭିଯାନର ମୂଳ ଲକ୍ଷ୍ୟ। ବାଲିଗୁଆଳି ଗାଁରୁ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି। ସଦସ୍ୟମାନେ ଗାଁରେ ବୁଲି ସଫେଇ କରିବା ସହ ଲୋକଙ୍କୁ ସଚେତନ କରାଇଥିଲେ ବୋଲି ଅନୁଷ୍ଠାନର ସହନିର୍ଦ୍ଦେଶକ ପ୍ରମୋଦ ମଲ୍ଲିକ କହିଛନ୍ତି।

# ସ୍ୱାସ୍ଥ୍ୟକର୍ମୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା


ସଭାରେ ଉପସ୍ଥିତ କର୍ମୀ ଓ ଅନ୍ୟମାନେ।

**ଡେଲାଙ୍ଗ,୧୨।୭(ରଶ୍ମୀରଞ୍ଜନ ପ୍ରଧାନ)**

ଡେଲାଙ୍ଗ ବ୍ଲକ ଗୁଆଳିପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ତଥା ଭେଷଜ ବିଶେଷଜ୍ଞ ଏମ୍ ଯଦୁମଣି ରାଓଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ସନ୍ନିକଟ ଚଣ୍ଡେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିକ୍ଷାବିତ୍ ଗୋଲଖ ବିହାରୀ ବରାଳଙ୍କ ସଭାପତିତ୍ୱରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ.ରମେଶ ଚନ୍ଦ୍ର ବେହେରା, ମାଛପଡ଼ା ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ କାଶୀନାଥ ମହାପାତ୍ର, ରାଧାକାନ୍ତ ବିଦ୍ୟାପୀଠର ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଧର ପ୍ରଧାନ, ଶିକ୍ଷକ ରାଜକିଶୋର ପରିଡ଼ା, ଛାଟୋଇ ମୋତିଲାଲ ରାୟ ପ୍ରମୁଖଙ୍କ ସହିତ ଗୁଆଳିପଡ଼ା, ମାଛପଡ଼ା, ଥେଣ୍ଟେଣା, ସତ୍ୟଭାମା ପାଟପୁର, ପଞ୍ଚୁପଲ୍ଲା, ଡଁପୁର, ହୁମର ପ୍ରଭୃତି ଗ୍ରାମର ବହୁ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ଏହି ଅବସରରେ ପ୍ରଭାତ କ୍ଲବ ସମ୍ପାଦକ ପଦ୍ମନାଭ ବରାଳ, ଉପସଭାପତି ବ୍ରହ୍ମାନନ୍ଦ ପରିଡ଼ା, ସାମାଜିକ କର୍ମୀ ଗନ୍ଧର୍ବ ପ୍ରଧାନ, ରତ୍ନାକର ଜେନା ପ୍ରମୁଖ ବିଦାୟୀ ସ୍ୱାସ୍ଥ୍ୟକର୍ମୀଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ। ତାଙ୍କ ଘର ଗଞ୍ଜାମ ଜିଲାରେ ହୋଇଥିବାବେଳେ ନବରଙ୍ଗପୁର, ଖୋର୍ଦ୍ଧା ଓ ପୁରୀ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟକରି ସୁନାମ ଅର୍ଜନ କରିଛନ୍ତି। ଡେଲାଙ୍ଗ ବ୍ଲକ ଗୁଆଳିପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ୨୧ ବର୍ଷ ଧରି କାର୍ଯ୍ୟକରି ଲୋକପ୍ରିୟତା ଅର୍ଜନ କରିଥିଲେ।

# ସଚେତନତା, ପୂର୍ବ ପ୍ରସ୍ତୁତି ଦ୍ୱାରା କ୍ଷୟକ୍ଷତି ରୋକିପାରିବା

**ପୁରୀ, ୧୨।୭ (ଅଜିତ ମହାନ୍ତି)**

ପ୍ରାକୃତିକ ବିପର୍ଯ୍ୟୟ କୌଣସି ସମୟରେ ଆସିପାରେ। ଆମେ ତାକୁ ରୋକିପାରିବା ନାହିଁ। କିନ୍ତୁ ସତର୍କତା, ସଚେତନତା ଓ ପୂର୍ବ ପ୍ରସ୍ତୁତି ଦ୍ୱାରା ଧନଜୀବନ ହାନି ଓ କ୍ଷୟକ୍ଷତିକୁ ରୋକିବା ସହ ବିପର୍ଯ୍ୟୟକୁ ପ୍ରଶମିତ କରିପାରିବା ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ କହିଛନ୍ତି। ଏନେଇ ବୁଧବାର ସର୍କିଟ ହାଉସରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସମ୍ପର୍କରେ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରି ଅତିରିକ୍ତ ଜିଲାପାଳ ସାହୁ କହିଥିଲେ, ପୁରୀ ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲା ଭାବେ ପରିଗଣିତ। ବିଶେଷକରିବନ୍ୟା, ବାତ୍ୟା ଏହିଜିଲାର ଚିର ସହଚର ହୋଇଥିବାରୁ ଏଥିପାଇଁ ସମସ୍ତେ ଅଭିଜ୍ଞତା ଏବଂ ଅନୁଭବ ଆଧାରରେ ସତର୍କ ରହିବାକୁ ପଡ଼ିବ। ସତର୍କତା, ସଚେତନତା ଓ ପୂର୍ବ ପ୍ରସ୍ତୁତି ଦ୍ୱାରା ଆମେ କିଛି ମାତ୍ରାରେ କ୍ଷୟକ୍ଷତିକୁ ରୋକିପାରିବା ବୋଲି ସେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଅଗ୍ନିଶମବାହିନୀର

### ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ୍

ପ୍ରତିନିଧିମାନେ ଯୋଗଦେଇ ସୃଷ୍ଟି ହେଉଥିବା ବିଭିନ୍ନ ବିପର୍ଯ୍ୟୟର ମୁକାବିଲା ପାଇଁ ଗ୍ରହଣ କରିବାକୁ ଥିବା ପଦକ୍ଷେପ ସମ୍ପର୍କରେ ମକ୍‌ଡ୍ରିଲ ମାଧ୍ୟମରେ ପ୍ରଦର୍ଶନ ସହ ବୁଝାଇଥିଲେ।

ଦୈନନ୍ଦିନ ଜୀବନରେ ଘଟୁଥିବା ଛୋଟ ବଡ଼ ଦୁର୍ଘଟଣାର କିପରି ମୁକାବିଲା କରାଯାଇପାରିବ ସେ ସମ୍ପର୍କରେ ମଧ୍ୟ ମକ୍‌ଡ୍ରିଲ ମାଧ୍ୟମରେ ସୂଚନା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଡ. ଶରତ ଚନ୍ଦ୍ର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ପୁରୀ ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଜରୁରୀକାଳୀନ ବିଭାଗର ଡେପୁଟି କଲେକ୍ଟର ଜିତେନ୍ଦ୍ର କୁମାର ପାତ୍ର, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ପୁରୀ ଜିଲାର ବିଭିନ୍ନ ସ୍ଥାନରେ ଥିବା ୧୭୯ଟି ବହୁମୁଖୀ ଆଶ୍ରୟସ୍ଥଳରେ ଏଭଳି ମକ୍‌ଡ୍ରିଲ ଆୟୋଜନ କରାଯାଇଥିବା ସୂଚନା ଦିଆଯାଇଥିଲା।

# ପାଞ୍ଚେଣା ଗାଁରେ ଲାଗିଲା ୧୧୦୦ ଚାରା

**କୋଣାର୍କ,୧୨।୭ (ଜ୍ୟୋତିରାଜ ମହାନ୍ତି)**

ଗୋପ ବ୍ଲକ ବଉଲାଙ୍ଗ ପଞ୍ଚାୟତ ପାଞ୍ଚେଣା ଗାଁରେ ଗ୍ରାମବାସୀଙ୍କ ଦ୍ୱାରା ନିଜକୁ ବଞ୍ଚାଇବା ପାଇଁ ଗାଁରେ ୧୦୦୦ ଆମ୍ବ ଓ ୧୦୦ ନଡିଆ ଚାରା ରୋପଣ କରାଯାଇଛି। ମୁଖ୍ୟ ଉଦ୍ଦେଶ୍ୟ ପ୍ରବଳ ଖରା ଓ ଘୁଲିଘୁଲି ଦାଉରୁ କିପରି ଗାଁର ଲୋକେ ରକ୍ଷା ପାଇବେ ବର୍ଷା କିପରି ହେବ, ବାତ୍ୟା ବନ୍ୟା ସମୟରେ ଚାଳଘର କିପରି ବଞ୍ଚିବ, ଏସବୁକୁ ଲକ୍ଷ୍ୟ ରଖି ଗ୍ରାମବାସୀ ଏକାଠି ଲଗାଉଛନ୍ତି ଆମ୍ବ ଓ ନଡିଆ ଗଛ। ଏପରି ମହତ କାର୍ଯ୍ୟ ପାଇଁ ୧୧ ଶହ ଗଛ ଦେଇଛି ଭୁବନେଶ୍ୱରର ଜୀବନ ବୀମା ସାହା ଟ୍ରଷ୍ଟ। ପାଞ୍ଚେଣା ଗାଁରେ ଖରାର ପ୍ରଭାବ ଅଧିକ ଥିବାରୁ ଗ୍ରାମବାସୀ ଚିନ୍ତା କରି ଜୀବନ ବିମା ସାହା ଟ୍ରଷ୍ଟ ସହ ଆଲୋଚନା କରିଥିଲେ। ଜୀବନ ବିମା ସାହା ଟ୍ରଷ୍ଟ ପରାମର୍ଶ ଦେଇଥିଲେ (ଗଛ ହିଁ ଜୀବନ )ଜଣେ ଜଣେ ୫ଟି ଗଛ ଲଗାଇଲେ ପ୍ରବଳ ଖରାରୁ ରକ୍ଷା ପାଇବେ। ତାଙ୍କର କଥାକୁ ମାନି ପାଞ୍ଚେଣା ଗାଁର ୫ଶହ ଲୋକ ଆରମ୍ଭ କରିଛନ୍ତି ଗଛଲଗା। ସମସ୍ତଙ୍କ ହାତରେ କୋଦାଳ, ସାବଳ ଧରି ଆମ୍ବ ଓ ନଡ଼ିଆ ଗଛ ଗାଁରେ ଲଗାଇ ବହୁତ ଖୁସିଥିବା କୁହନ୍ତି ଗ୍ରାମବାସୀ ଓ ସରପଞ୍ଚ।



ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ପାଞ୍ଚେଣା ଗ୍ରାମବାସୀ ଏବଂ ଅନ୍ୟମାନେ।

# ‘ସଂକୀର୍ତ୍ତନ କଳାକାରଙ୍କ ମାସିକ ଭତ୍ତା ବୃଦ୍ଧି କରାଯାଉ’

**ପୁରୀ, ୧୨।୭ (ଅଜିତ୍ ମହାନ୍ତି)**


ଖବରଦାତା ସମ୍ମିଳନୀରେ ଉତ୍କଳ ଓଡ଼ିଶୀ ସଂକୀର୍ତ୍ତନ ମହାସଂଘର କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

ନିକଟରେ ରାଜ୍ୟ ସରକାର ଲୋକ କଳାକାରଙ୍କ ପାରିଶ୍ରମିକ ବୃଦ୍ଧି କରିଛନ୍ତି। କଳାକାର ଓ କଳା ଆଗକୁ ବଢ଼ିବାରେ ଏହା ପ୍ରେରଣା ଯୋଗାଇବ। ସରକାରଙ୍କ ଏହି ପଦକ୍ଷେପକୁ ନିଖିଳ ଉତ୍କଳ ଓଡ଼ିଶୀ ସଂକୀର୍ତ୍ତନ ମହାସଂଘ ପ୍ରଶଂସା କରିଛି। ଏ ନେଇ ବୁଧବାର ପୁରୀର ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହାସଂଘର ସଭାପତି ଶଶାଙ୍କ ଚୂଡ଼ାମଣି ସରକାରଙ୍କୁ କୃତଜ୍ଞତା ଜଣାଇବା ସହ ସଂକୀର୍ତ୍ତନ କଳାକାରଙ୍କ ମାସିକ ଭତ୍ତା ୧୨ଶହରୁ ଦୁଇହଜାର ଟଙ୍କାକୁ ବୃଦ୍ଧି କରିବାକୁ ନିବେଦନ କରିଛନ୍ତି।

ଶଶାଙ୍କ ଚୂଡ଼ାମଣି କହିଛନ୍ତି, ଶ୍ରୀଜଗନ୍ନାଥ ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ପ୍ରଚାର ପାଇଁ ସରକାର ଯେଉଁ ନିଷ୍ପତ୍ତି ନେଉଛନ୍ତି ତାହା ପ୍ରଶଂସନୀୟ। ଶ୍ରୀକ୍ଷେତ୍ର ହେଉଛି ଓଡ଼ିଆ ଜାତିର ଅନ୍ୟତମ ପ୍ରମୁଖ ପରିଚୟ। ଏହାର ବିକାଶ ପାଇଁ ସରକାର ଯେଉଁ ବିବିଧ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ସେଥିପାଇଁ ମହାସଂଘ ଧନ୍ୟବାଦ ଦେଉଛି। ପୁରୀ ଏକ ତୀର୍ଥକ୍ଷେତ୍ର। ଏହାର ବିକାଶ ତୀର୍ଥ ଆଧାରିତ ହେଉ। ଶ୍ରୀମନ୍ଦିର ସେବାୟତମାନଙ୍କ ଅନୁଭୂତି ଏବଂ ଉପଲବ୍ଧିକୁ ବିକାଶ ପ୍ରକ୍ରିୟାରେ ସାମିଲ କରାଯାଇ ଶ୍ରୀକ୍ଷେତ୍ରର ମହିମା ପ୍ରସାରରେ ସେମାନଙ୍କ ଅବଦାନକୁ ସମ୍ମାନ ଓ ସ୍ୱୀକୃତି ଦିଆଯାଉ। ଶ୍ରୀମନ୍ଦିର ନୀତିକାନ୍ତି ସହ ଜଡ଼ିତ ମଠ, ମନ୍ଦିର ଓ ପୀଠର ସମନ୍ୱିତ ବିକାଶ କରାଯାଉ। ଶ୍ରୀମନ୍ଦିର ସମ୍ପତ୍ତି ଓ ରତ୍ନଭଣ୍ଡାରର ସୁରକ୍ଷା କରାଯାଉ। ଜିଲା ସଦର ମହକୁମା ଓ ରାଜଧାନୀରୁ ଗ୍ରାମାଞ୍ଚଳକୁ ସଂଯୋଗ କରୁଥିବା ରାସ୍ତା, ବ୍ଲକ୍ ଓ ସବଡିଭିଜନରେ ନିର୍ମିତ କଲ୍ୟାଣମଣ୍ଡପ, ନାଟ୍ୟମଣ୍ଡଳ, ସଭାଗୃହକୁ ଲୋକକଳାର ଶ୍ରେଷ୍ଠ ଗୁରୁଙ୍କ ନାମରେ ନାମିତ କରାଯାଉ। ସେହିପରି ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଗବେଷଣା ଜଗନ୍ନାଥ କୈନ୍ଦ୍ରିକ ହେଉ ଓ ଲୋକକଳାର ପ୍ରତିଭାଙ୍କ ନାମରେ ଗବେଷଣା ଚେୟାର ପ୍ରତିଷ୍ଠା କରାଯିବାକୁ ମହାସଂଘ ପକ୍ଷରୁ ଦାବି କରାଯାଇଛି। ଖବରଦାତା ସମ୍ମିଳନୀରେ ମହାସଂଘର ସମ୍ପାଦକ ନରେନ୍ଦ୍ର ପାଟ୍ଟଶାଣୀ, ମୁଖ୍ୟ ଉପଦେଷ୍ଟା ପ୍ରସନ୍ନ ପାଟ୍ଟଶାଣୀ, ଉପଦେଷ୍ଟା ସନ୍ଧ୍ୟାବତୀ ପ୍ରଧାନ, ଭବାନୀ ଜଗଦ୍ଦେବ ଏବଂ ଶ୍ରୀମନ୍ଦିର ସେବାୟତ ଗୌରୀଶଙ୍କର ସିଂହାରୀ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୩ ଜୁଲାଇ, ୨୦୨୩



## ସଂକ୍ଷେପରେ

### ସହର ଭିତରୁ ହଟିବ କବାଡ଼ିଆ ଗୋଦାମ

ଭୁବନେଶ୍ୱର,୧୨।୭ (ଅନୁରାଧା ମହାରଣା)- ସହର ଭିତରେ ଥିବା କବାଡ଼ିଆ ଗୋଦାମ ହଟିବ। ଏନେଇ ବୁଧବାର ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି ହୋଇଛି। କବାଡ଼ିଆ ଗୋଦାମ ସହର ବାହାରେ କରିବାକୁ ବିଏମ୍‌ସି କର୍ତ୍ତୃପକ୍ଷ ବ୍ୟବସାୟୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ୟୁନିଟ ୩ ଅଞ୍ଚଳରେ ରାସ୍ତାକଡ଼ରେ ଥିବା କବାଡ଼ିଆ ଗୋଦାମ କାରଣରୁ ସମ୍ପୃକ୍ତ ଅଞ୍ଚଳ ଅପରିଷ୍କାର ରହୁଥିବା ବାରମ୍ବାର ଅଭିଯୋଗ ଆସିବା ପରେ ବିଏମ୍‌ସି ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ୟୁନିଟ ୩ରେ କବାଡ଼ିଆ ଦୋକାନ ଦେଇଥିବା ବ୍ୟବସାୟୀଙ୍କ ସହ ଆଲୋଚନା କରିଛନ୍ତି। ଉକ୍ତ କବାଡ଼ି ଖାନା ବ୍ୟବସାୟୀ ସେଠାରେ ରହି ବ୍ୟବସାୟ କରିବେ ସେମାନଙ୍କ ଉପରେ ନଜର ରଖାଯିବା ସହ ସେମାନଙ୍କ ପରିମଳ ଅଭ୍ୟାସ ବଦଳାଇବା ଲାଗି କମିଶନର ନିର୍ଦ୍ଦେଶ ଦେଇଛନ୍ତି । ନିଜ ଆଖପାଖର ୫ ମିଟର ପରିମଳ ରକ୍ଷା କରିବା ସହ ଦୋକାନରେ ୨ଟି ଡଷ୍ଟବିନ ରଖିବା ପାଇଁ ତାଗିଦ୍ କରାଯାଇଛି । ମାସେ ପର୍ଯ୍ୟନ୍ତ କବାଡ଼ିଆ ଖାନାର କାର୍ଯ୍ୟକଳାପ ଉପରେ ବିଏମ୍‌ସି ନଜର ରଖିବ। ଯଦି ସେମାନେ ନିଜ ଅଭ୍ୟାସ ନ ବଦଳାନ୍ତି ତେବେ ବିଏମ୍‌ସି ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ ସ୍ପଷ୍ଟ କରିଛନ୍ତି। ଏହି କବାଡ଼ିଆ ଗୋଦାମଗୁଡ଼ିକ ଉଭୟ ସରକାରୀ ଓ ଘରୋଇ ଜମିରେ ରହିଥିବା ସାହୁ ସୂଚନା ଦେଇଛନ୍ତି।

### କାର୍ଯ୍ୟ କ୍ଷେତ୍ରରେ ମହିଳାଙ୍କ ସୁରକ୍ଷା ସମ୍ପର୍କିତ ଆଲୋଚନାଚକ୍ର

ଭୁବନେଶ୍ୱର,୧୨।୭(ଶର୍ମିଷ୍ଠା ପାଣିଗ୍ରାହୀ)- ରାଜ୍ୟ ମହିଳା ଆୟୋଗ (ଓଏସ୍‌ସିଡବ୍ଲ୍ୟୁ) ସହ ଫିକି ଫ୍ଲୋ ଭୁବନେଶ୍ୱରର ସହଭାଗିତା ଏବଂ ଜାତୀୟ ମହିଳା ଆୟୋଗର ସହଯୋଗରେ ଆଇସିସିର ସଦସ୍ୟଙ୍କ ପାଇଁ ଏକ ସଚେତନତା ତାଲିମ ଅଧିବେଶନ ଆୟୋଜନ କରାଯାଇଥିଲା। ଏହି ଅଧିବେଶନରେ କର୍ମକ୍ଷେତ୍ରରେ ମହିଳାଙ୍କ ପ୍ରତି ହେଉଥିବା ଯୌନ ନିର୍ଯାତନା ଅଧିନିୟମ ୨୦୧୩ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ଫିକି ଫ୍ଲୋ ଚେୟାରମ୍ୟାନ୍ ପୁନମ୍ ମହାପାତ୍ର କହିଛନ୍ତି, ଏହି ତାଲିମ ଅଧିବେଶନ ମଧ୍ୟମରେ ଯୌନ ନିର୍ଯାତନା ଘଟଣାଗୁଡିକର ଫଳପ୍ରଦ ଭାବରେ ସମାଧାନ କରିବା ଏବଂ ସମସ୍ତ କର୍ମଚାରୀଙ୍କ ପାଇଁ ଏକ ନିରାପଦ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବା ପାଇଁ ଆଇସିସି ସଦସ୍ୟାଙ୍କୁ ଆବଶ୍ୟକ ଜ୍ଞାନ ଏବଂ କୌଶଳ ଦେଇ ସଶକ୍ତ କରିବା ଆବଶ୍ୟକ। ରାଜ୍ୟ ମହିଳା ଆୟୋଗର ଅଧକ୍ଷା ମିନତି ବେହେରା କହିଛନ୍ତି, ଏହି ଅଧିବେଶନର ମୂଳ ଉଦ୍ଦେଶ୍ୟ ହେଉଛି ମହିଳାମାନଙ୍କୁ ଆଇସିସିର ଉପସ୍ଥିତି ଏବଂ ଏହାର କାର୍ଯ୍ୟ ବିଷୟରେ ଅବଗତ କରାଇବା। ମହିଳାମାନଙ୍କୁ ନିଜ କର୍ମକ୍ଷେତ୍ରରେ ନିରାପଦ ଅନୁଭବ କରିବା ଉଚିତ। ଯୌନ ନିର୍ଯାତନାର କୌଣସି କାର୍ଯ୍ୟ ନଜରକୁ ଆସିବା ଉଚିତ ନୁହେଁ।

# ମଳ ପରିଚାଳନାକୁ ବିଏମ୍‌ସିର ଗୁରୁତ୍ୱ

## ସେସ୍‌ପୁଲ ଅପରେଟରଙ୍କୁ ଚେତାବନୀ

ଭୁବନେଶ୍ୱର,୧୨।୭ (ଅନୁରାଧା ମହାରଣା)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ମଳ ପରିଚାଳନା ନେଇ ତତ୍ପରତା ପ୍ରକାଶ ପାଇଛି। ବୁଧବାର ବିଏମ୍‌ସି କାର୍ଯ୍ୟାଳୟରେ ଆନ୍ତଃବିଭାଗୀୟ କର୍ମକର୍ତ୍ତା ଓ ସେସ୍‌ପୁଲ୍ ଅପରେଟରମାନଙ୍କୁ ନେଇ ଏମକ ବୈଠକ ଅନୁଷ୍ଠିତ ହୋଇଥିଲା। ସରକାରଙ୍କ ଗାରିମା ଯୋଜନା ଅଧୀନରେ ସେସ୍‌ପୁଲ୍ ଗାଡି ଚଳାଚଳ ନେଇ ଥିବା ନିୟମ ଖିଲାପ କରାଯାଉଥିବା ବିଏମ୍‌ସିର ନଜରକୁ ଆସିବା ପରେ ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିଷ୍ପତ୍ତି ନିଆଯାଇଛି। ମଳ ପରିଚାଳନା ବା ଫେକାଲ୍ ସ୍ଲଜ୍ ମ୍ୟାନେଜ୍‌ମେଣ୍ଟ (ଏଫ୍‌ଏସ୍‌ଏସ୍‌ଏମ୍) ନିୟମ ଅନୁଯାୟୀ ଯେତେବଡ଼ ମଳ ଟାଙ୍କି ହେଉନା କାହିଁକି, ଅଢ଼େଇ ବର୍ଷରୁ ତିନିବର୍ଷ ମଧ୍ୟରେ ଏହାକୁ ଖାଲି କରାଯିବା ଆବଶ୍ୟକ। ମଳ ଟାଙ୍କିକୁ କେବଳ ଯାନ୍ତ୍ରିକ ଉପାୟରେ ସେସପୁଲ୍‌ଏମ୍ପଟିୟର୍‌ରେ ଖାଲି କରାଯିବା ଆବଶ୍ୟକ। ଏଥିପାଇଁ ପୌରସଂସ୍ଥା କିମ୍ବା ପଞ୍ଜିକୃତ ଘରୋଇ ସେବା ପ୍ରଦାନକାରୀଙ୍କ ସହଯୋଗରେ କରିବାକୁ ହେବ। ତେବେ ଏହି କାର୍ଯ୍ୟର ବିଜ୍ଞାନ ସମ୍ମତ ପରିଚାଳନାରେ କୌଣସି ପ୍ରକାରର ସାଲିସ୍ କରାଯିବ ନାହିଁ ବୋଲି ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ଟାଙ୍କିରୁ ନିୟମିତ ମଳ ଖାଲି କରାଯିବା, ଏହାକୁ ସେସ୍‌ପୁଲ୍‌ରେ ନେବା, ସେସ୍‌ପୁଲରେ ପରିବହନ ସମୟରେ ଆବଶ୍ୟକ ଯତ୍ନନେବା, ମଳ ଉପଚାର କେନ୍ଦ୍ରରେ ଏହି ସଂଗୃହୀତ ମଳକୁ ପକାଇବା ଆଦି ପ୍ରକ୍ରିୟା କିପରି ସୂଚାରୁରୂପେ ହୋଇପାରିବ ତାହା ଉପରେ ଗୁରୁତ୍ୱାରୋପ କରାଯାଇଛି। ଯେଉଁ ସେସପୁଲ୍ ଅପରେଟର୍‌ମାନେ ପଞ୍ଜୀକୃତ ହୋଇ କାର୍ଯ୍ୟ କରୁଛନ୍ତି, ସେମାନେ ଏଫ୍‌ଏସ୍‌ଏସ୍‌ଏମ୍ ନିୟମ ୨୦୧୮ ଅନୁସାରେ ନିଜର କର୍ମଚାରୀଙ୍କୁ ତାଲିମ ଦେବାର ବନ୍ଦୋବସ୍ତ କରିବେ, ବ୍ୟକ୍ତିଗତ ସୁରକ୍ଷା ଉପକରଣ ଯୋଗାଇବେ, ନିର୍ଦ୍ଧାରିତ ମଳଉପଚାର କେନ୍ଦ୍ରରେ ମଳ ପହଞ୍ଚାଇବା ଏବଂ ନାଗରିଗଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାକୁ ପରାମର୍ଶ ଦିଆଯାଇଛି। ସମସ୍ତ ଗାଡିରେ ଜିପିଏସ୍ ମଧ୍ୟ ରହିବ। ଯେଉଁ ଗାଡି ପଞ୍ଜୀକୃତ ହୋଇନାହାନ୍ତି ସେମାନେ ଯଥାଶୀଘ୍ର ଆର୍‌ଟିଓଙ୍କ ସହିତ ଯୋଗାଯୋଗ କରି ନିଜ ଗାଡିଗୁଡିକର ଫିଟ୍‌ନେସ୍ ଯାଞ୍ଚ କରାଇବା ସହ ବିଏମ୍‌ସିରେ ପଞ୍ଜୀକୃତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିୟମ ଉଲ୍ଲଂଘନ କଲେ ସମ୍ପୃକ୍ତ ସେସପୁଲ ଅପରେଟରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ପଷ୍ଟ କରାଯାଇଛି। ସୂଚନା ଥାଉ କି, ବର୍ତ୍ତମାନ ବିଏମ୍‌ସି ଅଧୀନରେ ୨୬ଟି ସେସ୍‌ପୁଲ୍ ଗାଡି ପଞ୍ଜୀକୃତ ହୋଇଥିବାବେଳେ ଏଥିମଧ୍ୟରେ ବିଏମ୍‌ସିର ୯ଟି ଗାଡି ରହିଛି। ତେବେ ମଳ ପରିଚାଳନା କ୍ଷେତ୍ରରେ କୌଣସି ଅଭିଯୋଗ ଥିଲେ ରାଜଧାନୀବାସୀ ସଫା ଆପ୍, ଭୁବନେଶ୍ୱର ଡଟ୍ ମି, (https://citizenservices.bhubaneswar.me/citizenservice/cesspool) କିମ୍ବା ୧୪୪୨୦ ଏବଂ ୧୯୨୯ ନମ୍ବର ଫୋନ୍‌ରେ ଜଣାଇ ପାରିବେ ବୋଲି ସୂଚନା ଦିଆଯାଇଛି। ଆୟୋଜିତ ବୈଠକରେ ବିଏମ୍‌ସିର ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଡେପୁଟି କମିଶନର ମନୋରଞ୍ଜନ ସାହୁ, ଜୋନାଲ ଡେପୁଟି କମିଶନର ପ୍ରିୟବ୍ରତ ପାଢୀ, ଟ୍ରାଫିକ୍ ଏସିପି ସ୍ୱସ୍ତିକ ପଣ୍ଡା, ଭୁବନେଶ୍ୱର ଆର୍‌ଟିଓ-୧ର ବିକାଶ ଚନ୍ଦ୍ର ଚୌଧୁରୀ, ଭୁବନେଶ୍ୱର ଆରଟିଓ-୨ର ସନତ କୁମାର ଜେନା, ୱାଟକୋ ଜେନେରାଲ ମ୍ୟାନେଜର ଗଣେଶ ଚନ୍ଦ୍ର ଦାସ, ୱାଟକୋ ଡିଭିଜନ-୧ ମ୍ୟାନେଜର ବସନ୍ତ କୁମାର ବେହେରା, ଆସିଷ୍ଟାଣ୍ଟ କମିଶନର ଗଣେଶ ବାବୁ, ସମସ୍ତ ଅପରେଟର ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ବିଏମସିକୁ ମିଳିଲା 'ସ୍କଚ୍ ଆୱାର୍ଡ'

ଭୁବନେଶ୍ୱର,୧୨।୭ (ଅନୁରାଧା ମହାରଣା)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)କୁ ସମ୍ମାନଜନକ 'ସ୍କଚ୍ ଆୱାର୍ଡ' ମିଳିଛି। ବୈପ୍ଳବିକ ଇଣ୍ଟିଗ୍ରେଟେଡ୍ ସାନିଟେଶନ ସିଷ୍ଟମ (ସଫା) ଭୁବନେଶ୍ୱର ଆପ୍ ପାଇଁ ସ୍କଚ୍ ପୁରସ୍କାର ବା 'ସୁବର୍ଣ୍ଣ ମାନକ' ହାସଲ କରିବାକୁ ବିଏମ୍‌ସି ସକ୍ଷମ ହୋଇଛି। ଏହା ମହାନଗର ନିଗମବାସୀ ଶ୍ରେୟ ବୋଲି ବିଏମ୍‌ସି କର୍ତ୍ତୃପକ୍ଷ କହିଛନ୍ତି। ସହରୀ ପରିମଳ ସେବାରେ ନବସୃଜନ ଏବଂ ଉତ୍କର୍ଷତା ପାଇଁ ବିଏମ୍‌ସିର ଉଦ୍ୟମ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସ୍ୱଚ୍ଛ ଓ ସ୍ୱାସ୍ଥ୍ୟକର ସହର ପାଇଁ ଭୁବନେଶ୍ୱରରେ ସହରୀ ପରିମଳ ସେବାକୁ ବୈପ୍ଳବିକ କରିବାରେ ସଫା ଆପ୍‌ର ଉଲ୍ଲେଖନୀୟ ଭୂମିକା ରହିଥିବା କୁହାଯାଇଛି। ବିଏମସିର ଇଣ୍ଟିଗ୍ରେଟେଡ କମାଣ୍ଡ୍ କଣ୍ଟ୍ରୋଲ ସେଣ୍ଟରରୁ ଏହି ଆପ୍ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ନାଗରିକଙ୍କ ଅଭିଯୋଗର ସମାଧାନ କରିବାରେ ଏହା ବେଶ୍ ସହାୟକ ହୋଇପାରିଛି। ସଫା ଭୁବନେଶ୍ୱର ଆପ୍‌ରେ ଆବର୍ଜନା ପୃଥକତା ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରାଯାଇପାରୁଛି। ଏହି ଆପ୍ ଦକ୍ଷ ବର୍ଜ୍ୟବସ୍ତୁ ପରିଚାଳନା ଓ ପୁନଃବ୍ୟବହାରକୁ ପ୍ରୋତ୍ସାହିତ କରୁଛି। ଏହାର ଡିଜିଟାଲ ରିପୋର୍ଟିଂ ଉପକରଣଗୁଡ଼ିକ ସମସ୍ତ ସ୍ଥାନ ତଥା ସମସ୍ୟା ଉପରେ ତତକ୍ଷଣାତ୍ ଅବଗତ କରାଇପାରୁଛି। ଏହା ସହିତ ଆପ୍‌ର କାର୍ଯ୍ୟକାରିତା ଡ୍ରେନ ସଫେଇ, ସ୍ୱଚ୍ଛତା ମାନ ବଜାୟ ରଖିବା ଏବଂ ଜଳଜନିତ ରୋଗକୁ ରୋକିବାରେ ଯଥେଷ୍ଟ ଅବଦାନ ରହିଛି ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ରାଜଧାନୀବାସୀଙ୍କୁ ସଫା ଭୁବନେଶ୍ୱର ଆପ୍ ଡାଉନଲୋଡ୍ କରି ସେବା ପାଇବାକୁ ମେୟର ସୁଲୋଚନା ଦାସ ଏବଂ କମିଶନର ବିଜୟ ଅମୃତା କୁଲାଙ୍ଗେ ପରାମର୍ଶ ଦେଇଛନ୍ତି।




ସ୍ୱିଚ୍‌ଅନ୍ ଫାଉଣ୍ଡେଶନ ତରଫରୁ ପ୍ରେସ କ୍ଲବ ଅଫ୍ ଓଡ଼ିଶାଠାରେ ବୁଧବାର ବାୟୁ ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନ ରିପୋର୍ଟ ଉପରେ ଅନୁଷ୍ଠିତ ମିଡ଼ିଆ କର୍ମଶାଳାରେ ଫାଉଣ୍ଡେଶନ ନିର୍ଦ୍ଦେଶକ ବିନୟ ଜାଜୁ ଓ ଅନ୍ୟ ଅତିଥି। (ଫଟୋ: ବିକାଶ ନାୟକ)

# ଓଡିଶାର ବାୟୁ ପ୍ରଦୂଷଣ ୬୭ ପ୍ରତିଶତ ବୃଦ୍ଧି ପାଇଛି

ଭୁବନେଶ୍ୱର,୧୨।୭(ଅଭିଜିତ ଦାସ)

ସ୍ୱିଚ୍‌ଅନ୍ ଫାଉଣ୍ଡେଶନ ପକ୍ଷରୁ ପ୍ରେସ କ୍ଲବ ଅଫ୍ ଓଡ଼ିଶାଠାରେ ବୁଧବାର ବାୟୁ ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନ ରିପୋର୍ଟ ଉପରେ ଏକ ମିଡ଼ିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଫାଉଣ୍ଡେଶନର ପରିଚାଳନା ନିର୍ଦ୍ଦେଶକ ବିନୟ ଜାଜୁ ଯୋଗଦେଇ କହିଛନ୍ତି, ଜଳବାୟୁ ସଙ୍କଟ ସମ୍ମୁଖୀନ ହେଉଥିବା ସବୁଠାରୁ ଦୁର୍ବଳ ରାଜ୍ୟ ମଧ୍ୟରେ ଓଡ଼ିଶା ଅନ୍ୟତମ। ଦେଶରେ ବାୟୁର ଗୁଣବତ୍ତା ଯାଞ୍ଚ କରୁଥିବା ଏକ୍ୟୁଆଇ୍ ତଥ୍ୟ ଅନୁଯାୟୀ, ଓଡିଶାର ୭ଟି ସହର ଯଥା ଭୁବନେଶ୍ୱର, କଟକ, ବାଲେଶ୍ୱର, ରାଉରକେଲା, ଅନୁଗୋଳ, ତାଳଚେର ଓ କଳିଙ୍ଗନଗରରେ ସର୍ବାଧିକ ବାୟୁ ପ୍ରଦୂଷଣ ରହିଛି। ଓଡିଶାର ଯାନବାହାନ ଚଳାଚଳ ବୃଦ୍ଧି ହେତୁ ସହରରେ ବାୟୁ ପ୍ରଦୂଷଣ ଏକ ଉଦ୍‌ବେଗଜନକ ଅବସ୍ଥାରେ ଅଛି। ୨୦୧୭ ମସିହାରୁ ଓଡିଶାରେ ବାୟୁ ପ୍ରଦୂଷଣର ହାରାହାରି ସ୍ତର ୬୭ ପ୍ରତିଶତ ବୃଦ୍ଧି ଘଟିଛି ବୋଲି ବିନୟ କହିଛନ୍ତି। କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ, ଇପିଆଇସି ଇଣ୍ଡିଆର ଆଞ୍ଚଳିକ ନିର୍ଦ୍ଦେଶକ ଆଶୀର୍ବାଦ ରାହା, କେୟାର ହସ୍ପିଟାଲର ଶିଶୁରୋଗ ବିଶେଷଜ୍ଞ ଡାକ୍ତର ମମତା ପଣ୍ଡା ପ୍ରମୁଖ ଉକ୍ତ କର୍ମଶାଳାରେ ଯୋଗଦେଇ ବାୟୁ ପ୍ରଦୂଷଣକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ।

# ନନ୍ଦନକାନନରେ ହାତୀଛୁଆ ଅସୁସ୍ଥ

ବାରଙ୍ଗ,୧୨।୭(ଲିଙ୍ଗରାଜ ରାଉତ)

ନନ୍ଦନକାନନର ହାତୀ ଲାଳନପାଳନ କେନ୍ଦ୍ରରେ ରହୁଥିବା ୨ମାସର ଅଣ୍ଡିରା ହାତୀଛୁଆ 'ଅଭି' ପ୍ରଥମଥର ପାଇଁ ଅସୁସ୍ଥ ହୋଇପଡିଛି। ପ୍ରାୟ ୩ ଦିନ ହେବ ତା'ର ତରଳ ଝାଡ଼ା ହେଉଥିବା ସହ ସଠିକ୍ ଭାବେ ଖିଆପିଆ କରିପାରୁନାହିଁ। ଗୋଟିଏ ସ୍ଥାନରେ ଶୋଇ ରହୁଥିବା ହେତୁ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ରହୁଥିବା କେନ୍ଦ୍ରରେ ବନ୍ୟପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ତା'ର ଚିକିତ୍ସା ଜାରି ରହିଛି। ହାତୀ ଛୁଆଟିକୁ ପ୍ରତିଦିନ ଦେଢ ଲିଟର ପାଣିରେ ୫୦ଗ୍ରାମ ଲାକ୍ଟୋଜିନ ଓ ମଝିରେ ମଝିରେ ଓଆର୍‌ଏସ୍ ସହିତ ସ୍କୋରୋଲାକ ପାଉଡର ଖାଇବାକୁ ଦିଆଯାଉଛି। ଫଳରେ ଡାକ୍ତରଙ୍କ ଚିନ୍ତା ବଢ଼ିଯାଇଛି। ଏହି ହାତୀ ଛୁଆଟିକୁ ଗତ ଜୁନ ୨୫ରେ କେନ୍ଦୁଝର ଡିଭିଜନର ଘଟଗାଁ ରେଞ୍ଜ କୋଲିମାଟି ଗାଁ ପାଖ ଏକ ପଥର ଖୋଲରୁ ବନବିଭାଗ ଉଦ୍ଧାର କରିଥିଲା। ପରେ ତା' ମା' ତାକୁ ଗ୍ରହଣ ନ କରିବାରୁ ଛୁଆ ହାତୀକୁ ନନ୍ଦନକାନନକୁ ଅଣାଯାଇଥିଲା। ଏବେ ନନ୍ଦନକାନନରେ ବାସନ୍ତୀ, ହୀରା, ମାମା ଓ ଛୁଆହାତୀକୁ ମିଶାଇ ୪ ହାତୀ ଅଛନ୍ତି।

# ହାଇ ଟେକ୍ନିକାଲ କମିଟିର ନନ୍ଦନକାନନ ପରିଦର୍ଶନ

ବାରଙ୍ଗ,୧୨।୭(ଲିଙ୍ଗରାଜ ରାଉତ)

ନନ୍ଦନକାନନରେ ଥିବା ଜୀବଜନ୍ତୁଙ୍କ ସୁରକ୍ଷା, ଯତ୍ନ, ସେବା ଏବଂ ସ୍ୱାସ୍ଥ୍ୟ ସମ୍ପର୍କରେ ଅନୁଧ୍ୟାନ କରିବାକୁ ହାଇ ଟେକ୍ନିକାଲ କମିଟି ବୁଧବାର ପରିଦର୍ଶନରେ ଆସିଥିଲେ। ସେମାନେ ନନ୍ଦନକାନନର ବିଭିନ୍ନ ଏନ୍‌କ୍ଲୋଜରରେ ଥିବା ପଶୁପକ୍ଷୀଙ୍କୁ ଦେଖିବା ସହ ସ୍ୱାସ୍ଥ୍ୟାବସ୍ଥା ପରଖିଥିଲେ। ପ୍ରଫେସର ଡ. ଇନ୍ଦ୍ରମଣୀ ନାଥ, ପ୍ରଫେସର ଡ.ସୁଶେଣ ପଣ୍ଡା, ପ୍ରଫେସର ଡ. ନିରଞ୍ଜନ ସାହୁଙ୍କୁ ନେଇ ଗଠିତ ୧୫ଜଣିଆ ଟିମ୍ ପ୍ରାଣୀବିଭାଗ ଅଧିକାରୀଙ୍କ ସହ ଡାକବଙ୍ଗଳାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟତଃ ୨ମାସର ହାତୀଛୁଆ 'ଅଭି' ଓ ବୟସ୍କ ମାଈହାତୀ ବାସନ୍ତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ଆଲୋଚନା କରାଯାଇଥିଲା। ଏହି ଦୁଇ ହାତୀଙ୍କ ଯତ୍ନ ସେବା ଓ ସ୍ୱାସ୍ଥ୍ୟ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ କମିଟି ପରାମର୍ଶ ଦେବା ସହିତ ଭାଲୁ, ବାରଶିଙ୍ଘା ଆଦି ରୋଗାକ୍ରାନ୍ତ ହୋଇ ଚିକିତ୍ସା ହେଉଥିବା ଜୀବଜନ୍ତୁଙ୍କ ଅତ୍ୟାଧୁନିକ ଚିକିତ୍ସା ନିମନ୍ତେ ପରାମର୍ଶ ଦେଇଥିଲେ। ଜୁନ୍ ୨୫ତାରିଖରେ କେନ୍ଦୁଝର ଅଞ୍ଚଳରୁ ଉଦ୍ଧାର ହୋଇ ଆସିଥିବା ୨ବର୍ଷର ହାତୀଛୁଆ 'ଅଭି'ର ଯତ୍ନ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକଙ୍କୁ ବିଭିନ୍ନ ପ୍ରଣାଳୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ବୈଠକରେ ନନ୍ଦନକାନନ ଉପନିର୍ଦ୍ଦେଶକ ସନଥ୍ କୁମାର ଏନ୍‌ଙ୍କ ସମେତ ନନ୍ଦନକାନନ ଡାକ୍ତର ଓ ପ୍ରାଣୀବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଜୟନ୍ତୀରେ ସଂଗ୍ରାମୀ ଗଙ୍ଗାଧର ପାଇକରାୟଙ୍କୁ ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର,୧୨।୭(ଶର୍ମିଷ୍ଠା ପାଣିଗ୍ରାହୀ)

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ କୃଷକ ନେତା ଗଙ୍ଗାଧର ପାଇକରାୟଙ୍କ ୧୦୮ତମ ଜୟନ୍ତୀ ସମାରୋହ ସିପିଆଇର ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଆଶିଷ କାନୁନ୍‌ଗୋଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ସିପିଆଇର ଜୋନ୍ ସମ୍ପାଦକ ସୁର ଜେନା ପ୍ରାରମ୍ଭିକ ଅଭିଭାଷଣ ଦେଇଥିଲେ। ଏହାପରେ ସିପିଆଇର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ଓଡ଼ିଶା ସାହିତ୍ୟ ଏକାଡେମୀ ପୂର୍ବତନ ସମ୍ପାଦକ ଡ. ଅଶ୍ୱିନୀ ମିଶ୍ର, ସିପିଆଇର ପୂର୍ବତନ ରାଜ୍ୟ ସମ୍ପାଦକ ଦିବାକର ନାୟକ, ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡୀ, ଖୋର୍ଦ୍ଧା ଜିଲା ସମ୍ପାଦକ ଅମିୟ ପଟ୍ଟନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅପର୍ଣ କରି ଗଙ୍ଗାଧରଙ୍କ ସଂଗ୍ରାମମୟ, ବିପ୍ଳବୀ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ଜୟନ୍ତୀ କମିଟିର ସମ୍ପାଦକ ପ୍ରଫୁଲ୍ଲ ତ୍ରିପାଠୀ ଧନ୍ୟବାଦ ଦେଇଥିବାବେଳେ ବସନ୍ତ କୁମାର ପାଇକରାୟ, ପ୍ରମୋଦିନୀ ପାଇକରାୟ, ସିପିଆଇ ଜିଲା ସହସମ୍ପାଦକ ସତୀଶ ମିଶ୍ର, ନୃସିଂହ ବେହେରା, ସମାଜସେବୀ ଶ୍ରୀକାନ୍ତ ମିଶ୍ର ଓ କମ୍ୟୁନିଷ୍ଟ ନେତା ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ପାଠାଗାର ଆନ୍ଦୋଳନର ପୁରୋଧା ଦାଶିଆ ଅଜା

## ୧୧୬ତମ ଜୟନ୍ତୀରେ ପୁସ୍ତକ ପ୍ରଦର୍ଶନୀ, ଆଲୋଚନାଚକ୍ର

ଭୁବନେଶ୍ୱର,୧୨।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ପାଠାଗାର ଆନ୍ଦୋଳନର ପୁରୋଧା ତଥା ସଂଗ୍ରାହକ ଓ ସାରସ୍ୱତ ସାଧକ ଦାଶରଥି ପଟ୍ଟନାୟକ ଓରଫ ଦାଶିଆ ଅଜାଙ୍କ ୧୧୬ତମ ଜୟନ୍ତୀ ବୁଧବାର ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ପୁସ୍ତକ ପ୍ରଦର୍ଶନୀ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଯୋଗଦେଇ ଦାଶିଆ ଅଜାଙ୍କ ନିଷ୍ଠା ଓ ସାଧନା ସମ୍ପର୍କରେ କହିଲେ, ନୟାଗଡ଼ ଜିଲାର ଏକପାହାଡ଼ିଆ ଗାଁ ଉଦୟପୁରରେ ନିଜ ପ୍ରଚେଷ୍ଟାରେ ସେ ଏକ ପାଠାଗାର, ସଂଗ୍ରହାଳୟ, ସାହିତ୍ୟ ସଂସଦ ଓ ଗବେଷଣାଗାର ପ୍ରତିଷ୍ଠା କରିଥିଲେ। ପ୍ରାଚୀନ ପୁସ୍ତକ, ପତ୍ରପତ୍ରିକା, ତାଳପତ୍ର ପୋଥି, ପୁରାତନ ସଂସ୍କୃତିର ସ୍ମୃତିବହନ କରୁଥିବା ସାମଗ୍ରୀ ସଂଗ୍ରହ କରି ସେ ଓଡ଼ିଶାର ଗୌରବାବହ ଐତିହ୍ୟ ବାବଦରେ ଉତ୍ତରପିଢ଼ିଙ୍କୁ ସଚେତନ କରିବା ଦିଗରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲେ ବୋଲି ରାଉତରାଏ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ବିଭାଗୀୟ ଯୁଗ୍ମ ଶାସନ ସଚିବ ଅତସୀ ଦାସ ଓ ମୁଖ୍ୟବକ୍ତା ଭାବେ ରାଜ୍ୟ ଗ୍ରନ୍ଥାଗାରର ପୂର୍ବତନ ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରା ଦାଶିଆ ଅଜାଙ୍କ ସାରସ୍ୱତ ସାଧନା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରନ୍ଥାଗାରର ସମସ୍ତ କର୍ମଚାରୀ, ପାଠିକାପାଠକ ପ୍ରମୁଖ ଯୋଗଦେଇଥିବାବେଳେ ଗ୍ରନ୍ଥାଧ୍ୟକ୍ଷ ବିଦ୍ୟାଧର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଭୁବନେଶ୍ୱରରେ ମୌସୁମୀ ପ୍ରସ୍ତୁତି ସମୀକ୍ଷା

ଭୁବନେଶ୍ୱର,୧୨।୭ (ଅନୁରାଧା ମହାରଣା)

ରାଜଧାନୀରେ ଜଳବନ୍ଦୀ ହ୍ରାସ କରିବା ଏବଂ ଡ୍ରେନ୍‌ର ବିକାଶକୁ ନେଇ ମୁଖ୍ୟଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ବୁଧବାର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ସମ୍ଭାବ୍ୟ ଜଳବନ୍ଦୀ ଏବଂ ଆବଶ୍ୟକ ପଙ୍କୋଦ୍ଧାର ତଥା ଠିକ୍ ସମୟରେ ଡ୍ରେନ ପଙ୍କକୁ ସ୍ଥାନାନ୍ତର କରିବାକୁ ଏହି ବୈଠକରେ ଗୁରୁତ୍ୱ ଦିଆଯାଇଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଏବଂ ପୂର୍ତ୍ତ ବିଭାଗର ଏକ ମିଳିତ ସହଯୋଗରେ ଭୁବନେଶ୍ୱରର ବିଭିନ୍ନ ଡ୍ରେନ, ଏହାର ବିକାଶ କାର୍ଯ୍ୟ, ସମ୍ପୃକ୍ତ ଭୂମି ଅଧିଗ୍ରହଣ କାର୍ଯ୍ୟ, ନୂତନ ଯୋଜନା ବାବଦରେ ପୁଙ୍ଖାନୁପୁଙ୍ଖ ସୂଚନା ଦିଆଯାଇଥିଲା। ନିରନ୍ତର ଡ୍ରେନ କାର୍ଯ୍ୟ, କ୍ଷେତ୍ର ପରିଦର୍ଶନ, ଜରୁରିକାଳୀନ ପରିସ୍ଥିତିରେ ଆବଶ୍ୟକ ବନ୍ଦୋବସ୍ତ ବାବଦରେ ମଧ୍ୟ ଆଲୋଚନା ହୋଇଥିଲା। ଏପରିକି ୱାର୍ଡ କୋର୍ କମିଟି ମାଧ୍ୟମରେ ଡ୍ରେନର ବିକାଶ ଏବଂ ଯତ୍ନ ବାବଦରେ ଆଲୋନଚା ଓ ପଦକ୍ଷେପ ନିଆଯାଉଛି। ଗତ ବର୍ଷ ମହାନଗର ନିଗମ ଅଞ୍ଚଳରେ ୭୫ ଗୋଟି ସମ୍ବେଦନଶୀଳ ସ୍ଥାନ ଚିହ୍ନଟ ହୋଇଥିଲା। ସମ୍ବେଦନଶୀଳ ଅଞ୍ଚଳଗୁଡିକରେ ଆବଶ୍ୟକମତେ ପମ୍ପସେଟ୍, ଜରୁରିକାଳୀନ ଜଳ ନିଷ୍କାସନ ବ୍ୟବସ୍ଥା କରାଯିବା ସହିତ ସ୍ଥାନୀୟ ବାସିନ୍ଦା କିପରି ବର୍ଷା ବିପ୍ରାତରେ ଅସୁବିଧାରେ ନପଡ଼ିବେ ପୂର୍ବରୁ ବିଧିବଦ୍ଧ ବ୍ୟବସ୍ଥା କରି ନିରାପଦସ୍ଥାନ ଯୋଗାଡ଼ କରାଯାଇଛି । ଫଳରେ ଗତ ବର୍ଷ ତୁଳନାରେ ଚଳିତ ବର୍ଷର ବିପଦସଙ୍କୁଳ ସ୍ଥାନ ୩୨କୁ ହ୍ରାସ ପାଇଛି। ବିପଦସଙ୍କୁଳ ସ୍ଥାନଗୁଡ଼ିକୁ ଶୂନ୍ୟ କରିବା ଦିଗରେ ସରକାରଙ୍କ ବିଭିନ୍ନ ଯୋଜନା ଅନ୍ତର୍ଗତ କାର୍ଯ୍ୟମାନ କରାଯାଉଛି । ଜାତୀୟ ରାଜପଥ ବିଭାଗ ଇସ୍କନଠାରେ ହେଉଥିବା ଜଳବନ୍ଦୀରୁ ରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ଇସ୍କନ ମନ୍ଦିରର ବିପରୀତ ପାର୍ଶ୍ୱରେ ଥିବା କ୍ରିଷ୍ଣା ଟାୱାରରୁ ଭୋଇସାହି ପର୍ଯ୍ୟନ୍ତ ଏକ ସମାନ୍ତରାଳ ଡ୍ରେନ ନିର୍ମାଣ କରି ଜଳବନ୍ଦୀ ଲାଘବ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏଥିରେ ବିଏମ୍‌ସି ଏବଂ ସଂଯୁକ୍ତ ବିଭାଗ ଆବଶ୍ୟକ ସହଯୋଗ କରିବାକୁ ମଧ୍ୟ କୁହାଯାଇଛି । ଏହି ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜି. ମାଥିଭାଥନନ୍‌ଙ୍କ ସମେତ ପୂର୍ତ୍ତବିଭାଗ ସେକ୍ରେଟାରୀ, ବିଡିଏ ଉପାଧ୍ୟକ୍ଷ, ବିଏମ୍‌ସି କମିଶନର, ଇଡ୍‌କୋ ଏମଡି, ଡାଇରେକ୍ଟର ଜେନେରାଲ ଅଗ୍ନିଶମ ବିଭାଗ, ଜେନେରାଲ ମ୍ୟାନେଜର ଏନ୍‌ଏଚ୍‌ଏଆଇ ପ୍ରମୁଖ ଉଚ୍ଚ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ ।

# ୨୦୨୪ ସୁଦ୍ଧା ପ୍ରତି ଘର ଆଗରେ ମିଳିବ ପାନୀୟ ଜଳ

## ବୃହତ୍ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର

ବାରଙ୍ଗ,୧୨।୭(ଲିଙ୍ଗରାଜ ରାଉତ)

ପ୍ରତି ଘର ଦୁଆର ମୁହଁରେ ମିଳିବ ବିଶୁଦ୍ଧ ପିଇବା ପାଣି। ୨୦୨୪ ସୁଦ୍ଧା ଏହି ସୁବିଧା ଉପଲବ୍ଧ ହେବା ନେଇ ଗୁରୁତ୍ୱ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବେଲଗଛିଆଠାରେ ଆୟୋଜିତ ବୃହତ୍ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ ବୁଧବାର ହୋଇଯାଇଛି। ଏହାକୁ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତ ଉଦ୍‌ଘାଟନ କରି ଏହା କହିଛନ୍ତି। ସାଧାରଣ ଲୋକଙ୍କ ମୌଳିକ ଅଧିକାର ଯାହା ରାଜ୍ୟରେ ଦେଖାଦେଉଥିବା ଲୋ- ଭୋଲଟେଜ ସମସ୍ୟା ଦୂର କରିବା ଓ ପ୍ରତି ଘରକୁ ପାନୀୟଜଳ ଯୋଗାଣ କିପରି ହୋଇପାରିବ, ସେଥିପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇ ବ୍ୟୟ ବରାଦ ମଧ୍ୟ କରିଥିବା ମନ୍ତ୍ରୀ କହିଛନ୍ତି। ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଏଥିରେ ସଭାପତିତ୍ୱ କରିଥିଲେ। ଉତ୍ସବରେ ବାଙ୍କୀ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସମେତ ଜିଲା ପ୍ରଶାସନର ପଦାଧିକାରୀମାନେ ଯୋଗଦେଇଥିଲେ। ଏହି ପ୍ରକଳ୍ପ ଦ୍ୱାରା ବାରଙ୍ଗ ବ୍ଲକର ଦାଢ଼ା, ଶ୍ରୀବନ୍ତପୁର, ମଧୁପୁର, ବେଲଗଛିଆ, କୁହ୍ନେଇପଡ଼ା, ମୁଣ୍ଡଳୀ, ରାମଦାସପୁର, ନରାଜ ମାର୍ଥାପୁର ଆଦି ୮ ପଞ୍ଚାୟତବାସୀ ଲାଭବାନ ହେବେ। ଏଥିରେ ୩୬ ହଜାରରୁ ଊର୍ଦ୍ଧ୍ୱ ଲୋକେ ପାନୀୟ ଜଳ ନିଜ ଘର ଆଗରେ ପାଇପାରିବେ। ଏହି ପ୍ରକଳ୍ପ କାର୍ଯ୍ୟ ୨ବର୍ଷ ଭିତରେ ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହେବାକୁ ଲକ୍ଷ୍ୟ ରଖାଯାଇଛି। ୫ବର୍ଷ ପର୍ଯ୍ୟନ୍ତ ଏହାର ମରାମତି ଦାୟିତ୍ୱ କାମ କରୁଥିବା ଠିକାଦାରଙ୍କ ଦ୍ୱାରା କରାଯିବ ବୋଲି ଗ୍ରାମ୍ୟ ଜଳଯୋଗାଣ ଓ ପରିମଳଖଣ୍ଡ କଟକ ପକ୍ଷରୁ କୁହାଯାଇଛି। ଏକ ବିରାଟ ବାଇକ୍ ଶୋଭାଯାତ୍ରାରେ ବିଜେଡି କର୍ମୀମାନେ ବାଙ୍କୀ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କୁ ବାରଙ୍ଗ ଡାକ୍ତରଖାନା ଛକଠାରୁ ବେଲଗଛିଆ ପର୍ଯ୍ୟନ୍ତ ନେଇଥିଲେ।




ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମନ୍ତ୍ରୀ ପ୍ରଦୀପ ଅମାତ ଓ ଅନ୍ୟମାନେ।

## ସଂକ୍ଷେପରେ

### ସ୍କୁଟି ସହ ଅଭିଯୁକ୍ତଙ୍କୁ ଧରି ପୋଲିସ ଜିମାଦେଲେ ଲୋକେ

ସାଲେପୁର,୧୨।୭(ଅରବିନ୍ଦ ଭୂୟାଁ) ସାଲେପୁର ଥାନା ଅନ୍ତର୍ଗତ ଏକ ଡ୍ରେସ୍ ଦୋକାନ ଆଗରୁ ଚୋରି ଯାଇଥିବା ସ୍କୁଟି ସହ ଅଭିଯୁକ୍ତଙ୍କୁ ଲୋକେ ଧରି ମଙ୍ଗଳବାର ରାତିରେ ପୋଲିସ ଜିମା ଦେଇଛନ୍ତି। ସାଲେପୁର ବଜାର ନିକଟରେ ଥିବା ଏକ ଡ୍ରେସ୍ ଦୋକାନ ଆଗରେ ସ୍ନିଗ୍ଧାରାଣୀ ରାଉତ ନାମକ ଗ୍ରାହକ ସ୍କୁଟି ନଂ. ଓଡି ୦୫ ଜେଡ୍ ୪୩୮୯କୁ ରଖି ମଙ୍ଗଳବାର ଡ୍ରେସ୍ କିଣିବାକୁ ଭିତରକୁ ଯାଇଥିଲେ। ଦୋକାନରୁ ଫେରି ଦେଖନ୍ତି ତ ସ୍କୁଟିଟି ରଖିଥିବା ସ୍ଥାନରେ ନାହିଁ। ବହୁ ଖୋଜାଖୋଜି କରି ଶେଷରେ ତାଙ୍କ ସ୍କୁଟି ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଗ୍ରହଣ କରି ତଦନ୍ତ କରୁଥିବାବେଳେ ରାତିରେ ଚୋରି ଯାଇଥିବା ସ୍କୁଟିକୁ ରାଇସୁଙ୍ଗୁଡ଼ା ଅଞ୍ଚଳର ଗୁଆଳିପୁର ଗ୍ରାମର ସେକ୍ ଆଦିଲ ନେଇ ଦ୍ରୁତଗତିରେ ଯାଉଥିଲେ। ତାଙ୍କ କାର୍ଯ୍ୟକଳାପକୁ ସନ୍ଦେହ କରି ସ୍ଥାନୀୟ ଲୋକେ ଆଦିଲଙ୍କୁ ଅଟକାଇ ଥିଲେ। ତାଙ୍କୁ ପଚରାଉଚୁରା କରିବାରେ ଆଦିଲ ସ୍କୁଟିଟିକୁ ଡ୍ରେସ୍ ଦୋକାନ ସମ୍ମୁଖରୁ ଚୋରି କରିଥିବା ସ୍ଥାନୀୟ ଲୋକଙ୍କ ନିକଟରେ କହିଥିଲେ। ସ୍ଥାନୀୟ ଲୋକେ ଚୋରି ଯାଇଥିବା ସ୍କୁଟି ସହ ଅଦିଲଙ୍କୁ ପୋଲିସ ଜିମା ଦେଇଥିଲେ।

### ସଚେତନତା ହେଲେ ଜନସଂଖ୍ୟା ନିୟନ୍ତ୍ରଣ ହେବ

ବାଙ୍କୀ,୧୨।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର) ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଭୂଗୋଳ ବିଭାଗ ଆନୁକୂଲ୍ୟରେ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧାପକ ଅରଜିତ କୁମାର ମିଶ୍ର ସଭାପତିତ୍ୱ କରି ବିଶ୍ୱ ଜନସଂଖ୍ୟା ଦିବସର ତାପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ କଲେଜ ଉପାଧକ୍ଷ ପ୍ରାଧାପକ ମନୋଜ କୁମାର ମହାପାତ୍ର ଯୋଗ ଦେଇ ଛାତ୍ର ସମାଜ ଓ ଜନସାଧାରଣଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରିପାରିଲେ ଜନସଂଖ୍ୟାକୁ ନିୟନ୍ତ୍ରଣ କରି ହେବ। ଦ୍ରୁତ ଜନସଂଖ୍ୟା ବୃଦ୍ଧି ଯୋଗଉ ଯୋଗାଯୋଗ, ପରିବେଶ ପ୍ରଦୂଷଣ ଓ ବିଭିନ୍ନ ସମସ୍ୟା ଦେଖାଯାଉଛି ବୋଲି ପ୍ରାଧାପକ ମହାପାତ୍ର କହିଥିଲେ। ସୌମ୍ୟରଞ୍ଜନ ମନ୍ତ୍ରୀ ଜନସଂଖ୍ୟା ନିୟନ୍ତ୍ରଣ ସମ୍ପର୍କରେ ଏକ ସନ୍ଦର୍ଭ ଉପସ୍ଥାପନା କରିଥିଲେ।

### ମାନପୁର ବିଦ୍ୟାଳୟରେ ପୋଷାକ ବିତରଣ

ତିଗିରିଆ, ୧୨।୭(ଜାଫର ଖାଁ ) ତିଗିରିଆ ବ୍ଲକ ଅନ୍ତର୍ଗତ ମାନପୁରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମଠାରୁ ୮ମ ଶ୍ରେଣୀରେ ଅଧ୍ୟୟନରତ ୨୫୮ ଛାତ୍ରୀଛାତ୍ରଙ୍କୁ ବୁଧବାର ପୋଷାକ ବିତରଣ କରାଯାଇଛି। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରମୋଦ କୁମାର ଗୋଛିକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତିଗିରିଆ ବ୍ଲକ ଶିକ୍ଷାଧିକାରୀ ପ୍ରିୟରଞ୍ଜନ ହୋତା, ସମ୍ମାନିତ ଅତିଥି ଭାବେ ଗଦାଧରପୁର ସରପଞ୍ଚ ପୁଷ୍ପିତା ସ୍ୱାଇଁ, ଆମ୍ବ ଅଧକ୍ଷ ହରେନ୍ଦ୍ର ଦଳେଇ ଯୋଗଦେଇ ପିଲାଙ୍କୁ ପୋଷାକ ବଣ୍ଟନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାସୁଦେବ ରାଉତଙ୍କ ସହ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ନାରାୟଣ ସେନାପତି ଧନ୍ୟବାଦ ଦେଇଥିଲେ।

### ଗୋପୀନାଥପୁର ମାଧବାନନ୍ଦ ମଠ ଅଧିକାରୀଙ୍କ ପରଲୋକ



ସାଲେପୁର,୧୨।୭ (ଅରବିନ୍ଦ ଭୂୟାଁ) ସାଲେପୁର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତ ଅଧୀନ ଶ୍ରୀ ଶ୍ରୀମାଧବାନନ୍ଦ ମଠର ୧୬ତମ ଅଧିକାରୀ ବିବେକାନନ୍ଦ ଦାସଗୋସ୍ୱାମୀଙ୍କ ବୁଧବାର ମଧ୍ୟାହ୍ନ ୧୨ଟାରେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଗୋପୀନାଥପୁର ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କ ମୃତଶରୀରକୁ ଏକ ସୁସଜ୍ଜିତ ବିମାନରେ ବସାଇ ଗ୍ରାମ ପରିକ୍ରମା କରାଯାଇ ପୁରୁଷୋତ୍ତମପୁରସ୍ଥିତ ଶରଧାବାଲି ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଜ୍ୟେଷ୍ଠପୁତ୍ର ସଦାନନ୍ଦ ଦାସ ମୁଖାଗ୍ନି ଦେଇଥିବାବେଳେ କନିଷ୍ଠ ପୁତ୍ରଙ୍କ ସହ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ମଠ ଅଧିକାରୀଙ୍କ ପରଲୋକରେ ଗୋପୀନାଥପୁର ଗ୍ରାମ ସମେତ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

# ପିଲାଙ୍କୁ ନିମ୍ନମାନର ପୋଷାକ ବଣ୍ଟନ ନେଇ ଅସନ୍ତୋଷ

**ନିଶ୍ଚିନ୍ତକୋଇଲିରେ ଏକାଧିକ ବିଦ୍ୟାଳୟରେ ନାହିଁ ପରିଚାଳନା କମିଟି**

ନିଶ୍ଚିନ୍ତକୋଇଲି,୧୨।୭, (ଅଶୋକ କୁମାର ମହାପାତ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ଶିକ୍ଷାମଣ୍ଡଳ ଅଧୀନରେ ବହୁ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନିମ୍ନମାନର ପୋଷାକ ବିତରଣକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ବିଭାଗୀୟ ସ୍ତରରେ ଏହାର ତଦନ୍ତ ନିମନ୍ତେ ଅଭିଭାବକ ମହଲରେ ଦାବି କରାଯାଇଛି। ଓଡ଼ିଶା ଶିକ୍ଷା କାର୍ଯ୍ୟକ୍ରମ କର୍ତ୍ତୃପକ୍ଷ ତାଙ୍କ ଚିଠି ନଂ. ୭୨୮୨/୧୯।୬।୨୦୨୩ ଅନୁଯାୟୀ, ସମଗ୍ର ଶିକ୍ଷା ଯୋଜନା ପକ୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷରେ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ୟୁନିଫର୍ମ ବିତରଣ କରାଯିବା ନିମନ୍ତେ ପତ୍ର ପ୍ରେରଣ କରିଛନ୍ତି। ଏ ନେଇ ନିଶ୍ଚିନ୍ତକୋଇଲି ବ୍ଲକର ୪୧ଟି ପଞ୍ଚାୟତରେ ୧୯୨ଟି ବିଦ୍ୟାଳୟର ୭,୬୩୩ଜଣ ଛାତ୍ରୀ ଓ ୫,୮୯୮ଜଣ ଛାତ୍ରଙ୍କୁ ପୋଷାକ ବିତରଣ ନିମନ୍ତେ ସରକାର ୮୧ ଲକ୍ଷ ୧୮ ହଜାର ୬୦୦ ଟଙ୍କା ମଞ୍ଜୁର କରିଛନ୍ତି। ଏହି ଟଙ୍କାରେ ପ୍ରତି ଛାତ୍ରୀଛାତ୍ରଙ୍କୁ ୫ଶହ ଟଙ୍କା ମୂଲ୍ୟରେ ୨ହଳ ପୋଷାକ, ୨୦୦ ଟଙ୍କା ମୂଲ୍ୟରେ ହଳେ ଚପଲ, ୨ହଳ ମୋଜା, ୧୨୫ ଟଙ୍କାରେ ଗୋଟିଏ ଟି' ଶାର୍ଟ, ୧୨୫ ଟଙ୍କାରେ ଗୋଟିଏ ଟ୍ରାକ୍ ପ୍ୟାଣ୍ଟ, ୩୦ ଟଙ୍କା ମୂଲ୍ୟରେ ଗୋଟିଏ କ୍ୟାପ, ୨୦ ଟଙ୍କା ମୂଲ୍ୟରେ ଗୋଟିଏ ଆଇଡି କାର୍ଡ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ପିଲାଙ୍କ ପାଇଁ ସରକାର ୧୦୦୦ଟଙ୍କା ଲେଖାଏ ମଞ୍ଜୁର କରିଛନ୍ତି। ଏହି ଅର୍ଥ ବିଦ୍ୟାଳୟ ପରିଚାଳନା କମିଟିକୁ ପଠାଇ ଦିଆଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ପୋଷାକ କ୍ରୟ କରି ଛାତ୍ରୀଛାତ୍ରଙ୍କୁ ବଣ୍ଟନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ନିଶ୍ଚିନ୍ତକୋଇଲି ବ୍ଲକର ବହୁ ବିଦ୍ୟାଳୟରେ ପ୍ରଶାସନିକ ଦାୟିତ୍ୱହୀନତା କାରଣରୁ ଏପର୍ଯ୍ୟନ୍ତ ପରିଚାଳନା କମିଟି ଗଠନ କରାଯାଇପାରିନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳରେ କାର୍ଯ୍ୟ କରୁଥିବା ସିଆର୍‌ସିସିମାନେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଏକ ନିର୍ଦ୍ଦିଷ୍ଟ ଏଜେନ୍ସିଠାରୁ ପୋଷାକ କ୍ରୟ କରିବାକୁ ଚାପ ପକାଉଥିବା ଚର୍ଚ୍ଚା ହେଉଛି। ଯେଉଁ ବିଦ୍ୟାଳୟଗୁଡ଼ିକରେ ପରିଚାଳନା କମିଟି ଅଛି, ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ କମିଟି ନିମ୍ନମାନର ପୋଷାକ କିଣି ବଣ୍ଟନ କରୁଥିବା ଅଭିଯୋଗ ହୋଇଛି। ଛାତ୍ରୀଛାତ୍ରମାନେ ଏହି ପୋଷାକ ପିନ୍ଧିବା ପରେ ତାହା ଅଳ୍ପଦିନ ମଧ୍ୟରେ ଚିରି ଯାଉଥିବା ଅଭିଯୋଗ ହୋଇଛି। ତେବେ ବ୍ଲକର ବହୁ ବିଦ୍ୟାଳୟରେ ପରିଚାଳନା କମିଟି ନ ଥିବାରୁ ସିଆର୍‌ସିସି ଓ ପ୍ରଧାନ ଶିକ୍ଷକ ଡ୍ରେସ କ୍ରୟ କରୁଥିବାରୁ ଏହାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବୁହାଲୋ ସମିତିସଭ୍ୟ ଭବାନୀ ଶଙ୍କର ବେହେରା ବିଇଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ପରିଚାଳନା କମିଟି ନ ଥିବାରୁ ପ୍ରଧାନ ଶିକ୍ଷକ ଓ ସିଆରସିସି ପୋଷାକ ବିତରଣ କରୁଛନ୍ତି। କିନ୍ତୁ ସେହିମାନେ ମଧ୍ୟ ମାନ ପରଖୁଛନ୍ତି। ତେବେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହାର ନିରପେକ୍ଷ ତଦନ୍ତ ପାଇଁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଇଓ ଲକ୍ଷେହୀରା ଲାବଣ୍ୟବତୀ ବେହେରାଙ୍କୁ ପଚାରିବାରେ ପୋଷାକ କୋଟେଶନ ମାଧ୍ୟମରେ ବିଦ୍ୟାଳୟ ପରିଚାଳନା କମିଟି ଓ ପ୍ରଧାନ ଶିକ୍ଷକ କ୍ରୟ କରୁଛନ୍ତି। ଯେଉଁଠି ପରିଚାଳନା କମିଟି ନାହିଁ ସେ ସ୍ଥାନରେ ସିଆରସିସି ଓ ପ୍ରଧାନ ଶିକ୍ଷକ ଏହି କାର୍ଯ୍ୟ ତୁଲାଉଛନ୍ତି। ନିମ୍ନମାନର ପୋଷାକ ବଣ୍ଟନ ଅଭିଯୋଗ ଆସିଲେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ଖରିଫ ଧାନକ୍ରୟ ପାଇଁ ପ୍ରଶିକ୍ଷଣ ଶିବିର



ଶିବିରରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

ଆଠଗଡ଼,୧୨।୭(ସତ୍ୟ ପ୍ରସାଦ ରଥ)

ନରସିଂହପୁର ବଜାର କମିଟି, ଆଠଗଡ଼ ଆନୁକୂଲ୍ୟରେ ଚଳିତବର୍ଷ ୨୦୨୩-୨୪ ଖରିଫ ଋତୁରେ ଚାଷୀମାନଙ୍କଠାରୁ ଧାନ କିଣାଯିବ। ଏ ନେଇ ଚାଷୀମାନଙ୍କ ନାମ ପଞ୍ଜୀକରଣ ପାଇଁ ଆଠଗଡ଼ ଉପଖଣ୍ଡ ଅନ୍ତର୍ଗତ ୪ ବ୍ଲକ ସମବାୟ ସେବା ସମିତିର ସମ୍ପାଦକ ଓ ଡିଟିପି ଅପରେଟରଙ୍କ ପ୍ରଶିକ୍ଷଣ ଶିବିର ଆଠଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ଯୋଗାଣ ବିଭାଗ ଓ ସମବାୟ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ ଉପଖଣ୍ଡ ଅନ୍ତର୍ଗତ ଆଠଗଡ଼, ତିଗିରିଆ, ବଡ଼ମ୍ବା, ନରସିଂହପୁର ଓ ଆଠଗଡ଼ ଏନ୍‌ଏସି ଅନ୍ତର୍ଗତ ୭୩ଟି ସେବା ସମବାୟ ସମିତିର ସମ୍ପାଦକ ଏବଂ ଡିଇଓମାନେ ଯୋଗଦେଇଥିଲେ। ଏଥିରେ କଟକ ଜିଲା ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର, ସହକାରୀ ଯୋଗାଣ ଅଧିକାରୀ ଉପେନ୍ଦ୍ର କୁମାର ଭୋଇ, ସହକାରୀ ଯୋଗାଣ ଅଧିକାରୀ ଆଠଗଡ଼ ଜଗମୋହନ ଦାସ, ଆଠଗଡ଼ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ବୀଜେନ୍ଦ୍ର ମହାନ୍ତି, ଉପନିବନ୍ଧକ ସଞ୍ଜୀବ କୁମାର ପଣ୍ଡା, ସହକାରୀ ପ୍ରୋଗ୍ରାମର ଜାମିନୀକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଚଳିତବର୍ଷ ନିର୍ଦ୍ଧାରିତ ସମୟ ମଧ୍ୟରେ ଚାଷୀମାନଙ୍କଠାରୁ ଆବଶ୍ୟକ କାଗଜପତ୍ର ଯଥା ଆଧାରକାର୍ଡ, ବ୍ୟାଙ୍କ ପାସ୍ ବୁକ୍ ଓ ଜମିଜମା କାଗଜପତ୍ର ସହ ନିଃଭୁଲ ପଞ୍ଜୀକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଚଳିତବର୍ଷ ସରକାରଙ୍କ ଘୋଷଣା ଅନୁଯାୟୀ, ସାଧାରଣ ମାନ(ଏଫ୍‌ଏକ୍ୟୁ) ଧାନ ଦର ୨୦୪୦ଟଙ୍କାରୁ ୧୪୩ ଟଙ୍କା ବୃଦ୍ଧି ପାଇ ୨୧୮୩ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ବଜାର କମିଟିର ସମ୍ପାଦକ ରାମନାରାୟଣ ମଲ୍ଲିକ ସଂଯୋଜନା କରି ଧନ୍ୟବାଦ ଦେଇଥିଲେ।

# ତଦନ୍ତ ପାଇଁ ହାଇକୋର୍ଟଙ୍କ ଜିଲାପାଳଙ୍କୁ ନିର୍ଦ୍ଦେଶ

ନିଶ୍ଚିନ୍ତକୋଇଲି,୧୨।୭ (ଅଶୋକ କୁମାର ମହାପାତ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ପଞ୍ଚାୟତର ମୁକୁନ୍ଦପୁର-୧ ଅଙ୍ଗନୱାଡ଼ି କେନ୍ଦ୍ର ଗୋଚର ଜମିରେ ବେଆଇନ ଭାବେ ନିର୍ମାଣ ହେଉଥିବା ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା। ଉଚ୍ଚ ନ୍ୟାୟାଳୟ ଏହି ମାମଲାର ବିଚାର କରି ଜିଲାପାଳ ଭବାନୀ ଶଙ୍କର ଚୟନିଙ୍କୁ ତୁରନ୍ତ ଏହାର ତଦନ୍ତ ରିପୋର୍ଟ ହେବା ସହ ଗୋଚର ଜମିରେ ବେଆଇନ ଭାବେ ହୋଇଥିବା ନିର୍ମାଣ କାର୍ଯ୍ୟକୁ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ନତକାଇ ପଞ୍ଚାୟତରେ ମୁକୁନ୍ଦପୁର ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ରର ଗୃହ ନିର୍ମାଣ ପାଇଁ ବ୍ୟୟ ବରାଦ କରିଥିଲେ ମଧ୍ୟ ବିବାଦୀୟ ପରିସ୍ଥିତି ପାଇଁ ଗୃହ କାମ ଶେଷ ହୋଇପାରିନାହିଁ। କିଛିଦିନ ତଳେ ଏକ ଗୋଚର ଜମିରେ ଅଙ୍ଗନୱାଡ଼ି ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିପାଇଁ ୫ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ତେବେ ଗୋଚର ଜମିରେ ସରକାରୀ ଅର୍ଥରେ କିଭଳି ବେଆଇନ ଭାବେ ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣ ହେଉଛି ସେନେଇ ୱାର୍ଡ ସଭ୍ୟ ଭକ୍ତବନ୍ଧୁ ପଣ୍ଡା ହାଇକୋର୍ଟରେ ନଂ.୨୦୯୧୭/୨୦୨୩ରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି। ଏହାର ବିଚାର କରି ହାଇକୋର୍ଟର ୨ଜଣିଆ ବେଞ୍ଚ ନିର୍ମାଣ କାମ ଉଚ୍ଛେଦ ସହ ଏହି ବେଆଇନ କାର୍ଯ୍ୟର ତଦନ୍ତ କରିବାକୁ କଟକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଏହି ଆଦେଶନାମାରେ ଦର୍ଶାଯାଇଛି ଯେ, ଯଦି କେହି ଗୋଚର ଜମି ଅବରୋଧ କିମ୍ବା ସଂରକ୍ଷଣ କରିଥିବେ, ସବିଶେଷ ରିପୋର୍ଟ ଜିଲାପାଳ ପ୍ରଦାନ କରିବେ। ଏ ସମ୍ପର୍କରେ ବିଡିଓ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓଙ୍କୁ ପଚାରିବାରେ ହାଇକୋର୍ଟର ଆଦେଶନାମା ତାଙ୍କ ପାଖରେ ପହଞ୍ଚି ନାହିଁ। ଯଦି ନିର୍ଦ୍ଦେଶ ଆସେ, ତେବେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

**ଗୋଚର ଜମିରେ ବେଆଇନ ଭାବେ ଅଙ୍ଗନୱାଡ଼ି ଗୃହ ନିର୍ମାଣ**



ନିର୍ମାଣାଧୀନ ଅଙ୍ଗନୱାଡି ଗୃହ।।

### ବିଶ୍ୱ ଜନସଂଖ୍ୟା ଦିବସ ଲାଗି ଆଲୋଚନାଚକ୍ର

ସାଲେପୁର,୧୨।୭(ଅରବିନ୍ଦ ଭୂୟାଁ)

ଆମେସବୁ ସାଲେପୁର ପକ୍ଷରୁ ବୁଧବାର ଅପରାହ୍ଣରେ ପାଢ଼ୀ ଟ୍ୟୁଟୋରିଆଲ୍ ପରିସରରେ ବିଶ୍ୱ ଜନସଂଖ୍ୟା ଦିବସ ଅବସରରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ କଲେଜର ଇଂରାଜୀ ବିଭାଗର ଅଧାପକ ନବକିଶୋର ସାହୁ ଅତିଥି ରୂପେ ଯୋଗଦେଇଥିବାବେଳେ ଆମେସବୁ ସାଲେପୁରର ସଭାପତି ସମ୍ପିତ କୁମାର ଦାଶ, ସଙ୍ଗଠକ ହେମନ୍ତ କୁମାର ନନ୍ଦ, ଶିକ୍ଷୟିତ୍ରୀ ରବେୟା ସରୱାର, ପାଢ଼ୀ ଟ୍ୟୁଟୋରିଆଲ୍‌ର ପ୍ରତିଷ୍ଠାତା ବିମଳ କୁମାର ଖୁଣ୍ଟିଆ, ରତିକାନ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ସେମାନେ ଭାରତ ତଥା ବିଶ୍ୱର ଜନସଂଖ୍ୟା ବୃଦ୍ଧି ଓ ଭବିଷ୍ୟତର ବିଶ୍ୱ ଉପରେ ଏହାର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ଆୟୋଜିତ ଆଲୋଚନାଚକ୍ରରେ ଛାତ୍ରୀଛାତ୍ରମାନେ ଭାଗନେଇ ବଢ଼ୁଥିବା ଜନସଂଖ୍ୟା ଓ ଆଗାମୀ ବିଶ୍ୱ ଭବିଷ୍ୟତ ଉପରେ ଆଲୋଚନା କରିଥିଲେ। ଶେଷରେ ଆମେ ସବୁ ସାଲେପୁରର ସଭ୍ୟ ହେମନ୍ତ କୁମାର ନନ୍ଦ ଧନ୍ୟବାଦ ଦେଇଥିଲେ।

### ମନ୍ଦିର ପରିସର ଆଲୋକୀକରଣ

ସାଲେପୁର,୧୨।୭(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ ତରିତୋ ପଞ୍ଚାୟତର ମୁର୍କୁଣ୍ଡି ଗ୍ରାମର ପ୍ରଭୁ ଶ୍ୟାମଚାନ୍ଦ ମନ୍ଦିର ପରିସର ବହୁଦିନ ଧରି ରାତିରେ ଅନ୍ଧକାରମୟ ରହି ଆସୁଥିଲା। ଏ ନେଇ ଅଞ୍ଚଳବାସୀ ବିଧାୟକ ପ୍ରଶାନ୍ତ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ଦିର ପରିସରକୁ ବିଧାୟକ ପାଣ୍ଠିରୁ ଆଲୋକୀକରଣ କରାଯାଇଛି। ବିଧାୟକ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଆନନ୍ଦ ପ୍ରକାଶ ପାଇଛି।

# କେନ୍ଦୁପଲ୍ଲୀ ପଞ୍ଚାୟତରେ ଭାଜପାର ପଦଯାତ୍ରା



ଭାଜପା ନେତା ଲୋକଙ୍କୁ କେନ୍ଦ୍ର ସରକାରଙ୍କ କଲ୍ୟାମୂଳକ କାର୍ଯ୍ୟ ସମ୍ପର୍କରେ ବୁଝାଉଛନ୍ତି।

ବାଙ୍କୀ, ୧୨।୭ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ କେନ୍ଦୁପଲ୍ଲୀ ପଞ୍ଚାୟତର ଗୋପବନ୍ଧୁନଗର ମା'ମଙ୍ଗଳା ପୀଠଠାରୁ ବୁଧବାର ଭାଜପାର ପଦଯାତ୍ରା ବାହାରି କେନ୍ଦୁପଲ୍ଲୀ ଓ ପତନୀଠାରେ ପହଞ୍ଚିଥିଲା। ଏଥିରେ ୯ ବର୍ଷ ଭାଜପା ଶାସନର ପୂର୍ତ୍ତି ଅବସରରେ କେନ୍ଦ୍ର ସରକାରଙ୍କ ଜନ କଲ୍ୟାଣ ଯୋଜନା ସବୁ ଘରକୁ ଘର ବୁଲି ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଦୀର୍ଘ ୨୩ ବର୍ଷ ବିଜେଡିର ଦୁର୍ନୀତି, ଭ୍ରଷ୍ଟାଚାର ଶାସନକୁ ଲୋକଙ୍କ ପାଖରେ ଉପସ୍ଥାପନ କରାଯାଇଥିଲା। ପଦଯାତ୍ରା ଭାଜପା ନେତା ବିଶ୍ୱନାଥ ସାହୁଙ୍କ ନେତୃତ୍ୱରେ କରାଯାଇଥିଲା। ଭାଜପାର ଜିଲା ପରିଷଦ ସଭ୍ୟ ତୁଷାରକାନ୍ତ ଚକ୍ରବର୍ତ୍ତୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜନସାଧାରଣଙ୍କୁ କେନ୍ଦ୍ର ସରକାରଙ୍କ କଲ୍ୟାଣମୂଳକ କାର୍ଯ୍ୟ ସମ୍ପର୍କରେ ବୁଝାଇ ଥିଲେ। ଏଥିରେ ଜଗନ୍ନାଥ ପରିଡା, ଡମପଡ଼ା ବ୍ଲକ ପୂର୍ବତନ ଉପାଧକ୍ଷ ସରୋଜ ମଣ୍ଡଗଜସିଂହ, ଜୟନ୍ତ ବେଉରା ଓ ସ୍ଥାନୀୟ ବାସିନ୍ଦା ପ୍ରହଲ୍ଲାଦ ସାହୁ, ଦଣ୍ଡଧର ପଲେଇ, ପ୍ରଫୁଲ୍ଲ ଗୁରୁ, ପ୍ରକାଶ ମଲ୍ଲିକ, ରୀନା ଦେହୁରୀ, ଭିକାରୀ ସାହୁ, ଅମର ଦେହୁରୀ, ଶଙ୍କର ମଲ୍ଲିକ, ଗୋକୁଳ ସାହୁ ପ୍ରମୁଖ ଯୋଗଦେଇଥିଲେ।

### ଶିବିରରେ ୩୫ ଜଣଙ୍କ ଚକ୍ଷୁ ପରୀକ୍ଷା

ବାଙ୍କୀ,୧୨।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ଅନ୍ତର୍ଗତ ଢ଼ଁସର ଗ୍ରାମରେ ବୁଧବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ରୋସନ୍ ଚକ୍ଷୁ ଚିକିତ୍ସାଳୟ ଓ ଅଭୟପାଦ ଆଧ୍ୟାତ୍ମିକ ଅନୁଷ୍ଠାନର ମିଳିତ ସହଯୋଗରେ ଆୟୋଜିତ ଶିବିରରେ ଡାକ୍ତର ବିନାୟକ ପୃଷ୍ଟି ଚକ୍ଷୁ ପରୀକ୍ଷା କରିଥିଲେ। ଏଥିରେ ୩୫ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ସେଥିମଧ୍ୟରୁ ୧୨ଜଣଙ୍କୁ ମୋତିଆବିନ୍ଦୁ ଅପରେଶନ୍ ପାଇଁ କଟକ ପଠାଯାଇଛି। ଏହି କାର୍ଯ୍ୟକ୍ରମକୁ ଅଭୟପାଦ ଅନୁଷ୍ଠାନର ସମ୍ପାଦକ ସୁଦର୍ଶନ ସାହୁ ପରିଚାଳନା କରିଥିବା ବେଳେ କବୟିତ୍ରୀ ଶକୁନ୍ତଳା ମଲ୍ଲିକ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସୁରେନ୍ଦ୍ର ପଣ୍ଡା, ଜଗନ୍ନାଥ ଦାଶ , ଦୀପକ କୁମାର ସାମନ୍ତରା ଓ ନିବେଦିତା ପାଇକରାୟ ପ୍ରମୁଖ ସହଯୋଗ କରିଥିଲେ।

# ବିଦ୍ୟାର୍ଥୀମାନେ ପ୍ରତିଦିନ ଗୀତା ପଢ଼ନ୍ତୁ

**ପ୍ରଜ୍ଞାନ ମିଶନର ଆଲୋଚନାଚକ୍ର**

ବଡ଼ମ୍ବା,୧୨।୭(ମାୟାଧର ମଲ୍ଲିକ)

ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ବଡ଼ମ୍ବାସ୍ଥିତ ପ୍ରାଣ ଯୋଗ ପ୍ରତିଷ୍ଠାନ କାର୍ଯ୍ୟାଳୟରେ ବିଦ୍ୟାର୍ଥୀମାନେ ପ୍ରତିଦିନ ଶ୍ରୀମଦ୍ ଭଗବଦ୍ ଗୀତା ପଢ଼ନ୍ତୁ ପ୍ରସଙ୍ଗରେ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ପୁରୋଧା ଭାବେ ହରିହରାନନ୍ଦ ଆଶ୍ରମର ସ୍ୱାମୀ ଅଞ୍ଜନେୟ ନନ୍ଦ ଗିରି, ମୁଖ୍ୟଅତିଥି ଭାବେ ଭୁବନର ବାଜି ରାଉତ ମେମୋରିଆଲ କଲେଜର ଅବସରପ୍ରାପ୍ତ ପ୍ରାଧ୍ୟାପକ କୃଷ୍ଣଚନ୍ଦ୍ର ସାହୁ, ବିଶିଷ୍ଟ ଅତିଥି ଭାବେ ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ନରୋତ୍ତମ ଗାଣ ପ୍ରମୁଖ ଯୋଗଦେଇଥିଲେ। ପାଶ୍ଚାତ୍ୟ ସଂସ୍କୃତି କବଳରୁ ମୁକ୍ତି ପାଇଁ ଛାତ୍ରୀଛାତ୍ର ପ୍ରତିଦିନ ଗୀତା ପାଠ କରିବାକୁ ପରାମର୍ଶ ଦେଇଥିଲେ। ପ୍ରତିଷ୍ଠାନର ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ଅଧ୍ୟକ୍ଷା ପ୍ରବୀଣା ମହାନ୍ତି ଯୋଗଦେଇ ବେଦ ପାଠ ସହ ସଂଯୋଜନା କରିଥିଲେ। ସାଧାରଣ ସମ୍ପାଦକ ଶିକ୍ଷକ ନେତା ଅଶୋକ କୁମାର ଧଳ ଧନ୍ୟବାଦ ଦେଇଥିଲେ। ସେହିପରି ଅନୁଷ୍ଠିତ ହେବାକୁ ଥିବା ପଞ୍ଚମ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅଗଷ୍ଟରୁ ଆରମ୍ଭ ହେବା ପାଇଁ ସିଦ୍ଧାନ୍ତ କରାଯାଇଛି। ଏହା ବଡ଼ମ୍ବା ବ୍ଲକର ମାଣିଆବନ୍ଧ, ରଗଡ଼ିପଡ଼ା, ଭଙ୍ଗାରିକା, ଗୋପପୁର, ରତାପାଟ, ଇଚ୍ଛାପୁରଠାରେ ହେବ। ଏଥିରେ ବଡ଼ମ୍ବା ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ମାଣିଆବନ୍ଧ କଲେଜ, ବଡ଼ମ୍ବା କଲେଜର ପ୍ରତିଯୋଗୀମାନେ ଯୋଗଦେବେ ବୋଲି ସୂଚନା ମିଳିଛି। ଆଲୋଚନାଚକ୍ରରେ ଡା. ସୁଧୀର ଆଚାର୍ଯ୍ୟ, ବାଲୁଙ୍କେଶ୍ୱର ରାଉତ, ବିଜୟ କୁମାର ମିଶ୍ର, ଶିକ୍ଷକ ପ୍ରକାଶ କୁମାର ସାହୁ, ଶିକ୍ଷୟିତ୍ରୀ ଲୋକ କଲ୍ୟାଣୀ ଆଭା ପ୍ରମୁଖ ଉପସ୍ଥିତ ଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ପ୍ରଜ୍ଞାମିଶନର ସଦସ୍ୟ ଓ ଅନ୍ୟମାନେ।

# ୧୦୦ କୋଟିର କାର୍ଯ୍ୟକୁ ନେଇ ମେୟର-ବିଧାୟକ ମୁହାଁମୁହିଁ

- ଉନ୍ନତିମୂଳକ ପ୍ରକଳ୍ପ ଟେଣ୍ଡରକୁ ନେଇ କଥା କଟାକଟି
- ମେୟରଙ୍କ ପରେ ମୋକିମଙ୍କ ଖବରଦାତା ସମ୍ମିଳନୀ

କଟକ,୧୨।୭(ସୁପ୍ରିୟା ପ୍ରିୟଦର୍ଶିନୀ)

ସିଏମ୍‌ସି ମେୟର ସୁବାସ ସିଂ ଓ କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମ୍‌ଙ୍କ ମଧ୍ୟରେ କିଛି ଦିନ ହେବ ବାକ୍ ଯୁଦ୍ଧ ଚାଲିଛି। ପ୍ରାୟ ଶହେ କୋଟି ଟଙ୍କାର ବ୍ୟୟ ଅଟକଳରେ ସହରରେ ଆରମ୍ଭ ହେବାକୁ ଥିବା ଉନ୍ନତିମୂଳକ ପ୍ରକଳ୍ପକୁ ଟେଣ୍ଡର ବଦଳରେ କର୍ପୋରେଶନ ଜରିଆରେ କରାଯାଉଥିବାରୁ ଏହାକୁ ନେଇ ଉଭୟ ନେତା ମୁହାଁମୁହିଁ ସ୍ଥିତିକୁ ଆସିଛନ୍ତି।

ମୁଖ୍ୟଶାସନ ସଚିବଙ୍କୁ ବିଧାୟକ ମୋକିମ ଚିଠି ଦେବାପରେ ମଙ୍ଗଳବାର ମେୟର ଖବରଦାତା ସମ୍ମିଳନୀ କରି ମୋକିମଙ୍କ ଅଭିଯୋଗକୁ ଖଣ୍ଡନ କରିଥିଲେ। ଏହାର ଦିନକ ପରେ ବୁଧବାର ମୋକିମ୍ ପୁଣି ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ବିଧାୟକ ହିସାବରେ ଜନତାଙ୍କ ଟିକସ ଅର୍ଥକୁ ଠିକ୍ ବିନିଯୋଗ ନେଇ ମୁଖ୍ୟଶାସନ ସଚିବଙ୍କୁ କାର୍ଯ୍ୟର ଉଚିତ୍ ତଦନ୍ତ କରିବାକୁ ନେଇ ଚିଠି କରିଥିଲେ। ମାତ୍ର ମେୟର ଠାକୁର ଘରେ କିଏ ନା ମୁଁ କଦଳୀ ଖାଇନି ଭଳି ନିଜର ଦୁର୍ନୀତି କରିବାର ପ୍ରୟାସକୁ ଘଣ୍ଟ ଘୋଡ଼େଇବା ପାଇଁ ଖବରଦାତା ସମ୍ମିଳନୀରେ ସଫେଇ ଦେଖେଇଛନ୍ତି। ପୂର୍ବରୁ ଟେଣ୍ଡର ନଂ. ୮୦୦ପିଡବ୍ଲ୍ୟୁ/୧୧।୦୨।୨୦୧୯ ଫାଇଲ ହଜିଥିବା ନେଇ ସତ୍ୟପାଠ ଜରିଆରେ କୁହାଯାଇଥିଲା। ଉକ୍ତ କାର୍ଯ୍ୟରେ ମୁଖ୍ୟ ଦୁର୍ନୀତିଗ୍ରସ୍ତ କନିଷ୍ଠ ଯନ୍ତ୍ରୀଙ୍କ ଅଧୀନରେ କଟକ ସହରରେ କୋଟି କୋଟି ଟଙ୍କାର କାର୍ଯ୍ୟ ହୋଇଥିବା ଅଭିଯୋଗ ପରେ ଦୁର୍ନୀତି ଧରା ପଡ଼ିଯିବ ବୋଲି ତରବରିଆ ବଦଳି କରାଯାଇଛି। ଯଦି ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଉଛନ୍ତି ତେବେ ସିଏମ୍‌ସିର ବିଭାଗୀୟ ଯନ୍ତ୍ରୀଙ୍କ ଅଧୀନରେ କାର୍ଯ୍ୟ ନ କରି ନିର୍ଦ୍ଦିଷ୍ଟ ସରକାରୀ ସଂସ୍ଥାକୁ କୋଟିକୋଟି ଟଙ୍କାର କାର୍ଯ୍ୟ ଦେବା ଉକ୍ତ ଯନ୍ତ୍ରୀଙ୍କ ଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସିଏମ୍‌ସିର ସମସ୍ତ କାର୍ଯ୍ୟକୁ ସରକାରୀ ସଂସ୍ଥାଙ୍କୁ ଦିଆଯାଉ। ସିଏମ୍‌ସି ଅଧୀନରେ କାର୍ଯ୍ୟରତ ସମସ୍ତ ଯନ୍ତ୍ରୀଙ୍କୁ ସିଏମ୍‌ସିରୁ ବିଦା କରାଯାଉ ବୋଲି ମୋକିମ୍ ଦାବି କରିଛନ୍ତି। ଏଥିସହ ପ୍ରଶ୍ନ ଉଠୁଛି ସରକାରୀ ସଂସ୍ଥାକୁ ବିନା ଟେଣ୍ଡରରେ କୋଟିକୋଟି ଟଙ୍କା କାମ ଦେବା ଭିତରେ ମୋଟା ଅଙ୍କର ପିସି କାରବାର ହୋଇଥାଇ ପାରେ ବୋଲି ସେ ପ୍ରଶ୍ନ କରିଛନ୍ତି। ଦୁର୍ନୀତି କରିବା ପାଇଁ ହିଁ ଟେଣ୍ଡର ବଦଳରେ କର୍ପୋରଶନ ଦ୍ୱାରା କାମ କରାଯାଉଛି ବୋଲି ବୁଧବାର ମୋକିମ ଏକ ଖବରଦାତା ସମ୍ମିଳନୀ କରି ଅଭିଯୋଗ କରିଛନ୍ତି । ଏନେଇ ମେୟର ସିଂଙ୍କ ମତାମତ ମିଳିପାରି ନାହିଁ।



ଖବରଦାତା ସମ୍ମିଳନୀରେ ବିଧାୟକ ମହମ୍ମଦ ମୋକିମ୍ ଓ ଅନ୍ୟମାନେ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଯୁବକ ଗୁରୁତର

**ଯାଁଳା,୧୨।୭(ବୁଲା ବାରିକ):** ଇନଫୋଭ୍ୟାଲି ଥାନା ଅନ୍ତର୍ଗତ ତଳଖେତା ଜଟଣୀ ରାସ୍ତାରେ ବୁଧବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତ ହୋଇଥିବା ଯୁବକ ହେଲେ ଜଟଣୀ ଅଞ୍ଚଳର ରାଜେନ୍ଦ୍ର ନାଏକ (୨୨)। ମିଳିଥିବା ସୂଚନା ଅନୁସାରେ ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ରାଜେନ୍ଦ୍ର ତାଙ୍କ ମୋଟରସାଇକଲ ଯୋଗେ ଜଟଣୀରୁ ତଳଖେତା ଆସୁଥିଲେ। ଗୋବିନ୍ଦପୁର ପେଟ୍ରୋଲ ପମ୍ପ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଅଟୋ ସହ ତାଙ୍କର ଧକ୍କା ଦେଇଥିଲା। ଫଳରେ ରାଜେନ୍ଦ୍ର ଗାଡ଼ିରୁ ଛିଟିକି ପଡିବା ସହ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକ ଓ ଇନଫୋଭ୍ୟାଲି ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଆହତ ହୋଇଥିବା ରାଜେନ୍ଦ୍ରଙ୍କୁ ପ୍ରଥମେ ଭୁବନେଶ୍ୱର ଏକ ହସ୍ପିଟାଲକୁ ନେଇଥିଲେ। କିନ୍ତୁ ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

### ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ବଣ୍ଟନ

**କୃଷ୍ଣପ୍ରସାଦ,୧୨।୭(କୈଳାସଚନ୍ଦ୍ର ପଟ୍ଟନାୟକ):** ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ପଞ୍ଚାୟତର ଅସହାୟ, ଦିବ୍ୟାଙ୍ଗମାନଙ୍କୁ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ଯୁବନେତା ତଥା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରମେଶ ଚନ୍ଦ୍ର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟ୍ରାଇ ସାଇକେଲ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରମେଶ ପ୍ରଧାନ ତାଙ୍କ ସମର୍ଥକ ଦୀପକ ବିଶ୍ୱାଳ, ଅଶୋକ କୁମାର ରାଉତ, ଅଖାରି ବରାଳ, ପବିତ୍ର ପାଇକରାୟ, ଅଶୋକ ଜେନା, କୃଷ୍ଣପ୍ରସାଦ ମହାପାତ୍ର, ପିଣ୍ଟୁ ଦାସ, ସିଲୁ ଦାସ, ଟୁକୁନା ଦାଶଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ବଜ୍ରକୋଟ, ସିଆଣ୍ଡି ସିଆଳ ମାଲୁଦ, ବୁଧିବର ମୋଟ ୭ ପଞ୍ଚାୟତର ୭ଜଣ ଦିବ୍ୟାଙ୍ଗଙ୍କୁ ତିନିଚକିଆ ଟ୍ରାଇସାଇକେଲ ବଣ୍ଟନ କରାଯାଇଥିଲା। ପରେ ବୁଧିବର ପଞ୍ଚାୟତ ଅଧୀନ ନଟା ଠାକୁରାଣୀଙ୍କ ପରିସରରେ ବରିଷ୍ଠ ନେତା ରାମଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଯୁବନେତା ମନୋଜ କୁମାର ଜେନା ସଭାକାର୍ଯ୍ୟ ପରିଚାଳନା କରୁଥିଲାବେଳେ ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ପଞ୍ଚାୟତରୁ ଶତାଧିକ ସମର୍ଥକ ଅଂଶଗ୍ରହଣ କରିଥିଲେ।

### ବାଲିପାଟଣାରେ ହେଟା ବାଘ ଆତଙ୍କ

**ବାଲିପାଟଣା,୧୨।୭(ଅଭିମନ୍ୟୁ ନାୟକ)-** ବାଲିପାଟଣା ବନ ଉପଖଣ୍ଡ ଅଧୀନରେ ଥିବା ଭଂଅରା ସଂରକ୍ଷିତ ଜଙ୍ଗଲରେ କାହିଁ କେବେଠାରୁ ହେଟା ରହି ଆସୁଛନ୍ତି। କାଳକ୍ରମେ ଜଙ୍ଗଲ କ୍ଷୟ ହେଉଥିବାରୁ ଖାଦ୍ୟ ଅଭାବ ହେଉଛି। ଖାଦ୍ୟ ପାଇଁ ସେମାନେ ବାହାରକୁ ଖାଦ୍ୟ ଅନ୍ୱେଷଣରେ ଆସି ଆଖପାଖ ଗ୍ରାମ ନିକଟ ବଣ ବୁଦାରେ ରହି ଶିକାର କରୁଛନ୍ତି। ଗ୍ରାମଲୋକ ବାଘ ଭାବି ଆତଙ୍କିତ ହେଉଛନ୍ତି। ବୁଧବାର ପୁବାଗଡ଼ ଗାଁ ନିକଟ ବୁଦା ଅଞ୍ଚଳରେ ବିଲରେ ଖାଦ୍ୟ ପାଇଁ ଏକ ହେଟା ବାଘ ଆସିଥିବା ସ୍ଥାନୀୟ ଲୋକେ ଦେଖି ଜଙ୍ଗଲ ବିଭାଗକୁ ଖବର ଦେଇଥିଲେ। ଏ ସଂକ୍ରାନ୍ତରେ ରେଞ୍ଜର ମାନସ ରଞ୍ଜନ ମହାନ୍ତି କୁହନ୍ତି, ଏ ଅଞ୍ଚଳରେ ବାଘ ନାହାନ୍ତି। ଗଧିଆ ଭଅଁରା ଜଙ୍ଗଲରୁ ଚରା କରିବାକୁ ଆସନ୍ତି, ଆତଙ୍କିତ ହେବାର ନାହିଁ। ସେମାନେ ମଣିଷଙ୍କର କିଛି କ୍ଷତି କରନ୍ତି ନାହିଁ।

### ଟାଙ୍ଗୀରେ ସିପିଆଇଏମ୍‌ର କର୍ମୀ ସମ୍ମିଳନୀ

**ଟାଙ୍ଗୀ (ଖୋର୍ଦ୍ଧା),୧୨।୭(ରଘୁନାଥ ସାହୁ):** ଖୋର୍ଦ୍ଧା ଜିଲା ଟାଙ୍ଗୀ ରତ୍ନମାଳି ମନ୍ଦିର ପରିସରରେ ଥିବା କଲ୍ୟାଣ ମଣ୍ଡପଠାରେ ବୁଧବାର ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ସିପିଆଇ ଏମ୍‌ର କର୍ମୀ ସମ୍ମିଳନୀ ଲକ୍ଷ୍ମଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବକ୍ତା ଭାବରେ ବରିଷ୍ଠ ନେତା ଜନାର୍ଦ୍ଦନ ପତି, ରାଜ୍ୟ ସମ୍ପାଦନା ମଣ୍ଡଳୀ ସଭ୍ୟ ସୁରେଶ ପାଣିଗ୍ରାହୀ, ଖୋର୍ଦ୍ଧା ଜିଲା ସମ୍ପାଦକ ଅନନ୍ତ ମଙ୍ଗରାଜ, ଗିରିଶ ଚନ୍ଦ୍ର ମହାରଣା, ଶୈଳସ ବଳିୟାର ସିଂହ, ବିଧୁଭୂଷଣ ମହାରଣା, ସାରଙ୍ଗଧର ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସାମ୍ପ୍ରତିକ ରାଜନୈତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଗାମୀ ସାଧାରଣ ନିର୍ବାଚନରେ ଭୁବନେଶ୍ୱର ଲୋକ ସଭା ନିର୍ବାଚନ ମଣ୍ଡଳୀ ଓ ଖୋର୍ଦ୍ଧା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦଳ ତରଫରୁ ପ୍ରାର୍ଥୀ ଦିଆଯିବା ପାଇଁ ସ୍ଥିର କରାଯାଇଛି। ଜନସାଧାରଣଙ୍କ ମୌଳିକ ସମସ୍ୟାକୁ ନେଇ ଦଳ ଲୋକଙ୍କ ପାଖକୁ ଯିବ। ସମ୍ବିଧାନ ବିରୋଧୀ, ସାମ୍ପ୍ରଦାୟିକତାବାଦୀ ଭାଜପା ଦଳକୁ ପରାସ୍ତ କରିବା ପାଇଁ ସମସ୍ତ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ଶକ୍ତି ଙ୍କୁ ଏକତ୍ର କରିବା ପାଇଁ ସମସ୍ତ ଉଦ୍ୟମ କରାଯିବ ବୋଲି ଉପସ୍ଥିତ କର୍ମୀମାନେ ମନ୍ତବ୍ୟ ରଖିଥିଲେ।

# ପ୍ରମାଣପତ୍ର ଯାଞ୍ଚରେ ବିଳମ୍ବ ନେଇ ଅନଶନ

## ସାଲତରା ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି

**ବୋଲଗଡ଼,୧୨।୭(ଦେବବ୍ରତ ହୋତା)**


ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜୟନ୍ତ ତ୍ରିପାଠୀ ଓ ଅନ୍ୟମାନେ ଅନଶନରେ ବସିଛନ୍ତି।

ବୋଲଗଡ଼ ବ୍ଲକ ଗେଡ଼ିଆପଲ୍ଲୀ ପଞ୍ଚାୟତର ସାଲତରା ଗ୍ରାମରେ ଥିବା ଏକମାତ୍ର ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ନିଯୁକ୍ତି କରାଯାଉଛି। ହେଲେ ଏହି ନିଯୁକ୍ତି ପାଇଁ ହେବାକୁ ଥିବା ପ୍ରମାଣପତ୍ର ଯାଞ୍ଚ ଧାର୍ଯ୍ୟ ତାରିଖରେ ନ ହେବା ଏବଂ ଏଥିନେଇ ଆବେଦନ କରିଥିବା ପ୍ରାର୍ଥୀନୀମାନଙ୍କୁ କୌଣସି ସୂଚନା ନଦେଇ ସମୟ ଗଡ଼ାଇବା ପ୍ରତିବାଦରେ ବୁଧବାର ସାଲତରା ଗ୍ରାମବାସିନ୍ଦା ଜୟନ୍ତ ତ୍ରିପାଠୀ ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗାନ୍ଧୀଙ୍କ ଫଟୋଚିତ୍ର ରଖି ଆମରଣ ଅନଶନ କରିଛନ୍ତି। ଏଥିରେ ତାଙ୍କୁ ସମର୍ଥନ କରି ନବନିର୍ମାଣ କୃଷକ ସଂଗଠନର କେତେଜଣ କର୍ମକର୍ତ୍ତା ମଧ୍ୟ ଅନଶନରେ ଅଂଶଗ୍ରହଣ କରିଛନ୍ତି ଏବଂ ପ୍ରମାଣପତ୍ର ଯାଞ୍ଚ ତାରିଖକୁ ବିନା ସୂଚନାରେ କ'ଣ ପାଇଁ ବନ୍ଦ କରାଗଲା ଓ ଏହା କେବେ ହେବ ତାହା ଜଣାଇବା ସହ ଉକ୍ତଦିନ ଏଠାରେ ଉପସ୍ଥିତ ଦୂରରୁ ଆସିଥିବା ପ୍ରାର୍ଥୀନୀମାନେ ହନ୍ତସନ୍ତ ହେବା ପାଇଁ କିଏ ଦାୟୀ ଜଣାଇବାକୁ ସିଡିପିଓଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏହାର ନକଲ ଖୋର୍ଦ୍ଧା ଜିଲାପାଳ ଏବଂ ବୋଲଗଡ ବିଡିଓ, ତହସିଲଦାର ଓ ଥାନାଧିକାରୀଙ୍କୁ ପ୍ରଦାନ କରିଛନ୍ତି।

ତେବେ ସିଡିପିଓ କ୍ରିଷ୍ଟାପ୍ରିୟା ପ୍ରଧାନ କହିଛନ୍ତି, ସମ୍ପୃକ୍ତ କେନ୍ଦ୍ରର ଅଙ୍ଗନୱାଡ଼ି କର୍ମୀ ଅବସର ନେବା ପରେ ଏହି ପଦବୀଟି ଖାଲି ପଡିଥିଲା। ଏହି ପଦବୀଟି ପୂରଣ ନିମନ୍ତେ ସ୍ଥାନୀୟ ଅଞ୍ଚଳରୁ ନୂତନ କର୍ମୀ ନିଯୁକ୍ତି ପାଇଁ ବ୍ଲକ ଶିଶୁବିକାଶ କାର୍ଯ୍ୟାଳୟ ପକ୍ଷରୁ ଜୁନ ୧୬ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆବେଦନର ଶେଷ ତାରିଖ ଜୁଲାଇ ୧ ତାରିଖ ଥିବାବେଳେ ୨ତାରିଖ ରବିବାର ଆବେଦନ କରିଥିବା ପ୍ରାର୍ଥୀନୀମାନଙ୍କ ଆବଶ୍ୟକ ପ୍ରମାଣପତ୍ର ଯାଞ୍ଚ ହେବାସହ ପ୍ରାର୍ଥୀନୀମାନେ ଉପସ୍ଥିତ ରହିବାକୁ କୁହାଯାଇଥିଲା। ମାତ୍ର ଯାଞ୍ଚ କମିଟି ଯୋଗଦେବା ନେଇ କୌଣସି ଅସୁବିଧା କାରଣରୁ ସେଦିନ ଏହା ହୋଇପାରି ନଥିଲା। ଏହାକୁ ଅନ୍‌ଲାଇନ ମାଧ୍ୟମରେ ଜଣାଇବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ବୈଷୟିକ ତ୍ରୁଟି କାରଣରୁ ଏହା ଅପଲୋଡ୍ ସମ୍ଭବ ହୋଇ ନଥିଲା। ତେବେ ଧାର୍ଯ୍ୟ ତାରିଖ ମଧ୍ୟରେ ଆବେଦନ କରିଥିବା ସାଲତରା ଗ୍ରାମର ୬ଜଣ ମହିଳା ଲିଲିମା ପଣ୍ଡା, ମନ୍ଦାକିନୀ ବିଶ୍ୱାଳ, ଦେବସ୍ମିତା ପଣ୍ଡା, ସୁନୀତା ପଣ୍ଡା, ମନୋରମା ପଣ୍ଡା ଓ ଚିନୁ ନାୟକଙ୍କୁ ଖୁବ୍‌ଶୀଘ୍ର ଯାଞ୍ଚ କମିଟିର ମୁଖ୍ୟ ଉପଜିଲାପାଳଙ୍କ ସହ ଆଲୋଚନା କରି ପ୍ରମାଣପତ୍ର ଯାଞ୍ଚ ତାରିଖ ଜଣାଯିବ। ଉକ୍ତଦିନ ସମସ୍ତ ପ୍ରାର୍ଥୀନୀଙ୍କୁ ବୋଲଗଡ଼ ଶିଶୁ ବିକାଶ କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ହେବ। ଯାଞ୍ଚ କମିଟିରେ ଖୋର୍ଦ୍ଧା ଉପଜିଲାପାଳଙ୍କ ସହିତ ସ୍ଥାନୀୟ ମଣ୍ଡଳ ଉନ୍ନୟନ ଅଧିକାରୀ,ସ୍ୱାସ୍ଥ୍ୟ ଅଧିକାରୀ, ସାମାଜିକ ସୁରକ୍ଷା ଅଧିକାରୀ ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଏହି ପ୍ରମାଣପତ୍ର ଯାଞ୍ଚ କରି ଅଙ୍ଗନବାଡି କର୍ମୀ ଚୟନ କରିବେ। ଏହି ଚୟନକୁ ନେଇ ଯଦି କାହାର କିଛି ଆପତ୍ତି ଥାଏ, ତେବେ ସେମାନେ ଆଗାମୀ ୭ଦିନ ମଧ୍ୟରେ ଅଭିଯୋଗ କରିପାରିବେ ଏବଂ ଏହି ଅଭିଯୋଗର ତଦନ୍ତ ଆଗାମୀ ୭ଦିନ ମଧ୍ୟରେ କରାଯାଇ ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି ଚୂଡ଼ାନ୍ତ ହେବ। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ଜୟନ୍ତ ତ୍ରିପାଠୀଙ୍କ ସହିତ ନବନିର୍ମାଣ କୃଷକ ସଂଗଠନର ଜିଲା ସଂଯୋଜକ ସୁରେଶ ମାନସିଂହ ଏବଂ ବ୍ଲକ ସଂଯୋଜକ କାହ୍ନୁଚରଣ ବେହେରା, ସୁଶାନ୍ତ ବେହେରା ଓ ସଦସ୍ୟ ଦୁର୍ଯ୍ୟୋଧନ ବୈରୀଗଞ୍ଜନ ପ୍ରମୁଖ ଅନଶନ ଜାରି ରଖିଛନ୍ତି।

# 'ଅତ୍ରି ପାସେଞ୍ଜର ହଲ୍ଟ ଅଞ୍ଚଳବାସୀଙ୍କ ପାଇଁ ସୁବିଧା ହେବ'


ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଲୋକମାନଙ୍କ ସହ ଆଲୋଚନା କରୁଛନ୍ତି।

**ବେଗୁନିଆ,୧୨।୭(ହରପ୍ରସନ୍ନ ପଣ୍ଡା)**

ଇଷ୍ଟକୋଷ୍ଟ ରେଳ ବିଭାଗ ଅଧୀନରେ ଥିବା ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅତ୍ରି ନିକଟରେ ପାସେଞ୍ଜର ହଲ୍ଟ ନିର୍ମାଣ କରିବା ପାଇଁ କେନ୍ଦ୍ର ରେଳ ବିଭାଗ ମନ୍ତ୍ରଣାଳୟ ଚିଫ୍ କମର୍ସିଆଲ ମ୍ୟାନେଜର (ପିଏମ୍)ଙ୍କ ପକ୍ଷରୁ ଅନୁମୋଦନ ପ୍ରକାଶ ପାଇବା ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ସେହିପରି ବେଗୁନିଆ ନିର୍ବାଚନମଣ୍ଡଳୀ ଭାଜପା ଦଳ ପକ୍ଷରୁ ପ୍ରଧାନମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଏବଂ ଭୁବନେଶ୍ୱର ଏମ୍‌ପିଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଅନ୍ୟପକ୍ଷରେ ସ୍ଥାନୀୟ ଦଳୀୟ କର୍ମୀ ଓ ସରପଞ୍ଚ ମାନସ ବିଶ୍ୱାଳଙ୍କ ସହିତ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମଙ୍ଗଳବାର ପାସେଞ୍ଜର ହଲ୍ଟ ନିର୍ମାଣ ହେବାକୁ ଥିବା ସ୍ଥଳକୁ ପରିଦର୍ଶନ କରିବା ପାଇଁ ଆସିଥିଲେ। ସ୍ଥାନ ଦେଖିବା ସହ ଏବେଠାରୁ ସ୍ଥାନୀୟ ଯାତ୍ରୀଙ୍କ ଗମନାଗମନ ସୁବିଧା ପାଇଁ ଏହା ଏକ ବୃହତ ଯୋଜନା ବୋଲି ଏମ୍‌ପି ଷଡ଼ଙ୍ଗୀ କହିଥିଲେ। ପ୍ରକାଶ ଥାଉକି, ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ପଞ୍ଚାୟତ ଅତ୍ରି ଗ୍ରାମ ଦେଇ ଯାଇଥିବା ଖୋର୍ଦ୍ଧା-ବଲାଙ୍ଗୀର ରେଳପଥରେ ରେଳଗୁଡ଼ିକର ଏକ ରହଣିସ୍ଥଳ ଅତ୍ରିଠାରେ କରିବା ପାଇଁ ଅତ୍ରି ଗ୍ରାମ୍ୟ କମିଟି ସଭାପତି ପ୍ରଦୀପ୍ତ କୁମାର୍ ଜଗଦେବଙ୍କ ନେତୃତ୍ୱରେ ସତ୍ୟନାରାୟଣ ରାଏ, ଭାଗୀରଥି ଚମ୍ପତି, ବିଜୟ ମାନ୍ଧାତା, ସନ୍ତୋଷ କୁମାର ପଣ୍ଡା, ବିଭୁଦତ୍ତ ରାଏ, ପ୍ରୀତମଙ୍କ ସହ ସ୍ଥାନୀୟ ଲୋକେ ଦୀର୍ଘଦିନ ଧରି ଦାବି କରି ଆସୁଥିଲେ। ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଅତ୍ରି ଉଷ୍ମ ପ୍ରସ୍ରବଣ, ହାଟକେଶର ମନ୍ଦିର, କାଗଜମୁଖା ଶିଳ୍ପୀ ଗ୍ରାମ କର ତଥା ସଡ଼କ ପଥର ପେଣ୍ଠ ସ୍ଥଳ ବାଘମାରୀକୁ ଯାତାୟାତର ସୁବିଧା ସୁଯୋଗ ମଧ୍ୟ ରହିଛି ବୋଲି ସେମାନଙ୍କ ଦାବିର ମୁଖ୍ୟ ପ୍ରସଙ୍ଗ ଥିଲା। ବିଳମ୍ବ ହେଲେ ସୁଦ୍ଧା ଅଞ୍ଚଳବାସୀଙ୍କ ଯଥାର୍ଥ ଦାବିକୁ ରେଳ ବିଭାଗ ବିଚାର କରି ଏହି ପାସେଞ୍ଜର୍ ହଲ୍ଟ ପାଇଁ କେନ୍ଦ୍ର ପକ୍ଷରୁ ସ୍ୱୀକୃତି ଦେଇଛନ୍ତି। ସେଥିପାଇଁ ଧନେଶ୍ୱର ଜେନା, ସଦାଶିବ ରାୟ, ଭୀମସେନ ଜେନା, ଭରତ ରାୟସିଂହ, ହେମନ୍ତ ବଳିୟାର ସିଂହ, ପ୍ରଶାନ୍ତ ବଳିୟାର ସିଂହ, ମହନ୍ତ ବଳିୟାର ସିଂହ, ଦେବରାଜ ଜେନା, ଧୀରେନ୍ଦ୍ର ସାମନ୍ତ, ଦୁର୍ଗା ପ୍ରସାଦ ମାର୍ଥା ପ୍ରମୁଖ ଉପସ୍ଥିତ ଥିଲେ।

# ଖୋର୍ଦ୍ଧାରେ ମେମୁ କାର୍ ଶେଡ୍‌ରେ ଅତିରିକ୍ତ ସରଞ୍ଜାମ ସ୍ଥାପନ

## ଏବେ ମେମୁ କୋଚ ରିମୋଟ୍ କଣ୍ଟ୍ରୋଲରେ ଉଠାଯାଇପାରିବ


ରେଳ ପ୍ରବନ୍ଧକ ଅଧିକାରୀମାନେ ମେମୁ କୋଚକୁ ଅନୁଧ୍ୟାନ କରୁଛନ୍ତି।

**ଜଟଣୀ,୧୨।୭(ରବୀନ୍ଦ୍ରନାଥ ମହାକୁଡ଼)**

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ ରେଳମଣ୍ଡଳ ଖୋର୍ଦ୍ଧାରେ ମେମୁ କାର୍ ଶେଡ୍‌ର ଅତିରିକ୍ତ ଯାନ୍ତ୍ରିକ ସରଞ୍ଜାମ ସ୍ଥାପିତ କରାଯାଇଛି। ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କିସ୍ ରାୟ ଉକ୍ତ ଯାନ୍ତ୍ରିକ ଭିତ୍ତିଭୂମି କାର୍ଯ୍ୟକୁ ଉଦ୍‌ଘାଟନ କରିଥିଲେ। ୩୦ଟନ୍ କ୍ଷମତା ବିଶିଷ୍ଟ ଓଭରହେଡ୍ କ୍ରେନ ସହିତ ଭାରି ମରାମତି ନିରକ୍ଷଣ ପଥ, ମେମୁ କାର୍ ଶେଡ୍ ସ୍ଥାପନ କରାଯାଇଛି। ଯାହାଦ୍ୱାରା ଟ୍ରାକ୍ସନ ମୋଟର ପରିବର୍ତ୍ତନ, ବଗି ଏବଂ ଚକ ସେଟ ଚେଞ୍ଜ ଇତ୍ୟାଦି କରାଯିବ। ଏହି ଭାରି ମରାମତି ନିରକ୍ଷଣ ପଥ ବ୍ୟବହାର କରାଯିବ। ପୂର୍ବରୁ ଏହି କାର୍ଯ୍ୟଗୁଡ଼ିକ ପିଟ ଏବଂ ସିଙ୍କ୍ରୋନସ ଜ୍ୟାକ ସାହାଯ୍ୟରେ ମେମୁ କୋଚଗୁଡ଼ିକୁ ଉଠେଇ କରାଯାଉଥିଲା। ବର୍ତ୍ତମାନ ଏହି ୩୦ଟନ କ୍ଷମତା ବିଶିଷ୍ଟ ଓଭରହେଡ୍ କ୍ରେନ ସହିତ ଭାରି ମରାମତି ନିରକ୍ଷଣ ପଥ ସାହାଯ୍ୟରେ ମେମୁ କୋଚ୍‌ଗୁଡ଼ିକ ରିମୋଟ କଣ୍ଟ୍ରୋଲ ସାହାଯ୍ୟରେ ୪ମିଟର ଉଚ୍ଚତା ପର୍ଯ୍ୟନ୍ତ ଉଠାଯାଇପରିବ ଏବଂ ୧୦୦ ମିଟର ପର୍ଯ୍ୟନ୍ତ ସ୍ଥାନାନ୍ତରିତ ହୋଇପାରିବ। ଏହି ଯାନ୍ତ୍ରିକ କୌଶଳ ମେମୁ କୋଚ୍‌ଗୁଡ଼ିକର ସହଜ ରକ୍ଷଣାବେକ୍ଷଣରେ ସାହାଯ୍ୟ କରିବ। ଏହା ସହିତ ମେମୁ ଶେଡ୍‌ରେ ଆଧୁନିକ ସୁବିଧା ସହିତ ଏକ ଷ୍ଟୋର ଡିପୋ ବିକଶିତ କରାଯାଇଛି। ଯାହା ମେମୁ କୋଚ୍ ରକ୍ଷଣାବେକ୍ଷଣ ପାଇଁ ବ୍ୟବହୃତ ସାମଗ୍ରୀ ଏବଂ ଯନ୍ତ୍ରପାତିର ଠିକ୍ ରକ୍ଷଣାବେକ୍ଷଣରେ ଉପଯୋଗୀ ହେବ। ବର୍ତ୍ତମାନ ମେମୁ ଶେଡ୍ ୧୭ମେମୁ ରେକ ସହିତ କାର୍ଯ୍ୟ କରୁଛି। ଯାହା ୩୬ ମେମୁ ଟ୍ରେନ ଚଳାଇବା ପାଇଁ ବ୍ୟବହୃତ। ରିଙ୍କେଶ ରାୟ, ମେମୁ କାର୍ ଶେଡର ବୈଷୟିକ ଟିମ୍‌କୁ ଅଭିନନ୍ଦନ ଜଣାଇବା ସହିତ ଭିତ୍ତିଭୂମିର ପରବର୍ତ୍ତୀ ବିକାଶ ପାଇଁ ପରାମର୍ଶ ଦେଇଥିଲେ। ଯାହାଦ୍ୱାରା ଆଗାମୀ ଦିନରେ ଅଧିକ ମେମୁ ଟ୍ରେନର ରକ୍ଷଣାବେକ୍ଷଣ ହୋଇପାରିବ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଅପରେଶନ) କଲ୍ୟାଣ ପଟ୍ଟନାୟକ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍ଫ୍ରା)ଶୁଭ୍ରଜ୍ୟୋତି ମଣ୍ଡଳ, ଜେନେରାଲ ମ୍ୟାନେଜର/ଆରଭିଏନଏଲ ବି. କେ. ରାୟ ଏବଂ ସମସ୍ତ ଶାଖା ଅଧିକାରୀ ଉପସ୍ଥିତ ଥିଲେ। ଖୋର୍ଦ୍ଧା ରେଳ ମଣ୍ଡଳର ବରିଷ୍ଠ ମଣ୍ଡଳ ଇଲେକ୍ଟ୍ରିକାଲ ଇଞ୍ଜିନିୟର୍ (ଅପରେଶନ) ଆଲୋକ ରଞ୍ଜନ ମହାନ୍ତି ଏବଂ ସହକାରୀ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ମେମୁ)ସୌମ୍ୟକାନ୍ତ ଦାସଙ୍କ ନେତୃତ୍ୱରେ, ମେମୁ ଶେଡ୍‌ରେ ଅତିରିକ୍ତ ଭିତ୍ତିଭୂମି ବିକାଶ କାର୍ଯ୍ୟ ପାଇଁ ପଦକ୍ଷେପ ନିଆଯାଇଥିବା ମଣ୍ଡଳ ରେଳ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଶିକ୍ଷକ ପଦବୀରୁ ଅବସର ନିଏ ଶିକ୍ଷାଦାନରୁ ନୁହେଁ

## ପ୍ରଧାନ ଶିକ୍ଷକ ମନମୋହନ ରାୟଙ୍କୁ ସମ୍ବର୍ଦ୍ଧନା

**ବୋଲଗଡ଼,୧୨।୭(ଦେବବ୍ରତ ହୋତା)**

ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ହରିରାଜପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସବିତା ସୁବୁଦ୍ଧିଙ୍କ ପୌରୋହିତ୍ୟରେ ପ୍ରଧାନ ଶିକ୍ଷକ ମନମୋହନ ରାୟଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମଣ୍ଡଳ ସାଧନକେନ୍ଦ୍ର ସଂଯୋଜକ ପଦ୍ମଚରଣ ବେହେରା ମୁଖ୍ୟ ଅତିଥି, ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ମୁଖ୍ୟ ବକ୍ତା, ଖଗୁରିଆ ସରପଞ୍ଚ ଜଳଧର ମହାନ୍ତି, ସମିତି ସଭ୍ୟା ବିନୋଦିନୀ ଦତ୍ତ, ଗୋଷ୍ଠୀ ସହ ଶିକ୍ଷାଧିକାରୀ କୈଳାସ ନାଥ ସ୍ୱାଇଁ, ସାଧନ କେନ୍ଦ୍ର ସଂଯୋଜକ ବିଶ୍ୱରଞ୍ଜନ ସେଠୀ, ମୋ ସ୍କୁଲ ସଭାପତି ନିରଞ୍ଜନ ନାୟକ, ବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ତ୍ରିଲୋଚନ ବେହେରା, ପୂର୍ବତନ ବିଦ୍ୟାଳୟ ନିରୀକ୍ଷକ ପ୍ରଫୁଲ୍ଲ ମହାପାତ୍ର ସମ୍ମାନିତ ଅତିଥିରୂପେ ଯୋଗଦେଇଥିଲେ। ଶିକ୍ଷକ ଚିତ୍ତରଞ୍ଜନ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥଲେ। ଏହି ଅବସରରେ ରାୟ ତାଙ୍କ ଅଭିଭାଷଣରେ କହିଥିଲେ, ଜଣେ ଗୁରୁ ଶିକ୍ଷକ ପଦବୀରୁ ଅବସର ଗ୍ରହଣ କଲେ ବି ଜୀବନବ୍ୟାପୀ ଶିକ୍ଷାଦାନ ଜାରି ରଖିଥାଏ। ପରେ ଚତୁର୍ଭୁଜ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ କବିତା ମାଧ୍ୟମରେ ଓ ନିମନ୍ତ୍ରିତ ଅତିଥିବୃନ୍ଦ ଅଭିଭାଷଣରେ ସେବା ନିବୃତ୍ତ ପ୍ରଧାନ ଶିକ୍ଷକ ରାୟଙ୍କ ବହୁମୁଖୀ ପ୍ରତିଭାର ଗୁଣଗାନ କରିଥିଲା। ଶେଷରେ ରାୟଙ୍କୁ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଓ ଗ୍ରାମବାସୀଙ୍କ ପକ୍ଷରୁ ଅନେକ ଉପହାର ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଦ୍ୟୁତ୍ ବିଭାଗ ବିରୋଧରେ ଆନ୍ଦୋଳନ କରିବ ଏଏପି



ଆମ ଆଦମୀ ପାର୍ଟିର ବୈଠକରେ ଯୋଗଦେଇଥିବା ସଦସ୍ୟ ଓ ଅନ୍ୟମାନେ।

**ବେଗୁନିଆ,୧୨।୭(ହରପ୍ରସନ୍ନ ପଣ୍ଡା)**

ବେଗୁନିଆ ନିର୍ବାଚନମଣ୍ଡଳୀର ଆମ ଆଦମୀ ପାର୍ଟି(ଏଏପି) ପକ୍ଷରୁ ବୁଧବାର ବୈଠକ ଅନୁଷ୍ଠିତ ହୋଇଥିଲା। ବେଗୁନିଆ ପଞ୍ଚାୟତ ଅନ୍ତର୍ଗତ ଆଦିବାସୀ ସାହି ବର ମଣ୍ଡପ ପରିସରରେ ସୋନୱାରା ବେଗମଙ୍କ ଆବାସ୍ତ୍ୱରେ ବସିଥିବା ବୈଠକରେ ଜିଲା ଦଳୀୟ ସଭାପତି ଶୁଭାଶିଷ ସାଇଁ ମୁଖ୍ୟ ଅତିଥି ଭାବେ ଏବଂ ପ୍ରମୋଦ ନନ୍ଦ ବକ୍ତା ଭାବେ ଯୋଗଦେଇଥିଲେ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଦଳୀୟ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲଙ୍କ ନୀତି ଓ ଆଦର୍ଶକୁ ଅନୁସରଣ କରିବା ଉଚିତ ବୋଲି କର୍ମୀମାନଙ୍କୁ ବୁଝାଇ ଦିଆଯାଇଥିଲା। ଉପଭୋକ୍ତାମାନଙ୍କୁ ଉପଯୁକ୍ତ ବିଦ୍ୟୁତ ସେବା ମିଳୁନି। ଦୀର୍ଘଦିନ ହେଲା ଏଏପି ଦଳ ପକ୍ଷରୁ ଜାରି ରହିଥିବା ଆନ୍ଦୋଳନକୁ କିଭଳି ବେଗୁନିଆ ନିର୍ବାଚନମଣ୍ଡଳୀରେ ସଫଳ କରିବ ସେନେଇ ବୈଠକରେ ଆଲୋଚନା ହୋଇଛି। ଖୁବ୍‌ଶୀଘ୍ର ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ସ୍ଥାନୀୟ ନିର୍ବାଚନ ମଣ୍ଡଳୀର ସଭାପତି କଳ୍ପତରୁ ପଣ୍ଡା ଉଦବୋଧନ ଦେଇଥିଲେ। ଅଞ୍ଚଳର ବିକାଶ ଓ ଜନ ହିତକର ଯୋଜନା ହାତକୁ ନେଇ କିପରି ଲୋକଙ୍କ ପାଖରେ ପହଞ୍ଚି ପାରିବ ସେ ସମ୍ପର୍କରେ କର୍ମୀ ଅକ୍ଷୟ ବଳିୟାର ସିଂହ କହିଥିଲେ। ବୈଠକରେ ବ୍ଲକ ସଭାପତି କିଶୋର ଚନ୍ଦ୍ର ସାହୁ, ଜାୟଦ ଖାନ, କବିରାଜ ଗୋଛି, ଯଜ୍ଞ ନାରାୟଣ ପଣ୍ଡା, ଏସ୍.କେ. ତରଫଦାର୍, ନିଗମାନନ୍ଦ ପଣ୍ଡା, ଅକ୍ରୁର ସେଠୀ, ସଚ୍ଚିଦାନନ୍ଦ ସାହୁ, ଲକ୍ଷ୍ମୀଧର ମହାପାତ୍ର ଉପସ୍ଥିତ ଥିଲେ। ଗାୟକ ସୌରଭ ବିଜୟ ବଳିୟାର ସିଂହ ଧନ୍ୟବାଦ ଦେଇଥିଲେ।

# ପ୍ରଦୂଷଣ ମୁକ୍ତ ପାଇଁ ଗଛଟିଏ ଲଗାନ୍ତୁ

## ବେଗୁନିଆ ମହାବିଦ୍ୟାଳୟରେ ବନ ମହୋତ୍ସବ



ବନ ମହୋତ୍ସବ ପାଳନ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ବେଗୁନିଆ,୧୨।୭(ହରପ୍ରସନ୍ନ ପଣ୍ଡା)**

ଖୋର୍ଦ୍ଧା ଜିଲା ବେଗୁନିଆ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସର ମିଳିତ ଆନୁକୂଲ୍ୟରେ ବୁଧବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବୃକ୍ଷର ଉପକାରିତା ଓ ଉପାଦେୟତା ସମ୍ପର୍କରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ପଙ୍କଜ କୁମାର କରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଛାତ୍ରୀଛାତ୍ର ଏବଂ ଅଧ୍ୟାପିକା ଅଧ୍ୟାପକମାନେ ଉପସ୍ଥିତ ଥିଲେ। ପୃଥିବୀପୃଷ୍ଠ ଏବେ ପ୍ରଦୂଷଣ ବଳୟ ପରିସରକୁ ଚାଲିଯାଇଛି। ଏଥିଯୋଗୁ ଜୀବଜଗତ ଏବେ ଧରାଶାୟୀ। ଏହାର ପ୍ରମୁଖ କାରଣ ହେଉଛି ମାତ୍ରାଧିକ ବୃକ୍ଷ କାଟ। ତେବେ ସୁସ୍ଥ ପରିବେଶ ଓ ପ୍ରଦୂଷଣକୁ ମୁକ୍ତ ରଖିବା ପାଇଁ ସଭିଏଁ ଚାରାଟିଏ ଲଗାଇ ତା'ର ଯତ୍ନ ନେଲେ ପୁଣି ଜଙ୍ଗଲ ସୃଷ୍ଟି ହୋଇପାରିବ ବୋଲି ଅଧ୍ୟକ୍ଷ କର ପିଲାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧ୍ୟାପକ ବ୍ରଜେନ୍ଦ୍ର କୁମାର ପାଲଟାସିଂହ, ଅଧ୍ୟାପିକା ସବିତାଞ୍ଜଳି ସେନାପତି, ବରିଷ୍ଠ କିରାଣି ଫକୀର ମୋହନ ସେନାପତି, ଜାତୀୟ ସେବା ଯୋଜନା ଅଧିକାରୀ ବିଜୟଲକ୍ଷ୍ମୀ ସୁବୁଦ୍ଧି, ଯୁବ ରେଡକ୍ରସ ପରାମର୍ଶଦାତା ବିଧୁଭୂଷଣ ରାଉତ, ଅଧ୍ୟାପକ ନବକିଶୋର ବିଶୋଇ, ଖେଳ ଶିକ୍ଷକ ସୂର୍ଯ୍ୟମଣି ମାଝୀ ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କକରିଥିଲେ।

# ବେଗୁନିଆ ଅଞ୍ଚଳରେ ମାତିଲେ ପଥର ଚାଲାଣକାରୀ

**ବେଗୁନିଆ,୧୨।୭(ହରପ୍ରସନ୍ନ ପଣ୍ଡା)**


ବେଗୁନିଆ ଅଞ୍ଚଳରେ ବେଆଇନ ପଥର ଚାଲାଣ ହେଉଛି।

- ଛୁଟିରେ ତହସିଲଦାର, ଡେପୁଟେଶନରେ ଅତିରିକ୍ତ ତହସିଲଦାର
- ୩ଦିନ ଦାୟିତ୍ୱ ସମ୍ଭାଳୁଛନ୍ତି ବୋଲଗଡ଼ ତହସିଲଦାର

ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅଞ୍ଚଳରେ କିଛିଦିନ ହେବ ମାଫିଆଙ୍କ ରାଜୁତି ବଢ଼ିଚାଲିଛି। ବେଗୁନିଆ ତହସିଲ କାର୍ଯ୍ୟାଳୟରେ ଏବେ ସ୍ଥାୟୀ ତହସିଲଦାର ନାହାନ୍ତି। ତେଣୁ ଏହାର ଫାଇଦା ନେଇ ମାଫିଆମାନେ ରାଜୁତି ଚଳାଇଥିବା ବେଳେ ଅନ୍ୟପଟେ ସରକାରୀ କାର୍ଯ୍ୟରେ ଆସୁଥିବା ଲୋକେମାନେ କାର୍ଯ୍ୟ କରି ନ ପାରି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସପ୍ତାହକୁ ୩ଦିନ ଲୋକେ ସେବା ପାଉଥିବା ବେଳେ ଅନ୍ୟ ୩ଦିନ ଦୂରଦୂରାନ୍ତରୁ ଆସି ସେବା ନ ପାଇ ନିରାଶ ହୋଇ ଫେରୁଛନ୍ତି। ଅନ୍ୟପକ୍ଷରେ ତହସିଲ କାର୍ଯ୍ୟାଳୟ ମୁରବୀ ଶୂନ୍ୟ ହୋଇଯାଇଥିବାରୁ ଚଢ଼ାଉ ମଧ୍ୟ ହୋଇପାରୁ ନାହିଁ, ଫଳରେ ପଥର ମାଫିଆମାନେ ମନଇଚ୍ଛା ଦିନରାତି ଅବାଧରେ ପଥର ଚୋରାଚାଲାଣ କରୁଛନ୍ତି। ଏଥିଯୋଗୁ ସରକାରଙ୍କ ରାଜସ୍ୱ ହାନି ହେବା ସହ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଥାଉକି, ବେଗୁନିଆ ସ୍ଥାୟୀ ତହସିଲଦାର ପ୍ରଧାନ ଟୁଲ୍ଲୀ ଆତ୍ମା ପ୍ରସୂତିକାଳୀନ ଛୁଟିରେ ଆସନ୍ତା ଡିସେମ୍ବର ମାସ ପର୍ଯ୍ୟନ୍ତ ରହିଛନ୍ତି। ସେହିପରି ଅତିରିକ୍ତ ତହସିଲଦାର ମମତା ଦାସଙ୍କୁ ଖୋର୍ଦ୍ଧା ଜିଲାପାଳ ଗତ ୪ମାସ ହେଲା ଟାଙ୍ଗି ତହସିଲକୁ ଡେପୁଟେଶନରେ ପଠାଇଛନ୍ତି। ଫଳରେ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟ ସମ୍ଭାଳିବାକୁ କେହି ନ ଥିବାରୁ ତହସିଲଦାର ନ ଆସିବା ପର୍ଯ୍ୟନ୍ତ ବୋଲଗଡ଼ ତହସିଲଦାର ସନ୍ତୋଷିନୀ ଦାଶ ଏବଂ ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଶର୍ମାଙ୍କୁ ଜିଲାପାଳ ବେଗୁନିଆ ତହସିଲର ଦାୟିତ୍ୱ ଦେଇଛନ୍ତି। ସେମାନେ ସପ୍ତାହକୁ ୩ଦିନ ବେଗୁନିଆ ଆସି ତହସିଲ କାର୍ଯ୍ୟ ସମ୍ଭାଳିଛନ୍ତି। ଅନ୍ୟ ୩ଦିନ ଏହି କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟ ଏକପ୍ରକାର ଠପ୍ ହୋଇଯାଉଛି। ନିଜର କାର୍ଯ୍ୟ ନେଇ ଦୂରଦୂରାନ୍ତରୁ ଆସୁଥିବା ଲୋକମାନେ ବହୁ ହନ୍ତସନ୍ତ ହେଉଛନ୍ତି। ଅପରପକ୍ଷେ ସ୍ଥାୟୀ ତହସିଲଦାର ହେଡକ୍ୱାର୍ଟର୍ସରେ ନ ରହିବାରୁ ପଥର ମାଫିଆଙ୍କର ବେଆଇନ ପଥର ଚାଲାଣ ବଢ଼ିବାରେ ଲାଗିଛି। ସେମାନେ ଆଗରୁ ଭୟରେ ଲୁଚି ଛପି ରାତିରେ ପଥର କାଟି ଚୋରା ଚାଲାଣ କରୁଥିବାବେଳେ ଏବେ ଦିନ ଦ୍ୱିପ୍ରହରରେ ପଥର କାଟି ନିର୍ଭୟରେ ଚୋରା ଚାଲାଣ କରୁଛନ୍ତି। ପଥର ବୋଝେଇ ଟ୍ରାକ୍ଟର, ମିନିଟ୍ରକ ଏବଂ ଟ୍ରକ ରାସ୍ତାରେ ଧାଡ଼ି ଧାଡ଼ି ହୋଇଯାଉଥିବାର ଦେଖିବାକୁ ମିଳୁଛି। ବେଆଇନ ପଥର ଖଣିରୁ ପଥର ଚୋରା ଚାଲାଣ ଯୋଗୁ ସରକାର ଦୈନିକ ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି। ସେହିପରି ଖଣି ମାଫିଆମାନେ କମ୍ପ୍ରେସର ସାହାଯ୍ୟରେ ଆମୋନିୟମ ସାର, ବାରୁଦ, ଡିନାମାଇଟ ଓ ଜିଲୋଟିନ ବ୍ୟବହାର କରି ଅବାଧରେ ବିସ୍ଫୋରଣ କରିଚାଲିଛନ୍ତି। ପରେ ଏଥିରୁ ଚିପ୍ସ ଏବଂ ସାଇଜ ପଥର ଡିମା, ସ୍ଲବ, ବକ୍ସୁରି ଆଦି ବେପାର ବଢ଼ାଇଦେଇଛନ୍ତି। ଏ ନେଇ ବୋଲଗଡ଼ ତହସିଲଦାର ସନ୍ତୋଷିନୀ ଦାଶଙ୍କୁ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ଫୋନ ଉଠାଇ ନ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୨।୭।୨୦୨୩

| | |
|---|---|
| ୩,୪୬,୧୮୬ ଟଙ୍କା | |
| ସୁନା | ୧.୬୦୦ ଗ୍ରାମ୍ |
| ରୁପା | ୭୯.୩୦୦ ଗ୍ରାମ୍ |

# ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ସ୍କୁଲରେ ତାଲା

ନିମାପଡ଼ା,୧୨।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅନ୍ତର୍ଗତ ବାହାରେଣା ପଞ୍ଚାୟତର ତେନ୍ତୁଳିଗୁଆଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ସହକାରୀ ଶିକ୍ଷକ ପ୍ରକାଶ କାଣ୍ଡିଙ୍କୁ ଅସ୍ଥାୟୀ ଭାବେ ଓରପଟ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତରିତ କରାଯିବାକୁ ଆଦେଶ ହୋଇଛି। ହେଲେ ଉକ୍ତ ଶିକ୍ଷକଙ୍କ ବଦଳି ଆଦେଶ ବାତିଲ କରିବା ଦାବିରେ କେତେକ ଅଭିଭାବକ ସଂଘବଦ୍ଧ ଭାବେ ବିଦ୍ୟାଳୟ କାର୍ଯ୍ୟାଳୟ ଓ ମୁଖ୍ୟ ଫାଟକରେ ତାଲା ପକାଇଥିଲେ। ଫଳରେ ବିଦ୍ୟାଳୟରେ ଥିବା ୪/୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଦୀର୍ଘ ସମୟ ଧରି ଅଟକ ରହିଥିଲେ। ଏପରିକି ଉତ୍ତେଜିତ ଅଭିଭାବକ ବିଦ୍ୟାଳୟ ଫାଟକ ସମ୍ମୁଖରେ ଗଣଧାରଣା ଚଳାଇଥିଲେ। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ପ୍ରତାପ ନାୟକଙ୍କୁ ପଚାରିବାରେ, ଜନୈକ ଶିକ୍ଷକଙ୍କ ଅନ୍ୟତ୍ର ବଦଳି ହୋଇଥିବାର ଖବରପାଇ ଅଭିଭାବକ ହୋହଲ୍ଲା କରି ବିଦ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ। ଏନେଇ ବିଇଓ ଦ୍ୱିତୀକାନ୍ତ ପ୍ରଧାନଙ୍କୁ ପଚାରିବାରେ, ସରକାରୀ ନୀତି ନିୟମ ଅନୁସାରେ ଏହି ବିଦ୍ୟାଳୟରେ ୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହିଛନ୍ତି। ଜଣେ ଶିକ୍ଷକଙ୍କ ଅସ୍ଥାୟୀ ଭାବେ ଓରପଟ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି, ବଦଳି ହୋଇନାହିଁ। ଅଭିଭାବକମାନେ ଘଟଣାକୁ ଠିକ୍ ଭାବେ ନ ବୁଝି, ନ ଜାଣି ବିଦ୍ୟାଳୟରେ ତାଲା ପକାଇବା, ଗଣଧାରଣା କରିବା ଆଦୌ ଯୁକ୍ତିଯୁକ୍ତ ନୁହେଁ। ଅନ୍ୟପକ୍ଷରେ ବିଦ୍ୟାଳୟରେ ଏପରି ଏକ ଅପ୍ରୀତିକର ଘଟଣା ଘଟିଥିବା ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଇଓଙ୍କୁ ଅବଗତ କରି ନ ଥିବା କି ଆନ୍ଦୋଳନ ସମ୍ପର୍କରେ ଅଭିଭାବକ ଆଦୌ ଜଣାଇ ନାହାନ୍ତି। ଲିଖିତ ଭାବେ ଅଭିଯୋଗ ମିଳିଲେ ଘଟଣାର ପୁନଃ ବିଚାରବିମର୍ଶ କରାଯିବ ବୋଲି ବିଇଓ ପ୍ରଧାନ କହିଛନ୍ତ।



ବିଦ୍ୟାଳୟ ମୁଖ୍ୟ ଫାଟକରେ ଅଭିଭାବକମାନେ ତାଲା ପକାଇ ଗଣଧାରଣା ଚଳାଇଛନ୍ତି।

# ରଥଯାତ୍ରାରେ ନିୟୋଜିତ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

ପୁରୀ, ୧୨।୭(ଅଜିତ୍ ମହାନ୍ତି)

ଚଳିତ ରଥଯାତ୍ରାରେ ସଫେଇ କର୍ମଚାରୀଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ସେମାନଙ୍କ ଅକ୍ଲାନ୍ତ ପରିଶ୍ରମ ଓ ମହାପ୍ରଭୁଙ୍କ ପ୍ରତି ସେମାନଙ୍କ ସେବାକୁ ସମ୍ମାନ ଜଣାଇ ପୁରୀ ପୌରପାଳିକା ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବୁଧବାର ଟାଉନ ହଲରେ ଆୟୋଜିତ ଏହି ବଡ଼ାଖାନା କାର୍ଯ୍ୟକ୍ରମରେ ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ସେ କହିଥିଲେ, ସ୍ୱଚ୍ଛତା ପାଇଁ ଏହି କର୍ମଚାରୀମାନଙ୍କୁ ଯେତେ ପ୍ରଶଂସା କଲେ ମଧ୍ୟ ସେମାନଙ୍କ ସେବା ତୁଳନାରେ ତାହା କମ୍ ହେବ। ଚଳିତ ରଥଯାତ୍ରାରେ ଆମେ ଏକଟିମ୍ ଭାବେ କାର୍ଯ୍ୟ କରିଥିଲୁ ଓ ସଫଳ ହେଲୁ। ସବୁ ମହାପ୍ରଭୁଙ୍କ ଆଶୀର୍ବାଦ ବୋଲି ସ୍ୱାଇଁ ପ୍ରକାଶ କରିଥିଲେ। ପୌରପାଳିକାର ୮ଟି କ୍ଲଷ୍ଟର ଏବଂ ଜାଗୃତିର ସଫେଇ କର୍ମଚାରୀଙ୍କ କାର୍ଯ୍ୟର ପ୍ରଶଂସା କରାଯିବା ସହ ସେମାନଙ୍କୁ ମୋମେଣ୍ଟୋ, ସାର୍ଟିଫିକେଟ, ସଫେଇ କିଟ୍ସ, ଫାଷ୍ଟଏଡ ବକ୍ସ ଓ ଅନ୍ୟାନ୍ୟ ସାମଗ୍ରୀ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ଏବଂ ପୌର ସ୍ୱାସ୍ଥ୍ୟ ଅଧିକାରୀ ଅଶୋକ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ସଫେଇ କର୍ମଚାରୀଙ୍କ ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଅତିଥିମାନେ।

## ସଂକ୍ଷେପରେ

### ମୋ ଘର ଯୋଜନା: ପ୍ରଥମ ଦିନରେ ୬ ସାମିଲ

**ପୁରୀ, ୧୨।୭(ଅଜିତ ମହାନ୍ତି):** ମୋ ଘର ଯୋଜନା ପାଇଁ ଲୋକଙ୍କ ମଧ୍ୟରେ ଆଗ୍ରହ ବୃଦ୍ଧି ପାଉଛି। ପୁରୀ ଜିଲାରେ ପ୍ରଥମ ଦିନରେ ୬ଜଣ ହିତାଧିକାରୀ ମୋ ଘର ଯୋଜନାରେ ସାମିଲ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଡେଲାଙ୍ଗ ବ୍ଲକର ୨, କୃଷ୍ଣପ୍ରସାଦ, ପିପିଲି, ପୁରୀ ସଦର ଏବଂ ଅସ୍ତରଙ୍ଗ ବ୍ଲକରୁ ଜଣେ ଲେଖାଏ ହିତାଧିକାରୀ ରହିଛନ୍ତି। ସେମାନଙ୍କୁ ଗୃହ ନିର୍ମାଣ ପାଇଁ ବ୍ୟାଙ୍କ ମାଧ୍ୟମରେ ଋଣ ଅର୍ଥ ମଞ୍ଜୁର କରାଯାଇଛି। ଯେଉଁ ହିତାଧିକାରୀମାନେ ମୋ ଘର ଯୋଜନାରେ ସାମିଲ ହେବାକୁ ଆବେଦନ କରୁଛନ୍ତି, ତୁରନ୍ତ ତାହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଯୋଗ୍ୟ ହିତାଧିକାରୀଙ୍କୁ ସଂପୃକ୍ତ ବ୍ୟାଙ୍କ ମାଧ୍ୟମରେ ତୁରନ୍ତ ଅର୍ଥ ମଞ୍ଜୁର ପାଇଁ ବ୍ୟବସ୍ଥା କରିବାକୁ ଜିଲାପାଳ ସମର୍ଥ ବର୍ମା ଏବଂ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### କିଷାନ କଂଗ୍ରେସର ପିପିଲି ବ୍ଲକ ସଭାପତି ପ୍ରଶାନ୍ତ ଜେନା

**ପିପିଲି,୧୨।୭(ଦୁର୍ଗାମାଧବ ମିଶ୍ର):** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଅନ୍ୟତମ ଛାମୁଆ ସଂଗଠନ କିଷାନ କଂଗ୍ରେସର ପିପିଲି ବ୍ଲକ ସଭାପତି ଭାବେ ପ୍ରଶାନ୍ତ କୁମାର ଜେନାଙ୍କୁ ନିଯୁକ୍ତ ଦିଆଯାଇଛି।



ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ତାଙ୍କୁ ଏହି ନିଯୁକ୍ତି ମିଳିଛି। ହାଟସାହି ପଞ୍ଚାୟତ ଅନ୍ତର୍ଗତ ବନ୍ଧପଡା ଗାଁର ପ୍ରଶାନ୍ତ ହେଉଛନ୍ତି ଜଣେ ଶିକ୍ଷିତ ଯୁବକ ଓ ସଫଳ ଚାଷୀ। ସରକାରଙ୍କ କୃଷି ଓ କୃଷକ କାର୍ଯ୍ୟକ୍ରମ, ଉଦ୍ୟାନ ବିଭାଗ ଓ ଏମ୍‌ଜିଏନ୍‌ଆରଇଜିଏସ୍ ଆଦି କାର୍ଯ୍ୟକ୍ରମରେ ସକ୍ରିୟ ଭାଗନେଇଛନ୍ତି। ତେବେ ଏହି ଦାୟିତ୍ୱ ମିଳିବା ପରେ ଦଳ ପାଇଁ ଅଧିକ କାମ କରିବି ବୋଲି ସେ କହିଛନ୍ତି। ତାଙ୍କର ଏହି ନିଯୁକ୍ତି ପାଇଁ ସେ ପିସିସି ସଭାପତି ଶରତ ପଟ୍ଟନାୟକ, ପ୍ରଦେଶ କିଷାନ କଂଗ୍ରେସର ରାଜ୍ୟ ସଭାପତି ଅମିୟ କୁମାର ପଟ୍ଟନାୟକ ଓ ସ୍ଥାନୀୟ କଂଗ୍ରେସ ନେତା ତଥା ରାଜ୍ୟ ମୁଖପାତ୍ର ନିଶିକାନ୍ତ ମିଶ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।

# 'ପରୀକ୍ଷାଫଳ ଭଲ ନ ହେଲେ ଅଧ୍ୟାପକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ'

## କଲେଜ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ଗୋପ,୧୨।୭
(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ମହାବିଦ୍ୟାଳୟରେ ଗଠିତ ନୂତନ ପରିଚାଳନା କମିଟି ଓ କଲେଜର ଟପ୍ପର ଛାତ୍ରୀଛାତ୍ରଙ୍କୁ ବୁଧବାର ପ୍ରଥମ ଥର ଲାଗି ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଉତ୍ସବରେ ବିଧାୟକ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଗୋପ ମହାବିଦ୍ୟାଳୟ ବିଗତ ଦିନରେ ଆଶାତୀତ ଛାତ୍ରୀଛାତ୍ରଙ୍କ ପାସ୍‌ହାର ନୈରାଶ୍ୟଜନକ ଥିବାବେଳେ ଏହାକୁ ଦୃଷ୍ଟିରେ ରଖି ମହାବିଦ୍ୟାଳୟରେ ଥିବା ଅଧ୍ୟାପକ, ଅଧ୍ୟାପିକାମାନେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କ୍ଷେତ୍ରରେ ଗୁରୁତ୍ୱ ଦେବାକୁ କହିଥିଲେ। ଯଦି ଆଗାମୀ ଦିନ ଯେକୌଣସି ବିଭାଗରେ ପାସ୍ ହାର ହ୍ରାସ ପାଏ, ତେବେ ସେହି ବିଭାଗର ଅଧ୍ୟାପକ ଓ ଅଧ୍ୟାପିକାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ନୂତନ ଭାବେ ପରିଚାଳନା କମିଟର୍ ସଦସ୍ୟଙ୍କୁ ବିଧାୟକ ଦାଶ ସ୍ୱାଗତ କରିବା ସହ ବିଦ୍ୟାଳୟର ଭିତ୍ତିଭୂମି ଉନ୍ନତି ଲାଗି ୧ କୋଟି ୯ ଲକ୍ଷ ଟଙ୍କାର ଅର୍ଥରାଶି ମଞ୍ଜୁର କରାଯାଇଛି ବୋଲି କହିଥିଲେ। ଏଥିସହ କଲେଜରେ ଆବଶ୍ୟକ ଆନୁସଙ୍ଗିକ ପାଚେରି ଓ ଅନ୍ୟାନ୍ୟ କାର୍ଯ୍ୟ ଉପରେ ଦୃଷ୍ଟି ଦିଆଯାଇ ଖୁବ୍‌ଶୀଘ୍ର ଅନୁଦାନ ଦିଆଯିବ ବୋଲି କହିଥିଲେ। ଏହି ଉତ୍ସବରେ ଅଧ୍ୟକ୍ଷା ପ୍ରିୟମ୍ବଦା ପଣ୍ଡା କଲେଜର ଉନ୍ନତିକରଣ ଓ ଶିକ୍ଷାହାର ପ୍ରତି ଗୁରୁତ୍ୱ ଦେବା ପାଇଁ ଅଧ୍ୟାପିକା ଅଧ୍ୟାପକମାନଙ୍କୁ ଅନୁରୋଧ କରିଥିଲେ। ଚଳିତବର୍ଷ ସର୍ବୋଚ୍ଚ ନମ୍ବର ରଖିଥିବା +୨ ବିଜ୍ଞାନ ଛାତ୍ରୀ ରାଜଲକ୍ଷ୍ମୀ ଓଝା, କଳା ଛାତ୍ର ସତ୍ୟଜିତ୍ ରାଉତ, ଧନ୍ଦାମୂଳକ ଶିକ୍ଷା ଛାତ୍ରୀ ପିଙ୍କି ବେହେରା, ଉତ୍କଳ ବିଶ୍ୱବିଦ୍ୟାଳୟ ଆଇନ୍ ବିଭାଗ ଟପ୍ପର ସ୍ମୃତିରଞ୍ଜନ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ବିଭୂତି ଭୂଷଣ ସେନାପତି ଧନ୍ୟବାଦ ଅର୍ପଣ କରିଥିବାବେଳେ ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ମହେନ୍ଦ୍ର ପ୍ରଧାନ, ଅମିତାଭ ମହାନ୍ତି, ସୁପ୍ରଭା ପାଇକରାୟ, ଜ୍ୟୋତ୍ସ୍ନା ଦାସ, ପ୍ରଶାନ୍ତ ସେନାପତି, ଶାଶ୍ୱତ ରଞ୍ଜନ ପ୍ରଧାନ, ରମେଶ ଚନ୍ଦ୍ର ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ବିଶ୍ୱରଞ୍ଜନ ବିଶ୍ୱଶ୍ରୀଙ୍କ ସମ୍ପାଦିତ ସାପ୍ତାହିକ ଖବରକାଗଜ ଅତିଥିମାନଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା।




ବିଧାୟକ ସମୀର ରଞ୍ଜନ ଦାଶଙ୍କ ସହ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରମାନେ।

## ପିତ୍ତଳ ବ୍ୟବସାୟୀଙ୍କୁ ଆକ୍ରମଣ: ଖଜା ଦୋକାନୀ ଗିରଫ

**ପୁରୀ, ୧୨।୭(ଅଜିତ୍ ମହାନ୍ତି):** ପିତ୍ତଳ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ମାମଲାରେ ସିଂହଦ୍ୱାର ଥାନା ପୋଲିସ ଜଣେ ଖଜା ଦୋକାନୀଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଟାଉନ ଥାନା ଅନ୍ତର୍ଗତ ସୁଆର ସାହିର ପଦ୍ମନାଭ ବେହେରା ଓରଫ ପଦିଆ(୪୩)। ଏନେଇ ପୋଲିସ ଏକ କେସ୍ (ନଂ ୯୨/୨୩) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଚୁଡ଼ଙ୍ଗସାହିର ଶରତ କୁମାର ସାହୁ ଶ୍ରୀନଅର ନିକଟରେ ପିତ୍ତଳ ସାମଗ୍ରୀ ଦୋକାନ କରିଛନ୍ତି। ଗତ ମାସ ୨୯ତାରିଖରେ ଶରତଙ୍କ ଦୋକାନ ସମ୍ମୁଖରେ ପଦିଆ ଉଠାଦୋକାନ କରିଥିଲେ। ଶରତ ଏହାକୁ ବିରୋଧ କରି ପଦିଆଙ୍କୁ ତାଙ୍କ ଦୋକାନ ସାମ୍ନାରୁ ଉଠିବାକୁ ବାରମ୍ବାର କହିଥିଲେ। ଏଥିରେ ପଦିଆ ରାଗିଯାଇ ଲୁହାରଡ଼ରେ ଶରତଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଶରତ ରକ୍ତାକ୍ତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ପରେ ଶରତ ସିଂହଦ୍ୱାର ଥାନାରେ ଏତଲା ଦେଇଥିଲେ।

## ଲକ୍ଷାଧିକ ଟଙ୍କା ଠକେଇ: ମହିଳା ଗିରଫ

**ପୁରୀ୧୨।୭ (ଅଜିତ୍ ମହାନ୍ତି):** ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ଟାଉନ ଥାନା ପୋଲିସ ଜଣେ ମହିଳାଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଯାଜପୁର ଜେନାପୁରର ସୁନିତା ଓଝା। ପୋଲିସ ଏ ନେଇ ଏକ କେସ୍ (ନଂ.୭୪/୨୩) ରୁଜୁ କରିଛି। ସୂଚନା ଅନୁଯାୟୀ, ସୁନିତା ଓ ତାଙ୍କ ସ୍ୱାମୀ ଅକ୍ଷୟ ଓଝା ଚୁଡ଼ଙ୍ଗ ସାହିରେ ଭଡ଼ାଘରେ ରହୁଥିଲେ। ଏହି ସମୟରେ କେତେକ ଲୋକଙ୍କଠାରୁ ଟଙ୍କା ନେଇ ଅନ୍ୟତ୍ର ସୁଧରେ ଲଗାଉଥିଲେ। ଏଭଳି କରି ସେ ପ୍ରାୟ ୨୦ରୁ ୨୫ଲକ୍ଷ ଟଙ୍କା ନେଇଯାଇଥିଲେ। ତେବେ ୪ମାସ ତଳେ ସୁନିତା ଓ ତାଙ୍କ ସ୍ୱାମୀ ହଠାତ୍ ପୁରୀ ଛାଡ଼ି ପଳାଇଥିଲେ। ଏନେଇ ଥାନାରେ ଅଭିଯୋଗ କ୍ରମେ ପୋଲିସ ତଦନ୍ତ ଚଳାଇଥିଲା।



ପୁରୀ ଗଜପତି ନଗରରେ ବିନାୟକ ଦେବଙ୍କ ବିଗ୍ରହ ପ୍ରତିଷ୍ଠା ଅବସରରେ ବୁଧବାର ବାହାରିଥିବା କଳସ ଶୋଭାଯାତ୍ରା। (ଫଟୋ – ଯଜ୍ଞେଶ୍ୱର)

# ଏସ୍‌ଆର୍‌ସିଙ୍କ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ

କଣାସ,୧୨।୭(ବିଭୂତି ଭୂଷଣ ତ୍ରିପାଠୀ)

ଆଗାମୀ ବନ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଯୋଗାଇ ଦିଆଯାଇଥିବା ଉପକରଣଗୁଡ଼ିକ ଠିକ୍‌ଠାକ୍ ଅଛିକି ନାହିଁ, ତାହା ତଦନ୍ତ କରିବାକୁ ବୁଧବାର ଏସ୍‌ଆର୍‌ସି ସୁନିତା ଜେନା କଣାସ ବ୍ଲକର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳି ପରିଦର୍ଶନ କରିଥିଲେ। ଏସ୍‌ଆର୍‌ସି ଚୁପୁରିଙ୍ଗି, ସୁନାଖଳା, କାଦୁଆ, ସାହାସପୁର ବାତ୍ୟା ଆଶ୍ରୟସ୍ଥଳିକୁ ଯୋଗାଇ ଦିଆଯାଇଥିବା ବିଭିନ୍ନ ସରଞ୍ଜାମ ଠିକ୍‌ଠାକ୍ ଭାବେ କାର୍ଯ୍ୟ କରୁଛି କି ନାହିଁ ପରୀକ୍ଷା ନିରୀକ୍ଷା କରି ଦେଖିଥିଲେ। ଯେଉଁଗୁଡିକ କାମ କରୁନାହିଁ, ତୁରନ୍ତ ସେଗୁଡ଼ିକୁ ମରାମତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ଆର୍‌ସିଙ୍କ ତଦନ୍ତ ସମୟରେ କଣାସ ଅତିରିକ୍ତ ବିଡିଓ ମଙ୍ଗଳସିଂ ହେମ୍ବ୍ରମ୍, କାଦୁଆ ସରପଞ୍ଚ ଦୁଃଶାସନ ସ୍ୱାଇଁ ଓ ବାତ୍ୟା ଆଶ୍ରୟସ୍ଥଳି ସମ୍ପାଦକ ପ୍ରଦ୍ୟୁମ୍ନ ପ୍ରଧାନ, ସୋଲାର କୋଅର୍ଡିନେଟର ଅକ୍ଷୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# 'ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱ'

ଗୋପ,୧୨।୭(ଭାରତୀ ଭୂଷଣ ଉପାଧ୍ୟାୟ)

ନବୀନ ସରକାରଙ୍କ ଲୋକପ୍ରିୟତା ଓ ବିକାଶମୂଳକ କାର୍ଯ୍ୟ ଆଗରେ ବିରୋଧୀଙ୍କ ଗୋଟିଚାଳଣା ଫେଲ୍ ମାରୁଥିବାବେଳେ ମୋ ବିରୋଧରେ ହେଉଥିବା ଅପପ୍ରଚାର କରୁଥିବା ବିରୋଧୀ ଗୋଷ୍ଠୀ କେବେ ହେଲେ ସମର୍ଥନ ପାଇପାରିବେ ନାହିଁ ବୋଲି ବୁଧବାର ଗୋପ ଜଳସମ୍ପଦ ବିଭାଗ ଡାକବଙ୍ଗଳାଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିଧାୟକ ସମୀର ରଞ୍ଜନ ଦାଶ କହିଛନ୍ତି। ୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ଏବେ ନିମାପଡ଼ା ନିର୍ବାଚନ ମଣ୍ଡଳୀର ରହିଥିବା ୭୦୦ରୁ ଊର୍ଦ୍ଧ୍ୱ ୱାର୍ଡ଼ରୁ ୫୦୦ରୁ ଊର୍ଦ୍ଧ୍ୱ ୱାର୍ଡ଼ କମିଟି ଗଠନ ହୋଇଥିବାବେଳେ ୩୦ରୁ ଊର୍ଦ୍ଧ୍ୱ ପଞ୍ଚାୟତରେ ପଞ୍ଚାୟତ କମିଟି ମଧ୍ୟ ଗଠନ ହୋଇଛି। ଜନସାଧାରଣଙ୍କ ସମର୍ଥନ ବିଜୁ ଜନତା ଦଳ ପ୍ରତି ରହିଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ପୂର୍ବଭଳି ବଜାୟ ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଭଳି ୬ଷ୍ଠ ଥର ଲାଗି ମୁଖ୍ୟମନ୍ତ୍ରୀ ହେବେ ସେ ନେଇ ଦଳ ତୃଣମୂଳ ସ୍ତରରୁ କାର୍ଯ୍ୟ ଜାରି ରଖିଛି। ଅନ୍ୟପଟେ ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତାକୁ ଦେଖି ବିରୋଧୀଙ୍କ ଗୋଟିଚାଳନା ଫେଲ୍ ମାରିଛି। ବିରୋଧୀ ଦଳ ମଧ୍ୟରେ ପ୍ରାର୍ଥୀ ଚୟନକୁ ନେଇ କନ୍ଦଳ ଲାଗି ରହିଥିବାବେଳେ ସାଂଗଠନିକ କାର୍ଯ୍ୟ ମଧ୍ୟ ହୋଇପାରୁ ନାହିଁ। ପୁନରାୟ ନିମାପଡ଼ାରେ ବିଜେଡି ଦଖଲକୁ ଆଣିବା ପାଇଁ ଖସଡ଼ା ପ୍ରସ୍ତୁତ କରୁଛି ବୋଲି ବିଧାୟକ ଦାଶ କହିଛନ୍ତି। ସେହିପରି ଗୋପ ଅଞ୍ଚଳର ବସ୍‌ଷ୍ଟାଣ୍ଡ ସମସ୍ୟା, ଗୋପ ବଜାରରେ ପାଣି ଜମିବା, ନଦୀବନ୍ଧ କାର୍ଯ୍ୟ ନିମ୍ନମାନର ହେବା ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ କରିଥିବାବେଳେ ଏହାର ଯଥା ସମ୍ଭବ ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଧାୟକ ଦାଶ ମତବ୍ୟକ୍ତ କରିଥିଲେ। ଖବରଦାତା ସମ୍ମିଳନୀରେ ନେତା ଅକ୍ଷୟ ନିଶଙ୍କ, ଯୁବନେତା ମନଦୀପ ପାଇକରାୟ, ଦେବାଶିଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# 'ବେକାରି, ଦରବୃଦ୍ଧି ଲୋକଙ୍କୁ କନ୍ଦାଇଲାଣି'

## ସିଆଇଟିୟୁର ଜିଲାସ୍ତରୀୟ ସମ୍ମିଳନୀ

ପୁରୀ, ୧୨।୭(ଅଜିତ ମହାନ୍ତି)

ସିଆଇଟିୟୁର ୩ୟ ଜିଲାସ୍ତରୀୟ ସମ୍ମିଳନୀ ବୁଧବାର ସ୍ଥାନୀୟ ଯୁଥ ହଷ୍ଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସିଆଇଟିୟୁର ରାଷ୍ଟ୍ରୀୟ ଉପସଭାପତି ବିଷ୍ଣୁ ମହାନ୍ତି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ ଯେ, ଦେଶର ୪୪ଟି ଶ୍ରମ ଆଇନକୁ ମୋଦି ସରକାର ପରିବର୍ତ୍ତନ କରି ୪ଟି ଶ୍ରମ କୋଡ୍ କରି କର୍ପୋରେଟ ମାଲିକମାନଙ୍କ ସପକ୍ଷରେ ୧୨ଘଣ୍ଟିଆ କାର୍ଯ୍ୟଦିବସ କରିବେ। ଫଳରେ ମଜୁରି, ସାମାଜିକ ନିରାପତ୍ତା ଓ ମୌଳିକ ଅଧିକାର ପାଇଁ ଶ୍ରମିକମାନେ ହନ୍ତସନ୍ତ ହେବେ। ବେକାରି, ଦରବୃଦ୍ଧି, ବେରୋଜଗାର ଆଜି ଦେଶର ଲୋକଙ୍କୁ କନ୍ଦାଇଲାଣି। ଦେଶର ଧର୍ମନିରପେକ୍ଷ ନୀତି ଓ ସମ୍ବିଧାନ ଉପରେ ଆକ୍ରମଣ ବଢିଛି। ବଞ୍ଚିବା ପାଇଁ ଲଢେଇ ଏକମାତ୍ର ରାସ୍ତା ବୋଲି ମହାନ୍ତି କହିଥିଲେ। ଜିଲାର ୨୪ଟି ୟୁନିୟନକୁ ନେଇ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହାକୁ ଶ୍ରୀକାନ୍ତ ପରିଜା, ଶରତ କୁମାର ରାୟଗୁରୁ, ବନବାସିନୀ ମହାପାତ୍ରଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ପରିଚାଳନା କରିଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ସମ୍ପାଦକ ଜଗନ୍ନାଥ ଦେଓ ଚିଠା ରିପୋର୍ଟ ଉପସ୍ଥାପନା କଲାପରେ ୟୁନିୟନର ମୁଖ୍ୟମାନେ ୟୁନିୟନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଆସନ୍ତା ଦିନରେ ମଜୁରି ପାଇଁ ଇପିଏଫ୍, ଇଏସ୍‌ଆଇ ସହ ମାସିକ ଦରମା ୨୬ହଜାର ଟଙ୍କା ଦେବା ପାଇଁ ଆନ୍ଦୋଳନ କରାଯିବାକୁ ପ୍ରସ୍ତାବ ପାରିତ ହୋଇଥିଲା। ଶ୍ରମିକ ସଙ୍ଗଠନଗୁଡ଼ିକ ଐକ୍ୟବଦ୍ଧ ହୋଇ ମାଲିକ ଓ ସରକାରଙ୍କ ବିରୋଧରେ ଲଢେଇ କରିବାକୁ କୃଷକ ସଭାର ଭୀମସେନ ସ୍ୱାଇଁ ଏବଂ ସିଆଇଟିୟୁ ରାଜ୍ୟ ସମ୍ପାଦକ ଉଲ୍ଲାସ ସ୍ୱାଇଁ ଆହ୍ୱାନ ଦେଇଥିଲେ। ଆସନ୍ତା ତିନିବର୍ଷ ପାଇଁ ଶ୍ରୀକାନ୍ତ ପରିଜା ସଭାପତି ଓ ଶରତ କୁମାର ରାୟଗୁରୁ ସମ୍ପାଦକ ଥାଇ ୨୫ଜଣିଆ ପୁରୀ ଜିଲା କମିଟି ନିର୍ବାଚିତ ହୋଇଥିଲେ। ଏହି ସଭାରେ ସ୍ମୃତିରଞ୍ଜନ ଦାସ, ପୀତବାସ ବେହେରା, ଟୁନା ନାୟକ, ମନୋରଞ୍ଜନ ମହାରଣା, ବସନ୍ତ ରାଉତ, ନୃସିଂହ ଦାସ, କୃପାସିନ୍ଧୁ ପଣ୍ଡା, ଦେବାଶିଷ ସାମଲ, ସବିତା ସାହୁ, ତରୁଲତା ମିଶ୍ର, ବିଭୂତି ରାଉତରାୟ, ବାହନ ପରିଡ଼ା ଏବଂ ସୁବାହୁ ଦାସ ପ୍ରମୁଖ ଯୋଗଦେଇଥିଲେ।




ସିଆଇଟିୟୁର ଜିଲାସ୍ତରୀୟ ସମ୍ମିଳନୀରେ ମଞ୍ଚାସୀନ ବରିଷ୍ଠ କର୍ମକର୍ତ୍ତା। (ଫଟୋ – ଯଜ୍ଞେଶ୍ୱର)

# ସେବାୟତ ଶ୍ମଶାନ ପାଇଁ ଜମି ଚିହ୍ନଟ

- ଜିଲାପାଳଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ
- ସୌନ୍ଦର୍ଯ୍ୟକରଣ ହେବ ମନ୍ଦିର, ବକୁଳବନ

ସାକ୍ଷୀଗୋପାଳ,୧୨।୭
(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)

ସାକ୍ଷୀଗୋପାଳ ମନ୍ଦିର ସେବାୟତ ଶ୍ମଶାନ ଭଙ୍ଗା ଓ ନିର୍ମାଣକୁ ନେଇ ଲାଗିରହିଥିବା ବିବାଦର ସମାଧାନ ନିମନ୍ତେ ସ୍ଥାନୀୟ ଜଳସେଚନ ଡାକବଙ୍ଗଳାରେ ବୁଧବାର ଉଚ୍ଚସ୍ତରୀୟ ବୈଠକ ପୁରୀ ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ବିବାଦ ଭୁଲିଯାଇ ଶ୍ମଶାନ ନିର୍ମାଣ ସମ୍ପର୍କରେ ସମାଧାନ କରିବା ଦିଗରେ ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ସୂଚନା ଦେଇଥିଲେ। ପୂର୍ବରୁ ରହିଥିବା ସେବାୟତ ଶ୍ମଶାନ ଓଡ଼ିଆ ବିଶ୍ୱବିଦ୍ୟାଳୟ ନିକଟରୁ ଦୂରେଇ ରଖିବା ପାଇଁ ମନ୍ଦିର ପରିଚାଳନା ପରିଷଦ ନିଷ୍ପତ୍ତି ନେଇଥିଲେ। ଶ୍ମଶାନ ନିର୍ମାଣ ପାଇଁ ଆବଶ୍ୟକ ଜମି ଯୋଗାଇ ଦେବାକୁ ସ୍ଥିର କରାଯାଇଥିଲା। ମାତ୍ର ଏହାକୁ କାର୍ଯ୍ୟକାରୀ ନ କରି ଦେବୋତ୍ତର ବିଭାଗ ବିରୋଧ କରିବା ଓ ନୂତନ ପରିଚାଳନା ପରିଷଦ ଗଠନକୁ ନେଇ ବୈଠକରେ ଉପସ୍ଥିତ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ଅଧିକାରୀ ଓ ସେବାୟତମାନେ ଶ୍ମଶାନ ନିର୍ମାଣ ପାଇଁ ଜମି ଚିହ୍ନଟ କରିବାକୁ ବକୁଳବନରେ ପହଞ୍ଚିଥିଲେ। ମଶାଣି ମହାବୀର ମନ୍ଦିର ଓ ବଉଳ ବାଟିକା ମଧ୍ୟରେ ଫୁଲ ଅଳସା ମୌଜାର ସତ୍ୟବାଦୀ ଗୋପୀନାଥ ଦେବଙ୍କ ଜମି ଖାତା ନଂ. ୧୦୦ ପ୍ଲଟନଂ. ୫୧ ସମ୍ବନ୍ଧରୁ ୨ ଡିସିମିଲି ଜମି ସେବାୟତ ଶ୍ମଶାନ ପାଇଁ ଯୋଗାଇଦିଆଯିବ। ରାଜ୍ୟ ଦେବୋତ୍ତର ଆୟୁକ୍ତଙ୍କ ଅନୁମତି ମିଳିବାପରେ ଖୁବ୍‌ଶୀଘ୍ର ଶ୍ମଶାନ ନିର୍ମାଣ କରାଯିବା ନେଇ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସେହିପରି ସାକ୍ଷୀଗୋପାଳ ମନ୍ଦିର ଅଞ୍ଚଳ ଓ ବକୁଳବନର ଉନ୍ନତି ପାଇଁ ୮କୋଟି ଟଙ୍କା ବ୍ୟୟ କରାଯିବା ନେଇ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି ବୋଲି ଜିଲାପାଳ ସୂଚନା ଦେଇଥିଲେ। ଓଡ଼ିଆ ବିଶ୍ୱବିଦ୍ୟାଳୟ କାମର ଅଗ୍ରଗତି ନେଇ ଜିଲାପାଳ ବିଶ୍ୱବିଦ୍ୟାଳୟ ପରିସରରେ ସମୀକ୍ଷା କରିବା ସହ ସୁଆଣ୍ଡୋ ଐତିହ୍ୟ ପ୍ରକଳ୍ପ ପରିଚାଳନା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହି ବୈଠକରେ ସହକାରୀ ଦେବୋତ୍ତର କମିଶନର ଗଗନ ସାହୁ, ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ ପଣ୍ଡା, ବିଡିଓ ଲୋଚନ ଦାସ, ତହସିଲଦାର ଜୟନ୍ତ ଜୟସିଂ, ଆଇଆଇସି ବିଜୟ କେତନ ହେରା, ଓବିସିସିର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁନ୍ଦର ମାଧବ ପାଢ଼ୀ, ମନ୍ଦିର କାର୍ଯ୍ୟନିର୍ବାହୀ ବିଶ୍ୱାସୀ ତ୍ରିପାଠୀ, ସେବାୟତ ସଂଘ ସଭାପତି ଶ୍ରୀବତ୍ସ ମହାପାତ୍ର, ସମ୍ପାଦକ ବିଜୟ କୁମାର ନନ୍ଦ ଓ କର୍ମକର୍ତ୍ତାବୃନ୍ଦ ଯୋଗଦେଇ ଆଲୋଚନାରେ ସାମିଲ ହୋଇଥିଲେ।



ଓଡ଼ିଆ ବିଶ୍ୱବିଦ୍ୟାଳୟର ନିର୍ମାଣ କାର୍ଯ୍ୟକୁ ସମୀକ୍ଷା କରୁଛନ୍ତି ଜିଲାପାଳ ସମର୍ଥ ବର୍ମା, ବିଧାୟକ ଉମାକାନ୍ତ ସାମନ୍ତରାୟ ଓ ଅନ୍ୟମାନେ।

# ରୋଗୀଙ୍କୁ ପାଇପ୍‌ରେ ଅକ୍ସିଜେନ୍ ଯୋଗାଣ ବିଳମ୍ବିତ

## କ୍ୟାପିଟାଲ ହସ୍ପିଟାଲ

ଭୁବନେଶ୍ୱର,୧୨।୭(ଅଭିଜିତ ଦାସ)




ରାଜ୍ୟର ଅନ୍ୟତମ ପ୍ରମୁଖ ଚିକିତ୍ସାଳୟ କ୍ୟାପିଟାଲ ହସ୍ପିଟାଲରେ ରୋଗୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବା ଲାଗି ପ୍ରୟାସ ଜାରି ରହିଛି। ଇତିମଧ୍ୟରେ ମେଡିକାଲ କଲେଜ ଖୋଲାଯିବା ସହ ବିଭିନ୍ନ ବିଭାଗରେ ଉନ୍ନତିମୂଳକ କାର୍ଯ୍ୟ କରାଯାଉଛି। ହେଲେ ଏବେ ବି ହସ୍ପିଟାଲରେ ରୋଗୀମାନେ ଅକ୍ସିଜେନ ଲାଗି ସିଲିଣ୍ଡର ଉପରେ ନିର୍ଭର କରୁଛନ୍ତି। ଫଳରେ ଜରୁରିକାଳୀନ ପରିସ୍ଥିତିରେ ଅକ୍ସିଜେନ ଆବଶ୍ୟକ କରୁଥିବା ରୋଗୀଙ୍କ ଜୀବନ ବିପଦ ମୁହଁକୁ ଠେଲି ହୋଇଯାଉଛି। ତେଣୁ ସମସ୍ତ ବେଡ୍ ପାଖକୁ ପାଇପ୍‌ରେ ୨୪ ଘଣ୍ଟା ଅକ୍ସିଜେନ ଯୋଗାଣ ଲାଗି କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ ନିଷ୍ପତ୍ତି ନେବା ସହ ଏନେଇ କାର୍ଯ୍ୟ ଆରମ୍ଭ କରିଥିଲେ ମଧ୍ୟ ଏଥିରେ ବହୁ ବିଳମ୍ବ ହେଉଛି। ଇତିମଧ୍ୟରେ ପାଇପ୍ ବିଛା କାମକୁ ବର୍ଷେ ବିତିବାକୁ ବସିଥିଲେ ମଧ୍ୟ ଏଯାଏ ୪୦ ପ୍ରତିଶତ ସରି ନ ଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଗତବର୍ଷ କ୍ୟାପିଟାଲ ହସ୍ପିଟାଲ ରୋଗୀ କଲ୍ୟାଣ ସମିତି ବୈଠକରେ ରୋଗୀଙ୍କୁ ଅକ୍ସିଜେନ ଯୋଗାଣ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସମସ୍ତ ୱାର୍ଡର ବେଡ୍‌କୁ ପାଇପ୍ ଦ୍ୱାରା ଅକ୍ସିଜେନ ଯୋଗାଣ ଲାଗି ନିଷ୍ପତ୍ତି ହୋଇଥିଲା। ଏହି ପ୍ରକଳ୍ପ ଲାଗି ପ୍ରାୟ ୨କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ପୂର୍ତ୍ତ ବିଭାଗ ଗତ ଅଗଷ୍ଟରେ ଏହି କାମ ଆରମ୍ଭ କରିଥିଲା। ବର୍ତ୍ତମାନ ସୁଦ୍ଧା ଅପରେଶନ ଥିଏଟର, ଆଇସିୟୁ, କାଜୁଆଲ୍‌ଟି, ପେଡିଆଟ୍ରିକ୍ କେୟାର ୟୁନିଟ୍ ସହ ଏସଏନ୍‌ସିୟୁରେ ଅକ୍ସିଜେନ ପାଇପିଂ କାର୍ଯ୍ୟ ଶେଷ ହୋଇଥିବାବେଳେ ସ୍ତ୍ରୀ ଓ ପ୍ରସୂତି ବିଭାଗରେ କାର୍ଯ୍ୟ ଅଧା ରହିଛି। ସେହିପରି ମେଡିସିନ୍ ୱାର୍ଡ ସମେତ ଅନ୍ୟ ୫ରୁ ୬ଟି ବିଭାଗରେ କାମ ଆରମ୍ଭ କରାଯାଇନାହିଁ। ଏନେଇ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ କହିଛନ୍ତି, ପାଖାପାଖି ୬୦ ପ୍ରତିଶତରୁ ଅଧିକ କାର୍ଯ୍ୟ ସରିଛି। ପାଇପ୍ ଦ୍ୱାରା ଅକ୍ସିଜେନ୍ ସପ୍ଲାଇ କାର୍ଯ୍ୟ ପୂର୍ତ୍ତ ବିଭାଗ ଦ୍ୱାରା ଚାଲିଛି। ନିର୍ମାଣ କାର୍ଯ୍ୟକୁ ତଦାରଖ କରିବା ଲାଗି ଏକ ଟିମ୍ ମଧ୍ୟ ଗଠନ କରାଯାଇଛି। ନିର୍ଦ୍ଧାରିତ ସମୟରେ ହସ୍ପିଟାଲର ୮୦୦ ବେଡ୍‌କୁ ଅକ୍ସିଜେନ୍ ସପ୍ଲାଇ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଛି। କିନ୍ତୁ ଅଧିକାଂଶ ସଂଖ୍ୟକ ରୋଗୀ ମେଡିସିନ୍ ୱାର୍ଡରେ ଭର୍ତ୍ତି ହେଉଥିବାରୁ କାର୍ଯ୍ୟରେ ଟିକେ ବିଳମ୍ବ ହେଉଛି।

## ଏନ୍‌କ୍ୟୁଏଏସ୍ ସର୍ଭେ ସରିଲା

ଭୁବନେଶ୍ୱର,୧୨।୭(ଅଭିଜିତ ଦାସ)

### ମାସକରେ ମିଳିବ ସ୍ୱାସ୍ଥ୍ୟ ଗୁଣବତ୍ତା ପ୍ରମାଣପତ୍ର

କ୍ୟାପିଟାଲ ହସ୍ପିଟାଲରେ ଲୋକଙ୍କୁ ମିଳୁଥିବା ସ୍ୱାସ୍ଥ୍ୟ ସେବାର ସ୍ଥିତି କ'ଣ ତାହାକୁ ନେଇ ୩ଦିନ ଧରି ଚାଲିଥିବା ନ୍ୟାଶନାଲ କ୍ୱାଲିଟି ଆସ୍ୟୁରାନ୍ସ ଷ୍ଟାଣ୍ଡାର୍ଡ (ଏନ୍‌କ୍ୟୁଏଏସ୍) ସର୍ଭେ ବୁଧବାର ଶେଷ ହୋଇଛି। ଏକ ୩ଜଣିଆ ଟିମ୍ ହସ୍ପିଟାଲର ୧୯ ବିଭାଗର ଚିକିତ୍ସା ସେବାକୁ ଯାଞ୍ଚ କରିଛି। ତେବେ ମାସକ ଭିତରେ ହସ୍ପିଟାଲକୁ ସ୍ୱାସ୍ଥ୍ୟ ଗୁଣବତ୍ତା ପ୍ରମାଣପତ୍ର ମିଳିବ ବୋଲି ହସ୍ପିଟାଲ ନିର୍ଦ୍ଦେଶକ ଡ. ଲକ୍ଷ୍ମୀଧର ସାହୁ କହିଛନ୍ତି। ସୂଚନା ଅନୁଯାୟୀ, ଚିକିତ୍ସା ସେବା କ୍ଷେତ୍ରରେ ଜାତୀୟ ପ୍ରମାଣପତ୍ର ପାଇବା ଲାଗି ପ୍ରଥମଥର ଲାଗି କ୍ୟାପିଟାଲ ହସ୍ପିଟାଲ ଏନ୍‌କ୍ୟୁଏଏସ୍ ସର୍ଭେ ପାଇଁ ଆବେଦନ କରିଥିଲା। ଏଥିପାଇଁ ଗତ ଦୁଇବର୍ଷ ଧରି କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଓ ପଦକ୍ଷେପ ଗ୍ରହଣ କରାଯାଇଥିଲା। ନିର୍ଦ୍ଦେଶକ ଡ. ସାହୁ କହିଛନ୍ତି, ଟିମ୍‌ର ପରିଦର୍ଶନ ପରେ ପ୍ରାୟ ୧ ମାସ ମଧ୍ୟରେ ରିପୋର୍ଟ ଆସିଯିବ। କେନ୍ଦ୍ରୀୟ ଦଳ ତିନିଦିନ ଧରି କାର୍ଯ୍ୟରତ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କ ଦକ୍ଷତା ପରଖିଥିଲେ। ପୂର୍ବରୁ କ୍ୟାପିଟାଲ ହସ୍ପିଟାଲ ରୋଗୀଙ୍କୁ ଉତ୍ତମ ସେବା ଯୋଗାଇ ଦେଇଆସୁଥିବାବେଳେ ଆଗକୁ ମଧ୍ୟ ଉନ୍ନତ ଟେକ୍ନୋଲୋଜି ସହାୟତାରେ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କର୍ମବୀର ଗୌରୀଶଙ୍କର ରାୟଙ୍କ ୧୮୫ତମ ଜୟନ୍ତୀ, ପିଏମ୍‌ଜି ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା।

କଟକ
- କର୍ମବୀର ଗୌରୀଶଙ୍କର ରାୟଙ୍କ ୧୮୫ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।




ବାରମ୍ବାର ବିଦ୍ୟୁତ୍ କାଟକୁ ବିରୋଧ ଓ ୨୦୦ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍‌କୁ ଦେୟମୁକ୍ତ କରିବା ଦାବିରେ ସିପିଆଇ(ଏମ୍) ପକ୍ଷରୁ ଭୁବନେଶ୍ୱର ପାୱାର ହାଉସ୍ ଛକସ୍ଥିତ ଟାଟା ପାୱାର ଅଫିସ୍ ସମ୍ମୁଖରେ ବିକ୍ଷୋଭ। (ଫଟୋ- ମୌସମ ନନ୍ଦ)

## ସାପ କାମୁଡ଼ାରେ ୪ ବର୍ଷୀୟା ଶିଶୁକନ୍ୟାଙ୍କ ମୃତ୍ୟୁ

ଭୁବନେଶ୍ୱର,୧୨।୭ (ସୂର୍ଯ୍ୟକାନ୍ତ ବେହେରା)

ସାପ କାମୁଡ଼ାରେ ଜଣେ ୪ ବର୍ଷୀୟା ଶିଶୁକନ୍ୟାର ମୃତ୍ୟୁ ଘଟିଛି। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଇଞ୍ଜଣା ଗ୍ରାମରେ ଏହି ଦୁଃଖଦ ଘଟଣା ଘଟିଛି। ମୃତା ଶିଶୁକନ୍ୟା ହେଲେ ମୟୂରଭଞ୍ଜର ଅଞ୍ଜଳୀ ହେମ୍ବ୍ରମ୍। ମଙ୍ଗଳବାର ସନ୍ଧ୍ୟାରେ ଶିଶୁଟି ଶୋଇଥିବା ସମୟରେ ହଠାତ୍ କାନ୍ଦି ଉଠିବା ସହ ଧୀରେ ଧୀରେ ନିସ୍ତେଜ ହୋଇପଡିଥିଲେ। ଏହାପରେ ପରିବାର ଲୋକେ ଘର ଭିତରେ ଏକ ସାପ ଦେଖି ରାତି ସାଢ଼େ ୭ଟାରେ ଅଞ୍ଜଳିଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ବହୁ ବିଳମ୍ବ ଯୋଗୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ରେଭେନ୍‌ଶା ବିଶ୍ୱବିଦ୍ୟାଳୟ

## ୭ ବିଭାଗର ମୁଖ୍ୟଙ୍କୁ ନୂଆ ନିଯୁକ୍ତି

କଟକ,୧୨।୭(ସୁପ୍ରିୟା ପ୍ରିୟଦର୍ଶିନୀ): ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ୭ଟି ବିଭାଗର ମୁଖ୍ୟଙ୍କୁ ନୂତନ ଭାବେ ନିଯୁକ୍ତି ଦିଆଯାଇଛି। ଜିଓଲୋଜି ବିଭାଗର ମୁଖ୍ୟ ଭାବେ ପ୍ରଫେସର ସନ୍ଦୀପ ନାରାୟଣ କୁଣ୍ଡୁ, ଅର୍ଥଶାସ୍ତ୍ର ବିଭାଗୀୟ ମୁଖ୍ୟ ଭାବେ ଡ. ଲିପିଶ୍ରୀ ଦାଶ, ବାଣିଜ୍ୟ ବିଭାଗର ମୁଖ୍ୟ ଭାବେ ପ୍ରଫେସର କିଶୋର କୁମାର ଦାଶ, ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ଭାବେ ଡ. ସବିତା ନାୟକ, ହିନ୍ଦୀ ବିଭାଗର ମୁଖ୍ୟ ଭାବେ ପ୍ରଫେସର ଅଞ୍ଜୁମାନ ଆରା, ସମାଜଶାସ୍ତ୍ର ବିଭାଗର ମୁଖ୍ୟ ଭାବେ ପ୍ରଫେସର ବିକ୍ରମ କେଶରୀ ମିଶ୍ର ଓ ଜୁଲୋଜି ବିଭାଗର ମୁଖ୍ୟ ଭାବେ ଡ. ଦିପ୍ତୀ ରାଉତଙ୍କୁ ନିଯୁକ୍ତି ଦିଆଯାଇଛି। ଆସନ୍ତା ୨ବର୍ଷ ପର୍ଯ୍ୟନ୍ତ ସେମାନେ ଏହି ଦାୟିତ୍ୱରେ ରହିବେ। କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ କୁଳସଚିବ କାହ୍ନୁଚରଣ ମଲ୍ଲିକ ଏହି ନିଯୁକ୍ତି ପ୍ରଦାନ କରିଥିବା ଜଣାପଡିଛି।

## ଆଜି ସରିବ ଯୁକ୍ତ ୨ ପ୍ରଥମ ପର୍ଯ୍ୟାୟ ନାମଲେଖା

ଭୁବନେଶ୍ୱର,୧୨।୭ (ଅନୁରାଧା ମହାରଣା): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଯୁକ୍ତ ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଷୟରେ ପ୍ରଥମ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଗୁରୁବାର ଶେଷ ହେବ। ତେବେ ୧୨ ତାରିଖ ରାତି ୧୦ଟା ସୁଦ୍ଧା ୩ଲକ୍ଷ ୧୯ ହଜାର ଛାତ୍ରୀଛାତ୍ର ନାମଲେଖାଇଥିବା ଜଣାପଡିଛି। ରାଜ୍ୟର ୨୧୫୮ଟି ଜୁନିୟର କଲେଜରେ ପ୍ରଥମ ପର୍ଯ୍ୟାୟରେ କଳାରେ ୨ଲକ୍ଷ ୨ ହଜାର ୧୨୮ଜଣ ଛାତ୍ରୀଛାତ୍ର ନାମଲେଖାଇଥିବାବେଳେ ୮୭ ହଜାର ୨୧୦ଟି ସିଟ୍ ବଳକା ରହିଛି। ସେହିପରି ବିଜ୍ଞାନରେ ୮୮,୧୪୪ ଜଣ ନାମଲେଖାଇଥିବାବେଳେ ୬୭୦୫୧ ସିଟ୍ ବଳକା ରହିଛି। ବାଣିଜ୍ୟରେ ୧୯୪୫୮ଜଣ ନାମଲେଖାଇଥିବା ବେଳେ ୧୯୭୩୧ ସିଟ୍ ଖାଲି ରହିଛି। ସେହିପରି ସଂସ୍କୃତରେ ୫୩୨୯ଜଣ ପିଲା ନାମଲେଖାଇଥିବାବେଳେ ୨୭୭୯ ସିଟ୍ ବଳକା ରହିଛି। ଧନ୍ଦାମୂଳକ ଶିକ୍ଷାରେ ୩୭୪୨ଜଣ ନାମ ଲେଖାଇଥିବା ବେଳେ ୬୭୫୦ ସିଟ୍ ଖାଲି ରହିଥିବା ଜଣାପଡିଛି। ଚଳିତବର୍ଷ ପ୍ରଥମ ପର୍ଯ୍ୟାୟରେ ୪ ଲକ୍ଷ ୭୨ ହଜାର ୨୭୯ ସିଟ୍ ମଧ୍ୟରୁ ୪ ଲକ୍ଷ ୧୨ହଜାର ୩୬୮ ପିଲାଙ୍କୁ ସିଟ୍ ଆବଣ୍ଟନ କରାଯାଇଛି।

# ପ୍ରକୃତି, ସଂସ୍କୃତି ସହ ଯୋଡ଼ିହେବାର ମଞ୍ଚ ଲୋକଉତ୍ସବ

ଭୁବନେଶ୍ୱର,୧୨।୭(ଶର୍ମିଷ୍ଠା ପାଣିଗ୍ରାହୀ)

## ରାଜଭବନରେ ଲୋକଉତ୍ସବ ଓ ଜନଜାତି କଳା ପ୍ରଦର୍ଶନ



କଳାଞ୍ଜଳି ଆର୍ଟିଷ୍ଟ ଟ୍ରଷ୍ଟ ପକ୍ଷରୁ ରାଜ୍ୟର ବିଭିନ୍ନ ଅଞ୍ଚଳର ଲୋକ କଳାକାରଙ୍କୁ ନେଇ ବୁଧବାର ରାଜଭବନରେ ଲୋକଉତ୍ସବ ଓ ଜନଜାତି କଳା ପ୍ରଦର୍ଶନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଲେ, ପ୍ରକୃତି ଓ ସଂସ୍କୃତି ସହିତ ଯୋଡ଼ି ହେବାର ଅପୂର୍ବ ଆନନ୍ଦ ଏବଂ ଅନୁଭୂତିର ମଞ୍ଚ ହେଉଛି 'ଲୋକଉତ୍ସବ। ଏହାର ପ୍ରସାର ଦିଗରେ ଗ୍ରହଣ କରାଯାଉଥିବା ପ୍ରୟାସ ସ୍ୱାଗତଯୋଗ୍ୟ। ତୃଣମୂଳ ସ୍ତରରୁ କଳାକାରଙ୍କୁ ଚିହ୍ନଟ କରି ସେମାନଙ୍କ ମଧ୍ୟରେ ଥିବା ପ୍ରତିଭାର ବିକାଶ ଓ କଳାର ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ଲୋକଉତ୍ସବ ଆୟୋଜନର ଆବଶ୍ୟକତା ରହିଛି ବୋଲି କହିଥିଲେ। ଟ୍ରଷ୍ଟ କୋଷାଧ୍ୟକ୍ଷ ଅର୍ଦ୍ଧେନ୍ଦୁ ଶେଖର ପାଣିଗ୍ରାହୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ।

ରାୟଗଡ଼ା ଜିଲାର ଦୃଷ୍ଟିବାଧିତ ଲକ୍ଷ୍ମଣ ଶବରଙ୍କ କଣ୍ଠରେ ଶ୍ରୀଜଗନ୍ନାଥଙ୍କ ଭଜନରୁ ଲୋକଉତ୍ସବ ଆରମ୍ଭ ହୋଇଥିଲା। ପରେ ଗଞ୍ଜାମ ଜିଲା ନରେନ୍ଦ୍ରପୁର ଗ୍ରାମର ଗଙ୍ଗେଶ୍ୱର ଯୁଗଳ ଶଙ୍ଖ ବାଦ୍ୟ ଓ ତାଙ୍କ ଅନୁଷ୍ଠାନ କଳାକାରଙ୍କ ଶଙ୍ଖନାଦ ଭିନ୍ନ ପରିବେଶ ସୃଷ୍ଟି କରିଥିଲା। ଗଞ୍ଜାମ ଜିଲା ହରିପ୍ରିୟାପୁର ଗ୍ରାମର ଦେବେନ୍ଦ୍ରନାଥ ଦାଶ ଓ ସାଥୀଙ୍କ ଦାସକାଠିଆ, ପୁରୀ ଜିଲା ଖଜୁରିଆସ୍ଥିତ ନୀଳକଣ୍ଠେଶ୍ୱର ଗୋଟିପୁଅ ଗୁରୁକୁଳ ଡ୍ୟାନ୍ସ ଏକାଡେମୀ, ଗଞ୍ଜାମ ଜିଲା ଦିଗପହଣ୍ଡିର ବିଚିତ୍ର ବର୍ଣ୍ଣାଳି ନାଟ୍ୟ ସଂସଦ, ପୁରୀ ବାସେଳି ସାହିର ମାଲଖମ୍ବ ୟୁନାଇଟେଡ୍, ବ୍ରହ୍ମପୁର ସ୍କେଟିଙ୍ଗ୍ ଏକାଡେମୀ, ଭୁବନେଶ୍ୱର, ସମ୍ବଲପୁରର ଆଦିବାସୀ ଓ ଲୋକକଳା ସେଣ୍ଟର, ଖୋର୍ଦ୍ଧା ଜିଲା ସାଗୁଆନ୍ ବଗିଚାସ୍ଥିତ କଳିଙ୍ଗ ପାଇକ କ୍ରିଏଶନ୍, ଓଡ଼ିଶା ସାମରିକ କଳା, ଗଞ୍ଜାମ ଜିଲାର ଶ୍ରୀ କାଳେଶ୍ୱର ରଣପା ନୃତ୍ୟ, କନ୍ଧମାଳ ଜିଲାର ମା'ସୁବର୍ଣ୍ଣଗିରି ଆଦିବାସୀ ଲୋକକଳା ସାଂସ୍କୃତିକ ସଂଘ, ରାୟଗଡ଼ାସ୍ଥିତ ଗାୟତ୍ରୀ କଳା ସଂଗଠନ ଓ ବରଗଡ଼ର କଳାଜୀବୀ କଳା ଅନୁଷ୍ଠାନର କଳାକାରମାନେ ଲୋକକଳା, ପାରମ୍ପରିକ ସାମରିକ କଳା ଓ ଜନଜାତି କଳା ପ୍ରଦର୍ଶନ କରିଥିଲେ। ଲୋକନୃତ୍ୟ, ଲୋକସଂଗୀତ ଓ ଲୋକବାଦ୍ୟରେ ଝୁମି ଉଠିଥିଲା ସମ୍ପୂର୍ଣ୍ଣ ପ୍ରେକ୍ଷାଳୟ। କଳାକାରଙ୍କ ଆକର୍ଷଣୀୟ କଳା ନୈପୁଣ୍ୟରେ ରାଜ୍ୟପାଳଙ୍କ ସମେତ ରାଜଭବନର ସମସ୍ତ ଅଧିକାରୀ ଓ କର୍ମଚାରୀ ଅଭିଭୂତ ହୋଇଯାଇଥିଲେ। ରାଜ୍ୟପାଳ ଟ୍ରଷ୍ଟର ପ୍ରତିଷ୍ଠାତା ରାମେଶ୍ୱରୀ ନନ୍ଦଙ୍କ ସହିତ କଳା ପ୍ରଦର୍ଶନ କରିଥିବା ସମସ୍ତ ଅନୁଷ୍ଠାନ ଓ କଳାକେନ୍ଦ୍ରକୁ ପ୍ରଶଂସାପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।




କଳାଶ୍ରମ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୧୮ତମ ଗୁରୁ ଦକ୍ଷିଣା କାର୍ଯ୍ୟକ୍ରମର ବୁଧବାର ଉଦ୍‌ଯାପନ ଅବସରରେ ଅତିଥିମାନେ ଗୁରୁ ସଂଯୁକ୍ତା ଦାଶଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି। କାର୍ଯ୍ୟକ୍ରମରେ ଦୁଇ ଶିଳ୍ପୀଙ୍କ ନୃତ୍ୟ ପରିବେଷଣ। (ଫଟୋ-ବିକାଶ ନାୟକ)

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବାପି



@ ପୂଜା



@ ମନୋରଞ୍ଜନ



@ ସୁଦୀପ



@ ଯସ୍ମିନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ହୋଟେଲରୁ ଯୁବତୀଙ୍କ ମୃତଦେହ ଜବତ

ଭୁବନେଶ୍ୱର,୧୨।୭ (ସୂର୍ଯ୍ୟକାନ୍ତ ବେହେରା)

କ୍ୟାପିଟାଲ ଥାନା ଅନ୍ତର୍ଗତ ମାଷ୍ଟରକ୍ୟାଣ୍ଟିନସ୍ଥିତ ଏକ ହୋଟେଲରୁ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ବୁଧବାର ଅପରାହ୍ଣରେ ଜବତ କରିଛି। ମୃତା ଯୁବତୀ ହେଲେ ପୁରୀ ଜିଲା ବ୍ରହ୍ମଗିରି ଥାନା ଅଞ୍ଚଳର ବନିତା ସାହୁ (୨୩)। ସେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଥିବାବେଳେ ପରିବାର ଲୋକେ ଏହାକୁ ଏଡାଇବା ସହ ଠିକ୍ ତଦନ୍ତ ଦାବି କରିଛନ୍ତି। ପୋଲିସ ବନିତାଙ୍କ ମୋବାଇଲ୍ ଫୋନ୍‌କୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ.୧୬୪/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାନୁସାରେ, ବନିତା ଏକ ମୋବାଇଲ କମ୍ପାନୀରେ କାର୍ଯ୍ୟରତ ଥିଲେ। ତାଙ୍କର ପଦୋନ୍ନତି ନିମନ୍ତେ ଦୁଇତିନି ଦିନ ପାଇଁ ତାଲିମ୍ ନେବାକୁ ଭୁବନେଶ୍ୱର ଆସିଥିଲେ। ଗତ ମଙ୍ଗଳବାର ମାଷ୍ଟରକ୍ୟାଣ୍ଟିନସ୍ଥିତ ସାଇ ଅମ୍ରିତ ରେସିଡେନ୍‌ସିର ୨୦୧ ନମ୍ବର ରୁମ୍‌ରେ ରହୁଥିଲେ। ହେଲେ ବୁଧବାର ପୂର୍ବାହ୍ଣ ପର୍ଯ୍ୟନ୍ତ ସେ ରୁମ୍‌ରୁ ନ ବାହାରିବାରୁ ହୋଟେଲର କର୍ମଚାରୀ କୌଣସି କାମ ପାଇଁ ବନିତାଙ୍କୁ ଡାକିବାକୁ ଯାଇଥିଲେ। କିନ୍ତୁ ସେ କବାଟ ଖୋଲି ନ ଥିଲେ କି କୌଣସି ଉତ୍ତର ଦେଇ ନ ଥିଲେ। ହୋଟେଲ କର୍ମଚାରୀମାନେ ସନ୍ଦେହରେ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି କବାଟ ଭାଙ୍ଗିବା ପରେ ବନିତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଦେଖିଥିଲେ। ଏନେଇ ପୋଲିସ ତାଙ୍କ ପରିବାର ଲୋକଙ୍କୁ ଖବର ଦେବା ସହ ମୃତଦେହକୁ ଜବତ କରି ହସ୍ପିଟାଲ ପଠାଇଥିଲା। ଗୁରୁବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି।

**୧୭-୧୮ରେ ବେଙ୍ଗାଲୁରୁ ବୈଠକ**

# ଯୋଗଦେବେ ୨୪ ବିରୋଧୀ ଦଳ

**ମିଶନ ୨୦୨୪**

**■ସୋନିଆ ଦେବେ ଡିନର ପାର୍ଟି**



କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ

ନୂଆଦିଲ୍ଲୀ,୧୨।୭

ପରବର୍ତ୍ତୀ ଲୋକ ସଭା ନିର୍ବାଚନ ପାଇଁ ବିରୋଧୀ ଦଳଗୁଡ଼ିକ ମେଳି ବାନ୍ଧୁଥିବାବେଳେ ଆସନ୍ତା ସପ୍ତାହରେ ବେଙ୍ଗାଲୁରୁରେ ହେବାକୁ ଥିବା ବିରୋଧୀ ବୈଠକରେ ଆଉ କେତେକ ଦଳ ଯୋଡ଼ି ହୋଇପାରନ୍ତି। ଜୁଲାଇ ୧୭ ଓ ୧୮ ତାରିଖରେ କଂଗ୍ରେସ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ବୈଠକରେ ସାମିଲ ହେବା ପାଇଁ ୨୪ ଅଣଭାଜପା ଦଳକୁ ନିମନ୍ତ୍ରଣ କରାଯାଇଛି। ଜୁନ୍ ୨୩ରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱରେ ଅନୁଷ୍ଠିତ ବିରୋଧୀଙ୍କ ପ୍ରଥମ ସଂସ୍କରଣ ବୈଠକରେ ୧୫ ଦଳର ନେତା ଯୋଗଦେଇଥିଲେ। ୧୭ ଦଳକୁ ନିମନ୍ତ୍ରଣ କରାଯାଇଥିବାବେଳେ ଆର୍‌ଏଲ୍‌ଡି ମୁଖ୍ୟ ଜୟନ୍ତ ଚୌଧରୀ ପାରିବାରିକ କାର୍ଯ୍ୟକ୍ରମ ଯୋଗୁ ଏଥିରେ ସାମିଲ ହୋଇପାରି ନ ଥିଲେ।

ଜୁଲାଇ ୧୭ରେ କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ ବିରୋଧୀ ଦଳଗୁଡ଼ିକର ନେତାମାନଙ୍କୁ ନୈଶଭୋଜିରେ ଆପ୍ୟାୟିତ କରିବା କାର୍ଯ୍ୟକ୍ରମ ରହିଛି। ଏହାର ପରଦିନ ଆନୁଷ୍ଠାନିକ ଭାବେ ବୈଠକ ଅନୁଷ୍ଠିତ ହେବ, ଯେଉଁଠି ବିରୋଧୀ ସାମ୍ମୁଖ୍ୟ ୨୦୨୪ ସାଧାରଣ ନିର୍ବାଚନରେ ଭାଜପାକୁ ହରାଇବା ପାଇଁ ରଣନୀତି ଆଗକୁ ବଢ଼ାଇବ ବୋଲି ସୂତ୍ରରୁ ଜଣାପଡ଼ିଛି। ଉକ୍ତ ବୈଠକରେ ଏମ୍‌ଡିଏମ୍‌କେ, କେଡିଏମ୍‌କେ, ସିଭିକେ, ଆର୍‌ଏସ୍‌ପି, ଫରୱାର୍ଡ ବ୍ଲକ୍, ଆଇୟୁଏମ୍‌ଏଲ୍, କେରଳ କଂଗ୍ରେସ (ଜୋସେଫ୍) ଏବଂ କେରଳ କଂଗ୍ରେସ (ମଣି) ନୂଆକରି ସାମିଲ ହେବେ। ଏଥିଲାଗି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ନିମନ୍ତ୍ରଣ ପଠାଇଛନ୍ତି। ବର୍ତ୍ତମାନ ଲୋକ ସଭାରେ ୨୪ ବିରୋଧୀ ଦଳର ଆସନ ସଂଖ୍ୟା ୧୫୦ ଥିବାବେଳେ ଆଗକୁ ନୂଆ ଦଳଗୁଡ଼ିକୁ ମିଶାଇ ଏହି ସଂଖ୍ୟା ବୃଦ୍ଧି ପାଇଁ ଉଦ୍ୟମ ଚାଲିଛି। ବିରୋଧୀ ଏକତାକୁ ମଜଭୁତ କରିବା ଲାଗି ଏକ ବିସ୍ତୃତ ଯୋଜନା କରାଯିବ। ଲୋକ ସଭା ନିର୍ବାଚନରେ ପ୍ରତ୍ୟେକ ଆସନରେ ଭାଜପା ପ୍ରାର୍ଥୀଙ୍କ ବିରୋଧରେ ବିରୋଧୀଙ୍କ ପକ୍ଷରୁ ଜଣେ ମିଳିତ ପ୍ରାର୍ଥୀ ଦିଆଯିବା ଯୋଜନା ଉକ୍ତ ବୈଠକରେ ଚୂଡ଼ାନ୍ତ କରାଯିବ। ବେଙ୍ଗାଲୁରୁ ବୈଠକକୁ ଆମ୍ ଆଦ୍‌ମୀ ପାର୍ଟି (ଏଏପି)କୁ ମଧ୍ୟ ଡକାଯାଇଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଦଳ ପରବର୍ତ୍ତୀ ବୈଠକ ପୂର୍ବରୁ ଅମଲାତନ୍ତ୍ରୀଙ୍କ ଉପରେ ନିୟନ୍ତ୍ରଣ ସମ୍ପର୍କିତ କେନ୍ଦ୍ରର ଅଧ୍ୟାଦେଶ ନେଇ ଆଭିମୁଖ୍ୟ ସ୍ପଷ୍ଟ କରିବାକୁ କଂଗ୍ରେସକୁ କହିଛି। କଂଗ୍ରେସ ଏହା ଉପରେ ଏଏପି ସରକାରକୁ ସମର୍ଥନ ଘୋଷଣା ନ କଲେ ଦଳ ଏହି ବୈଠକରେ ସାମିଲ ହେବ ନାହିଁ ବୋଲି ଚେତାବନୀ ଦେଇଛି।

# ସମଗ୍ର ଶିକ୍ଷା ଯୋଜନାକୁ ହଡ଼ପ ଉଦ୍ୟମ: ଭାଜପା

**ସ୍କୁଲ୍ ୟୁନିଫର୍ମ ସବୁଜ ରଙ୍ଗ କରିବା ପ୍ରସଙ୍ଗ**



ସୂରଜ ସୂର୍ଯ୍ୟବଂଶୀ

ଭୁବନେଶ୍ୱର, ୧୨।୭ (ସୁନିତ୍ ମିଶ୍ର)

ପୂର୍ବରୁ ଓଡ଼ିଶା ସରକାର ୫-ଟି ହାଇସ୍କୁଲ ରୂପାନ୍ତରଣ ଯୋଜନାରେ ସ୍କୁଲ ଓ କଲେଜ ଆଦିକୁ ସବୁଜ ରଙ୍ଗ କରିବା ପରେ ଏବେ ସ୍କୁଲ ୟୁନିଫର୍ମର ରଙ୍ଗ ସବୁଜ କରିବା ପାଇଁ ଚିନ୍ତା କରିବା ଦୁଃଖର ବିଷୟ। ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଦଳୀୟ ଭାବନାରେ ପରୋକ୍ଷ ଭାବେ ଟାଣିବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ଧାମନଗର ବିଧାୟକ ସୂରଜ ସୂର୍ଯ୍ୟବଂଶୀ ଟୁଇଟ୍ ଜରିଆରେ ଅଭିଯୋଗ କରିଛନ୍ତି।

ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶା ସରକାର ଗତ ୧୦ ତାରିଖରେ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ୟୁନିଫର୍ମ ବଦଳାଇବା ନେଇ ଏକ ଆଡଭାଇଜରି ଜାରି କରିଛନ୍ତି। ଆଡଭାଇଜରି ଅନୁସାରେ ସରକାର ରାଜ୍ୟର ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ସ୍କୁଲର ନବମ ଏବଂ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ୟୁନିଫର୍ମ ରଙ୍ଗ ଧଳା ଓ ଘନନୀଳ ବଦଳରେ 'ହଣ୍ଟର ଗ୍ରୀନ୍' ରଙ୍ଗର ପୋଷାକ କରିବାକୁ ଯାଉଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ 'ସମଗ୍ର ଶିକ୍ଷା' ଯୋଜନା ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କ ସ୍କୁଲ ୟୁନିଫର୍ମ ପାଇଁ ଓଡ଼ିଶାକୁ ବାର୍ଷିକ ପ୍ରାୟ ୨୪୦ କୋଟି ଟଙ୍କା ଅନୁଦାନ ମିଳୁଛି। ରାଜ୍ୟ ସରକାର କେଉଁ ଆଧାରରେ କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ଅର୍ଥରେ ନିଜସ୍ୱ 'ମୁଖ୍ୟମନ୍ତ୍ରୀ ପରିଧାନ' ଯୋଜନା ଘୋଷଣା କରିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। କେନ୍ଦ୍ର ଦେଉଥିବା ଅର୍ଥ ଉପରେ ରାଜ୍ୟ ସରକାର ନିଜର ଷ୍ଟିକର ମାରିବାର ଅଭିଯାନ ଆରମ୍ଭ କରିବାକୁ ଯାଉଛନ୍ତି, ଯାହା ପର ଘର ତିଅଣରେ ଅତିଥି ସତ୍କାର ସଦୃଶ। ଓଡ଼ିଶା ସରକାର ଦଳୀୟ ଭାବନାରେ ପିଲାଙ୍କ ସମ୍ପୂର୍ଣ୍ଣ ୟୁନିଫର୍ମକୁ ସବୁଜ କରିବା ପାଇଁ ଚିନ୍ତା କରିବା ଏବଂ ତା' ଉପରେ 'ଆମେ ଗଢ଼ିବୁ ନୂଆ ଓଡ଼ିଶା' ଷ୍ଟିକର ମାରିବା ଦୁଃଖଦାୟକ ବୋଲି ସୂରଜ କହିଛନ୍ତି।

# ରାହୁଲଙ୍କୁ ସମର୍ଥନକରି ମୌନ ସତ୍ୟାଗ୍ରହ ପାଳିଲା କଂଗ୍ରେସ

**ରାହୁଲଙ୍କୁ ନୀରବ କରିବାରେ ମୋଦି ସରକାର ବିଫଳ ହୋଇଛି: ଶରତ**

ଭୁବନେଶ୍ୱର, ୧୨।୭(ସୁନିତ୍ ମିଶ୍ର)

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗଣତନ୍ତ୍ର ତଥା ସମ୍ବିଧାନର ସୁରକ୍ଷା ପାଇଁ ସାଲିସ୍‌ବିହୀନ ସଂଗ୍ରାମ ଜାରି ରଖିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ସରକାର ସମସ୍ତ କ୍ଷମତାର ଦୁରୁପଯୋଗ କରି ମଧ୍ୟ ରାହୁଲଙ୍କୁ ନୀରବ କରିବାରେ ବିଫଳ ହୋଇଛନ୍ତି। ପାର୍ଲାମେଣ୍ଟରୁ ବହିଷ୍କୃତ ହୋଇ ମଧ୍ୟ ଦେଶର ପ୍ରମୁଖ ପ୍ରସଙ୍ଗଗୁଡ଼ିକୁ ସେ ସାହସର ସହ ଉତ୍ଥାପନ କରିବା ସହ ମୋଦି ସରକାରର ଅପକର୍ମ ଓ ଜନବିରୋଧୀ ନିଷ୍ପତ୍ତିର ପର୍ଦ୍ଦାଫାଶ କରୁଛନ୍ତି। ଆଗକୁ ମଧ୍ୟ ସେ ଏହା ଜାରି ରଖିବେ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି। କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି ଯେ, ଭୁବନେଶ୍ୱର କଂଗ୍ରେସ ଭବନ ସମ୍ମୁଖରେ ଆୟୋଜିତ ମୌନ ସତ୍ୟାଗ୍ରହ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ସଫଳ ହୋଇଛି। ଉକ୍ତ ମୌନ ସତ୍ୟାଗ୍ରହ ଏହି ସନ୍ଦେଶ ଦେଉଛି ଯେ ରାଜ୍ୟର ସମସ୍ତ କଂଗ୍ରେସ ନେତା ଓ କର୍ମୀ ରାହୁଲ ଗାନ୍ଧୀଙ୍କ ସହ ଏକ ହୋଇଛନ୍ତି। ଏହି ସତ୍ୟାଗ୍ରହର ସଫଳତା ପାଇଁ ସମସ୍ତ ସଙ୍ଗଠନର ନେତୃବର୍ଗ ତଥା ପଦାଧିକାରୀଙ୍କୁ ଶରତ ଧନ୍ୟବାଦ ଦେଇଛନ୍ତି। ଆସନ୍ତା ଦିନରେ କଂଗ୍ରେସ ରାଜ୍ୟବ୍ୟାପୀ ସତ୍ୟ ଓ ଅହିଂସାକୁ ପାଥେୟ କରି ତା'ର କାର୍ଯ୍ୟକ୍ରମ ଜାରି ରଖିବ ବୋଲି ସେ କହିଛନ୍ତି। କଂଗ୍ରେସ ପ୍ରଭାରୀ ଏ. ଚେଲ୍ଲା କୁମାର କହିଛନ୍ତି, ରାହୁଲ ଗାନ୍ଧୀ ପାର୍ଲାମେଣ୍ଟରେ ନରେନ୍ଦ୍ର ମୋଦି ଏବଂ ଆଦାନୀ ଗ୍ରୁପର ସମ୍ପର୍କ, ଆଦାନୀ ଗ୍ରୁପର ପରିବାର ଦ୍ୱାରା ପରିଚାଳିତ ସେଲ୍ କମ୍ପାନୀ ମାଧ୍ୟମରେ ହଜାର ହଜାର କୋଟି ଟଙ୍କାର କାରବାର, ପ୍ରଧାନମନ୍ତ୍ରୀ ବିଭିନ୍ନ ଦେଶର ସରକାରଙ୍କ ଉପରେ ଚାପ ପକାଇ ଆଦାନୀକୁ ବ୍ୟବସାୟୀ ସହାୟତା ପ୍ରଦାନ କରିବା, ଏଲ୍‌ଆଇସି, ଏସ୍‌ବିଆଇର ଆଦାନୀ ଗ୍ରୁପ ଅଫ କମ୍ପାନୀରେ ପୁଞ୍ଜି ବିନିଯୋଗ ତଥା ପ୍ରସଙ୍ଗ ଉଠାଇଲେ। ସେଥିପାଇଁ ପ୍ରଧାନମନ୍ତ୍ରୀ ନିଜେ ବ୍ୟକ୍ତିଗତ ସ୍ତରରେ ଏବଂ ତାଙ୍କ ସରକାର ବର୍ତ୍ତମାନ ରାହୁଲ ଗାନ୍ଧୀଙ୍କ ପାର୍ଲାମେଣ୍ଟର ସଭ୍ୟପଦକୁ ରଦ୍ଦ କରାଇବା ସହ ତାଙ୍କୁ ସରକାରୀ ବାସଗୃହରୁ ବାହାର କରିଦେଲେ। ଏପରିକି ଯେଉଁ ମାନହାନି ମକଦ୍ଦମା କଥା କୁହାଯାଉଛି ତାହା ମଧ୍ୟ ଏକ ବଡ଼ ଷଡ଼ଯନ୍ତ୍ର। ଆଇନର ସମ୍ପୂର୍ଣ୍ଣ ତର୍ଜମା କି ଆଇନର ବାଟ ମଧ୍ୟ ସରିନାହିଁ ବୋଲି ଚେଲ୍ଲା କୁମାର କହିଛନ୍ତି।

ସୂଚନାଯୋଗ୍ୟ ଯେ, ରାହୁଲ ଗାନ୍ଧୀ ଯେଉଁଭଳି ନିର୍ଭୀକ ଭାବେ ଲଗାତର ମୋଦି-ଆଦାନୀଙ୍କ ସମ୍ପର୍କକୁ ନେଇ ବାରମ୍ବାର ପ୍ରଶ୍ନ ପଚାରି ଚାଲିଛନ୍ତି, ଏହାଦ୍ୱାରା ଉଭୟଙ୍କ ସମ୍ପର୍କର ସମସ୍ତ କଥା ଖୁଲାସା ହୋଇପାରିଛି। ତାଙ୍କର ଏହି ନିର୍ଭୀକତା ଓ ଦୁଃସାହସିକତା ପାଇଁ ପ୍ରଧାନମନ୍ତ୍ରୀ ଏବଂ ଭାଜପା ଭୟଭୀତ ହୋଇ ଷଡ଼ଯନ୍ତ୍ର ରଚନା କରିଚାଲିଛି। ତେଣୁ ଏହାକୁ ବିରୋଧ କରିବା ସହ ରାହୁଲଙ୍କୁ ସମର୍ଥନ କରିବା ଉଦ୍ଦେଶ୍ୟରେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)ର ନିର୍ଦ୍ଦେଶକ୍ରମେ ବୁଧବାର ପିସିସି ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକଠାରେ 'ମୌନ ସତ୍ୟାଗ୍ରହ' ଅନୁଷ୍ଠିତ ହୋଇଛି। ଏଥିରେ ଦଳର ବହୁ ବିଧାୟକ, ନେତା ଅଂଶଗ୍ରହଣ କରିଛନ୍ତି। କଂଗ୍ରେସ ନେତାମାନେ ମୁହଁରେ କଳା ପଟି ପିନ୍ଧି ବସିଥିବାର ଦେଖିବାକୁ ମିଳିଥିଲା।



ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନ ସମ୍ମୁଖରେ ବୁଧବାର ମୌନ ସତ୍ୟାଗ୍ରହ କରୁଥିବା କଂଗ୍ରେସ ନେତାମାନେ।

# ସବୁଜ ରଙ୍ଗ ଦେଖି ସୂରଜ ସୂର୍ଯ୍ୟବଂଶୀ ବାଉଳିଚାଉଳି ହେଉଛନ୍ତି: ବିଜେଡି

ଭୁବନେଶ୍ୱର,୧୨।୭(ଅନିଲ ଦାସ)

ଯୁବ ବିଧାୟକ ସୂରଜ ସୂର୍ଯ୍ୟବଂଶୀଙ୍କୁ ସବୁଥିରେ ଖାଲି ରାଜନୀତି ହିଁ ଦେଖାଯାଉଛି। କେଉଁଠି ସବୁଜ ରଙ୍ଗ ଦେଖିଲେ ସେ ବାଉଳିଚାଉଳି ହେଉଛନ୍ତି ବୋଲି ବିଜେଡି ମୁଖପାତ୍ର ଗୌତମ ବୁଦ୍ଧ ଦାସ କହିଛନ୍ତି। ସୂର୍ଯ୍ୟବଂଶୀଙ୍କ ସ୍କୁଲ ପିଲାଙ୍କ ପୋଷାକ ରଙ୍ଗ ପ୍ରସଙ୍ଗରେ ସେ ଟୁଇଟ୍ କରି କହିଛନ୍ତି ଯେ ଅଧିକାଂଶ ପନିପରିବା ଓ ଗଛଲତାର ରଙ୍ଗ ସବୁଜ। ତା'ହେଲେ କ'ଣ ସୂରଜ ସବୁଜ ପରିବା ଖାଇବା ଛାଡ଼ିଦେବେ। ଗଛଲତା ଦେଖିଲେ ଆଖି ବୁଜିଦେବେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଆମ ଜାତୀୟ ପତାକାରେ ବି ସବୁଜ ରଙ୍ଗ ରହିଛି। ଯେଉଁମାନେ ଦେଶ ପାଇଁ ବଳିଦାନ ଦେଇଛନ୍ତି, ସେମାନେ ବହୁତ ଭାବିଚିନ୍ତି ପ୍ରଗତିର ରଙ୍ଗ ସବୁଜକୁ ପତାକାରେ ସ୍ଥାନ ଦେଇଛନ୍ତି। ମାତ୍ର ସୂରଜଙ୍କ ମୁଣ୍ଡରେ ରାଜନୀତି ଏମିତି ପଶିଛି ଯେ ସେ ଏହାର ମହତ୍ତ୍ୱ ବୁଝିପାରିବେ ନାହିଁ।

ରଙ୍ଗକୁ ନେଇ ଏଭଳି ନକାରାତ୍ମକ ରାଜନୀତି କରୁଥିବା ସୂରଜଙ୍କୁ ଲଜ୍ଜା ଲାଗିବା ଉଚିତ। ରାଜନୀତି କରିବାକୁ ଆହୁରି ବହୁତ ପ୍ରସଙ୍ଗ ଅଛି। କିନ୍ତୁ ନିରୀହ ସ୍କୁଲ ପିଲାଙ୍କ ପୋଷାକର ରଙ୍ଗକୁ ନେଇ ସେ ଅନ୍ତତଃ ଘୃଣାର ରାଜନୀତିରୁ ବିରତ ରହନ୍ତୁ ବୋଲି ଗୌତମ କହିଛନ୍ତି।


## ODISHA JOINT ENTRANCE EXAMINATION - 2023 (OJEE - 2023)

No.: OJEE/316 Date: 12.07.2023

**Revised Notice regarding Medical Board for Physically Challenged (PC) Candidates**

No. h-13: In partial modification to the dates for PC Board as per the notice published Ref. No:310/OJEE, dated:10-07-2023, all State domicile **Physically Challenged (PC)** Category Candidates having valid NEET-UG 2023 Ranks, who are interested to take admission under **PC** category in courses of **MBBS/BDS of Govt. and Private Colleges of the State** have to attend the **Medical Board at LT – II, SCB Medical College, Cuttack on 13.07.2023 and 14.07.2023 at 10.00 AM positively**.

Candidates are required to bring their **PWD ID (Unique Disability ID) issued by appropriate Authority/ Admit Card/ Rank Card and Photo Identity Card** to the Medical Board. Candidates **must report at the Board by 9.30 A.M.** with masks, personal sanitisers etc. and maintain social distance and discipline.

**Decision of the Medical Board is final and binding. Admission to PC category will be made only as per the recommendations of this Board.**

For details, please visit: **www.ojee.nic.in**.

**Sd./- CHAIRMAN, OJEE, Odisha**

OIPR-14020/11/0014/2324


# ମିଶନ ଶକ୍ତିକୁ ବିଜେଡି କାର୍ଯ୍ୟରେ ଲଗାଇବାକୁ ଉଦ୍ୟମ ଚାଲିଛି: ଭାଜପା

ଭୁବନେଶ୍ୱର, ୧୨।୭(ସୁନିତ୍ ମିଶ୍ର)

ଯେତେବେଳେ ଗୋଟିଏ ଯୋଜନା ସରକାରୀ ଦଳର ରାଜନୈତିକ ନ୍ୟସ୍ତସ୍ୱାର୍ଥ ପାଇଁ ନିର୍ବାଚନୀ ଏଜେଣ୍ଡା ପାଲଟିଯାଏ, ସେତେବେଳେ ତା'ର ମୂଳ ଲକ୍ଷ୍ୟ ପଥଭ୍ରଷ୍ଟ ହୁଏ। ଏହା ଜନକଲ୍ୟାଣକାରୀ ହୋଇପାରେ ନାହିଁ। ମହିଳା ସଶକ୍ତୀକରଣ ଦିଗରେ ଓଡ଼ିଶାରେ ମିଶନ୍ ଶକ୍ତିର ସ୍ଥିତି ବର୍ତ୍ତମାନ ସମାନ। ଏକଥା ମୁଖ୍ୟମନ୍ତ୍ରୀ ଓ ତାଙ୍କୁ ଘେରି ରହିଥିବା ପ୍ରଶାସନିକ ଅଧିକାରୀମାନେ ଭଲଭାବେ ହୃଦୟଙ୍ଗମ କରିବା ଆବଶ୍ୟକ ବୋଲି ଭାଜପା ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସତ୍ୟବ୍ରତ କହିଛନ୍ତି ଯେ, ମିଶନ୍ ଶକ୍ତିକୁ ଶାସକ ବିଜେଡିର ଦଳୀୟ କାର୍ଯ୍ୟରେ ଲଗାଇବା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ଉଦ୍ୟମ କରୁଛନ୍ତି। ଏହାର ନେତୃତ୍ୱ ବିଭାଗୀୟ ସଚିବ ସୁଜାତା ଆର୍ ପାଣ୍ଡିଆନ ନେଉଛନ୍ତି। ମିଶନ୍ ଶକ୍ତିର ଅଧିକାରୀମାନଙ୍କ ବୈଠକରେ ସୁଜାତା ପାଣ୍ଡିଆନ ଦେଇଥିବା ବକ୍ତବ୍ୟର ଭାଷା ସମସ୍ତଙ୍କୁ ଆଚମ୍ବିତ କରିଛି। 'ବୁଲସିଟ୍', 'ରବିସ୍' ଭଳି ଅଶ୍ଳୀଳ ଓ ଅଶାଳୀନ ଶବ୍ଦ ପ୍ରୟୋଗ କରି ବିଭାଗୀୟ ସଚିବ ପ୍ରତ୍ୟେକ ଓଡ଼ିଆଙ୍କୁ ଅପମାନିତ କରିଛନ୍ତି। ଏପରିକି ସରକାରୀ ଦଳର ଏଜେଣ୍ଡାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବାରେ ବିଫଳ ହେଲେ ସ୍ଥାନୀୟ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହା ନ କଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାର ଧମକ ମଧ୍ୟ ଦିଆଯାଇଛି। ଲକ୍ଷ୍ମୀ ଯୋଜନା, ବିଏସ୍‌କେୱାଇ ଯୋଜନାରେ ଏସ୍‌ଏଚ୍‌ଜି ମହିଳାଙ୍କୁ ଯୋଡ଼ିବା ପାଇଁ ଚିପ୍ ବେସ୍ ସ୍ମାର୍ଟକାର୍ଡ ଦିଆଯିବ। ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ଭୋଟରମାନଙ୍କୁ କଳାଟଙ୍କା ପଠାଇବାର ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରାଯାଉଛି। ସେହିପରି ଯେଉଁମାନେ ଭଲ କାମ କରିବେ, ତାଙ୍କୁ ଦୁବାଇ, ସିଙ୍ଗାପୁର ବୁଲାଇବାକୁ ନିଆଯିବ ବୋଲି ମଧ୍ୟ ବିଭାଗୀୟ ସଚିବ ଉକ୍ତ ବୈଠକରେ କହିଛନ୍ତି। ଗୋଟିଏ ପଟେ ଚାବୁକ୍ ଓ ଅନ୍ୟପଟେ ରସଗୋଲା ଧରି ମିଶନ୍ ଶକ୍ତି ଜରିଆରେ ରାଜ୍ୟ ସରକାର ନିର୍ବାଚନ ପ୍ରସ୍ତୁତି କରୁଛନ୍ତି ବୋଲି ସତ୍ୟବ୍ରତ କହିଛନ୍ତି।

# ମହିଳା ସଶକ୍ତୀକରଣ ଅଭିଯାନକୁ ସହ୍ୟ କରିପାରୁନି ଭାଜପା: ବିଜେଡି

ଭୁବନେଶ୍ୱର,୧୨।୭(ଅନିଲ ଦାସ)

ମିଶନ ଶକ୍ତି ଅଭିଯାନ ଯୋଗୁ ଓଡ଼ିଶାର ୭୦ ଲକ୍ଷ ମହିଳା ସ୍ୱାବଲମ୍ବୀ ହୋଇପାରିଛନ୍ତି । ସାମାଜିକ, ଅର୍ଥନୈତିକ ଓ ରାଜନେତିକ କ୍ଷେତ୍ରରେ ସେମାନେ ନିଜର ଯୋଗଦାନ ଦେଇପାରୁଛନ୍ତି, ତାହା ଆଜି ସାରା ବିଶ୍ୱ ଦେଖୁଛି। ଓଡ଼ିଶାରେ ମହିଳା ସଶକ୍ତୀକରଣର ଏହି ସଫଳ ଅଭିଯାନ ଆଜି ସବୁରି ମୁହଁରେ ପ୍ରଶଂସିତ ହେଉଥିବା ବେଳେ ଓଡ଼ିଶା ଭାଜପା କିନ୍ତୁ ଏହାକୁ ସହିପାରୁନି ବୋଲି ବିଜେଡି ମୁଖପାତ୍ର ଡ୍ରମ୍ବନାଥ ପଣ୍ଡା କହିଛନ୍ତି।

ବୁଧବାର ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ ରାଜ୍ୟ ଭାଜପା ନେତାମାନେ ଚାହାନ୍ତି, ଓଡ଼ିଶାର ମହିଳାମାନେ ଘର ଭିତରେ ବନ୍ଦ ହୋଇ ରହନ୍ତୁ। ଚୁଲିମୁଣ୍ଡରେ ରୋଷେଇ କରିବା ବ୍ୟତୀତ ପଦାକୁ ଗୋଡ଼ ନ କାଢନ୍ତୁ। ସେଥିପାଇଁ ସେମାନେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଲାଞ୍ଚ ଖାଉଛନ୍ତି ବୋଲି କହି ଅପମାନିତ କରି ଆସୁଛନ୍ତି। ବିଭିନ୍ନ କ୍ଷେତ୍ରରେ ଆଗକୁ ବଢୁଥିବା ମହିଳାମାନଙ୍କ ବିରୋଧରେ ବାରମ୍ବାର ମିଥ୍ୟା ଆରୋପ କରାଯିବା ସହ ସେମାନଙ୍କ ପ୍ରତି କଟୁ ଶବ୍ଦ ପ୍ରୟୋଗ କରୁଛନ୍ତି। କିନ୍ତୁ ସେମାନେ ଜାଣନ୍ତି ନାହିଁ ଯେ ମିଶନ ଶକ୍ତି ଅଭିଯାନ ଯୋଗୁ ଆଜି ଓଡ଼ିଶାର ମହିଳାମାନେ ହୋଟେଲ, ରେଷ୍ଟୁରାଣ୍ଟ ଚଳାଉଛନ୍ତି, ହସ୍ପିଟାଲ ପରିଚାଳନାଠୁ ନେଇ ଧାନ ସଂଗ୍ରହ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକୁ ସଫଳତାର ସହ ସମ୍ପାଦନ କରୁଛନ୍ତି। ନିଜକୁ ସଫଳ ଉଦ୍ୟୋଗୀ ଭାବେ ମଧ୍ୟ ପ୍ରମାଣିତ କରୁଛନ୍ତି।

ଓଡ଼ିଶା ଭାଜପାର ଅସଲ ଉଦ୍ଦେଶ୍ୟ ଜଣା ପଡ଼ିଯାଉଛି । ମିଶନ ଶକ୍ତି ଅଭିଯାନକୁ ବନ୍ଦ କରିବା ପାଇଁ ସେମାନଙ୍କର ଏହି ଷଡ଼ଯନ୍ତ୍ର କେବେ ବି ସଫଳ ହେବ ନାହିଁ। ମିଶନ ଶକ୍ତି ସହ ସମ୍ପୃକ୍ତ ଥିବା ମହିଳାମାନେ ଏହାକୁ କେବେହେଲେ ବରଦାସ୍ତ କରିବେ ନାହିଁ। ସେମାନେ ଏହାର ଉଚିତ ଜବାବ ଦେବେ ବୋଲି ଡ୍ରମ୍ବନାଥ କହିଛନ୍ତି।


## ODISHA HYDRO POWER CORPORATION LTD.

OHPC

(A Government of Odisha Undertaking)

OFFICE OF THE SENIOR GENERAL MANAGER (ELECTRICAL)

UPPER KOLAB HYDRO ELECTRIC PROJECT

At: P.O.: BARINIPUT: DIST. KORAPUT - 764006

PHONE: (06854) 242001: FAX: - (06854) 242038

e-mail: sgmel.ukhep@gmail.com

NOTICE INVITING TENDER No. 09 /2023-24 Dated: 11.07.2023

**No.CAD-1248:** Sealed Tenders are invited in SINGLE PART bid in sealed envelopes from the reputed Manufacturers/ Authorized dealers/ Channel partners for "Supply of spares for Jyoti make 250 HP Cooling water pumps of UKHEP, Bariniput, Dist: Koraput, Odisha"

| Sl. No. | Description of Materials | Cost of Tender Paper | EMD in shape of BC/DD |
|---|---|---|---|
| 1 | "Supply of spares for Jyoti make 250 HP Cooling water pumps of UKHEP, Bariniput, Dist: Koraput, Odisha | Rs. 2360/- (Rs.2000/- + 18%GST) | EMD @ 1% of quoted value |

Sale of tender paper : From 18.07.2023 to 11:00 Hrs. of 31.07.2023
Last date of submission of tender : Upto 12:00 Hrs. of 31.07.2023.
Date & Time of opening of tender : At 12:30 Hrs. of 31.07.2023.
For details of the tender documents, terms and conditions please visit our website www.ohpcltd.com.

**Sd./- C & P Head, UKHEP, Bariniput**

OIPR-04002/11/0021/2324

## GOVERNMENT OF ODISHA
## ZILLA PARISHAD, KALAHANDI

E-mail: drdakalahandi@gmail.com

**E-Procurement Notice**

**Bid Identification No.ZP-KLD-T-2/2023-24**

No.CAD-1235: **No.3507, Dated 12.07.23**

| | | | |
|---|---|---|---|
| 1 | No. of the Work | : | Building Works 2 (Two) Nos. |
| 2 | Estimated Cost | : | Rs.80.00 Lakhs to Rs.142.00 Lakhs |
| 3 | Class of Contractor | : | "B" |
| 4 | Period of Completion | : | 6 Calendar Months |
| 5 | Date and Time of availability of bid document in the portal | : | 11.00 hrs. of 17.07.2023 to 17.00 hrs. of 24.07.2023 |
| 6 | Last date/Time for receipt of bid in the portal | : | 17.00 hour of 24.07.2023 |
| 7 | Name and address of the Officer Inviting Bid | : | Zilla Parishad, Kalahandi |
| 8 | Date & Venue of Opening of the Single Cover Bid and Technical Bid (Cover 1) of Double Cover Bid | : | On 25.07.2023 at 11.00 AM in the Office of the Zilla Parishad, Kalahandi |

Further details can be seen from the e-Procurement portal https://tendersodisha.gov.in.

**Sd./- CDO-cum-EO**
**Zilla Parishad, Kalahandi**

OIPR-19287/11/0007/2324

## PANCHAYAT SAMITI OFFICE, TARBHA

Tender Call Notice No.02/2023-24 dt.10.07.2023

**INVITATION OF BID**

**Last date of receipt of Bid- 31.07.2023**
**Date of opening of Bid- 01.08.2023**

No. i-231:- The Block Development Officer, Tarbha invites percentage rate bid from the contractor/bidder for execution of following works

| Sl. No | Name of the work | Scheme | Value of Work (Rs.) | Class of contractor |
|---|---|---|---|---|
| 1 | Construction of Library Room at GHS Kumbharmunda | RMSA | 11,42,974/- | D&C |
| 2 | Construction of ICT & Smart learning Facility Centre at SSD (HSS) Charvata | SC & ST Dev. | 11,58,881/- | D&C |
| 3 | Construction 40 seated Boys Hostel at Khairbhadi AS | IDF | 16,77,213/ | D&C |
| 4 | Construction of Dining Hall at SSD(HSS), Charvata | IDF | 15,35,629/- | D&C |

For details visit our District website www.subarnapur.nic.in.

OIPR-19369/11/0002/2324 **Sd/- Block Development Officer, Tarbha**

## NOTICE INVITING TENDER (NIT)

**Notice No.1839, Dated:12.07.23**

**No.C-795:** 1.0- Soro Municipality invites online tender from experienced, competent and eligible Bidders in two envelope system for Conducting Drone Survey, Hydrographic Survey for "Rejuvenation of Water Bodies" under Jurisdiction of "Soro Municipality" as scheduled under-:

**2.0:**

| | |
|---|---|
| Name of the Work | Conducting Drone Survey, Hydrographic Survey for "Rejuvenation of Water Bodies" under Jurisdiction of Soro Municipality |
| Completion of Work | 30 days reckoned from the date of issue of Work Order. |
| Cost of Tender Document | Rs.600/- (Non - refundable) (Demand Draft from any scheduled bank should be in favour of Executive Officer, Soro Municipality payable at Soro |
| Last Date of Selling Tender Document | Up to 17.00 Hrs. on dated 21.07.2023 |
| Last date of offline submission of Technical and Financial Bid | Up to 17.00 Hrs. on dated 24.07.2023 |
| Date & time of opening of Technical Bid | At. 11.00 Hrs. on dated 25.07.2023 at Council Hall of Soro Municipality |
| Date & time of opening of Financial Bid | At. 11.00 Hrs. on dated 25.07.2023 at Council Hall of Soro Municipality |
| Performance Security | 5% (Five Percent only) of Contract value within 7 days from the issue of Letter of Award (LoA) |
| Security Deposit | 5% (Five Percent only) of Contract value will be deducted in each RA bill and will be paid after release of final payment. |
| Commencement of work | Commencement of work after issue of Letter of Award. |

**Sd./- Executive Officer**
**Soro Municipality**

OIPR-13166/11/0005/2324

## OFFICE OF THE PANCHAYAT SAMITI, KUTRA

E-mail:ori-kutra@nic.in

**Bid Identification No.B.D.O, P.S.KUTRA-03/2023-24**

**No.1046 P.S.KUTRA/Dtd.** [illegible]

**No.i-230:1. Block Development Officer, Kutra on behalf of Governor of Odisha invites percentage rate bid through open bid in Single from eligible contractors for the works as detailed below.**

Nature of Work : "Construction of Toilet complex at Jama Masjid (with Addl. Room), Khatkurbahal, Khatkurbahal GP under Kutra Block
No. of Works : 1 No.
Tender Cost : As specified in the bid documents
Class of Contractor : As specified in the bid documents
Available of Bid document in Website : From Dt.10.07.2023 of 10.00 AM to Dt.17.07.2023 upto 5.00 PM
Date of Opening of Open Bid : Dt.20.07.2023 at 11.00 AM

2. The bidders have to participate in open bidding only. Further details can be seen from the website www.Sundargarh.nic.in.
3. Any Addendum/Corrigendum/Cancellation of tender can also be seen in the newspaper and website http://www.Sundargarh.nic.in.

**Sd./- Block Development Officer, Kutra**

OIPR-19126/11/0002/2324

**ଖସିଲା ଶେୟାର ବଜାର**

**ନୂଆଦିଲ୍ଲୀ:** କ୍ରମାଗତ ୩ୟ ଦିନର ଉଚ୍ଚ କାରବାର ପରେ ବୁଧବାର ଭାରତୀୟ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର) ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବୁଧବାର ଷ୍ଟକ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୨୨୪ (୨୨୩.୯୪) ପଏଣ୍ଟ ହ୍ରାସ ଘଟି ୬୫,୩୯୪ (୬୫,୩୯୩.୯୦)ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୫୫ (୫୫.୧୦) ପଏଣ୍ଟ କମି ୧୯,୩୮୪ (୧୯,୩୮୪.୩୦)ଅଙ୍କରେ କାରବାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ଗ୍ରାମୀଣ ବିକାଶରେ ନାବାର୍ଡର ଭୂମିକା ଗୁରୁତ୍ୱପୂର୍ଣ୍ଣ

## ନାବାର୍ଡର ୪୨ତମ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର,୧୨।୭: (ଅଭୟ ଦାଶ)




ରାଷ୍ଟ୍ରୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ର ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ନାବାର୍ଡର ୪୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଓଡିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମିଶନ ଶକ୍ତି ବିଭାଗ କମିଶନର ତଥା ଶାସନ ସଚିବ ସୁଜାତା ଆର. କାର୍ତ୍ତିକେୟନ, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଶାରଦା ପ୍ରସାଦ ମହାନ୍ତି, ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ) ଭୁବନେଶ୍ୱରର ମୁଖ୍ୟ ପରିଚାଳକ ଚନ୍ଦ୍ରଶେଖର ଶର୍ମା,ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ଆବାହକ ଗୌତମ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ନାବାର୍ଡର ମହାପ୍ରବନ୍ଧକ ଡା. ବି. ବି. ସାହୁ ସ୍ୱାଗତ ଅଭିଭାଷଣ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ସାମ୍ପ୍ରତିକ ବର୍ଷମାନଙ୍କରେ ନାବାର୍ଡର ପ୍ରମୁଖ ସଫଳତା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ।ଏପରିକି ରାଜ୍ୟରେ ନାବାର୍ଡର ଚମତ୍କାର ପ୍ରଦର୍ଶନ ପାଇଁ ଉତ୍କୃଷ୍ଟ ସହଯୋଗ ଏବଂ ସମର୍ଥନ ପାଇଁ ସେ ସମସ୍ତ ଅଂଶୀଦାରଙ୍କୁ ଧନ୍ୟବାଦ ଦେଇଥିଲେ। ଅପରପକ୍ଷରେ ପ୍ରଦୀପ କୁମାର ଜେନା ନାବାର୍ଡ ପରିବାରକୁ ଅଭିନନ୍ଦନ ଜଣାଇବା ସହିତ ନାବାର୍ଡର ନିରନ୍ତର ପ୍ରୟାସ, ପଦକ୍ଷେପ ଏବଂ ଗ୍ରାମୀଣ ବିକାଶରେ ରହିଥିବା ଅବଦାନ ଆଦି ଯୋଗୁ ଗ୍ରାମୀଣ କ୍ଷେତ୍ରରେ ବିକାଶ ହୋଇପାରିଛି। ଏପରିକି ଓଡ଼ିଶାରେ ହୋଇଥିବା ଗ୍ରାମୀଣ କ୍ଷେତ୍ରର ବିକାଶରେ ନାବାର୍ଡର ନିରନ୍ତର ସମର୍ଥନ ଏବଂ ସକ୍ରିୟ ଅଂଶଗ୍ରହଣ ପାଇଁ ସେ ଉଚ୍ଚ ପ୍ରଶଂସା କରିଥିଲେ। ବିଶେଷ କରି ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି (ଆରଆଇଡିଏଫ), ଦୀର୍ଘମିଆଦୀ ଜଳସେଚନ ପାଣ୍ଠି (ଏଲଟିଆଇଏଫ୍),ସ୍ୱୟଂ ସହାୟକ ଗୋଷ୍ଠୀ-ବ୍ୟାଙ୍କ ଲିଙ୍କେଜ୍ କାର୍ଯ୍ୟକ୍ରମ (ଏସ୍‌ଏଚଜି-ବିଏଲପି), ଜଳବାୟୁ ପରିବର୍ତ୍ତନ ପାଇଁ ଜାତୀୟ ଅନୁକୂଳନ ପାଣ୍ଠି (ଏନ୍‌ଏଏଫସିସି) ଏବଂ ଅନ୍ୟାନ୍ୟ ପଦକ୍ଷେପ ମାଧ୍ୟମରେ ନାବାର୍ଡ ରାଜ୍ୟ ସରକାରଙ୍କ ବିକାଶମୂଳକ ପଦକ୍ଷେପକୁ ଜେନା ପ୍ରଶଂସା କରିଥିଲେ। ସେହିଭଳି ଅନୁ ଗର୍ଗ ନାବାର୍ଡ ସହାୟତାରେ ସହାୟତା ପାଇବା ସଂଗେ ସଂଗେ ଉପକୃତ ହେବେ ସେ ସଂପର୍କରେ ଗର୍ଗ ଆବଶ୍ୟକ ପରାମର୍ଶ ଦେଇଥିଲେ। ସେହିପରି ସୁଜାତା କାର୍ତ୍ତିକେୟନ୍ ନାବାର୍ଡ ଦ୍ୱାରା କିପରି ମିଶନ ଶକ୍ତିର ମହିଳାମାନେ ଉପକୃତ ହେଉଛନ୍ତି ସେ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଆରବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ଡା. ଏସ ପି ମହାନ୍ତି, ଆର୍ଥିକ ଅନ୍ତର୍ଭୁକ୍ତୀକରଣର ଗୁରୁତ୍ୱ ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ । ପରିଶେଷରେ ନାବାର୍ଡର ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପର ଶ୍ରେଷ୍ଠ ଅନୁଷ୍ଠାନଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ୨୦୨୨-୨୩ ରେ ଓଡ଼ିଶାରେ ନାବାର୍ଡର ପ୍ରମୁଖ ସଫଳତା ଉପରେ ଆଲୋକପାତ କରି ଏକ କଫି ଟେବୁଲ ପୁସ୍ତକ ରିଫ୍ଲେକ୍ସନ ୨୦୨୨-୨୩ ଏବଂ ଓଡ଼ିଶାରେ ନାବାର୍ଡ ଆରଆଇଡିଏଫ ପ୍ରକଳ୍ପର ପ୍ରଭାବୀ ମୂଲ୍ୟାୟନ ଉନ୍ମୋଚନ କରାଯାଇଥିଲା।

## ଡିଟିଆଇ ସହ ବିଓବିର ସହଭାଗିତା



ଭୁବନେଶ୍ୱର,୧୨।୭

ବ୍ୟାଙ୍କ ଅଫ୍ ବରୋଦା (ବିଓବି) ଏବଂ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ଅଧୀନରେ ଥିବା ଡାଇରେକ୍ଟୋରେଟ ଅଫ ଟ୍ରେଜେରିଜ୍ ଆଣ୍ଡ ଇନ୍‌ସ୍ପେକ୍ସନ (ଡିଟିଆଇ) ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା ହୋଇଥିବା ଘୋଷଣା କରାଯାଇଛି। ବିଶେଷକରି ସରକାରୀ ଚାଲାଣ ପୈଠ ନିମନ୍ତେ ପେମେଣ୍ଟ ଗେଟ୍ ୱେ ସେବା ଯୋଗାଇବା ପାଇଁ ଉଭୟ ସଂସ୍ଥାଙ୍କ ମଧ୍ୟରେ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଏପରିକି ଡିଟିଆଇର ନିର୍ଦ୍ଦେଶକ ରୂପ ନାରାୟଣ ଦାସ ଏବଂ ବିଓବି ପାଟନା ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ସୋନମ ଟି. ଭୁଟିଆଙ୍କ ମଧ୍ୟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଡିଟିଆଇର ଯୁଗ୍ମ ନିର୍ଦ୍ଦେଶିକା ସ୍ନିଗ୍ଧାରାଣୀ ସ୍ୱାଇଁ, ସହକାରୀ ନିର୍ଦ୍ଦେଶକ ଅନିଲ କୁମାର ପାଣିଗ୍ରାହୀ, ଅତିରିକ୍ତ ନିର୍ଦ୍ଦେଶକ ଦେବୀଦତ୍ତ ତ୍ରିପାଠୀ, ଯୁଗ୍ମ ନିର୍ଦ୍ଦେଶକ ଦୀପକ ରଞ୍ଜନ ଚୌଧୁରୀ, ଉପ-ନିର୍ଦ୍ଦେଶକ ନିଶିକାନ୍ତ ମିଶ୍ର, ବିଓବି ପାଟନା ଅଞ୍ଚଳର ନେଟ୍‌ୱର୍କ ଡିଜିଏମ୍-୧ ଡ.ରମେଶ କୁମାର ମହାନ୍ତି ଏବଂ ବିଓବି ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ରାଜୀବ କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ।

## ଲିଡ୍‌ଆଇଟି ଅଭିଯାନରେ ଟାଟା ଷ୍ଟିଲ୍ ସାମିଲ

ଭୁବନେଶ୍ୱର,୧୨।୭

ଅନ୍ତଃରାଷ୍ଟ୍ରୀୟ ପ୍ରତିଷ୍ଠାନ ତଥା ଜାତିସଂଘର ସ୍ୱତନ୍ତ୍ର 'ଲିଡରଶିପ୍ ଗ୍ରୁପ୍ ଫର ଇଣ୍ଡଷ୍ଟ୍ରି ଟ୍ରାନ୍‌ଜିସନ'(ଲିଡ୍‌ଆଇଟି) ଅଭିଯାନରେ ଟାଟା ଷ୍ଟିଲ ସାମିଲ୍ ହୋଇଛି। ବିଶେଷ କରି ଭାରି ଶିଳ୍ପରେ ନେଟ୍ ଜିରୋ ନିର୍ଗମନ ପାଇଁ ଉଦ୍ୟମ କରୁଥିବା ରାଷ୍ଟ୍ର ଓ କମ୍ପାନୀଗୁଡ଼ିକ ସହ ଟାଟା ଷ୍ଟିଲ୍ ଉକ୍ତ ଅଭିଯାନ ଜରିଆରେ ସହଭାଗିତା ସ୍ଥାପନ କରିବ। ଉଲ୍ଲେଖଯୋଗ୍ୟ, ୨୦୧୯ ସେପ୍ଟେମ୍ବର ମାସରେ ଅନୁଷ୍ଠିତ ହୋଇଥିବା ଜାତିସଂଘର ଜଳବାୟୁ ପଦକ୍ଷେପ ସମ୍ମେଳନ ଅବସରରେ ସଇଡେନ୍ ଓ ଭାରତର ମିଳିତ ସହଯୋଗରେ ଲିଡ୍‌ଆଇଟି ସୃଷ୍ଟି ହୋଇଥିଲା ଏବଂ ବିଶ୍ୱ ଅର୍ଥନୈତିକ ଫୋରମ୍‌ର ସମର୍ଥନ ମଧ୍ୟ ଏହାକୁ ରହିଛି। ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ଉପସଭାପତି (ପ୍ରଯୁକ୍ତି,ଗବେଷଣା ଓ ବିକାଶ)ଡ. ଦେବାଶିଷ ଭଟ୍ଟାଚାର୍ଜୀ କହିଛନ୍ତି, ଲିଡ୍‌ଆଇଟିରେ ସଦସ୍ୟତା ଆମକୁ କାର୍ବନ ନିଉଟ୍ରାଲିଟି କ୍ଷେତ୍ରରେ ବେଶ ସାହାଯ୍ୟ ଓ ଆମ ଉଦ୍ୟମକୁ ତ୍ୱରାନ୍ୱିତ କରିବା ଲାଗି ଉଲ୍ଲେଖନୀୟ ସୁଯୋଗ ପ୍ରଦାନ କରିବ। ଏହି ଯାତ୍ରାରେ ନିଷ୍ପତ୍ତି ଗ୍ରହଣ କରିବାକୁ ଆମେ ସହୃଦୟତାର ସହିତ ପ୍ରତିବଦ୍ଧ ରହିଛୁ, ଯାହା ଆମେ ଗ୍ରହଣ ଓ କାର୍ଯ୍ୟକାରୀ କରିଥିବା କାର୍ବନ ନେଗେଟିଭ୍ ପ୍ରଯୁକ୍ତି ଯଥା କୋଲ୍ ବେଡ୍ ମିଥେନ୍ (ସିବିଏମ୍) ଇଞ୍ଜେକ୍ସନ, ବ୍ଲାଷ୍ଟ ଫର୍ଣ୍ଣେସ୍‌ରେ ହାଇଡ୍ରୋଜେନ୍‌ର ବ୍ୟବହାର ଏବଂ କାର୍ବନ କ୍ୟାପ୍ଟର୍ ପ୍ଲାଣ୍ଟକୁ କାର୍ଯ୍ୟକ୍ଷମ କରିବା ଆଦିରେ ପ୍ରତିଫଳିତ ହୋଇଛି। ଲିଡ୍‌ଆଇଟି ସହ ଯୋଡ଼ି ହେବା ଦ୍ୱାରା ଶ୍ରେଷ୍ଠ ପ୍ରଥା,ପ୍ରଭାବଶାଳୀ ନୀତିର ପ୍ରଚାରପ୍ରସାର କରିବା ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଆମକୁ ମିଳିଥିବା ବେଳେ ଆମେ ନିଜ ଜଳବାୟୁ ପଦକ୍ଷେପରେ ଉନ୍ନତି ଆଣିପାରିବୁ।




ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ (ଏଚ୍‌ଏମ୍‌ଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏସ୍‌ୟୁଭି ମଡେଲ 'ହ୍ୟୁଣ୍ଡାଇ ଏକ୍ସଟର'ର ସର୍ବଭାରତୀୟ ଉନ୍ମୋଚନ ଓ ବଜାର ପ୍ରବେଶ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ଏଚ୍‌ଏମ୍‌ଆଇଏଲର ସ୍ୱୀକୃତିପ୍ରାପ୍ତ ଡିଲର ଉତ୍କଳ ହ୍ୟୁଣ୍ଡାଇ (ଉତ୍କଳ ଅଟୋମୋବାଇଲ୍ସ ପ୍ରା.ଲିଃ) ପକ୍ଷରୁ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ଅଟୋମୋବାଇଲ୍ସ ପ୍ରା.ଲିଃର ନିର୍ଦ୍ଦେଶକ ସୌନକ ପାରିଖ୍, ଜିଏମ. ଭୂଷଣ ଗିରିଙ୍କ ସମେତ ଶୋ'ରୁମ୍‌ର ସମସ୍ତ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ଓଡ଼ିଶା ଷ୍ଟିଭେଡର୍ସଙ୍କୁ 'ଗ୍ରେଟ୍ ବ୍ରାଣ୍ଡ୍' ଆୱାର୍ଡ

ଭୁବନେଶ୍ୱର,୧୨।୭

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ (ଓଏସ୍‌ଏଲ୍)କୁ ନିକଟରେ ଆଉ ଏକ ଆନ୍ତର୍ଜାତିକ ପୁରସ୍କାର ଏବଂ ମାନ୍ୟତା ପ୍ରଦାନ କରାଯାଇଛି। ସେହିଭଳି ଏହାର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ମହିମାନନ୍ଦ ମିଶ୍ର (ମହିମା ମିଶ୍ର)ଙ୍କୁ ମଧ୍ୟ 'ଶ୍ରେଷ୍ଠ ନେତୃତ୍ୱ' ସମ୍ମାନରେ ସମ୍ମାନିତ କରାଯାଇଛି। ବିଶେଷକରି ସାମୁଦ୍ରିକ ବ୍ୟବସାୟ କ୍ଷେତ୍ରରେ ମହିମା ମିଶ୍ରଙ୍କୁ ୨ଟି ଆନ୍ତର୍ଜାତିକ ପୁରସ୍କାର ଦିଆଯାଇଛି। ବିଶେଷ କରି ଦୁବାଇ ସ୍ଥିତ ଜେଡବ୍ଲ୍ୟୁ ମାରିଅଟ ମାର୍କ୍ୱିସ ହୋଟେଲର ବିଜ୍‌ନେସ ବେ'ରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସଂଯୁକ୍ତ ଆରବ ଏମିରେଟସ ଆନ୍ତର୍ଜାତିକ ନିବେଶକ ପରିଷଦର ସେକ୍ରେଟାରି ଜେନେରାଲ ଜମାଲ ବିନ୍ ସୈଫ୍ ଅଲ୍ ଜାରୱାନଙ୍କ ଦ୍ୱାରା ଉକ୍ତ ପୁରସ୍କାର ଦ୍ୱୟ ପ୍ରଦାନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ମହିମା ମିଶ୍ର 'ଶ୍ରେଷ୍ଠ ନେତୃତ୍ୱ' ସମ୍ମାନରେ ସମ୍ମାନିତ ହୋଇଥିବାବେଳେ ସାମୁଦ୍ରିକ ବ୍ୟବସାୟ କ୍ଷେତ୍ରରେ ଓଏସ୍‌ଏଲ୍ 'ଶ୍ରେଷ୍ଠ ବ୍ରାଣ୍ଡ୍' ଭାବେ ବିବେଚିତ ହୋଇଛି। ଅପରପକ୍ଷରେ ଏସିଆ-ଆଫ୍ରିକା ବିଜ୍‌ନେସ ଆଣ୍ଡ ସୋସିଆଲ ଫୋରମ (ଏଏବିଏସ୍‌ଏଫ୍) ର ୨୦ ତମ ସଂସ୍କରଣ ଏବଂ ୱାର୍ଲଡସ ଗ୍ରେଟେଷ୍ଟ ବ୍ରାଣ୍ଡ୍‌ସ ଆଣ୍ଡ ଲିଡର୍ସ-୨୦୨୩ର ଏସିଆ ଆଣ୍ଡ ଜିସିସି ଆୱାର୍ଡସ ସମ୍ମିଟର ୧୧ତମ ସଂସ୍କରଣର ଯୁଗ୍ମ କାର୍ଯ୍ୟକ୍ରମ ରହିଥିଲା। ସୂଚନାଯୋଗ୍ୟ, ଏସିଆୱାନ ମାଗାଜିନ ଏବଂ ୟୁଡବ୍ଲ୍ୟୁଜି ମିଡିଆ କନସଲଟିଂ ପି.ଏଲ. ଦ୍ୱାରା ଉପରୋକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

**ଫୁରସତ୍**

## ଷ୍ଟ୍ରବେରି ଉତ୍ପାଦନରୁ ପ୍ଲାଷ୍ଟିକ ପ୍ରଦୂଷଣ ବଢ଼ୁଛି

ସାକ୍ରାମେଣ୍ଟୋ



ଷ୍ଟ୍ରବେରି ଉତ୍ପାଦନ ଫଳରେ ଦୀର୍ଘକାଳୀନ ପ୍ଲାଷ୍ଟିକ ପ୍ରଦୂଷଣ ବୃଦ୍ଧି ପାଉଥିବା କାଲିଫର୍ନିଆ ପଲିଟେକ୍ନିକ୍ ଷ୍ଟେଟ୍ ୟୁନିଭର୍ସିଟିର ଅନୁସନ୍ଧାନକାରୀଙ୍କ ଏକ ଅଧ୍ୟୟନରୁ ଜଣାପଡ଼ିଛି। ଲିୟନର ଗୋଲ୍ଡସ୍ମିଡ୍ ଜିଓକେମେଷ୍ଟ୍ରି ସମ୍ମିଳନୀରେ ଅନୁସନ୍ଧାନକାରୀ ଡ. ଏକ୍ତା ତିୱାରି ଏହି ତଥ୍ୟ ଉପସ୍ଥାପନ କରିଛନ୍ତି। ଷ୍ଟ୍ରବେରି ଉତ୍ପାଦନ ପାଇଁ କାଲିଫର୍ନିଆରେ ବ୍ୟବହୃତ ହେଉଥିବା ପ୍ଲାଷ୍ଟିକ୍ ମଲ୍‌ଚ ବହୁ ସଂଖ୍ୟକ ପ୍ଲାଷ୍ଟିକ୍‌କୁ ଖଣ୍ଡ ଖଣ୍ଡ କରିଥାଏ। ଏହି ଅନୁସନ୍ଧାନ କୃଷି ପ୍ରଣାଳୀ ଅଭ୍ୟାସର ଦୀର୍ଘମିଆଦୀ କାର୍ଯ୍ୟକ୍ଷମତା ଏବଂ ବିଶ୍ୱସ୍ତରୀୟ ଚାଷରେ ପ୍ଲାଷ୍ଟିକ୍‌ର ବ୍ୟବହାର ବୃଦ୍ଧିକୁ ନେଇ ଚିନ୍ତା ବଢାଇଛି। ବହୁ ପରିମାଣର ମାଇକ୍ରୋପ୍ଲାଷ୍ଟିକ୍ କଣିକା, ୫ମିମିରୁ ଅଧିକ ପ୍ଲାଷ୍ଟିକ୍ ମଲ୍‌ଚ ଷ୍ଟ୍ରବେରି ଉତ୍ପାଦନ ପାଇଁ ବ୍ୟବହୃତ କରାଯାଏ। ଏହି ପ୍ଲାଷ୍ଟିକ ଖଣ୍ଡଗୁଡ଼ିକର ଦଶନ୍ଧି କିମ୍ବା ତା'ଠାରୁ ଅଧିକ ସମୟ ପର୍ଯ୍ୟନ୍ତ ମାଟିରେ ରହିବାର କ୍ଷମତା ରହିଛି। ଡ. ତିୱାରି ସ୍ପଷ୍ଟ କରିଛନ୍ତି କି, ସେମାନେ ମାଟିରେ ବହୁ ପରିମାଣର ମାଇକ୍ରୋପ୍ଲାଷ୍ଟିକ ପଦାର୍ଥ ନିର୍ଗତ ହେଉଥିବା ଉପରେ ନଜର ରଖିଛନ୍ତି, ଯେଉଁଠାରେ ଷ୍ଟ୍ରବେରି ଉତ୍ପାଦନ ବଢାଇବା ପାଇଁ ପ୍ଲାଷ୍ଟିକ ମଲ୍‌ଚ ବ୍ୟବହାର କରାଯାଉଛି। ଏହି କଣିକାଗୁଡ଼ିକ ମାଟିରେ ଅଧିକ ସମୟ ପର୍ଯ୍ୟନ୍ତ ରହିପାରୁଥିବାରୁ ମାଟିର ଗୁଣ ଉପରେ ପ୍ରଭାବ ପକାଉଥିବା ସେ କହିଛନ୍ତି। କୃଷି ଉତ୍ପାଦନରେ ପ୍ଲାଷ୍ଟିକର ବ୍ୟବହାର ସମଗ୍ର ବିଶ୍ୱରେ ସମାନ ଚିନ୍ତା ସୃଷ୍ଟି କରିପାରେ। ପ୍ଲାଷ୍ଟିକ୍ କଣିକାଗୁଡ଼ିକ ମାଟିର ଆର୍ଦ୍ରତା ସଂରକ୍ଷଣ, ତାପମାତ୍ରା ନିୟନ୍ତ୍ରଣ, ତୃଣକ ବୃଦ୍ଧିକୁ ଦମନ ଆଦି କ୍ଷମତା ରଖିଥାଏ। ଏପରି କ୍ଷମତା ହେତୁ କୃଷିରେ ପ୍ଲାଷ୍ଟିକ ମଲ୍‌ଚର ବ୍ୟବହାର ଲୋକପ୍ରିୟ ହୋଇପାରିଛି। କୃଷିକ୍ଷେତ୍ରରେ ପ୍ଲାଷ୍ଟିକର ଏପରି ବ୍ୟବହାର ମାନବ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଉଥିବା ନିକଟ ଅତୀତରେ ପ୍ଲାଷ୍ଟିକ୍ ପ୍ରଦୂଷଣର ବିଶେଷ ଧ୍ୟାନ ଆକର୍ଷଣ କରିଛି। ପ୍ଲାଷ୍ଟିକର ଏହି ଛୋଟ କଣିକା ମାଟିରେ ପ୍ରବେଶ କରି ଭୂତଳ ଜଳକୁ ପ୍ରଦୂଷିତ କରିପାରେ।

## ଓସ୍କାର ଲାଇବ୍ରେରିରେ କପିଲଙ୍କ 'ଜ୍ୱିଗାଟୋ'



**ମୁମ୍ବାଇ:** କମେଡି କିଙ୍ଗ୍ କପିଲ ଶର୍ମା ବର୍ତ୍ତମାନ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛନ୍ତି। ତାଙ୍କ ଫିଲ୍ମ 'ଜ୍ୱିଗାଟୋ' ନିକଟରେ ଏକାଡେମୀ ଅଫ୍ ମୋଶନ ପିକ୍ଚର୍ ଆର୍ଟ ଆଣ୍ଡ ସାଇନ୍ସ ସ୍ପେଶାଲ କଲେକ୍ସନ ଲାଇବ୍ରେରିରେ ସ୍ଥାନ ପାଇଛି। ଏନେଇ ନିର୍ଦ୍ଦେଶକ ତଥା ସହ-ଲେଖିକା ନନ୍ଦିତା ଦାସ ଏନେଇ ସୂଚନା ଦେଇଛନ୍ତି। ଫିଲ୍ମଟି ଚଳିତବର୍ଷ ମାର୍ଚ୍ଚ ୧୭ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିବାବେଳେ ଏ ପର୍ଯ୍ୟନ୍ତ ଏହା ଓଟିଟିକୁ ମଧ୍ୟ ଆସିନାହିଁ। ଏହା ବକ୍ସଅଫିସରେ ଧମାଲ କରିପାରିନଥିଲା। 'ଜ୍ୱିଗାଟୋ' ଓସ୍କାର ଲାଇବ୍ରେରିରେ ସ୍ଥାନ ପାଇବା ପରେ ନନ୍ଦିତା ସୋସିଆଲ ମିଡିଆରେ ଏକ ପୋଷ୍ଟରେ ଲେଖିଛନ୍ତି, ସେ ଲାଇବ୍ରେରି ଅଫ୍ ଦି ଏକାଡେମି ଅଫ୍ ମୋଶନ ପିକ୍ଚର୍ ଆର୍ଟ ଆଣ୍ଡ ସାଇନ୍ସ (ଦି ଓସ୍କାର) ଏକାଡେମିରୁ ଇ-ମେଲ ପାଇଥିଲେ। ସେମାନେ 'ଜ୍ୱିଗାଟୋ'ର ସ୍କ୍ରିପ୍ଟକୁ ସ୍ଥାୟୀ ମୂଳ ସଂଗ୍ରହରେ ସ୍ଥାନ ଦେଇଛନ୍ତି। ଏହା ଦେଖି ସେ ଅତ୍ୟନ୍ତ ଖୁସି ସହ ଆଶ୍ଚର୍ଯ୍ୟ ହୋଇଥିଲେ। ସେ ଆଶା କରୁଛନ୍ତି କି ଓଟିଟି ଏହାକୁ ପଡ଼ିବ। ଲାଇବ୍ରେରିରେ 'ଜ୍ୱିଗାଟୋ'କୁ ଦେଖିବାକୁ ଦର୍ଶକଙ୍କୁ ସୁଯୋଗ ମିଳିବା ନେଇ ସେ ଖୁସିବ୍ୟକ୍ତ କରିଛନ୍ତି। 'ଜ୍ୱିଗାଟୋ' ଲାଇବ୍ରେରିରେ ଉପଲବ୍ଧ ହେବ ବୋଲି ଜାଣି ସେ ଲାଇବ୍ରେରିକୁ ଧନ୍ୟବାଦ ଦେଇଥିଲେ।

## ଅଗଷ୍ଟ ୧ରେ ପରିବାରର ୯ ଜଣଙ୍କ ଜନ୍ମ



ଇସଲାମାବାଦ

ପାକିସ୍ତାନର ଲର୍କାନାରେ ରହୁଥିବା ଗୋଟିଏ ପରିବାର ନାମ ନିକଟରେ ଏକ ରେକର୍ଡରେ ଯୋଡ଼ି ହୋଇଛି। ପରିବାରର ସମସ୍ତ ସଦସ୍ୟଙ୍କ ମଧ୍ୟରେ ଗୋଟିଏ ଜିନିଷ ସମାନ। ସେମାନଙ୍କ ଜନ୍ମ ଗୋଟିଏ ଦିନରେ ହୋଇଛି। ଯେଉଁଥିପାଇଁ ପରିବାରର ସମସ୍ତଙ୍କ ନାମ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। ରେକର୍ଡ ଅନୁଯାୟୀ, ପରିବାରରେ ଅମିର ଅଲ୍ଲୀ, ସ୍ତ୍ରୀ ଖୁଦେଜା ଏବଂ ତାଙ୍କ ୭ ପିଲା ସସୁଇ-ସପ୍ନା ଯାଆଁଳା ଝିଅ, ଅମିର -ଅମ୍ବର, ଅମର -ଅହରମ ଯାଆଁଳା ପୁଅ ଏବଂ ସିନ୍ଧୋ ନାମକ ଏକ ଝିଅ ରହିଛି। ସମସ୍ତ ପିଲାଙ୍କ ବୟସ ୧୯-୩୦ ଭିତରେ ହେବ। ଆଶ୍ଚର୍ଯ୍ୟର କଥା ହେଉଛି ୭ ପିଲାଙ୍କ ସହିତ ମା'-ବାପାଙ୍କ ଜନ୍ମ ମଧ୍ୟ ଅଗଷ୍ଟ ୧ରେ ହୋଇଛି। ସମସ୍ତେ ଅଲଗା ଅଲଗା ବର୍ଷରେ ଜନ୍ମ ହୋଇଥିଲେ ମଧ୍ୟ ସମସ୍ତଙ୍କ ମାସ ଏବଂ ତାରିଖ ଗୋଟିଏ ଦିନରେ ପଡୁଛି। ଯାହା ହେଉଛି ଏକ ରେକର୍ଡ। ଏହି ଦିନ ଅମିର ଏବଂ ସ୍ତ୍ରୀ ଖୁଦେଜାଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ। କାରଣ ଦୁହିଁଙ୍କ ବିବାହ ମଧ୍ୟ ୧୯୯୧ ଅଗଷ୍ଟ ୧ରେ ହୋଇଥିଲା। ଗୋଟିଏ ବର୍ଷ ପୂର୍ବରୁ ଏହି ଦିନ ତାଙ୍କର ସବୁଠୁ ସାନ ଝିଅର ଜନ୍ମ ହୋଇଛି। ପୂର୍ବରୁ ଏହି ରେକର୍ଡ ୟୁଏସ୍‌ଏର ଏକ କୁମିନ୍ସ ପରିବାର ନାମରେ ଥିଲା। ପରିବାରର ୫ ପିଲାଙ୍କ ଜନ୍ମ ଗୋଟିଏ ଦିନ (ଫେବୃୟାରୀ ୨୦)ରେ ହୋଇଥିଲା। ସମସ୍ତେ ୧୯୫୨ରୁ ୧୯୬୬ ମସିହା ମଧ୍ୟରେ ଜନ୍ମ ହୋଇଥିଲେ। ଅମିର ଏବଂ ସ୍ତ୍ରୀ ଖୁଦେଜାଙ୍କ ଯେତେବେଳେ ପ୍ରଥମ ଝିଅ ଜନ୍ମ ହୋଇଥିଲା, ସେତେବେଳେ ସେମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କାରଣ ସେମାନଙ୍କ ଜନ୍ମ ତାରିଖ, ବିବାହ ଏବଂ ଝିଅର ଜନ୍ମ ଗୋଟିଏ ଦିନରେ ହୋଇଥିଲା।

## କ୍ଷେତରେ ୭୦୦ ପ୍ରାଚୀନ ମୁଦ୍ରା



ନ୍ୟୁୟର୍କ

ନିକଟରେ ଗାତ ଖୋଳିବା ସମୟରେ କ୍ଷେତରୁ ୭୦୦ଟି ପ୍ରାଚୀନ ମୁଦ୍ରା ମିଳିଛି। ସେଥିମଧ୍ୟରୁ ଅଧିକାଂଶ ମୁଦ୍ରା ସୁନାର ହୋଇଥିବାବେଳେ ଆଉ କିଛି ମୁଦ୍ରା ଚାନ୍ଦିର। ଏହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ବୋଲି ଜଣାପଡ଼ିଛି। ଏହାର ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ବ୍ୟକ୍ତି ଜଣଙ୍କ କ୍ଷେତରୁ ମୁଦ୍ରା ବାହାର କରୁଥିବାର ଦେଖିବାକୁ ମିଳିଛି। ଏପରି ଘଟଣା ଆମେରିକାର କେଣ୍ଟୁକି ରାଜ୍ୟରେ ଦେଖିବାକୁ ମିଳିଛି। ଏହାର ନାମ 'ଗ୍ରେଟ୍ କେଣ୍ଟୁକି ହୋର୍ଡ' ରଖାଯାଇଛି। ରିପୋର୍ଟ ମୁତାବକ, ଜଣେ ବ୍ୟକ୍ତି କ୍ଷେତରେ କାମ କରୁଥିଲେ। ସେହି ସମୟରେ କ୍ଷେତରେ ଗାତ ଖୋଳିବାରୁ ତାଙ୍କୁ ଗୃହଯୁଦ୍ଧ ସମୟର ୭୦୦ ମୁଦ୍ରା ମିଳିଛି। ମାଟି ତଳେ ଥିବା ଏହି ମୁଦ୍ରା ସବୁ ୧୮୫୦-୧୮୬୩ ସମୟର ବୋଲି ପର୍ ନୁମିଜମାଟିକ୍ ଗ୍ୟାରେଣ୍ଟି କମ୍ପାନୀ ପ୍ରମାଣିତ କରିଛି। କିଛି ସ୍ୱର୍ଣ୍ଣ ମୁଦ୍ରା ୧, ୧୦ ଏବଂ ୨୦ ଡଲାରର ରହିଛି। ଏଥିସହ କିଛି ମୁଦ୍ରାରେ ଅତ୍ୟନ୍ତ ଦୁର୍ଲଭ ଚିତ୍ର ସବୁ ଅଙ୍କାଯାଇଛି। ୯୫ ପ୍ରତିଶତ ମୁଦ୍ରା ସୁନା ଥିବା ଜଣାପଡ଼ିଛି। ଏହା ଏକ ବଡ଼ ଧରଣର ଅନୁସନ୍ଧାନ ବୋଲି ଜଣାପଡ଼ିଛି।

## ବିରଳ ପ୍ରଜାତିର କଇଁଛ ଉଦ୍ଧାର



ସୋର, (ଜନ୍ମେଜୟ ମିଶ୍ର): ସୋର ବ୍ଲକ ନଟାପଡା ପଞ୍ଚାୟତ ନଟାପଡା ଗ୍ରାମର ଏକ ବିଲରୁ ବିରଳ ପ୍ରଜାତିର କଇଁଛ ଉଦ୍ଧାର କରାଯାଇଛି। ଏହି ଗ୍ରାମର ରମେଶ ବାରିକ ବିଲକୁ ଯାଇଥିବା ବେଳେ ବିଲରେ ଏକ ହଳଦୀ ରଙ୍ଗର କଇଁଛ ଦେଖିଥିଲେ। ଫଳରେ ରମେଶ କଇଁଛକୁ ଉଦ୍ଧାର କରି ନିଜ ଘରକୁ ଆଣିବା ସହ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀମାନେ ତାଙ୍କ ଘରେ ପହଞ୍ଚି କଇଁଛକୁ ନେଇଯାଇଥିବା ଜଣାପଡିଛି।

# ଗୁପ୍ତେଶ୍ୱର ପୀଠରେ ରୂପାନ୍ତର ହେବ

## ୨୦ କୋଟି ଟଙ୍କା ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨।୭(ଅନିଲ ଦାସ)

କୋରାପୁଟ ଜିଲାର ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠର ରୂପାନ୍ତର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏଥିରେ ପୀଠର ସର୍ବାଙ୍ଗୀନ ଉନ୍ନତି କରାଯାଇ ଏହାକୁ ଓଡ଼ିଶାର ଅନ୍ୟତମ ପ୍ରମୁଖ ଧାର୍ମିକ ତଥା ଐତିହ୍ୟ ଓ ପର୍ଯ୍ୟଟନ ସ୍ଥଳରେ ପରିଣତ କରାଯିବ। ପୀଠର ପ୍ରାକୃତିକ ସୌନ୍ଦର୍ଯ୍ୟରେ କୌଣସି ଆଞ୍ଚ ନ ଆଣି ୫-ଟି ଉପକ୍ରମରେ ଏହାର ଉନ୍ନତି କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଏହି ପ୍ରକଳ୍ପରେ ମନ୍ଦିରର ମୁଖ୍ୟ ରାସ୍ତାର ଉନ୍ନତୀକରଣ ଓ ଆଲୋକୀକରଣ, ପାଦଚଲା ରାସ୍ତାରେ ଖଣ୍ଡୋଲାଇଟ୍ସ ପଥର ବିଛାଇବା, ମନ୍ଦିର ପ୍ରବେଶ ଦ୍ୱାରର ସୌନ୍ଦର୍ଯ୍ୟକରଣ, ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ସୁବିଧା ଯଥା ପାନୀୟ ଜଳ ଓ ଶୌଚାଳୟ, ଗୁମ୍ଫାର ଆଲୋକୀକରଣ, ସାବରୀ ନଦୀ କୂଳର ସୌନ୍ଦର୍ଯ୍ୟକରଣ, ଉଠା ଦୋକାନୀମାନଙ୍କ ଥଇଥାନ, ସେମାନଙ୍କ ପାଇଁ ନୂତନ ଦୋକାନ ଘର ନିର୍ମାଣ, ଭୂସ୍ଖଳନ ନିରୋଧ ଓ ପାହାଡ଼ ସୁରକ୍ଷା ପାଇଁ ବ୍ୟବସ୍ଥା ସହିତ ବୃକ୍ଷରୋପଣ ମଧ କରାଯିବ। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଗତ ଫେବୃୟାରୀ ୩ ତାରିଖରେ କୋରାପୁଟ ଗସ୍ତ କରି ଗୁପ୍ତେଶ୍ୱର ମନ୍ଦିର ପରିଦର୍ଶନ କରିଥିଲେ। ମନ୍ଦିରର ସେବାୟତ, କମିଟିର ସଦସ୍ୟଗଣ, ଜନପ୍ରତିନିଧି ଓ ସ୍ଥାନୀୟ ଲୋକମାନଙ୍କ ସହ ଆଲୋଚନା କରି ମନ୍ଦିରର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ଏକ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରଦାନ କରିବାକୁ ଜିଲାପାଳଙ୍କୁ ପାଣ୍ଡିଆନ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକ୍ରମେ ଜିଲାପାଳଙ୍କ ପ୍ରସ୍ତାବ ଅନୁଯାୟୀ ମୁଖ୍ୟମନ୍ତ୍ରୀ ଅର୍ଥ ମଞ୍ଜୁର କରିଛନ୍ତି। ୫-ଟି ଉପକ୍ରମରେ ଏହି ବିକାଶ କାମ ହାତକୁ ନିଆଯିବ।

# ଖରିଫରେ ୪ ଲକ୍ଷରୁ ଅଧିକ କୁଇଣ୍ଟାଲ ବିହନ ଯୋଗାଇବା ଲକ୍ଷ୍ୟ: କୃଷି ସଚିବ

ଭୁବନେଶ୍ୱର, ୧୨।୭ (ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ଚଳିତ ଖରିଫରେ ଉନ୍ନତ କିସମର ବିହନ ଯୋଗାଣ ଜାରି ରହିଛି। ଗତ ୧୦ ତାରିଖ ସୁଦ୍ଧା ପ୍ରାୟ ୩ ଲକ୍ଷ ୫୦ ହଜାର କୁଇଣ୍ଟାଲ ଧାନ ଓ ଅଣଧାନ ବିହନ ରାଜ୍ୟର ସମସ୍ତ ଜିଲାର ଡିଲର ଏବଂ ପାକ୍ସ ମାଧ୍ୟମରେ ଯୋଗାଣ କରାଯାଇଛି। ଚଳିତ ବର୍ଷ ବିଳମ୍ବିତ ମୌସୁମୀ ଓଡ଼ିଶାକୁ ଛୁଇଁଥିବା ହେତୁ ବିହନ ଯୋଗାଣ କ୍ଷେତ୍ରରେ ବିଳମ୍ବ ପରିଲକ୍ଷିତ ହେଉଛି। ଯାହା ଆଗାମୀ ଦିନରେ ସୁଧୁରି ଯାଇପାରେ ଏବଂ ଜୁଲାଇ ଶେଷ ସୁଦ୍ଧା ଆମେ ଆମର ଧାର୍ଯ୍ୟଲକ୍ଷ୍ୟ ପୂରଣ କରିପାରିବାରେ ସକ୍ଷମ ହୋଇପାରିବା । ବିହନ ଯୋଗାଣ ଜାରି ରହିଛି ଏବଂ ଖରିଫ ଋତୁରେ ୪ ଲକ୍ଷ କୁଇଣ୍ଟାଲରୁ ଅଧିକ ବିହନ ଯୋଗାଇବାର ଲକ୍ଷ୍ୟ ରଖାଯାଇଛି ବୋଲି କୃଷି ବିଭାଗ ସଚିବ ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି। କୃଷି ଭବନଠାରେ ବୁଧବାର ଆୟୋଜିତ ବୈଠକରେ ଅଧ୍ୟକ୍ଷତା କରି ପାଢ଼ୀ କହିଛନ୍ତି, ଖରିଫରେ ଧାନ ଓ ଅଣଧାନ ବିହନ ଯୋଗାଣ ସମ୍ପର୍କରେ ସମୀକ୍ଷା କରିଥିଲେ। ବିହନ ଯୋଗାଣ ପ୍ରକ୍ରିୟାରେ ଡିବିଟି ମାଧ୍ୟମରେ ଚାଷୀଙ୍କୁ ରିହାତି ପ୍ରଦାନ କରାଯାଇଛି । ରିହାତି ପ୍ରଦାନରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ ନିମନ୍ତେ ରିହାତି ରାଶି ଓଟିପି ମାଧ୍ୟମରେ ଚାଷୀଙ୍କ ଆକାଉଣ୍ଟକୁ ସିଧାସଳଖ ଯୋଗାଇ ଦେବାର ବ୍ୟବସ୍ଥା ରହିଛି । ସ୍ୱଚ୍ଛତା ଦୃଷ୍ଟିରୁ ଏହା ଏକ ଉତ୍ତମ ପଦକ୍ଷେପ ବୋଲି ସେ କହିଛନ୍ତି । ଉଲ୍ଲେଖଯୋଗ୍ୟ, ଚାଷୀଙ୍କ ହିତ ଦୃଷ୍ଟିରୁ ଓଟିପି ବ୍ୟବସ୍ଥାକୁ ଅଧିକ ସରଳୀକରଣ କରିବାକୁ ଗୋଟିଏ ମୋବାଇଲ ନମ୍ବରରେ ୧୦ ଜଣ ଚାଷୀଙ୍କ ପାଇଁ ଓଟିପି ଜାରି କରାଯାଉଛି । ଚାଷୀ ପିଛା ସର୍ବାଧିକ ୩ ହେକ୍ଟର ଚାଷଜମି ପାଇଁ ବିହନରେ ରିହାତି ଦିଆଯାଉଛି । ଚଳିତ ଖରିଫରେ ଦଶବର୍ଷରୁ ଅଧିକ ଧାନ ବିହନରେ ରିହାତି କୁଇଣ୍ଟାଲ ପିଛା ୧୨୫୦ ଟଙ୍କା ପ୍ରଦାନ କରାଯାଉଥିବା ବେଳେ ୧୦ ବର୍ଷରୁ କମ୍ ଅବଧି ବିଶିଷ୍ଟ ଧାନ ବିହନରେ କୁଇଣ୍ଟାଲ ପ୍ରତି ୧୫୦୦ ଟଙ୍କା ରିହାତି ବ୍ୟବସ୍ଥା ରହିଛି ।

# ରାଜନୈତିକ ଉଦ୍ଦେଶ୍ୟ ରଖି ୫ ବର୍ଷ ପରେ ବସିଲା ଟିଏସି ବୈଠକ: ଭାଜପା




ଭୁବନେଶ୍ୱର, ୧୨।୭(ସୁନିତ୍ ମିଶ୍ର)

ରାଜ୍ୟର ସମୁଦାୟ ଜନସଂଖ୍ୟାର ୨୩ ପ୍ରତିଶତ ହେଉଛନ୍ତି ଜନଜାତି ସମ୍ପ୍ରଦାୟ। ସେମାନଙ୍କ ସମସ୍ୟାର ସମାଧାନ ଏବଂ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ 'ଟ୍ରାଇବାଲ ଆଡଭାଇଜରି କମିଟି' (ଟିଏସି) ଗଠନ କରାଯାଇଛି। ବର୍ଷକୁ ୨ ଥର ଏହି ବୈଠକ ବସି ଜନଜାତିଙ୍କ ସମସ୍ୟାର ସମାଧାନ ଏବଂ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟର ସମୀକ୍ଷା ହେବା ନିୟମ ରହିଛି। ଶେଷଥର ପାଇଁ ୨୦୧୮ ଜୁନ୍ ୨୮ରେ ଟିଏସି ବୈଠକ ହୋଇଥିଲା। ମାତ୍ର ଆଦିବାସୀ ବିରୋଧୀ ରାଜ୍ୟ ସରକାର ୫ ବର୍ଷ ପରେ ରାଜନୈତିକ ଉଦ୍ଦେଶ୍ୟ ରଖି ମଙ୍ଗଳବାର ବାଧ୍ୟବାଧକତାରେ ଟିଏସି ବୈଠକ ଡାକିଥିଲେ। ବହୁ ଆଶା ରଖି ଦୂରଦୂରାନ୍ତରୁ ଆମେ ବୈଠକରେ ଯୋଗଦେବା ପାଇଁ ଆସିଥିଲୁ। କିନ୍ତୁ ଭୁବନେଶ୍ୱରରେ ଥିବା ସତ୍ତ୍ୱେ ମୁଖ୍ୟମନ୍ତ୍ରୀଙ୍କ ଭର୍ଚୁଆଲ ମୋଡ୍‌ରେ ଯୋଗଦେବା ପରେ ତାଙ୍କ ଆଚରଣ ସମଗ୍ର ଜନଜାତିଙ୍କ ପ୍ରତି ତାଚ୍ଛଲ୍ୟ ବୋଲି ଭାଜପା ବିଧାୟକ ତଥା ଜନଜାତି ମୋର୍ଚ୍ଚା ରାଜ୍ୟ ସଭାପତି ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନିତ୍ୟାନନ୍ଦ କହିଛନ୍ତି ଯେ, ୨୩ ବର୍ଷ ଶାସନ କରିଥିବା ବିଜେଡି ସରକାରଙ୍କ ଅପାରଗତା ପାଇଁ ରାଜ୍ୟର ଅନୁସୂଚିତ ଜନଜାତି ଦିନକୁ ଦିନ ପଛେଇବାରେ ଲାଗିଛନ୍ତି। ଆଦିବାସୀଙ୍କ ପାଇଁ ରାଜ୍ୟ ସରକାରଙ୍କ କୌଣସି ଦରଦ ନାହିଁ। ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ଷଡ଼ଯନ୍ତ୍ର କରି ଆଦିବାସୀବର୍ଗଙ୍କୁ ସେମାନଙ୍କ ସାମାଜିକ ଓ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ରଖିଥିଲେ। ଆଦିବାସୀଙ୍କ ଐତିହ୍ୟ, ପରମ୍ପରା ଓ ବିକାଶ କିଭଳି ହେବ ସେନେଇ ଟିଏସି ବୈଠକ ହୋଇଥାଏ ଏବଂ ଏହାର ଏକ ବିସ୍ତୃତ ରିପୋର୍ଟ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଥାଏ। ଦୀର୍ଘ ୫ ବର୍ଷ ଅନ୍ତରରେ ୨୦୨୪ ନିର୍ବାଚନକୁ ଲକ୍ଷ୍ୟ କରି ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଟିଏସି ବୈଠକ କରିଥିଲେ। ଭର୍ଚୁଆଲ ମୋଡ୍‌ରେ ଯୋଗଦେଇ ନିଜ ବକ୍ତବ୍ୟ ରଖିବା ପରେ ମୁଖ୍ୟମନ୍ତ୍ରୀ ବୈଠକ ମଝିରୁ ଉଭାନ ହୋଇଯାଇଥିଲେ। ଆଦିବାସୀଙ୍କ ବିକାଶକୁ ନେଇ ବହୁ ପ୍ରସଙ୍ଗ ଆଲୋଚନା ବି ହୋଇପାରିଲା ନାହିଁ। ମୁଖ୍ୟମନ୍ତ୍ରୀ ଆଦିବାସୀମାନଙ୍କ ବିକାଶ ପାଇଁ କେତେ ତତ୍ପର, ତାହା ମଙ୍ଗଳବାର ଟିଏସି ବୈଠକରୁ ସ୍ପଷ୍ଟ ହୋଇଛି ବୋଲି ନିତ୍ୟାନନ୍ଦ କହିଛନ୍ତି।

# 'ସମସ୍ୟା ସମାଧାନ ପାଇଁ ନିଜକୁ ପରିବର୍ତ୍ତନ ହେବାକୁ ପଡ଼ିବ'



ଶ୍ରୀଅରବିନ୍ଦ ପାଠଚକ୍ରରେ ଉପସ୍ଥିତ ବୁଦ୍ଧିଜୀବୀମାନେ ।

## ଶ୍ରୀଅରବିନ୍ଦ ପାଠଚକ୍ର

କଟକ,୧୨।୭ (କାର୍ତ୍ତିକ ସାହୁ)

ଶ୍ରୀଅରବିନ୍ଦ ଛାତ୍ର ସଂଘ ପକ୍ଷରୁ ଶ୍ରୀଅରବିନ୍ଦ ପାଠଚକ୍ର କଟକ ରାଣୀହାଟସ୍ଥିତ ଶ୍ରୀକ୍ଷେତ୍ରଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗଦାଧର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଦୈନନ୍ଦିନ ଜୀବନରେ ଭଗବତପ୍ରାପ୍ତି ଶୀର୍ଷକ ପାଠଚକ୍ରରେ ବକ୍ତା ଭାବେ ପ୍ରସାଦ ତ୍ରିପାଠୀ ଯୋଗଦେଇ କହିଥିଲେ, ଜୀବନରେ କେତେକ କାମ କରିବାକୁ ମା' ଆମକୁ ନିର୍ଦ୍ଦେଶ ଦେଇଛନ୍ତି। ଶାସ୍ତ୍ର ଅଧ୍ୟୟନ ସହ ନିଃସ୍ୱାର୍ଥପର କର୍ମ କରିବା ହେଲା ସେହି ନିର୍ଦ୍ଦେଶ। ଅନ୍ୟତମ ବକ୍ତା ସମରେନ୍ଦ୍ର ରାଉତ କହିଥିଲେ, ମଣିଷର ସମସ୍ୟା ପାଇଁ ଅନ୍ୟମାନେ ଦାୟୀ ନୁହନ୍ତି, ସେ ନିଜେ ହିଁ ଦାୟୀ। ଅନ୍ୟ କାହାକୁ ପରିବର୍ତ୍ତନ କରିବାକୁ ଚାହିଁଲେ ସମସ୍ୟା ସମାଧାନ ହୋଇଯିବନାହିଁ। ନିଜକୁ ପରିବର୍ତ୍ତନ ହେବାକୁ ପଡ଼ିବ। କୌଣସି ଲୋକର ଆଚରଣ ଯଦି କଷ୍ଟ ଦେଉଛି, ତା'ହେଲେ ସହିବାକୁ ସାମର୍ଥ୍ୟ ଦେବା ପାଇଁ ଭଗବାନଙ୍କୁ ପ୍ରାର୍ଥନା କରିବା। ସେହିପରି ବକ୍ତା ଯଶସ୍ୱିନୀ ରାୟ କହିଥିଲେ, ଆମେମାନେ ଯଦି ସାଧନା କରୁ, ବାହାର ଓ ଭିତର ଜୀବନ ମଧ୍ୟରେ ତଫାତ୍ ନ ରହିବା ଉଚିତ୍। ଅର୍ଥାତ୍ ଯାହା ବାସ୍ତବ ତାହା ପ୍ରକାଶ କରିବା ଉଚିତ୍। ଅନ୍ୟତମ ବକ୍ତା ପଦ୍ମଲୋଚନ ପୋଥାଳ କହିଥିଲେ, ସମର୍ପଣ ଭାବ ନେଇ କର୍ମ କଲେ ଭଗବତ୍ ପ୍ରାପ୍ତି ସହଜ ହେବ। ଡା. ଶ୍ୟାମା କାନୁନ୍‌ଗୋ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅନୀତା ପାତ୍ର ଦୁର୍ଗାସ୍ତୋତ୍ର ପାଠ ଓ ଜୟଶ୍ରୀ ମହାନ୍ତି ପ୍ରାର୍ଥନା କରିଥିଲେ। ଆଭା କାନୁନ୍‌ଗୋ ବିବରଣୀ ପାଠ କରିଥିଲେ।

# ଛତୁ ଖାଇ ଗୋଟିଏ ପରିବାର ୪ ଗୁରୁତର

ଝରିଗାଁ,୧୨।୭ (କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ପାଲିଆ ପଞ୍ଚାୟତ ଅଧୀନ ଅମଳିଝରି ଗ୍ରାମର ଗୋଟିଏ ପରିବାରର ୪ ଜଣ ଛତୁ ଖାଇ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି। ସୂଚନାନୁଯାୟୀ, ଅମଳିଝରି ଗ୍ରାମର ପଦମନ ପୂଜାରୀଙ୍କ ପରିବାର ଲୋକ ବୁଧବାର ସକାଳ ପ୍ରାୟ ୧୦ଟାରେ ଛତୁ ରୋଷେଇ କରି ଖାଇଥିଲେ। ଖାଇବାର କିଛି ଘଣ୍ଟା ପରେ ପଦମନଙ୍କ ସ୍ତ୍ରୀ କମଳି ପୂଜାରୀ(୩୫), ପୁଅ ନରେନ୍ଦ୍ର (୩), କୈଳାସ (୧୨) ଏବଂ ଝିଅ ହୀରାମଣି(୭)ଙ୍କୁ ପେଟବଥା ସହ ଝାଡ଼ା ଏବଂ ବାନ୍ତି ହୋଇଥିଲା। ଧୀରେ ଧୀରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସ୍ଥାନୀୟ ଆଶା କର୍ମୀଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଝରିଗାଁ ଡାକ୍ତରଖାନାରେ ଗୁରୁତର ଅବସ୍ଥାରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ସମସ୍ତେ ଠିକ୍ ଥିବା ସୂଚନା ମିଳିଛି।

# ରେତ୍ ଡ୍ୟାମ୍‌ରେ ବୁଡ଼ି ଛାତ୍ର ନିଖୋଜ

- ୮ଘଣ୍ଟା ପରେ ବି ମିଳିନି ପତ୍ତା
- ୪ ଛାତ୍ରୀଛାତ୍ର ଅଟକ

ଭବାନୀପାଟଣା/ନର୍ଲା,୧୨।୭
(ଉତ୍ତମ କୁମାର ଦାଶ/ସନ୍ତୋଷ ପାତ୍ର)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ଧୁଷଗୁଡାର ରେତ ଡ୍ୟାମରେ ବୁଡି ବୁଧବାର ଜଣେ ଛାତ୍ର ନିଖୋଜ ହୋଇଛନ୍ତି। ସେ ହେଲେ ଭବାନୀପାଟଣା ସହରର ପଣ୍ଡା ଫୁଡସ୍ ମାଲିକ ସୁଦାମ ପଣ୍ଡାଙ୍କ ପୁଅ ସାଲୁ ପଣ୍ଡା (୨୧)। ବୁଧବାର ପୂର୍ବାହ୍ନରେ ଭବାନୀପାଟଣାର ୩ଜଣ କଲେଜ ଛାତ୍ର ଓ ୨ ଛାତ୍ରୀ ଡ୍ୟାମକୁ ବୁଲିବା ପାଇଁ ଆସିଥିଲେ। ବୁଲୁଥିବା ସମୟରେ ସାଲୁ ଅସାବଧାନ ଯୋଗୁ ଡ୍ୟାମ ଭିତରକୁ ଖସି ପଡ଼ିଥିଲେ। ସାଥି ଛାତ୍ରୀଛାତ୍ରମାନେ ତାଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ। ହେଲେ ଗଭୀର ପାଣି ଯୋଗୁ ଉଦ୍ଧାର କରିପାରି ନ ଥିଲେ। ଖବର ପାଇ ନର୍ଲା ଓ ଭବାନୀପାଟଣା ଅଗ୍ନିଶମ ବିଭାଗ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ହେଲେ ୮ ଘଣ୍ଟା ପରେ ମଧ ନିଖୋଜ ଛାତ୍ରଙ୍କ କୌଣସି ପତ୍ତା ମିଳି ନ ଥିବା ଜଣାପଡିଛି। ରାତି ଯୋଗୁ ଉଦ୍ଧାର କାର୍ଯ୍ୟ ସ୍ଥଗିତ ରଖାଯାଇଛି। ଗୁରୁବାର ସକାଳୁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯିବ। ଜିଲା ପ୍ରଶାସନର ହସ୍ତକ୍ଷେପ ପରେ ଓଡ୍ରାପ ଟିମ୍ ଉଦ୍ଧାର କାର୍ଯ୍ୟରେ ସାମିଲ ହେବେ ବୋଲି ଜଣାପଡିଛି। ଘଟଣାସ୍ଥଳରେ ନର୍ଲା ତହସିଲଦାର ଶଙ୍କର ବାଗ, ଥାନାଧିକାରୀ ଗଙ୍ଗାଧର ମେହେରଙ୍କ ସମେତ ପୋଲିସ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ। ଏହି ଘଟଣାରେ ସାଲୁଙ୍କ ସହ ଯାଇଥିବା ୪ ଛାତ୍ରୀଛାତ୍ରଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ନିଖୋଜ ଛାତ୍ର ସାଲୁଙ୍କ କକା ନବଚରଣ ପଣ୍ଡା ତାଙ୍କ ପୁତୁରାଙ୍କୁ ଉପରୋକ୍ତ ଛାତ୍ରୀଛାତ୍ରମାନେ ଡ୍ୟାମକୁ ନେଇ ଠେଲି ଦେଇଥିବା ସନ୍ଦେହରେ ନର୍ଲା ଥାନାରେ ଅଭିଯୋଗ କରିଛନ୍ତି।

# ବାଲିଘାଟରୁ ଟଙ୍କା ଲୁଟ୍ ଅଭିଯୋଗରେ ଭାଜପା ନେତା କୋର୍ଟ ଚାଲାଣ

ତିର୍ତ୍ତୋଲ, ୧୨।୭ ( ଗୌରାଙ୍ଗ ଚରଣ ସ୍ୱାଇଁ)



ଡ. ପ୍ରକାଶ ଦଳାଇ

ବାଲିଘାଟରେ ଦାଦାବଟି ଲାଗି ଧମକ ଓ ଟଙ୍କା ଲୁଟ ଅଭିଯୋଗରେ ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଡ. ପ୍ରକାଶ ଦଳାଇଙ୍କୁ ବୁଧବାର ତିର୍ତ୍ତୋଲ ଥାନା ପୋଲିସ କୋର୍ଟ ଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗ ଅଦାଲତକୁ ପଠାଯାଇଥିବା ସୂଚନା ମିଳିଛି। ମହାନଦୀର ନୂଆପଡ଼ାଠାରେ ନିଲାମ ହୋଇଥିବା ବାଲିଘାଟ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ୧୦ ତାରିଖରେ ପ୍ରକାଶ ୫ ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ସେହିଦିନ ରାତିରେ ପ୍ରକାଶଙ୍କ ସହ ୮ଜଣ ବାଲିଘାଟ କାର୍ଯ୍ୟାଳୟକୁ ଯାଇ ୮୨ ହଜାର ଟଙ୍କା ଛଡ଼ାଇ ନେଇଯାଇଥିଲେ। ଏ ସମ୍ପର୍କରେ ୧୧ ତାରିଖରେ ବାଲିଘାଟ କର୍ମଚାରୀ ଜଗତ୍‌ସିଂହପୁର ଥାନା ସମଙ୍ଗ ଗ୍ରାମର ସୁଦର୍ଶନ ମୁଦୁଲି ତିର୍ତ୍ତୋଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୩୧୩/୨୩ ନମ୍ବରରେ ମାମଲା ରୁଜୁ କରି ପ୍ରକାଶଙ୍କୁ ବୁଧବାର ଗିରଫ କରିଥିଲା। ପ୍ରକାଶ ଏଠାରେ ରାଜନୀତିରେ ସକ୍ରିୟ ଥିଲେ। ତିର୍ତ୍ତୋଲ ସଂରକ୍ଷିତ ବିଧାନସଭା କ୍ଷେତ୍ରରୁ ଆଶାୟୀ ପ୍ରାର୍ଥୀ ଭାବେ ବିଭିନ୍ନ ସ୍ଥାନରେ ହୋର୍ଡିଂ ଲଗାଇ ନିଜକୁ ପରିଚିତ କରାଉଥିଲେ।

# 'କମ୍ପ୍ୟୁଟେଶନାଲ ଥିଙ୍କିଙ୍ଗ୍' ପଢ଼ିବେ ଛାତ୍ରୀଛାତ୍ର

## ଆଜିଠାରୁ କୌଶଳୀ କ୍ଲବ୍ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଆରମ୍ଭ

ଭୁବନେଶ୍ୱର,୧୨।୭ (ଅନୁରାଧା ମହାରଣା)

ଓଡ଼ିଶାର ୮୮୬୦ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର କମ୍ପ୍ୟୁଟେଶନାଲ ଥିଙ୍କିଙ୍ଗ ସମ୍ପର୍କରେ ଶିକ୍ଷାଗ୍ରହଣ କରିବେ। ଅଗଷ୍ଟରୁ '୫-ଟି ହାଇସ୍କୁଲ ରୂପାନ୍ତରଣ ଯୋଜନା' ଅଧୀନରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ। କୌଶଳୀ କ୍ଲବ ମାଧ୍ୟମରେ ସପ୍ତାହକୁ ଦୁଇଥର କ୍ଲାସ ହେବ। ଏହାଦ୍ୱାରା ରାଜ୍ୟର ପ୍ରାୟ ୧୦,୬୩,୬୮୦ଜଣ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆଶା ରଖିଛି। ୩୦ ଘଣ୍ଟାର ଏହି ପାଠ୍ୟକ୍ରମ ଶେଷରେ ୨୫ ମାର୍କର ଆସେସ୍‌ମେଣ୍ଟ ହେବ। ପ୍ରତ୍ୟେକ ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କୁ କ୍ଲବର ଆଭିମୁଖ୍ୟ ଓ ଶିକ୍ଷାଦାନ ପ୍ରଣାଳୀ ବିଷୟରେ ତାଲିମ ଦିଆଯିବ। ଏମାନଙ୍କୁ ଟ୍ରେନିଂ ଦେବାକୁ ୩୧୪ ମାଷ୍ଟର ଟ୍ରେନରଙ୍କୁ ନିୟୋଜିତ କରାଯାଇଛି। ଗୁରୁବାରଠାରୁ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ହେବ। ମୋ ସ୍କୁଲ ଅଭିଯାନ ସହଯୋଗରେ ଏହି ପାଠ୍ୟକ୍ରମ ଆରମ୍ଭ କରାଯିବ। ତେବେ ପାଠ୍ୟକ୍ରମ ବିକାଶ ପାଇଁ ବିଭାଗ ପକ୍ଷରୁ କ୍ୱେଷ୍ଟ ଆଲାଏନ୍ସ, ଲର୍ନିଂ ଲିଙ୍କ୍ ଫାଉଣ୍ଡେଶନ ଓ ରାସପବେରୀ ପି ଫାଉଣ୍ଡେଶନର ବିଶେଷଜ୍ଞଙ୍କୁ ଆମନ୍ତ୍ରିତ କରାଯାଇଥିଲା। ପ୍ରସ୍ତୁତ ଏହି ପାଠ୍ୟକ୍ରମରେ କମ୍ପ୍ୟୁଟିଂ ସିଷ୍ଟମ ଆଣ୍ଡ୍ ନେଟ୍‌ୱର୍କ, ସଫ୍ଟୱେର ଟୁଲସ୍ ଆଣ୍ଡ୍ କ୍ରିଏଟିଂ ମିଡିଆ, ଡିଜାଇନ୍ ଥିଙ୍କିଙ୍ଗ୍, ଡାଟା ଆଣ୍ଡ୍ ଇନ୍‌ଫରମେଶନ ଏବଂ କୋଡିଂ ଆଦି ସମ୍ପର୍କରେ ପିଲାମାନେ ଧାରଣା ପାଇବେ। କ୍ୱେଷ୍ଟ ଆଲାଏନ୍ସର ସିନିୟର ପ୍ରୋଗ୍ରାମ ମ୍ୟାନେଜର ଏମ୍‌ଡି ଅଜିମ ଉଜ୍ ଦୌଲା କହିଛନ୍ତି, ପାଠ୍ୟକ୍ରମରେ କମ୍ପ୍ୟୁଟେଶନାଲ ଥିଙ୍କିଙ୍ଗ ଏକ ମୂଳ କୌଶଳ, ଯାହା ଛାତ୍ରୀଛାତ୍ରଙ୍କ ମଧ୍ୟରେ ସମସ୍ୟା ସମାଧାନ କ୍ଷମତା ଓ ଆଲ୍‌ଗୋରିଦ୍‌ମିକ୍ ଚିନ୍ତାଧାରାକୁ ଅଧିକ ଗୁରୁତ୍ୱ ଦେଇଥାଏ। ଏହା ଛାତ୍ରୀଛାତ୍ରଙ୍କୁ ଏକ ବିଂଶ ଶତାବ୍ଦୀର ଜ୍ଞାନ କୌଶଳ ପ୍ରଦାନ କରିବ। ଆମାଜନ ଫ୍ୟୁଚରର ଇଞ୍ଜିନିୟର ଅକ୍ଷୟ କଶ୍ୟପ କହିଛନ୍ତି, କମ୍ପ୍ୟୁଟେଶନ ଚିନ୍ତାଧାରାକୁ ପାଠ୍ୟକ୍ରମରେ ଯୋଡିବା ଦ୍ୱାରା ଛାତ୍ରୀଛାତ୍ର ଭବିଷ୍ୟତ ପାଇଁ କୌଶଳ ଓ ଗଭୀର ଜ୍ଞାନ ଆହରଣ କରିପାରିବେ। ଜିରାଙ୍ଗସ୍ଥିତ ଜନତା ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଅନିଲ କୁମାର ଷଣ୍ଢ ଗାଣିତିକ ସମସ୍ୟାର ସମାଧାନ ତଥା ଲାଙ୍ଗୁଏଜ୍ ପ୍ରୋଗ୍ରାମିଂରେ କମ୍ପ୍ୟୁଟର ଥିଙ୍କିଙ୍ଗ୍ ସହାୟକ ହୋଇଥାଏ ବୋଲି କହିଛନ୍ତି।

# ବାହୁଦାରେ ଭାସୁଛି ମଲା ମାଛ



ଚିକିଟି,୧୨।୭(ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଚିକିଟି ବ୍ଲକ ଅଧୀନ ସୁନପୁର ଗ୍ରାମ ନିକଟରେ ଥିବା ବାହୁଦା ନଦୀରେ ବୁଧବାର ସକାଳେ ମାଛ ମଡ଼କ ଦେଖିବାକୁ ମିଳିଛି। ନଦୀକୂଳରେ ପ୍ରାୟ ୫ କିମି ଯାଏ ମଲାମାଛ ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କ କହିବା ପ୍ରକାରେ, ସମୁଦ୍ରକୁ ମତ୍ସ୍ୟଜୀବୀମାନେ ଶତାଧିକ ଡଙ୍ଗାଧରି ମାଛ ମାରିବାକୁ ଯାଇଥାନ୍ତି। କୂଳକୁ ଆସିବା ପରେ ବିକ୍ରି ନ ହେବାରୁ ଏହି ମାଛକୁ ଫିଙ୍ଗିଦେଇଥିବା ସନ୍ଦେହ କରୁଛନ୍ତି। ଅପରପକ୍ଷରେ ସମୁଦ୍ରକୂଳ ଅଞ୍ଚଳରେ ବହୁ ହଜାର ହେକ୍ଟର ଜମିରେ ବେଆଇନ ଚିଙ୍ଗୁଡ଼ି ଚାଷ କରି ବର୍ଜ୍ୟବସ୍ତୁ ନଦୀକୁ ଛଡାଯିବା ଫଳରେ ଜଳ ପ୍ରଦୂଷିତ ହୋଇ ଏହି ମାଛଗୁଡ଼ିକର ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ଏନେଇ ଜିଲା ମତ୍ସ୍ୟ ଅଧିକାରୀ କହିଛନ୍ତି, ତଦନ୍ତ ପରେ ମାଛ ମଡ଼କ ନା କୌଣସି କାରଣରୁ ବିଷାକ୍ତ ହୋଇ ମାଛ ମରିଛନ୍ତି ତାହା ଜଣାପଡିବ। ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ବିଶାଖାପାଟଣା ବେଳାଭୂମିରେ ଏପରି ମାଛମଡ଼କ ଦେଖିବାକୁ ମିଳିଥିଲା। ଦୁଇମାସ ପୂର୍ବରୁ ମଧ ସୁନପୁର ବାହୁଦାନଦୀରେ ମାଛମଡ଼କ ଦେଖିବାକୁ ମିଳିଥିଲା।

# ୨୫୮ ଦିନ ପରେ ୩ ବାଂଲାଦେଶୀ ଫେରିଲେ ସ୍ୱଦେଶ



ପାରାଦୀପ,୧୨।୭(ଶରତ ରାଉତ)

ପାରାଦୀପର ଆଶ୍ରୟ କେନ୍ଦ୍ରରେ ୨୦୨୨ ଅକ୍ଟୋବର ୨୮ରୁ ରହୁଥିବା ୩ ବାଂଲାଦେଶୀ ଧୀବର ବୁଧବାର ସ୍ୱଦେଶ ଫେରିଛନ୍ତି। ଯିବାବେଳେ ସେମାନେ ଖୁସିରେ ଆତ୍ମହରା ହେବା ସହ ସ୍ଥାନୀୟ ଲୋକଙ୍କୁ କୃତଜ୍ଞତା ଜଣାଇଥିଲେ। କିଛି ସମୟ ଭାବାବେଗ ପରିବେଶ ସୃଷ୍ଟି ହୋଇଥିଲା। ବୁଧବାର ସନ୍ଧ୍ୟା ସୁଦ୍ଧା ସ୍ଥାନୀୟ ମେରାଇନ୍ ଥାନାର ଇନ୍ସପେକ୍ଟର ଦେବେନ୍ଦ୍ର ମହାପାତ୍ର ଓ ଅନ୍ୟ ୩ଜଣ ପୋଲିସ ସେମାନଙ୍କୁ ନେଇ ପଶ୍ଚିମବଙ୍ଗ ହରିଦାସପୁର ଚେକ୍ ପୋଷ୍ଟ ଅଫିସରେ ପହଞ୍ଚିଛନ୍ତି। ଗୁରୁବାର ବାଂଲାଦେଶ ହାଇ କମିଶନର ପହଞ୍ଚିବା ପରେ ସରକାରୀ ଭାବେ ପ୍ରତ୍ୟର୍ପଣ ହେବ ବୋଲି ମହାପାତ୍ର କହିଛନ୍ତି।

ସୂଚନାଯୋଗ୍ୟ, ୨୦୨୨ ଅକ୍ଟୋବର ୨୬ରେ ବାତ୍ୟା ସିତରଙ୍ଗ ହୋଇଥିଲା। ସେହି ବାତ୍ୟାରେ ବାଂଲାଦେଶର ୨ଟି ମାଛଧରା ଡଙ୍ଗା ସମୁଦ୍ରରେ ବୁଡ଼ିଯାଇଥିଲା। ଭାରତୀୟ କୋଷ୍ଟଗାର୍ଡ ସେତେବେଳେ ୨୬ ଜଣଙ୍କୁ ଉଦ୍ଧାର କରିଥିଲେ। ପ୍ରାଥମିକ ଯାଞ୍ଚ ପରେ ପ୍ରତିପକ୍ଷ ବାଂଲାଦେଶ କୋଷ୍ଟଗାର୍ଡକୁ ଉକ୍ତ ଧୀବରଙ୍କୁ ହସ୍ତାନ୍ତର କରିଥିଲେ। ଏହାବାଦ୍ ସାଗରଦ୍ୱୀପଠାରୁ ୯୦ ନଟିକାଲ ମାଇଲ୍ (୧୬୨କି.ମି.) ଦୂରରେ ବାଲେଶ୍ୱର ଜିଲାର ୨ଟି ମାଛଧରା ବୋଟ୍ ୧୬ ଜଣଙ୍କୁ ଉଦ୍ଧାର କରିଥିଲେ। ଅକ୍ଟୋବର ୨୮ରେ ସେହି ବାଲେଶ୍ୱର ଜିଲାର ରଘୁନାଥ ନାମକ ବୋଟ୍ ଆଉ ୩ ଜଣଙ୍କୁ ଉଦ୍ଧାର କରିଥିଲେ। ଏହି ୩ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଉକ୍ତ ବୋଟ୍ କର୍ମଚାରୀ ସେମାନଙ୍କୁ ଆଣି ପାରାଦୀପରେ ମେରାଇନ୍ ପୋଲିସକୁ ହସ୍ତାନ୍ତର କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଜିଲା ପ୍ରଶାସନ ସେମାନଙ୍କୁ ପୌର ଆଶ୍ରୟ କେନ୍ଦ୍ରରେ ଥଇଥାନ କରାଇଥିଲା। ସେବେଠାରୁ ସେମାନେ ଆଶ୍ରୟକେନ୍ଦ୍ରରେ ରହୁଥିଲେ। ବାଂଲାଦେଶ ସରକାରଙ୍କ ପକ୍ଷରୁ କ୍ଲିୟରାନ୍ସ ମିଳିବାରେ ବିଳମ୍ବ ହେବାରୁ ସେମାନଙ୍କୁ ଅଟକ ରଖାଯାଇଥିଲା ବୋଲି ଥାନାଧିକାରୀ ମହାପାତ୍ର କହିଛନ୍ତି। ଏବେ ମୁକ୍ତି ପାଇଥିବାରୁ ୩ ଧୀବର ମହମ୍ମଦ ସିରାଜ, ମହମ୍ମଦ ନାଜି, ହବିସ୍ ମହମ୍ମଦ ଖୁସି ବୋଲି କହିଥିଲେ।

# ଡିଜିଟାଲ୍ ଫସଲ ସର୍ଭେର ସଫଳ ପରିଚାଳନା ଲାଗି ୧୫୦ ଜଣଙ୍କୁ ପ୍ରଶିକ୍ଷଣ

ଭୁବନେଶ୍ୱର, ୧୨।୭(ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ କୃଷି ବିଭାଗ ଆନୁକୂଲ୍ୟରେ ବୁଧବାର କୃଷି ଭବନଠାରେ ଡିଜିଟାଲ ଫସଲ ସର୍ବେକ୍ଷଣ ସମ୍ବନ୍ଧୀୟ ତାଲୁକସ୍ତରୀୟ ପ୍ରଶିକ୍ଷକମାନଙ୍କ ଏକ ପ୍ରଶିକ୍ଷଣ କର୍ମଶାଳା ଆୟୋଜିତ ହୋଇଛି। ଏହାକୁ କୃଷି ସଚିବ ଅରବିନ୍ଦ ପାଢ଼ୀ ଉଦ୍‌ଘାଟନ କରିଛନ୍ତି। କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ଓ ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ଡିଜିଟାଲ୍ ଫସଲ ସର୍ଭେର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଛନ୍ତି। କର୍ମଶାଳାରେ ପ୍ରାୟ ୧୫୦ ପ୍ରଶିକ୍ଷକଙ୍କୁ ଡିଜିଟାଲ୍ ଫସଲ ସର୍ଭେର ସଫଳ ପରିଚାଳନା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି। ଭାରତ ସରକାରଙ୍କ କୃଷି ମନ୍ତ୍ରଣାଳୟ ପକ୍ଷରୁ ଏହି ଡିଜିଟାଲ୍ ଫସଲ ସର୍ଭେ ବ୍ୟବସ୍ଥା ଲାଗୁ କରାଯିବା ପୂର୍ବରୁ ଓଡ଼ିଶାର ୪ ଜିଲା ସମେତ ୧୦ଟି ଚିହ୍ନଟ ରାଜ୍ୟରେ ଖରିଫ ୨୦୨୩ ପାଇଁ ପାଇଲଟ୍ ଡିଜିଟାଲ୍ ଫସଲ ସର୍ବେକ୍ଷଣ କାର୍ଯ୍ୟ ଆରମ୍ଭ କରାଯାଇଛି। ପ୍ରାରମ୍ଭିକ ସ୍ତରରେ ଏହି ପାଇଲଟ୍ ପ୍ରକଳ୍ପ ରାଜ୍ୟର ନୟାଗଡ଼, ଭଦ୍ରକ, ନୂଆପଡ଼ା ଏବଂ ଦେବଗଡ଼ ଜିଲାରେ ଆରମ୍ଭ କରାଯାଇଛି। ଏହି ସର୍ଭେର ଉଦ୍ଦେଶ୍ୟ ଫସଲ ଋତୁରେ ଚାଷ କରାଯାଇଥିବା ପ୍ଲଟସ୍ତରୀୟ ଫସଲକୁ ଆକଳନ କରିବା ଓ ଜିଓ ଟ୍ୟାଗ୍ ହୋଇଥିବା ଫଟୋଗୁଡ଼ିକର କ୍ଷେତ୍ରସ୍ତରୀୟ ପରିଦର୍ଶନ ମାଧ୍ୟମରେ ତଥ୍ୟକୁ ପ୍ରାମାଣିକ କରିବା।

# ସୁରେଶଙ୍କ ଶ୍ରେୟକୁ ନେଇ ବର୍ଷିଲା ବିଜେଡି

## ଜଟଣୀ ଫ୍ଲାଏ ଓଭରବ୍ରିଜ ଶେଷ ପୂର୍ବରୁ ନଡ଼ିଆ ଭାଙ୍ଗିବା ପ୍ରସଙ୍ଗ

ଖୋର୍ଦ୍ଧା,୧୨।୭(ପ୍ରଭାତ ପାଣିଗ୍ରାହୀ)

ଜଟଣୀ ଫ୍ଲାଏ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ସରିନାହିଁ। ହେଲେ ଏହା ପୂର୍ବରୁ ମଙ୍ଗଳବାର ଅଧାଗଢ଼ା ବ୍ରିଜରେ ଦୀପ ଜାଳି ନଡ଼ିଆ ବାଡେଇ ବ୍ରିଜ୍ ଉଦ୍‌ଘାଟନ କରିଦେଲେ ବିଧାୟକ ସୁରେଶ ରାଉତରାୟ। ଏଥିସହ ସମର୍ଥକଙ୍କ ସହିତ କିଛି ବାଟ ଚାଲି ପୁରୁଣା ସ୍ମୃତି ସାଉଁଟିଥିଲେ। ଆସନ୍ତା ଅଗଷ୍ଟ ୧୫ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ବ୍ରିଜ୍ ଉଦ୍‌ଘାଟନ ହେବାକୁ ଥିବାବେଳେ ଆଗୁଆ ଏହାର କାମ ସମାପ୍ତି ଘୋଷଣା କରି ସୁରେଶ ଯେଭଳି ଭାବେ ଶ୍ରେୟ ନେଇଗଲେ ତାହାକୁ ବିଜେଡି ଓ ଭାଜପା ସହଜେ ଗ୍ରହଣ କରିପାରୁନାହାନ୍ତି। ଏହାକୁ ନେଇ କଂଗ୍ରେସ ଓ ବିଜେଡି ମୁହାଁମୁହିଁ ହୋଇଛନ୍ତି। ସୁରେଶଙ୍କ ଉପରେ ଅସନ୍ତୋଷ ପ୍ରକାଶ କରି ବିଜେଡି ବର୍ଷିଛି। ସୂଚନାଯୋଗ୍ୟ, ଅଣ୍ଡରପାସ୍ ଓ ଟ୍ରାଫିକ ସମସ୍ୟା ଦୂର ଲାଗି ୨୦୧୫ ମସିହାରେ ଜଟଣୀ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୧୮ରେ ନିର୍ମାଣ ଦାୟିତ୍ୱରେ ଥିବା ଠିକା ସଂସ୍ଥା ବିରୋଧରେ ନିମ୍ନମାନର କାମ ଓ ଦୁର୍ନୀତି ଅଭିଯୋଗ ଆସିଥିଲା। ଏହାକୁ ନେଇ ବିବାଦ ସୃଷ୍ଟି ହେବା ପରେ ସେହି ସଂସ୍ଥାକୁ ସରକାର ବିଦା କରି ପୁନଃ ଟେଣ୍ଡର କରିଥିଲେ। ଅନ୍ୟ ଏକ ଠିକା ସଂସ୍ଥା ଏହାର ନିର୍ମାଣ ଦାୟିତ୍ୱ ନେଇଥିଲା। ପରେ ଉକ୍ତ ସଂସ୍ଥା ବିରୋଧରେ ମଧ ଅନୁରୂପ ଅଭିଯୋଗ ହୋଇଥିଲା। ତେବେ ସମସ୍ତ ବାଧାବିଘ୍ନକୁ ଦୂର କରି ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ରାଜ୍ୟ ସରକାର ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସେପଟେ ୩୮ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ବ୍ରିଜର ନିର୍ମାଣ କାର୍ଯ୍ୟ ୨୦୧୭ରେ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇ ଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଠିକା ସଂସ୍ଥାକୁ ନେଇ ସମସ୍ୟା ସୃଷ୍ଟି ହୋଇଥିଲା। ତେଣୁ ପୁଣି ଟେଣ୍ଡର ଡକାଯାଇ ନୂତନ ଠିକାଦାର ଚୟନ କରାଯାଇଥିଲା। ଏହାର ବ୍ୟୟ ଅଟକଳ ୫୦ କୋଟିରୁ ଊର୍ଦ୍ଧ୍ୱକୁ ବୃଦ୍ଧି କରାଯାଇଥିଲା। ତେବେ ସେହି ସମୟରେ ସାଧାରଣ ନିର୍ବାଚନ ରହିଥିବାରୁ ଆଚରଣବିଧି ଉଲ୍ଲଂଘନ ଆଶଙ୍କାରେ ବ୍ରିଜ୍ ନିର୍ମାଣ କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। ପରେ ପୁଣିଥରେ ଟେଣ୍ଡର କରାଯାଇ ବ୍ୟୟ ଅଟକଳ ୧୦୫ କୋଟିକୁ ବୃଦ୍ଧି କରାଯାଇଥିଲା। ଇତିମଧ୍ୟରେ କରୋନା ମହାମାରୀ ଯୋଗୁ ୨୦୨୦ ମାର୍ଚ୍ଚ ୨୦ରୁ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା। ସଂକ୍ରମଣ ହାର ହ୍ରାସ ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ବିଭିନ୍ନ କାରଣରୁ କାର୍ଯ୍ୟ ବିଳମ୍ବ ହେଉଥିବାରୁ ଏନେଇ ଜଟଣୀବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ତୁରନ୍ତ ନିର୍ମାଣ କାର୍ଯ୍ୟ ସାରିବାକୁ ସହରବାସୀ ଦାବି କରିଥିଲେ। ଗତ ୨୦୨୨ ଲଘୁଚାପ ବର୍ଷାରେ ଜଟଣୀ ରେଳ ଓଭରବ୍ରିଜ ତଳେ ବର୍ଷାଜଳରେ ମୋ ବସ୍ ଫସିଯାଇଥିଲା। କିପରି ଶୀଘ୍ର ବ୍ରିଜ ନିର୍ମାଣ କାର୍ଯ୍ୟ ସରିବ ସେ ନେଇ ରାଜନୈତିକ ଦଳ ଠାରୁ ବିଭିନ୍ନ ସାମାଜିକ ଅନୁଷ୍ଠାନ ଆନ୍ଦୋଳନକୁ ଓହ୍ଲାଇଥିଲେ। ୨୦୨୨ ଏପ୍ରିଲ ପହିଲାରେ ଏହି ଫ୍ଲାଏ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ସରିବ ବୋଲି ତତ୍କାଳୀନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ପ୍ରତିଶ୍ରୁତି ଦେଇଥିଲେ। ତେବେ ସେହି ପ୍ରତିଶ୍ରୁତି ପାଣିର ଗାର ପାଲଟିଥିଲା। ଅନ୍ୟପକ୍ଷରେ ରେଲୱେ ପକ୍ଷରୁ ନିର୍ମାଣ ହେବାକୁ ଥିବା ବ୍ରିଜ କାମରେ ମନ୍ଥରତା ନେଇ ବାରମ୍ବାର ପ୍ରଶ୍ନବାଚୀ ସୃଷ୍ଟି ହେବା ପରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଜିଲା ପ୍ରଶାସନ ଏବଂ ରେଲୱେ ସହିତ ଆଲୋଚନା କରିଥିଲେ। ୨୦୨୨ ସେପ୍ଟେମ୍ବର ଶେଷ ସୁଦ୍ଧା ନିର୍ମାଣ କାର୍ଯ୍ୟ ସରି ଅକ୍ଟୋବର ପହିଲାରେ ବ୍ରିଜ୍ ଉଦ୍‌ଘାଟନ ହେବ ବୋଲି ସ୍ଥିର କରାଯାଇଥିଲା। ମାତ୍ର ମନ୍ଥର ଗତି ଯୋଗୁ ସେପ୍ଟେମ୍ବରରେ ସରିବା ନେଇ ଅନିଶ୍ଚିତତା ଦେଖାଦେଇଥିଲା। ପରେ ଓଡ଼ିଶା ସେତୁ ନିର୍ମାଣ ନିଗମ ପକ୍ଷରୁ ୨୦୨୩ ଜୁଲାଇ ୧୫ରେ ନିର୍ମାଣ କାର୍ଯ୍ୟ ସରିବା ନେଇ ଘୋଷଣା କରାଯାଇଛି। ତେବେ ଏହାପୂର୍ବରୁ ସୁରେଶଙ୍କ ନଡ଼ିଆଭଙ୍ଗା ଘଟଣା ଉକ୍ତ ରାଜନୀତିକୁ ସରଗରମ କରିଛି। ଏନେଇ ବିଜେଡି ନେତା ସୁଦର୍ଶନ ସୁନ୍ଦରାୟ କହିଛନ୍ତି, କାମ ସରିବାକୁ ଆହୁରି ମାସେ ଲାଗିବ। ବ୍ରିଜ ଉପରେ ଦୀପ ଜାଳି ନଡ଼ିଆ ବାଡେଇ କାମ ସରିବା ଘୋଷଣା କରି ବିଧାୟକ କ'ଣ ଦର୍ଶାଇବାକୁ ଚାହାନ୍ତି? ଏହା କାହାର ପୈତୃକ ଅଥବା ବ୍ୟକ୍ତିଗତ ସମ୍ପତ୍ତି ନୁହେଁ। ଏଭଳି ଆଚରଣ କଲେ ଲୋକେ ପାଗଳ କହିବେ ବୋଲି ସୁଦର୍ଶନ ପ୍ରକାଶ କରିଛନ୍ତି। ସେହିପରି ବିଜେଡି ନେତା ତଥା ଜଟଣୀ ପୌରାଧ୍ୟକ୍ଷ ଅନନ୍ତ ନାୟକ ଅସନ୍ତୋଷ ପ୍ରକାଶ ସହ ଏହି ଘଟଣାକୁ ନାପସନ୍ଦ କରିଛନ୍ତି। ବିଜେଡି ଜିଲା ସଭାପତି ତଥା ପୂର୍ବତନ ବିଧାୟକ ବିଭୂତି ବଳବନ୍ତରାୟ ଏପର୍ଯ୍ୟନ୍ତ ଏ ସମ୍ପର୍କରେ ମୁହଁ ଖୋଲି ନ ଥିଲେ ମଧ ତାଙ୍କ ସମର୍ଥକମାନେ ସୁରେଶଙ୍କ କାର୍ଯ୍ୟକୁ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ସୁରେଶ କହିଛନ୍ତି, ଜଟଣୀବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନେଇଛି। ଏଥିରେ କିଛି ରାଜନୀତି ନାହିଁ। ତେଣୁ କିଏ କ'ଣ କହୁଛନ୍ତି ସେଥିରେ ମୋର କିଛି କହିବାର ନାହିଁ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଗୁନିଆ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସେମିରେ ସାବାଲେଙ୍କା, ଜାବେର୍

**ୱିମ୍ବଲଡନ୍, ୧୨।୭**

### ୱିମ୍ବଲଡନ୍ ଟେନିସ୍

ଟେନିସ୍ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବଲଡନ୍‌ର ସେମିଫାଇନାଲରେ ପ୍ରବେଶ କରିଛନ୍ତି ଆରିନା ସାବାଲେଙ୍କା,ଓନ୍ସ ଜାବେର୍, କାର୍ଲୋସ୍ ଆଲକାରାଜ୍ ଓ ଡାନିଲ ମେଡଭେଡେଭ। ବୁଧବାର ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ବେଲାରୁଷର ଆରିନା ସାବାଲେଙ୍କା ୬-୨, ୬-୪ ସିଧାସଳଖ ସେଟ୍‌ରେ ଆମେରିକାର ମାଡିସନ୍ କିସ୍‌ଙ୍କୁ ପରାସ୍ତ କରିଛନ୍ତି। ସାବାଲେଙ୍କା ପ୍ରାଧାନ୍ୟ ବିସ୍ତାର କରି ଖେଳିବା ସହିତ କ୍ୟାରିୟରରେ ଅଷ୍ଟମ ଥର ପାଇଁ ଏକ ଗ୍ରାଣ୍ଡସ୍ଲାମ ସେମିଫାଇନାଲରେ ପ୍ରବେଶ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଡିଫେଣ୍ଡିଂ ଚାମ୍ପିୟନ କାଜାଖସ୍ତାନର ଏଲିନା ରିବାକିନାଙ୍କୁ ବିଦା କରିଛନ୍ତି ଓନ୍ସ ଜାବେର। ୨୦୨୨ ୱିମ୍ବଲଡନ୍ ଫାଇନାଲରେ ରିବାକିନାଙ୍କ ନିକଟରୁ ପରାଜିତ ହୋଇଥିବା ବେଳେ ଚଳିତ ବର୍ଷ ସେ ଏହାର ମଧୁର ପ୍ରତିଶୋଧ ନେଇଛନ୍ତି। ୬-୭(୫-୭), ୬-୪ ଓ ୬-୧ରେ ଜାବେର ଏହି ମ୍ୟାଚ୍‌କୁ ଜିତି ନେଇଥିଲେ। ଓନ୍ସ ଜାବେର ଓ ଆରିନା ସାବାଲେଙ୍କା, ଏଲିନା ସ୍ୱିତୋଲିନା ଓ ମାର୍କେଟା ଭୋନ୍ଦ୍ରୋସୋଭା ପରସ୍ପରକୁ ସେମିରେ ଭେଟିବେ।

ପୁରୁଷ ସିଙ୍ଗଲ୍ସରେ ୩ ନମ୍ବର ସିଡ୍ ଡାନିଲ ମେଡଭେଡେଭ ୫ ସେଟ ବିଶିଷ୍ଟ କଡା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଆମେରିକାର ଅଣସିଡେଡ ଖେଳାଳି କ୍ରିଷ୍ଟୋଫର ୟୁବ୍ୟାଙ୍କ୍ସଙ୍କୁ ପରାସ୍ତ କରିଛନ୍ତି। ୬-୪, ୧-୬, ୪-୬, ୭-୬(୭-୪) ଓ ୬-୧ ସେଟ୍‌ରେ ମେଡଭେଡେଭ ଏହି ମ୍ୟାଚ୍‌କୁ ଜିତି ନେଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ବିଶ୍ୱ ମାନ୍ୟତାର ଏକ ନମ୍ବର ଖେଳାଳି କାର୍ଲୋସ୍ ଆଲକାରାଜ ଗାର୍ଫିଆ ୭-୬(୭-୩), ୬-୪, ୬-୪ ସେଟରେ ଡେନମାର୍କର ହୋଲଗର ରୁନଙ୍କୁ ପରାସ୍ତ କରିଛନ୍ତି। ମେଡଭେଡେଭ-ଆଲକାରାଜ ଓ ନୋଭାକ ଜୋକୋଭିଚ୍-ଜାନିକ୍ ସିନରଙ୍କ ମଧ୍ୟରେ ଶୁକ୍ରବାର ସେମି ଫାଇନାଲ ଖେଳାଯିବ।




ଆରିନା ସାବାଲେଙ୍କା ଓ ଓନ୍ସ ଜାବେର୍।

# ପଶ୍ଚିମାଞ୍ଚଳ ନିୟନ୍ତ୍ରଣରେ ପ୍ରଥମ ଦିନ

**ବେଙ୍ଗାଲୁରୁ, ୧୨।୭ (ପି.ଟି.):** ଦୁଲୀପ୍ ଟ୍ରଫି ଫାଇନାଲ୍‌ର ପ୍ରଥମ ଦିନର ଖେଳ ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆରମ୍ଭ ହୋଇଛି। ବୋଲରଙ୍କ ସଫଳତା ବଳରେ ପ୍ରଥମ ଦିନର ଖେଳକୁ ନିୟନ୍ତ୍ରଣରେ ରଖିଛି ପଶ୍ଚିମାଞ୍ଚଳ। ବର୍ଷା ବାଧାପ୍ରାପ୍ତ ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଦକ୍ଷିଣାଞ୍ଚଳ ୭ ଉଇକେଟ ହରାଇ ୧୮୨ ରନ୍ ସ୍କୋର କରିଛି। ପଶ୍ଚିମାଞ୍ଚଳ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ବୋଲିଂ ସହାୟକ ପରିବେଶରେ ପଶ୍ଚିମାଞ୍ଚଳ ବୋଲର ସମଗ୍ର ଦିନର ଖେଳକୁ ନିୟନ୍ତ୍ରଣ କରିଥିଲେ। ଦକ୍ଷିଣାଞ୍ଚଳ ଅଧିନାୟକ ହନୁମା ବିହାରୀ ସର୍ବାଧିକ ୬୩ ରନ୍ ସ୍କୋର କରିଥିଲେ ମଧ୍ୟ ଦଳ ବଡ ସ୍କୋର କରି ପାରି ନ ଥିଲା। **ସଂକ୍ଷିପ୍ତ ସ୍କୋର:** ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସ ୬୫ ଓଭରରେ ୧୮୨/୭( ହନୁମା ବିହାରୀ-୬୩, ତିଳକ ବର୍ମା-୪୦, ମୟଙ୍କ ଅଗ୍ରୱାଲ-୨୮, ସାମ୍ସ ମୁଲାନୀ-୨/୧୯, ଚିନ୍ତନ ଗଜା-୨/୨୭, ଅର୍ଜନ ନାଗ୍ୱସ୍ୱଲା-୨/୪୫)।


## ମନେ ପଡ଼ନ୍ତି

### ୧୬ତମ ଶ୍ରାଦ୍ଧବାର୍ଷିକୀ



**୰ଶରତ କୁମାର ମିଶ୍ର**

ଆବିର୍ଭାବ: ୧୯।୦୫।୧୯୩୬
ତିରୋଧାନ: ୨୦।୦୭।୨୦୦୬

*ନନା,* ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ, ସତ୍ୟବାଦିତା ଓ କର୍ତ୍ତବ୍ୟପରାୟଣତା ଆମମାନଙ୍କୁ ଅନୁପ୍ରାଣିତ କରୁଥିବ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ- ଝିଅ: ପିଙ୍କି (ସରିତା), ଜ୍ୱାଇଁ: ସିନୁ (ଶ୍ରୀନିବାସ), ନାତି: ବାବୁ (କୁମାର କାର୍ତ୍ତିକ)।**

ଧ-୦୮୦୯

### ୧୮ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ ଇଂ. କୀର୍ତ୍ତନ ସାହୁ**

ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ତିରୋଧାନ: ୦୧।୦୮।୨୦୦୫

ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ଆଶୀର୍ବାଦ ଆମ ପାଇଁ ପଥପ୍ରଦର୍ଶକ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀମାନେ, ବନ୍ଧୁ ଓ ପରିବାରବର୍ଗ।**

ଧ-୭୧୫୬୫

### ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ



**୰ପ୍ରଭାତୀ ସେଠୀ**

ସ୍ଥାନ: ସିଉଳା, ପିପିଲି, ପୁରୀ
ଆବିର୍ଭାବ- 12.10.1973
ତିରୋଧାନ- 23.07.2022

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି
ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ
ନ ଶୋଷୟତି ମାରୁତଃ ।

**ଶ୍ରଦ୍ଧାଞ୍ଜଳି ସହ- ସ୍ୱାମୀ କୁଞ୍ଜବିହାରୀ, ଝିଅ ଦେବିଶ୍ରୀ, ପୁଅ ସିଦ୍ଧାର୍ଥ**

ଧ-୦୮୧୩


# ନିତା ଫୁଟବଲ ଏକାଡେମୀ ପକ୍ଷରୁ ଖେଳାଳି ଚୟନ ୧୪ରୁ

**ଖୁର୍ଣ୍ଣୀ, ୧୨।୭**
**(ସଚ୍ଚିଦାନନ୍ଦ ପଣ୍ଡା)**

### ୧୫,୧୭ ଓ ୧୯ ବର୍ଷରୁ କମ୍ ବାଳିକା ଫୁଟବଲ

ନିତା ଫୁଟବଲ ଏକାଡେମୀ ପକ୍ଷରୁ ଓଡ଼ିଶାର ବାଳିକା ଯୁବ ପ୍ରତିଭା ଫୁଟବଲ ଖେଳାଳି ମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଜାତୀୟ ସ୍ଥରରେ ପହଞ୍ଚାଇବାକୁ ଏକ ଅଭିନବ ଉଦ୍ୟମ ଆରମ୍ଭ ହୋଇଛି । ଏହାକୁ ଦୃଷ୍ଟିରେ ରଖି ଆଗାମୀ ୨୦୨୩-୨୪ ବର୍ଷ ପାଇଁ ୧୫,୧୭ ଓ ୧୯ ବର୍ଷରୁ କମ ବାଳିକା ଖେଳାଳିମାନଙ୍କ ଚୟନ କରାଯିବାକୁ ଏକାଡେମୀ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହି ଚୟନ ଖୁର୍ଣ୍ଣୀ ସ୍ଥିତ ରାଧାଦାମୋଦରପୁରଠାରେ ଥିବା ଧବଳେଶ୍ୱର ପଲିଟେକ୍ନିକ ନିତା ଫୁଟବଲ ଏକାଡେମୀ କ୍ୟାମ୍ପସରେ ଆଗାମୀ ୧୪, ୧୫ ଓ ୧୬ ତାରିଖ ୩ ଦିନ ଧରି ଅନୁଷ୍ଠିତ ହେବ ବୋଲି ଏକାଡେମୀ ଅଧକ୍ଷ ଇଂ ସୁବ୍ରତ କୁମାର ଦାସ ସୂଚନା ଦେଇଛନ୍ତି । ଯେଉଁ ପିଲାମାନେ ଏହି ଚୟନ ପ୍ରକ୍ରିୟାରେ ଉତ୍ତୀର୍ଣ୍ଣ ହେବେ, ସେମାନଙ୍କୁ ପଲିଟେକ୍ନିକ ପରିସରରେ ଥିବା ଖେଳ ପଡ଼ିଆରେ ଖେଳିବା ସହିତ ହଷ୍ଟେଲରେ ପାଠ ପାଇବା, ରହିବା ଓ ଖାଇବାର ସମସ୍ତ ବ୍ୟବସ୍ଥା ମାଗଣାରେ ଯୋଗାଇ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ଏଥିରେ ୧୫,୧୭ ଓ ୧୯ ବର୍ଷରୁ କମ ବାଳିକା ବର୍ଗରେ ଖେଳୁଥିବା ଓଡିଶାର ସମସ୍ତ ଖେଳାଳି ମାନେ ଆସି ଭାଗ ନେବାକୁ ସେ ନିବେଦନ କରିଛନ୍ତି ।

# ଫୁଟ୍‌ବଲରେ ବଢ଼ିଛି ବିଦ୍ୱେଷ

**ଲଣ୍ଡନ, ୧୨।୭(ପି.ଟି.)**

### କିକ୍ ଇଟ୍ ଆଉଟ୍‌ର ନୂତନ ରିପୋର୍ଟ

ବିଶ୍ୱର ଅନ୍ୟତମ ଲୋକପ୍ରିୟ ଖେଳ ଫୁଟବଲ୍‌ରେ ବିଦ୍ୱେଷ ବଢିଥିବା ନେଇ କିକ୍ ଇଟ୍ ଆଉଟ୍ ଏହାର ରିପୋର୍ଟରେ ଉଲ୍ଲେଖ କରିଛି। ପୂର୍ବ ବର୍ଷ ତୁଳନାରେ ୨୦୨୨-୨୩ରେ ଫୁଟବଲ ପଡିଆରେ ବିଦ୍ୱେଷାତ୍ମକ ଆଚରଣ ବେଶ୍ ବୃଦ୍ଧି ପାଇଥିବା କୁହାଯାଇଛି। ବୁଧବାର ପ୍ରକାଶିତ ରିପୋର୍ଟ ଅନୁସାରେ ୨୦୨୨-୨୩ ସିଜନରେ ଏଭଳି ମାମଲା ସଂଖ୍ୟା ୧୦୦୭ରେ ପହଞ୍ଚିଛି, ଯାହାକି ବିଗତ ବର୍ଷ ତୁଳନାରେ ୬୫.୧% ଅଧିକ। ତୃଣମୂଳ ସ୍ତରର ଫୁଟବଲ କ୍ୟାମ୍ପେନ ସହିତ ବ୍ରିଟେନର ବିଭିନ୍ନ ପ୍ରଫେସନାଲ ଲିଗ୍ ଓ ସୋସିଆଲ ମିଡିଆରେ ଅନୁସନ୍ଧାନ ପରେ ଏହି ରିପୋର୍ଟ ପ୍ରକାଶ କରିଛି କିକ୍ ଇଟ୍ ଆଉଟ୍।

ପ୍ରିମିୟର ଲିଗ୍, ଫୁଟବଲ୍ ଲିଗ୍, ନ୍ୟାଶନାଲ ଲିଗ୍, ଡୋମେଷ୍ଟିକ୍ କପ୍, ୟୁରୋପିଆନ୍ ଲିଗ୍, ଅନ୍ତର୍ଜାତୀୟ ମ୍ୟାଚ୍, ଓମେନ୍ସ ସୁପର ଲିଗ୍ ଓ ଓମେନ୍ସ ଚାମ୍ପିୟନଶିପ୍‌ରେ ଏସବୁ ମାମଲାରେ ୨୭.୪ ପ୍ରତିଶତ ବୃଦ୍ଧି ଘଟିଛି। ଏସବୁ ଚାମ୍ପିୟନଶିପ୍‌ରେ ୪୮୪ଟି ଏଭଳି ମାମଲା ସମ୍ମୁଖକୁ ଆସିଛି। କିକ୍ ଇଟ୍ ଆଉଟ୍ ଅନୁସାରେ ଫୁଟବଲ୍‌ର ଲୋକପ୍ରିୟତା ସହିତ ଏହି ଖେଳରେ ବିଦ୍ୱେଷ ମଧ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବିଗତ ୧୨ ମାସ ମଧ୍ୟରେ ଅନ୍‌ଲାଇନରେ ଏଭଳି ଆଚରଣ ମଧ୍ୟ ବଢିବାରେ ଲାଗିଛି। ୨୭୯%ର ବୃଦ୍ଧି ସହିତ ସମୁଦାୟ ୨୦୭ ମାମଲା ସାମ୍ନାକୁ ଆସିଛି। ତେବେ ସମୁଦାୟ ବିଦ୍ୱେଷ ମାମଲାର ୪୯.୩ ପ୍ରତିଶତ କେବଳ ବର୍ଣ୍ଣବୈଷମ୍ୟ ଆଧାରରେ ରହିଛି। ଯୌନ ନିର୍ଯାତନା ଓ ତତ୍ ସମ୍ବନ୍ଧିତ ମାମଲାରେ ୪୦୦ ପ୍ରତିଶତ ବୃଦ୍ଧି ଘଟିଛି। ପୂର୍ବରୁ ଏଭଳି ୧୬ ମାମଲା ସାମ୍ନାକୁ ଆସିଥିବା ବେଳେ ଚଳିତ ବର୍ଷ ଏହି ସଂଖ୍ୟା ୮୦ରେ ପହଞ୍ଚିଛି।

ଧର୍ମ ବିଦ୍ୱେଷ ସମ୍ପର୍କିତ ମାମଲାରେ ୨୯.୫ ପ୍ରତିଶତ ହ୍ରାସ ଘଟିଥିବା ବେଳେ ମ୍ୟାଚ୍ ସମୟରେ ଇସଲାମ ବିରୋଧୀ ନାରାରେ ୩୦୦ ପ୍ରତିଶତ ବୃଦ୍ଧି ଘଟିଛି। ସେହିପରି ଅନ୍ୟ ଧର୍ମ ବିରୋଧୀ ନାରାରେ ମଧ୍ୟ ୧୫.୮ ପ୍ରତିଶତର ବୃଦ୍ଧି ଘଟିଛି। ଏଭଳି ଭେଦଭାବରେ ବୃଦ୍ଧି ଫୁଟବଲ ପାଇଁ କ୍ଷତିକାରକ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହା ସହିତ ବିଭିନ୍ନ କ୍ଲବ ପକ୍ଷରୁ ରିପୋର୍ଟ ଶେୟାର କରାଯାଇ ନ ଥିବାରୁ ଏହି ସଂଖ୍ୟା କମ୍ ରହିଛି। ଏହାର ମୁକାବିଲା କରିବା ପାଇଁ ଏକ ସ୍ୱୟଂକ୍ରିୟ ବ୍ୟବସ୍ଥା ପ୍ରଚଳିତ ହେବା ଆବଶ୍ୟକ ବୋଲି ମଧ୍ୟ ରିପୋର୍ଟରେ ଉଲ୍ଲେଖ କରାଯାଇଛି।


## Classified Everyday
0674-2580101, 2549949



REAL ESTATE

**SALE**

Puri Senapati Bagicha sthitiban gharabadi plot with compound wall, front road for sale. Contact: 8895729136, 9437281290. D-0804

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,60,000/-, ଛତାବର 1200sqft., 3,00,000/-, ନଖରା- 300/-. 7978663279. D-74883

ଭୁବନେଶ୍ୱର କଣ୍ଟାବାଡ଼ ଛକରେ **immediate** ଘର କଲାଭଳି ପ୍ଲଟ୍ **road,** ଇଲେକ୍ଟ୍ରିସିଟି ଥାଇ ମିଳୁଛି। **Owner- 9090963952.** D-74886

3BHK Duplex for sale near East Engineering College Nakhara with gated society. Contact: 9437581914. D-0648

3 acres developed sthitiban plot with boundary wall, 2 Nos. borewell, RCC out house at Khurda (Dadhimachagadia), 900 mtrs. from National Highway, 65 lakhs per acre. Suitable for commercial / industrial / farmhouse. Contact: 9338342502, 8338991113. D-74542

C.V. Raman ଛକରୁ 3 Km. ଦୂରରେ BIIT College backside 30 ft. Road ଥାଇ ପ୍ଲଟ୍ ମିଳୁଅଛି । 7978676652. D-74889





04 BHK Four Flats Suitable Office Guestroom Hostel Residential Hi-tech Sundarpada- 8093199489. D-0749





Newly open Spa positively health benefits with expert therapist. 9040286886. D-75127

Newly opened (one 8 SPA)/ (Salon service) with export therapist. 9938843929. D-75129

**Body massage by experience, good looking therapist @999/-. (Bhubaneswar) 9078484455.** D-0759

Herbal full body massage by smart/ expert therapist. Contact: 9124139069. D-75005

**Relax, Refresh your Body, Mind at Saikrupa Spa with best therapies. 8984068077.** D-0725

Spa Kerala Body Massage only best Therapist @699/- Bhubaneswar, 9337672475. D-0750

Newly open health benefits SPA special offer @ 799 Jaydev Vihar. 8018429809. D-75128

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75004

**AFFIDAVIT**

I, Mitunu Behura, D/o- Khageswar Behura, Resident At - Gadaganpur P.O.- Balibo, P.S. - Bhuban, Dist. - Dhenkanal, 759017, Declare by this Affidavit No. - 60AA821027 date 01.07.2023 that now onwards I shall be known as Mitunu Behura for all future purposes. D-0806

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

**IN THE COURT OF THE CIVIL JUDGE (S.D.), DHENKANAL**
**Intest Case No.1/2023**

Jogeswar Roul ... Petitioner

Versus

Bisika Roul, aged 40 years, W/o Jogeswar Roul, Village - Siaria, P.S.- Sadar, Dist.- Dhenkanal ... O. Ps.

**NOTICE UNDER ORDER-5 RULE-20 C.P.C.**

Take notice that the Petitioner has filed the above noted petition U/S 372 of I.S. Act for succession certificate in favour of Jogeswar Roul, aged 49 years, S/o late Pratap Roul, Village- Siaria, P.O.- Talabarkote, P.S.- Sadar, Dist.- Dhenkanal for getting the benefit of his deceased son namely Deepak Kumar Roul from the Alembic Pharmaceuticals Ltd. cash of near about Rs.30,00,000/-.

It is hereby directed that any person interested to appear as a party and to contest the petition on 5.8.2023 at 10.30 O'Clock so appear and contest the suit either as Petitioner or O.P. before the undersigned Court positively, failing which the Petition shall proceed as per law in your absence.

**Sd./- Smt. S. Satpathy**
**Civil Judge (S.D.), Dhenkanal**

D-74078

CLASSIFIED DISPLAY
ALL EDITION - B/W (Everyday)
MORE SPACE ' SAME PRICE
TARIFF
For Booking Contact 0674-2580385

ଲୋନ୍! ଲୋନ୍! ଲୋନ୍!
**Global Finance**
**(Govt. Regd)**
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି, ବିଜ୍‌ନେସ୍ ଲୋନ୍ ପାଆନ୍ତୁ।
**2% ସୁଧ 40% ଛାଡ଼**
(ମହିଳାଙ୍କ ପାଇଁ ବିଶେଷ ରିହାତି)
(ସିବିଲ ଖରାପ ହୋଇଥିଲେ ମଧ୍ୟ)
ଯୋଗାଯୋଗ କରନ୍ତୁ
**9473748805**

**LOST**

ଆମେ ସୁଚେତା ଦାସ ଓ ଅକ୍ଷୟ କୁମାର ରାଉତ ଗୋଟିଏ Property ରଘୁନାଥପୁର ମୌଜାରେ କିଣିଅଛୁ, ଯାହାର ଖାତା-729/3055, ପ୍ଲଟ୍ ନଂ-2043/2756, Area- AC.0.020dec. ଏବଂ ଏହା ପୁରୁଣା ଖାତା- 531, Plot No.- 2043, Area Ac.o. 020decରୁ ଆସିଛି ଏବଂ ଏହି Propertyକୁ ଆମ୍ଭେ ଦେବୀ ପ୍ରଶାଦ ଦାଶଙ୍କ ଠାରୁ କିଣିଅଛୁ। ଦେବୀ ପ୍ରଶାଦ ଦାଶ ତାଙ୍କ କବଲା ନଂ- ୪୭୫, ତା- ୨୮।୦୧।୨୦୦୦ କିଣିବା ସମୟରେ Original ଦେଇ ଦେଇଥିଲେ। ମୁଁ ପରିବା କିଣିବା ସମୟରେ ବଡ଼ଗଡ଼ ହାଟରେ କୋଉଠି Original Sale Deedକୁ ହଜାଇଦେଇଛି। ଯେତେ ଖୋଜାଖୋଜି କଲାପରେ ମଧ୍ୟ ମିଳିଲା ନାହିଁ। ମୁଁ ସେଥିପାଇଁ ବଡ଼ଗଡ଼ ଥାନାରେ 07।07।2023 ରିଖରେ F.I.R. ଦେଇଛି ଯେ ମୁଁ କୌଣସି ବ୍ୟାଙ୍କରେ କିମ୍ବା ଋଣ ଦେଉଥିବା ସଂସ୍ଥାରେ ବନ୍ଧକ ହିସାବରେ ଦେଇନାହିଁ । ମୁଁ ମୋର Original Sale Deedକୁ SBIରେ ବନ୍ଧକ ହିସାବରେ ଦେଇ ଗୋଟିଏ Housing Loan ନେଇଛି । ଯଦି କୌଣସି ସହୃଦୟ ବ୍ୟକ୍ତିଙ୍କୁ ଏହି Documentଟି ମିଳେ କିମ୍ବା କୌଣସି ଲୋକର କିଛି ଆପତ୍ତି ଥାଏ ତେବେ ୧୫ ଦିନ ଭିତରେ SBI, RACPC Bhubaneswar (Branch Code- 04485) ଜଣାଇବାକୁ ଅନୁରୋଧ। ଧ-୦୭୯୮


# ହଟିବ ଦ୍ୱିପାକ୍ଷିକ ସିରିଜ୍, ବର୍ଷକୁ ଥରେ ବିଶ୍ୱକପ୍

**ଲଣ୍ଡନ, ୧୨।୭ (ପି.ଟି.)**

- କ୍ରିକେଟରେ ଉନ୍ନିତ ପାଇଁ ଏମ୍‌ସିସିର ପ୍ରସ୍ତାବ
- ଟେଷ୍ଟ, ମହିଳା କ୍ରିକେଟରେ ବଢ଼ିବ ଫଣ୍ଡିଂ
- ୨୦୨୭ ପରେ ଦିନିକିଆରେ ଖର୍ଚ୍ଚକାଟ

କ୍ରିକେଟକୁ ଅଧିକ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ କରିବା ପାଇଁ ଓ ଏହାକୁ ଅଧିକ ଲୋକପ୍ରିୟ କରିବା ଲାଗି କ୍ରିକେଟର ନିୟମ ପ୍ରଣେତା ମେରିଲ୍‌ବୋନ୍ କ୍ରିକେଟ କ୍ଲବ(ଏମ୍‌ସିସି) ପକ୍ଷରୁ କିଛି ପ୍ରସ୍ତାବ ଦିଆଯାଇଛି। ଏହି ପ୍ରସ୍ତାବ ଅନୁସାରେ ଟେଷ୍ଟ କ୍ରିକେଟ ଓ ମହିଳା କ୍ରିକେଟ ପାଇଁ ଅତିରିକ୍ତ ଫଣ୍ଡିଂ ରଖାଯିବ। ଏହା ସହିତ ୨୦୨୭ ଦିନିକିଆ ବିଶ୍ୱକପ୍ ପରେ ଦିନିକିଆ କ୍ରିକେଟରେ ଖର୍ଚ୍ଚକାଟ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏମ୍‌ସିସିର ୧୩ ଜଣିଆ ସଦସ୍ୟ ଲର୍ଡ୍ସରେ ଏକ ବୈଠକରେ ଯୋଗ ଦେବା ପରେ ଏହି ପ୍ରସ୍ତାବ ଦିଆଯାଇଛି। ଏହା ସହିତ ୨୦୨୭ ପରେ ଦିନିକିଆ ଦ୍ୱିପାକ୍ଷିକ ସିରିଜ୍ ବନ୍ଦ କରିବା ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଛି। ଏହା ସହିତ ପ୍ରତି ବର୍ଷରେ ଥରେ ଲେଖାଏ ବିଶ୍ୱକପ ଆୟୋଜନ କରିବା ପାଇଁ ଏମ୍‌ସିସି ପ୍ରସ୍ତାବ ଦେଇଛି। ବିଭିନ୍ନ ଦେଶର ଘରୋଇ ଟି୨୦ ଲିଗ୍ ଲୋକପ୍ରିୟ ହେଉଥିବା କାରଣରୁ ଦିନିକିଆ କ୍ରିକେଟର ଲୋକପ୍ରିୟତା ବଜାୟ ରଖିବା ପାଇଁ ଏମ୍‌ସିସି ଏଭଳି ପ୍ରସ୍ତାବ ଦେଇଛି। ଦିନିକିଆ ବିଶ୍ୱକପ୍ ବାଦ ଖେଳା ଯାଉଥିବା ଦିନିକିଆ ଟୁର୍ନାମେଣ୍ଟକୁ ନେଇ ମଧ୍ୟ କମିଟି ପ୍ରଶ୍ନ ଉଠାଇଛି। ୨୦୨୭ ପରେ ଏହାକୁ ହ୍ରାସ କରିବା ପାଇଁ ଏମ୍‌ସିସି ନିଜ ୱେବସାଇଟ୍‌ରେ ଉଲ୍ଲେଖ କରିଛି। ଦିନିକିଆ କ୍ରିକେଟର ସ୍ଥାୟିତ୍ୱ ବଜାୟ ରଖିବା ପାଇଁ ଏଭଳି ସଂଶୋଧନ ଆବଶ୍ୟକ ବୋଲି ଏମ୍‌ସିସି କହିଛି।

କ୍ରିକେଟ୍‌ର ୫ ଦିନିଆ ଫର୍ମାଟ ଟେଷ୍ଟ କ୍ରିକେଟକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଆଇସିସି ଅଧିକ ଫଣ୍ଡ ରିଲିଜ୍ କରିବା ଉପରେ ମଧ୍ୟ ଏମ୍‌ସିସି ଗୁରୁତ୍ୱ ଦେଇଛି। ସମଗ୍ର ବିଶ୍ୱରେ ଟେଷ୍ଟ କ୍ରିକେଟକୁ ଲୋକପ୍ରିୟ କରିବାର ଏହା ଏକମାତ୍ର ମାଧ୍ୟମ ବୋଲି ଏମ୍‌ସିସି କହିଛି। ଅନେକ ରାଷ୍ଟ୍ର ଟେଷ୍ଟ ମ୍ୟାଚ୍ ଆୟୋଜନ କରିବାକୁ ପଛଘୁଞ୍ଚା ଦେଉଥିବା ବେଳେ ଏହାର ମୂଳ କାରଣ ନିର୍ଦ୍ଧାରଣ କରିବା ଉପରେ ଏମ୍‌ସିସି ଗୁରୁତ୍ୱାରୋପ କରିଛି। ଗୋଟିଏ ଟେଷ୍ଟ ମ୍ୟାଚ ଆୟୋଜନରେ କେତେ ଖର୍ଚ୍ଚ ହେଉଛି ତା ଉପରେ ସମ୍ପୂର୍ଣ୍ଣ ତଥ୍ୟ ମିଳିବା ଆବଶ୍ୟକ ବୋଲି କହିଛି ଏମ୍‌ସିସି। ଏହା ସହିତ ସହଯୋଗୀ ରାଷ୍ଟ୍ରଗୁଡିକରେ ମଧ୍ୟ ଟେଷ୍ଟ କ୍ରିକେଟକୁ ପହଞ୍ଚାଇବାର ସମୟ ଉପନୀତ ବୋଲି କୁହାଯାଇଛି।

ସମଗ୍ର ବିଶ୍ୱରେ ମହିଳା କ୍ରିକେଟର ସ୍ଥିତି ଏତେ ଭଲ ନ ଥିବା ବେଳେ ଏହାକୁ ଉନ୍ନତ କରିବା ପାଇଁ ପ୍ରସ୍ତାବ ଦେଇଛି ଏମ୍‌ସିସି। ପୂର୍ଣ୍ଣକାଳୀନ ସଦସ୍ୟଙ୍କ ସହିତ ସହଯୋଗୀ ରାଷ୍ଟ୍ରମାନଙ୍କୁ ଅଧିକ ଫଣ୍ଡ ଦେଲେ ମହିଳା କ୍ରିକେଟ ଲୋକପ୍ରିୟ ହୋଇପାରିବ ବୋଲି ଏମ୍‌ସିସି ପକ୍ଷରୁ କୁହାଯାଇଛି। ଏହା ସହିତ ପୂର୍ଣ୍ଣକାଳୀନ ସଦସ୍ୟ ହେବା ପାଇଁ ଉଭୟ ପୁରୁଷ ଓ ମହିଳା କ୍ରିକେଟରେ ନିବେଶ କରିବା ପାଇଁ ନିୟମ ଅଣାଯିବା ଆବଶ୍ୟକ ବୋଲି କୁହାଯାଇଛି। ପୂର୍ବତନ ଇଂଲଣ୍ଡ ଅଧିନାୟକ ମାଇକ୍ ଗ୍ୟାଟିଙ୍ଗ ଏହି କମିଟିର ମୁଖ୍ୟ ରହିଥିବା ବେଳେ ଭାରତର ସୌରଭ ଗାଙ୍ଗୁଲି ଓ ଝୁଲଣ ଗୋସ୍ୱାମୀ ଏହି କମିଟିର ସଦସ୍ୟ ରହିଛନ୍ତି।



# କାର୍ତ୍ତିକଙ୍କ ଖୁସି

ମେଗା ଧାରାବାହିକ 'ପବିତ୍ର ରିସ୍ତା' ସୁଶାନ୍ତ ସିଂ ରାଜପୁତ୍‌ଙ୍କୁ ବେଶ୍ ଲୋକପ୍ରିୟ କରାଇ ପାରିଥିଲା। କିନ୍ତୁ କିଛି ବର୍ଷ ପୂର୍ବେ ତାଙ୍କର ଆକସ୍ମିକ ମୃତ୍ୟୁର କାରଣ ଏବେ ବି ରହସ୍ୟାବୃତ ହୋଇ ରହିଛି। ସୁଶାନ୍ତଙ୍କୁ ନେଇ ଖୁସ୍ ଅଛନ୍ତି କାର୍ତ୍ତିକ ଆରିୟନ୍। କାରଣ ସୁଶାନ୍ତଙ୍କ ଅସମ୍ପୂର୍ଣ୍ଣ ସିନେମାଗୁଡ଼ିକରେ ସେ ଅଭିନୟ କରିବେ ବୋଲି ଶୁଣାଯାଉଛି। ଏ ନେଇ କାର୍ତ୍ତିକ୍ କୁହନ୍ତି, ଅବଶ୍ୟ ଏକଥା ମୁଁ ବି ଶୁଣୁଛି। ଯଦି ଏହା ସତ ହୁଏ ତେବେ ମୁଁ ବହୁତ ଖୁସି ହେବି। ପୂର୍ବରୁ ସୁଶାନ୍ତଙ୍କ ଅଭିନୀତ ସବୁ ଫିଲ୍ମ ଦେଖିଛି। ତା' ସହ ତାଙ୍କର ଆକ୍ଟିଂ ମୋତେ ବେଶ୍ ଇମ୍ପ୍ରେସ୍ କରିଛି। ଯଦି ସୁଶାନ୍ତଙ୍କ ଅସମ୍ପୂର୍ଣ୍ଣ ରହିଥିବା ସିନେମାରେ ମୋତେ ଅଭିନୟ କରିବାର ସୁଯୋଗ ମିଳେ ତାହା ମୋ ପାଇଁ ଖୁସିର କଥା ହେବ। ପାରାଲିମ୍ପିକ୍ ଚାମ୍ପିୟନ୍ ମୁରଲୀକାନ୍ତ ପେଟ୍‌କର୍‌ଙ୍କ ବାୟୋପିକ୍‌ରେ ସୁଶାନ୍ତ ଅଭିନୟ କରିଥାନ୍ତେ। କିନ୍ତୁ ଏବେ ମୁରଲୀକାନ୍ତଙ୍କ ଅଭିନୟ କରିବେ କାର୍ତ୍ତିକ୍। ଏହାର ନିର୍ଦ୍ଦେଶନା ଦେଇଛନ୍ତି କବୀର ଖାଁ। ଚଳଚ୍ଚିତ୍ରଟିର ନାମ ରହିଛି 'ଚନ୍ଦୁ ଚାମ୍ପିୟନ୍'।

# ଶୁଟିଂ ସେଟ୍‌ରେ କାନ୍ଦିଥିଲେ ସ୍ମିତା



ସ୍ମିତା ପାଟିଲ

ଫିଲ୍ମରେ ବର୍ଷାଦିନରେ ବର୍ଷାକୁ ନେଇ ଗୀତଟିଏ ନ ରହିଲେ ତାହା ଦର୍ଶକଙ୍କୁ ଭଲ ଲାଗୁ ନ ଥିଲା। ଅଶୀ ଦଶକରେ ସିନେମା ଆସିଥିଲା 'ନମକ ହଲାଲ୍'; ଯେଉଁଥିରେ ଅଭିନୟ କରିଥିଲେ ଅମିତାଭ ବଚ୍ଚନ ଓ ସ୍ମିତା ପାଟିଲ। ହିନ୍ଦୀ ସିନେମାରେ ବର୍ଷା ଆଉ ସେଥିରେ ପୁଣି ରୋମାନ୍ସ ନ ଥିବ ଏହା କିପରି ସମ୍ଭବ! ୧୯୮୨ରେ ଆସିଥିବା ଚଳଚ୍ଚିତ୍ରଟି 'ନମକ ହଲାଲ୍'ର ଗୋଟିଏ ଗୀତ ରହିଥିଲା– 'ଆଜ୍ ରପଟ୍ ଜାଏଁ'। ଏଥିରେ ଅମିତାଭ ଏବଂ ସ୍ମିତାଙ୍କ ରୋମାନ୍ସ କିଛି କମ୍ ନ ଥିଲା। ଏହି ଗୀତଟିକୁ ନେଇ ସ୍ମିତା ବହୁତ କାନ୍ଦିଥିଲେ। କାରଣ ଗୀତଟିରେ କେତୋଟି ଇଣ୍ଟିମେଣ୍ଟ ସିନ୍ ରହିଥିଲା – ଯାହାକୁ ଜାଣିଲା ପରେ ସ୍ମିତା ଅଭିନୟ କରିବେନି ବୋଲି ମନା କରିଦେଇଥିଲେ। ହେଲେ ତାଙ୍କୁ ଅମିତାଭ ବଚ୍ଚନ ରାଜି କରାଇ ଶୁଟିଂ ସେଟ୍‌କୁ ଆଣିଥିଲେ। ପରବର୍ତ୍ତୀ ସମୟରେ ଏହି ଗୀତଟି ସମ୍ପୂର୍ଣ୍ଣରୂପେ ଶୁଟ୍ ହୋଇଥିଲା। ଏହି ଗୀତଟି ଏ ପର୍ଯ୍ୟନ୍ତ ବି ଲୋକପ୍ରିୟ ହୋଇ ରହିଛି। ଏହାପରେ ସ୍ମିତାଙ୍କ ଭାଗ୍ୟ ବଦଳିଯାଇଥିଲା। ସେ ଅର୍ଥ, ଭୂମିକା ମିର୍ଚ୍ଚ ମସାଲା, ନିଶାନ୍ତ ଏବଂ ବାଜାର ପରି କେତୋଟି ସିନେମାରେ ଅଭିନୟ କରିଛନ୍ତି।



# ବିପାଶାଙ୍କ ପର୍ସରେ ହାତୁଡ଼ି

ବିପାଶା ବସୁଙ୍କୁ ବଲିଉଡ୍ ଇଣ୍ଡଷ୍ଟ୍ରିରେ କିଏ ବା ନ ଜାଣେ। ସେ ହଟ୍ ଆକ୍ଟ୍ରେସ୍ ଭାବରେ ବେଶ୍ ଜଣାଶୁଣା, ଯିଏକି ନିଜ କ୍ୟାରିୟର ଆରମ୍ଭ କରିଥିଲେ ରାଜ୍, ଜିସ୍ମ, 'ନୋ ଏଣ୍ଟ୍ରି, ଧୁମ୍–୨, ଭଳି କେତୋଟି ଫିଲ୍ମରୁ। ଦିନକର ଘଟଣା ବିପାଶା ତାଙ୍କ କ୍ୟାରିୟର ଆରମ୍ଭ ପୂର୍ବରୁ ମଡେଲିଂ କରୁଥିଲେ ସେ ସମୟରେ ରାତିରେ ଫେରୁଥିବା ବେଳେ କେତେଜଣ ପିଲା ତାଙ୍କୁ ଫଲୋ କରୁଥିଲେ। ଏହାକୁ ଜାଣି ନେଇଥିଲେ ବିପାଶାଙ୍କ ଡ୍ରାଇଭର, ଆଉ ତା'ପରେ ସେ ଏହି ଇନ୍‌ଷ୍ଟିଚ୍ୟୁଟ୍‌ର ମାଲିକଙ୍କୁ ଘଟଣା ସମ୍ପର୍କରେ ଜଣାଇଲେ। ସଙ୍ଗେ ସଙ୍ଗେ ଇନ୍‌ଷ୍ଟିଚ୍ୟୁଟ୍‌ର ମାଲିକ ଆସି ବିପାଶାଙ୍କୁ ସେଠାରୁ ଗୁଣ୍ଡାଙ୍କ କବଳରୁ ରକ୍ଷା କରିଥିଲେ। ଏ ସମ୍ପର୍କରେ ବିପାଶା କୁହନ୍ତି, ''ସେହି ଘଟଣାଟି ଏବେ ବି ମନେପଡ଼ିଲେ ମୋର ଲୋମମୂଳ ଟାଙ୍କୁରିଉଠେ।'' ଏହି ଘଟଣା ସମ୍ପର୍କରେ ଏକ ୱେବ୍ ପୋର୍ଟାଲ ଇଣ୍ଟରଭ୍ୟୁରେ ସେ କହିଛନ୍ତି। ଏହି ଘଟଣା ପରେ ତାଙ୍କ ଭ୍ୟାନିଟିରେ ସବୁବେଳେ ଗୋଟିଏ ହାତୁଡ଼ି ରଖିବା ଆରମ୍ଭ କରିଛନ୍ତି ବିପାଶା। ବିପାଶା ଟିଭି, ବଲିଉଡ୍ ଆକ୍ଟର କରଣ ସିଂ ଗ୍ରୋଭରଙ୍କୁ ୨୦୧୬ରେ ବିବାହ କରିଥିଲେ। ବିବାହର ୬ ବର୍ଷ ପରେ ସେ କନ୍ୟା ସନ୍ତାନର ମା' ହୋଇଛନ୍ତି, ଯାହାର ନାମ ଦେବୀ ରଖାଯାଇଛି।

# ମାଇଣ୍ଡଫ୍ରେଶ୍ କରୁଛନ୍ତି ଅନୁଷ୍କା

ବଲିଉଡ୍‌ରେ ବେଶ୍ କେତୋଟି ହିଟ୍ ସିନେମାରେ ଅଭିନୟ କରିବା ପରେ ଅନୁଷ୍କା ଶର୍ମା ଅନ୍ୟତମ ଲୋକପ୍ରିୟ କ୍ରିକେଟ ଖେଳାଳି ବିରାଟ କୋହଲିଙ୍କୁ ବିବାହ କରିଥିଲେ। ଇତି ମଧ୍ୟରେ ସେ କନ୍ୟା ସନ୍ତାନର ଜନନୀ ମଧ୍ୟ ହୋଇସାରିଛନ୍ତି। ତା'ସହ ଅଭିନୟ ମଧ୍ୟ ଜାରି ରଖିଛନ୍ତି। ବର୍ତ୍ତମାନ ଅନୁଷ୍କା ଲଣ୍ଡନରେ ଡେରା ପକାଇଛନ୍ତି। କେହି କେହି ଭାବୁଥିବେ ଯେ ଶୁଟିଂ ପାଇଁ ସେଠାରେ ଅଛନ୍ତି। କିନ୍ତୁ ଅସଲକଥା ସେଇଆ ନୁହେଁ। କିଛିଦିନ ଛୁଟି କଟାଇବାକୁ ସେ ଲଣ୍ଡନ ଯାଇଛନ୍ତି। ଏନେଇ ଅନୁଷ୍କା କୁହନ୍ତି, ''ଲଣ୍ଡନରେ ଅନେକ ଦର୍ଶନୀୟ ସ୍ଥାନ ରହିଛି, ଝିଅ ସହ ସେଗୁଡ଼ିକ ବୁଲିବେ।'' କେବଳ ସେତିକି ନୁହେଁ, ସେହିସବୁ ମନଲୋଭା ସ୍ଥାନର ଫଟୋ ଉଠାଇ ତାଙ୍କ ସୋସିଆଲ ମିଡିଆରେ ସେଗୁଡିକୁ ଅପ୍‌ଲୋଡ୍ କରିଛନ୍ତି। ସେହି ଫଟୋଗୁଡିକ ମଧ୍ୟ ବେଶ୍ ଭାଇରାଲ ହେଉଛି। ବର୍ତ୍ତମାନ ଅନୁଷ୍କା ମହିଳା କ୍ରିକେଟିୟର ଝୁଲଣ ଗୋସ୍ୱାମୀଙ୍କ ଉପରେ ନିର୍ମାଣ ହେଉଥିବା ହିନ୍ଦୀ ସିନେମା 'ଚକଡ଼ା ଏକ୍ସପ୍ରେସ୍‌ରେ' ଅଭିନୟ କରୁଛନ୍ତି।



# ଲଭ୍ ଇମ୍ପସିବଲ୍



ରୋହନ୍ –ପୁନମ୍

ଚଳିତ ମାସ ଶେଷ ସପ୍ତାହରେ ରିଲିଜ୍ ହେବାକୁ ଯାଉଛି ମୁନ୍ ଟିଭି ମୁଭିଜ୍ ନିବେଦିତ ଓଡ଼ିଆ ଫିଲ୍ମ 'ଲଭ୍ ଇମ୍ପସିବଲ୍' । ସଚ୍ଚିକାନ୍ତ ଜେନା ପ୍ରଯୋଜିତ ଏହି ଫିଲ୍ମର ଅଡିଓ ରିଲିଜ୍ ନିକଟରେ ହୋଇଯାଇଛି। ଆଗଧାଡ଼ିର ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ ଏହାର ସ୍ୱର ସଂଯୋଜନା କରିଛନ୍ତି। ଏହି ଚିତ୍ରର କାହାଣୀ ତ୍ରିକୋଣୀୟ ପ୍ରେମକୁ ନେଇ ଆଧାରିତ। ଦର୍ଶକ ଏଥିରୁ ଶତପ୍ରତିଶତ ମନୋରଞ୍ଜନ ପାଇବେ ବୋଲି କହନ୍ତି ଏହାର ପ୍ରଯୋଜକ। ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ତ୍ରିପତି ସାହୁ। ଫିଲ୍ମର କାହାଣୀ ଓ ସଂଳାପ ଲେଖିଛନ୍ତି ଓଲିଉଡ୍‌ର ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ । ଏହି ଫିଲ୍ମରେ ସ୍ୱର୍ଗତ ପିଣ୍ଟୁ ନନ୍ଦ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ମୁଖ୍ୟ ଭୂମିକାରେ ରୋହନ୍ ଏବଂ ପୁନମ୍ ମିଶ୍ର ଅଭିନୟ କରିଥିବା ବେଳେ ଏଥିରେ ଅନ୍ୟାନ୍ୟ ଭୂମିକାରେ ଅଛନ୍ତି ପ୍ରତିଭା ପଣ୍ଡା, କୁସୁମ ତ୍ରିପାଠୀ, ପ୍ରମୋଦ ରାଉତ, ରୋଶନ ଭରଦ୍ୱାଜ, ବିଶ୍ୱଜିତ୍ ଓ ନନ୍ଦିନୀ । ଶିଶୁ କଳାକାର ଭାବରେ ଆୟେଶା ଓ ତାପସଙ୍କୁ ଦେଖିବାକୁ ମିଳିବ। ଫିଲ୍ମର ଗୀତ ରଚନା କରିଛନ୍ତି ଡ. ନିର୍ମଳ ନାୟକ ଓ ଡ. ସୁର ଦାଶ। କଣ୍ଠଦାନ କରିଛନ୍ତି ହ୍ୟୁମାନ୍ ସାଗର, ଅସୀମା ପଣ୍ଡା, ସତ୍ୟଜିତ୍, ଅର୍ପିତା ଚୌଧୁରୀ, ତାରିକ୍ ଅଜିଜ୍ ଓ ଉମା (ସମ୍ବଲପୁର)। ଫିଲ୍ମର ନୃତ୍ୟ ନିର୍ଦ୍ଦେଶକ ଭାବରେ ସୁଧାକର ବସନ୍ତ ଓ ତ୍ରିପତି ଦାୟିତ୍ୱ ନେଇଥିବା ବେଳେ ଫିଲ୍ମର ସହକାରୀ ନିର୍ଦ୍ଦେଶକ ଅଛନ୍ତି ସୁଧାଂଶୁ। ଏହି ଚିତ୍ରର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି। ଏହାର ପ୍ରଚାର ଓ ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ।



ଯଶ୍

# ବଡ଼ ପ୍ରୋଜେକ୍ଟକୁ ଅପେକ୍ଷା

ସାଉଥ୍ ସୁପରଷ୍ଟାର ଯଶ୍ ନିଜର ବ୍ଲକ୍‌ବଷ୍ଟର ଫିଲ୍ମ 'କେଜିଏଫ୍' ଓ 'କେଜିଏଫ୍–୨'ର ସଫଳତା ପରେ ସେ 'ରକି ଭାଇ' ନାମରେ ବେଶ୍ ଜଣାଶୁଣା। ଏବେ ସମସ୍ତେ ତାଙ୍କର ଆଗାମୀ ଫିଲ୍ମକୁ ଅପେକ୍ଷା କରିଛନ୍ତି, ଯାହାର ଘୋଷଣା ହେବାକୁ ଆଉ ମାସେ ଲାଗିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଏ ସମ୍ପର୍କରେ ଯଶ୍ କୁହନ୍ତି– ମୁଁ ଏଥିଲାଗି ବହୁ ପରିଶ୍ରମ କରୁଛି। କେବେ ବି କହିବିନି ଯେ ଏହି ଫିଲ୍ମଟି ହିଟ୍ ହେବ ବୋଲି। ନିଶ୍ଚିତ ରୂପେ ଏହା ଭଲ ଫିଲ୍ମଟିଏ ହେବ ବୋଲି ଆଶା ରଖିଛି। ଏହି ଚଳଚ୍ଚିତ୍ରଟିକୁ ଗୀତୁ ମୋହନଦାସ ନିର୍ଦ୍ଦେଶନା ଦେବେ।

# ରକି ଔର ରାନୀ କି ପ୍ରେମ୍ କାହାନୀ

ଆଲିଆ ଭଟ୍ଟଙ୍କ ଅଭିନୀତ 'ରକି ଔର ରାନୀ କି ପ୍ରେମ୍ କାହାନୀ' ଚଳିତ ମାସ ୨୮ତାରିଖରେ ପରଦା ଉପରକୁ ଆସୁଛି। ଏହି ଫିଲ୍ମର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସେ। ଏହାର ଏକ ଗୀତର ଶୁଟିଂ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ଆଲିଆ। ବରଫ ଉପରେ ଏହାର ଶୁଟିଂ ଚାଲିଥିବା ସମୟରେ ଅସାବଧାନତା କାରଣରୁ ତାଙ୍କର ଗୋଡ଼ ଖସିଯାଇଥିଲା। ଏଥିରେ ସେ ସାମାନ୍ୟ ଆହତ ହୋଇଥିଲେ। ପ୍ରାଥମିକ ଉପଚାର ପରେ ସେ ପୁଣି ଶଟ୍ ଦେଇଥିଲେ। ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ରଣବୀର ସିଂ। ଏଥିରେ ଅନ୍ୟାନ୍ୟ ଭୂମିକାରେ ଧର୍ମେନ୍ଦ୍ର,ଜୟା ବଚ୍ଚନ,ସବ୍‌ନା ଆଜ୍‌ମୀ,ପ୍ରୀତି ଜିଣ୍ଟା ପ୍ରମୁଖ ଅଭିନୟ କରୁଥିବାର ଦେଖିବାକୁ ମିଳିବେ। ଏହାର ନିର୍ଦ୍ଦେଶନା ଦେଇଛନ୍ତି କରନ୍ ଜୋହର। ତେବେ ଏହି ଫିଲ୍ମଟି ବକ୍ସ ଅଫିସ୍‌ରେ କି କମାଲ୍ କରୁଛି ତାହା ଦେଖିବାକୁ ବାକି ରହିଲା।



ଆଲିଆ

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଜୁଲାଇ ୧୩/୨୦୨୩ Bhubaneswar, Thursday, July 13/ 2023

# ଭାରତୀୟ ଦଳରେ ଓଡ଼ିଶାର ରାକେଶ, ତପନ

ଭୁବନେଶ୍ୱର, ୧୨।୭
(ତପନ ସ୍ୱାଇଁ)

ଏସିଆନ ଗେମ୍ସ ୨୦୨୩ ପାଇଁ ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍ସ ଚୟନ ଟ୍ରାଏଲ ବୁଧବାର କଳିଙ୍ଗ ଷ୍ଟାଡିୟମର ଜିମ୍ନାଷ୍ଟିକ୍ସ ସେଣ୍ଟରରେ ଶେଷ ହୋଇଛି। ଜିମ୍ନାଷ୍ଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଉକ୍ତ ଟ୍ରାଏଲ୍‌ରେ ଭାରତର ବିଭିନ୍ନ ସ୍ଥାନରୁ ଜିମ୍ନାଷ୍ଟମାନେ ଅଂଶଗ୍ରହଣ କରିଥିଲେ। ଏସିଆନ ଗେମ୍ସ ପାଇଁ ପ୍ରସ୍ତୁତ ହେବାକୁଥିବା ଭାରତୀୟ କୋର୍ ଗ୍ରୁପ୍‌ରେ ସ୍ଥାନ ପାଇବା ଥିଲା ଜିମ୍ନାଷ୍ଟଙ୍କର ମୁଖ୍ୟ ଲକ୍ଷ୍ୟ। ଟ୍ରାଏଲ୍ ଶେଷରେ ସିନିୟର ପୁରୁଷ ବ୍ୟକ୍ତିଗତ ବର୍ଗରେ ହରିୟାଣାର ଯୋଗେଶ୍ୱର ସିଂ, ଓଡ଼ିଶାର ରାକେଶ ପାତ୍ର ଓ ତପନ ମହାନ୍ତି ଶୀର୍ଷ-୩ ସ୍ଥାନରେ ରହିଥିଲେ। ସେହିପରି ସିନିୟର ମହିଳା ବ୍ୟକ୍ତିଗତ ବର୍ଗରେ ତ୍ରିପୁରାର ଦୀପା କର୍ମକାର ଏବଂ ରେଲୱେ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ପ୍ରଣତି ଦାସ ଓ ପ୍ରଣତି ନାୟକ ପ୍ରଥମ ୩ ସ୍ଥାନ ଅଧିକାର କରିଥିଲେ। ଏହି ଜିମ୍ନାଷ୍ଟଙ୍କ ବ୍ୟତୀତ ପୁରୁଷ ବର୍ଗରେ ଗୌରବ କୁମାର ଓ ସତ୍ୟଜିତ ମଣ୍ଡଳ ଏସିଆନ ଗେମ୍ସ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଆନାସ ଅଲୀ ଶେଖ୍ ଓ ସୈଫ୍ ତାମ୍ବୋଲି ରିଜର୍ଭ ତାଲିକାରେ ରହିଛନ୍ତି। ସେହିପରି ମହିଳା ବର୍ଗରେ ଦୀପା, ପ୍ରଣତି ଦାସ ଓ ନାୟକଙ୍କ ବ୍ୟତୀତ ପ୍ରତିଷ୍ଠା ସାମନ୍ତଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳିଛି। ବିଦିଶା ଗାୟେନ ରିଜର୍ଭ-୧ ଭାବେ ସ୍ଥାନ ପାଇଛନ୍ତି।

ଏସିଆନ ଗେମ୍ସ ସମେତ ଆଗାମୀ ଦିନରେ ଅନ୍ୟ ଅନ୍ତର୍ଜାତୀୟ ଇଭେଣ୍ଟଗୁଡ଼ିକ ପାଇଁ ହେବାକୁ ଥିବା ଟ୍ରେନିଂ କ୍ୟାମ୍ପ ଲାଗି ମଧ୍ୟ ଖେଳାଳି ତାଲିକା ପ୍ରକାଶ ପାଇଛି। ଏଥିରେ ପୁରୁଷ ବିଭାଗରେ ଯୋଗେଶ୍ୱର, ରାକେଶ, ତପନ, ସତ୍ୟଜିତ, ଅନାସ, ସୈଫ୍‌ଙ୍କ ସମେତ ଶାୟନ ଶର୍ମା ସ୍ଥାନ ପାଇଛନ୍ତି। ସେହିପରି ମହିଳା ବିଭାଗରେ ଦୀପା, ପ୍ରଣତି ଦାସ ଓ ନାୟକଙ୍କ ସମେତ ପ୍ରତିଷ୍ଠା, ବିଦିଶା ଏବଂ ରିତୁ ଦାସ ଓ ଶ୍ରୀବର୍ଷିନୀ ପି.ଏସ୍.ଙ୍କୁ ସାମିଲ କରାଯାଇଛି।

ଡୋପିଂ ବାସନ୍ଦ ପରେ ପ୍ରତ୍ୟାବର୍ତ୍ତନ କରିଥିବା ଦୀପା କର୍ମକାର ଟ୍ରାଏଲ ପୂର୍ବରୁ ଫେଭରାଇଟ ଥିଲେ। ସେ ନିଜ ପ୍ରତିଷ୍ଠା ଅନୁସାରେ ପ୍ରଦର୍ଶନ ମଧ୍ୟ କରିଥିଲେ। ଦୀପାଙ୍କ ପ୍ରଦର୍ଶନ ସମ୍ପର୍କରେ ଭାରତୀୟ କୋଚ୍ ବିଶ୍ୱେଶ୍ୱର ନନ୍ଦି କହିଛନ୍ତି ଯେ, ଦୀପା ଗତ ଦେଢ଼ମାସ ଧରି ଅଗରତାଲାରେ ଟ୍ରେନିଂ ନେଇ ଆସୁଛନ୍ତି। ଆହତ ସମସ୍ୟାରୁ ମୁକୁଳିବା ପରେ ଫର୍ମକୁ ଫେରିବା ସହଜ କଥା ନୁହେଁ। ଏହାକୁ ଦୃଷ୍ଟିରେ ରଖି ଆମେ ତାଙ୍କ ପାଇଁ ଜଣେ ବ୍ୟକ୍ତିଗତ ଫିଜିଓଙ୍କୁ ନିଯୁକ୍ତ କରିଛୁ। ମୁଁ କେବଳ ତାଙ୍କର କୋଚ୍ ନୁହେଁ ଜଣେ ବାପା, ଅଭିଭାବକ, ମେଣ୍ଟର, ଫିଜିଓ ରୂପରେ ତାଙ୍କ ପ୍ରତି ଯତ୍ନବାନ ଅଛି। ସେ ମାନସିକ ଭାବେ ଖୁବ୍ ଦୃଢ଼। କୌଣସି ପରିସ୍ଥିତିରେ ଭାଙ୍ଗିଯିବା ପରି ପିଲା ନୁହେଁ। ଏଠାରେ ତାଙ୍କ ପ୍ରଦର୍ଶନରେ ଆମେ ସନ୍ତୁଷ୍ଟ''। କଳିଙ୍ଗ ଷ୍ଟାଡିୟମର ଜିମ୍ନାଷ୍ଟିକ୍ସ ସେଣ୍ଟରରେ ଉପଲବ୍ଧ ସୁବିଧା ସୁଯୋଗକୁ ପ୍ରଶଂସା କରିଥିଲେ ବିଶ୍ୱେଶ୍ୱର।

ପ୍ରଭାବୀ ପ୍ରଦର୍ଶନ କରି ଭାରତୀୟ କୋର୍ ଦଳରେ ସ୍ଥାନ ସୁରକ୍ଷିତ କରିଥିବାରୁ ଓଡ଼ିଶାର ତପନ ମହାନ୍ତି ସ୍ୱାଭାବିକଭାବେ ଖୁସି ପ୍ରକାଶ କରିଛନ୍ତି। '' ମୁଁ ପ୍ରଥମଥର ପାଇଁ ଏସିଆନ ଗେମ୍ସ ପାଇଁ ଟ୍ରାଏଲ୍ ଦେଇଥିଲି। ଏହି ପ୍ରତିଯୋଗିତାରେ ଟପ୍ କ୍ୱାଲିଟି ଆଥ୍‌ଲେଟମାନେ ଅଂଶଗ୍ରହଣ କରିଥାନ୍ତି। ଭାରତୀୟ ଦଳ ପାଇଁ ଚୟନ ହେବା ମୋ ପାଇଁ ସ୍ୱତନ୍ତ୍ର ଅନୁଭବ। ଭାରତ ଏବଂ ଓଡ଼ିଶାକୁ ଗର୍ବିତ କରିବାକୁ ମୁଁ ଆଶା ରଖିଛି'' ବୋଲି ତପନ ପ୍ରକାଶ କରିଛନ୍ତି। ତପନ ସମ୍ପ୍ରତି ଓଡ଼ିଶା ଏମ୍/ଏନ୍‌ଏସ୍ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟରର କ୍ୟାଡେଟ୍। ସେଠାରେ ତାଙ୍କର ଅନୁଭୂତି ସମ୍ପର୍କରେ କହିଛନ୍ତି ଯେ, ''ସମସ୍ତଙ୍କ ସମର୍ଥନ ବିନା ମୁଁ ଆଜି ଏଠାରେ ପହଞ୍ଚି ପାରି ନ ଥାନ୍ତି। ମୁଁ ଯେତିକି ପରିଶ୍ରମ କରିଛି ମୋ କୋଚ୍‌ମାନେ ମଧ୍ୟ ମୋତେ ପ୍ରସ୍ତୁତ କରିବାପାଇଁ ସେତିକି ପରିଶ୍ରମ କରିଛନ୍ତି। ଏଠାକାର ସୁବିଧା ସୁଯୋଗ ଅନେକ ଅନ୍ତର୍ଜାତୀୟ ସେଣ୍ଟରର ସୁବିଧା ସୁଯୋଗଠାରୁ ଉନ୍ନତ ବୋଲି ମୋର ଅନୁଭବ ହେଉଛି। ଏଠାରେ ଟ୍ରେନିଂ ନେଉଥିବା ଅନ୍ୟ ଆଥ୍‌ଲେଟଙ୍କ ସହ ମିଶି ମୁଁ ମୋ ଦକ୍ଷତାରେ ଉନ୍ନତି ଆଣିବା ପାଇଁ ପ୍ରୟାସ କରୁଛି''।

ଓଡ଼ିଶା ସରକାର ଆଗାମୀ ଦିନରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତା ଆୟୋଜନର ଲକ୍ଷ୍ୟ ରଖିଛନ୍ତି। ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚୟନ ଟ୍ରାଏଲ୍‌କୁ ସଫଳତାର ସହ ଆୟୋଜନ କରି ସରକାର ଲକ୍ଷ୍ୟ ଦିଗରେ ଗୋଟିଏ ପାଦ ଆଗକୁ ବଢ଼ିଛନ୍ତି। ରାଜ୍ୟ ସରକାର ଏବଂ ଏମ୍/ଏନ୍‌ଏସ୍‌ର ମିଳିତ ସହଯୋଗରେ ଭୁବନେଶ୍ୱରରେ ହାଇପରଫର୍ମାନ୍ସ ସେଣ୍ଟର ପ୍ରତିଷ୍ଠା ହୋଇଛି। ଏହା ବ୍ୟତୀତ ପୁରୀ, ଜୟପୁର ଓ ରାଉରକେଲାରେ ତୃଣମୂଳ ସ୍ତରରୁ ଜିମ୍ନାଷ୍ଟିକ୍‌ର ଉନ୍ନତି ପାଇଁ ଏକାଡେମୀ ପ୍ରତିଷ୍ଠା ହୋଇଛି। ''ଭାରତର ବିଭିନ୍ନ ସ୍ଥାନରୁ ଆସିଥିବା ଜିମ୍ନାଷ୍ଟଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ଚୟନ ଟ୍ରାଏଲ୍ ଇଭେଣ୍ଟ ଉପଯୁକ୍ତ ପ୍ଲାଟ୍‌ଫର୍ମ ଥିଲା। ଏପରି ଏକ ଇଭେଣ୍ଟ ଆୟୋଜନ କରିଥିବାରୁ ମୁଁ ଜିମ୍ନାଷ୍ଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗକୁ ଧନ୍ୟବାଦ ନ ଦେଇ ରହିପାରୁନାହିଁ। ଏଠାରେ ବହୁ ଜିମ୍ନାଷ୍ଟ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି ବୋଲି ଓଡ଼ିଶା ଏମ୍/ଏନ୍‌ଏସ୍ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟର କୋଚ୍ ଅଶୋକ କୁମାର ମିଶ୍ର ପ୍ରକାଶ କରିଛନ୍ତି।



ରାକେଶ ପାତ୍ର ଓ ତପନ ମହାନ୍ତି।

## କଳିଙ୍ଗରେ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚୟନ ଟ୍ରାଏଲ୍ ଶେଷ
## ଦୀପା, ଯୋଗେଶ୍ୱର ଶୀର୍ଷରେ

### ମନୋନୀତ ଖେଳାଳି
**ମହିଳା**
୧ ଦୀପା କର୍ମକାର (ତ୍ରିପୁରା)
୨ ପ୍ରଣତି ଦାସ (ରେଲୱେ)
୩ ପ୍ରଣତି ନାୟକ (ରେଲୱେ)
୪ ପ୍ରତିଷ୍ଠା ସାମନ୍ତ (ତ୍ରିପୁରା)
**ରିଜର୍ଭ**
୧ ବିଦିଶା ଗାୟେନ (ପଶ୍ଚିମବଙ୍ଗ)
**ପୁରୁଷ**
୧ ଯୋଗେଶ୍ୱର ସିଂ (ହରିୟାଣା)
୨ ରାକେଶ ପାତ୍ର (ଏସଏସସିବି)
୩ ତପନ ମହାନ୍ତି (ଓଡ଼ିଶା)
୪ ଗୌରବ କୁମାର (ଏସଏସସିବି)
୫ ସତ୍ୟଜିତ ମଣ୍ଡଳ (ରେଲୱେ)
**ରିଜର୍ଭ**
୧ ଆନାସ ଅଲୀ ଶେଖ୍ (ଏସଏସସିବି)
୨ ସୈଫ ତାମ୍ବୋଲି (ଏସଏସସିବି)

## ଦେଶରେ ଜିମ୍ନାଷ୍ଟିକ୍ସର ଆଦର ବଢ଼ୁଛି: ଦୀପା

''ମୁଁ ମୋ ଜୀବନର କଷ୍ଟ ପରିସ୍ଥିତିଦେଇ ଗତି କରିଛି। ଏଠାରେ ଯଦିଓ ଶ୍ରେଷ୍ଠ ପ୍ରଦର୍ଶନ ଦେଇ ପାରିନାହିଁ ତେବେ ଶୀର୍ଷରେ ରହିଥିବାରୁ ଖୁସି ଅଛି। ଏସିଆନ ଗେମ୍ସ ପାଇଁ ମୁଁ ଭାରତୀୟ ଦଳରେ ସ୍ଥାନ ପାଇବାକୁ ଆଶାବାଦୀ ଥିଲି ଏବଂ ଏହାଠାରୁ ଆଗକୁ ଆହୁରି ଭଲ ପ୍ରଦର୍ଶନର ଆଶା ରଖିଛି। ମୁଁ ସବୁବେଳେ ଶତପ୍ରତିଶତ ପ୍ରଦର୍ଶନ ପାଇଁ ପ୍ରତିଶ୍ରୁତିବଦ୍ଧ ଥାଏ। ଆଗକୁ ଦୁଇମାସ ଟ୍ରେନିଂ କରିବି। ଏହି ଅବସରରେ ପ୍ରଦର୍ଶନରେ ଉନ୍ନତି ପାଇଁ ନିଶ୍ଚିତ ପ୍ରୟାସ କରିବି। ଦେଶରେ ଜିମ୍ନାଷ୍ଟିକ୍ସର ଆଦର ବଢ଼ୁଛି। ଫଳରେ ଅନେକ ଜିମ୍ନାଷ୍ଟିକ୍ ପ୍ରତିଭା ସାମ୍ନାକୁ ଆସୁଛନ୍ତି। ଯୁବ ପ୍ରତିଭାମାନେ ସିନିୟର ଖେଳାଳିଙ୍କୁ ଚ୍ୟାଲେଞ୍ଜ ଦେବାକୁ ପ୍ରସ୍ତୁତ। ମୁଁ ମଧ୍ୟ ସେମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପସନ୍ଦ କରିବି। ଓଡ଼ିଶାରେ ହାଇପରଫର୍ମାନ୍ସ ସେଣ୍ଟରର ମାନ ବହୁତ ଭଲ। ରାଜ୍ୟ ସରକାର କ୍ରୀଡ଼ାର ଉନ୍ନତି ଚାହୁଁଥିବାରୁ ଆଗକୁ ଏଠାରୁ ଆହୁରି ଅଧିକ ଖେଳାଳି ବାହାରିବା ସମ୍ଭାବନା ରହିଛି'' ବୋଲି ଦୀପା କର୍ମକାର ପ୍ରକାଶ କରିଛନ୍ତି।



# ଅଶ୍ୱିନଙ୍କୁ ୫ ଉଇକେଟ

ଡୋମିନିକା, ୧୨।୭

ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଡୋମିନିକାରେ ଆରମ୍ଭ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ୍ ଖବର ପ୍ରସ୍ତୁତ ସୁଦ୍ଧା ୧୫୦ ରନ୍‌ରେ ସମସ୍ତ ଉଇକେଟ ହରାଇଛି। ସଫଳ ବୋଲର ଭାବରେ ରବିଚନ୍ଦ୍ରନ ଅଶ୍ୱିନ ୫ ଉଇକେଟ ଅକ୍ତିଆର କରିଛନ୍ତି। ଟେଷ୍ଟରେ ଏହା ତାଙ୍କର ୩୩ତମ ଓ କାରିବିୟାନ ମାଟିରେ ଚତୁର୍ଥ ୫ ଉଇକେଟ ସଫଳତା। ଭାରତ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ଓ ଇଶାନ୍ କିଶନ୍ ଏହି ମ୍ୟାଚ୍‌ରେ ଟେଷ୍ଟ ପଦାର୍ପଣ କରିଥିଲେ। ୱେଷ୍ଟଇଣ୍ଡିଜ୍ ଅଧିନାୟକ କ୍ରେଗ୍ ବ୍ରାଥୱେଟ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲେ। ୧୩ ତମ ଓଭରରେ ପ୍ରଥମ ସଫଳତା ପ୍ରଦାନ କରିଥିଲେ ଆର. ଅଶ୍ୱିନ୍। ଟାଗେନାରିନ୍ ଚନ୍ଦ୍ରପାଲ୍ (୧୨) ଓ କ୍ରେଗ୍ ବ୍ରାଥ୍‌ୱେଟ୍(୨୦) ଓପନିଙ୍ଗ ଯୋଡିରେ ୩୧ ରନ୍ ଯୋଡିଥିଲେ। ଚନ୍ଦ୍ରପାଲଙ୍କୁ ଆଉଟ କରି ଅଶ୍ୱିନ ଏହି ଯୋଡି ଭାଙ୍ଗିଥିଲେ। ଏହା ସହିତ ଟେଷ୍ଟ କ୍ରିକେଟରେ ଉଭୟ ପିତା ଓ ପୁତ୍ରଙ୍କୁ ଆଉଟ କରିବାରେ ଅଶ୍ୱିନ ବିଶ୍ୱର ପଞ୍ଚମ ବୋଲର ପାଲଟି ଯାଇଥିଲେ। ଏହାର ୪ ଓଭର ପରେ ଅନ୍ୟତମ ଓପନର ବ୍ରାଥୱେଟ ଅଶ୍ୱିନଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ୪୬ ବଲ୍ ଖେଳି ୩ ଚୌକା ସହିତ ୨୦ ରନ୍ କରିଥିବା ବେଳେ ରୋହିତ ଶର୍ମାଙ୍କୁ କ୍ୟାଚ୍ ଦେଇଥିଲେ। ୭୬ ରନ୍‌ରେ ଦଳ ୫ ଉଇକେଟ ହରାଇଥିବା ବେଳେ ଜାସନ୍ ହୋଲ୍ଡରଙ୍କ ସହ ୪୧ ରନ୍ ଯୋଡିଥିଲେ ଆଲିକ୍ ଆଠନାଜେ। ଘରୋଇ ଦଳର ସମସ୍ତ ବ୍ୟାଟର ଧୈର୍ଯ୍ୟହୀନ ବ୍ୟାଟିଂ କରୁଥିବା ବେଳେ ଡେବ୍ୟୁଟାଣ୍ଟ ଆଲିକ୍ ଆଠନାଜେ ଚମତ୍କାର ବ୍ୟାଟିଂ କରିଥିଲେ। ୯୯ ବଲ୍ ଖେଳି ସେ ୬ ଚୌକା ଓ ୧ ଛକା ସହିତ ୪୭ ରନ୍ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜାସନ୍ ହୋଲ୍ଡର ୧୮ ଓ ରାହକିମ୍ କର୍ନୱାଲ ଅପରାଜିତ ୧୯ ରନ୍ କରିଥିଲେ। ୧୨୯ ରନ୍‌ରେ ୮ ଉଇକେଟର ପତନ ପରେ ଅନ୍ତିମ ୨ ବ୍ୟାଟରଙ୍କ ସହିତ ୨୧ ରନ୍ ଯୋଡିଥିଲେ କର୍ନୱାଲ। ଭାରତ ପକ୍ଷରୁ ଅଶ୍ୱିନ୍ ସର୍ବାଧିକ ୫ ଉଇକେଟ ନେଇଥିବା ବେଳେ ରବୀନ୍ଦ୍ର ଜାଡେଜା ୩, ଶାର୍ଦ୍ଦୂଳ ଠାକୁର ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ପ୍ରଥମ ଟେଷ୍ଟ**
**ୱେଷ୍ଟଇଣ୍ଡିଜ୍ ୧୫୦ରେ ଅଲ୍‌ଆଉଟ୍**


ଟେଷ୍ଟ ପଦାର୍ପଣକାରୀ ଯଶସ୍ୱୀ ଜୟସ୍ୱାଲ ଓ ଇଶାନ କିଶନ।

### ସଂକ୍ଷିପ୍ତ ସ୍କୋର
ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ ୬୪.୩ ଓଭରରେ ୧୫୦/୧୦ (ଆଲିକ୍ ଆଠନାଜେ-୪୭, କ୍ରେଗ୍ ବ୍ରାଥୱେଟ-୨୦, ରାହକିମ କର୍ନୱାଲ-୧୯*, ଆର. ଅଶ୍ୱିନ-୫/୬୦, ରବୀନ୍ଦ୍ର ଜାଡେଜା-୩/୨୬, ଶାର୍ଦ୍ଦୂଳ ଠାକୁର-୧/୧୫)।



ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ପଦକ ବିଜୟୀ ଓଡ଼ିଶାର ଜ୍ୟୋତ୍ସ୍ନା ଶବର ଓ ଝିଲି ଦଳବେହେରା।

# ମୀନା, ଜ୍ୟୋତ୍ସ୍ନାଙ୍କୁ ସ୍ୱର୍ଣ୍ଣ, ଝିଲି ରୌପ୍ୟ

ଭୁବନେଶ୍ୱର, ୧୨।୭
(ତପନ ସ୍ୱାଇଁ)

ଗ୍ରେଟର ନଏଡ଼ାଠାରେ ବୁଧବାର ଆରମ୍ଭ ହୋଇଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ଓଡ଼ିଶା ଭାରୋତ୍ତୋଳନ ଏଚ୍‌ପିସି ଆଥଲେଟ୍ ଜ୍ୟୋତ୍ସ୍ନା ଶବର ଓ ମୀନା ଶାନ୍ତା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୪୦ କେଜି ୟୁଥ୍ ବର୍ଗରେ ଜ୍ୟୋତ୍ସ୍ନା ସ୍ନାଚ୍‌ରେ ୫୨ , କ୍ଲିନ୍ ଆଣ୍ଡ ଜର୍କରେ ୬୪ ଏହିପରି ମୋଟ ୧୧୬ କେଜି ଉତ୍ତୋଳନ କରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ମୀନା ୫୫ କେଜି ବର୍ଗରେ ୧୬୦ (୭୩+୮୭) କେଜି ଉତ୍ତୋଳନ କରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଛତିଶଗଡ଼ର ୨୦ ବର୍ଷୀୟ ଜ୍ଞାନେଶ୍ୱରୀ ଯାଦବ ୪୯ କେଜି ବର୍ଗରେ ୧୭୮ କେଜି ଭାରୋତ୍ତୋଳନ କରି ସ୍ୱର୍ଣ୍ଣ ପାଇଛନ୍ତି। ଓଡ଼ିଶାର ଝିଲି ଦଳବେହେରା ପ୍ରଥମ ଦିବସରେ ଅନୁଷ୍ଠିତ ୪୯ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରି ରୌପ୍ୟ ପଦକ ପାଇଛନ୍ତି। ୨୦୧୯ ଚାମ୍ପିୟନଶିପ୍‌ରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ନ ଥିବା ବର୍ଷ ହିଁ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥାଏ। ଏହାକୁ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଫେଡେରେଶନ ଆୟୋଜନ କରିଥାଏ। ୨୦୨୩ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ୨୦ଟି ଦେଶର ୨୫୦ ଭାରୋତ୍ତୋଳକ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତା ୧୬ ତାରିଖରେ ଉଦ୍‌ଯାପିତ ହେବ।

# ଏସିଆ କପ୍ କାର୍ଯ୍ୟସୂଚୀ ଚୂଡ଼ାନ୍ତ: ପାକିସ୍ତାନ ଯିବ ନାହିଁ ଭାରତ

ନୂଆଦିଲ୍ଲୀ, ୧୨।୭(ପି.ଟି.)

ଏସିଆ କପ୍ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଛି। ଭାରତୀୟ କ୍ରିକେଟ ଦଳ ପାକିସ୍ତାନରେ ଏହାର ମ୍ୟାଚ ଖେଳିବ ନାହିଁ ବୋଲି ବୁଧବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ସ୍ପଷ୍ଟ କରାଯାଇଛି। ବିସିସିଆଇ ସମ୍ପାଦକ ଜୟ ଶାହା ଓ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ପରିଚାଳନା କମିଟି ଚେୟାରମ୍ୟାନ ଜାକା ଅଶ୍ରଫଙ୍କ ମଧ୍ୟରେ ଆଲୋଚନା ହେବା ପରେ ଏହା ସ୍ପଷ୍ଟ ହୋଇଛି। ପୂର୍ବ ନିର୍ଦ୍ଧାରିତ ହାଇବ୍ରିଡ୍ ମଡେଲରେ ହିଁ ଏସିଆ କପ୍ ଅନୁଷ୍ଠିତ ହେବ ବୋଲି ଆଇପିଏଲ୍ କମିଟି ଚେୟାରମ୍ୟାନ୍ ଅରୁଣ ଧୁମାଲ ପ୍ରକାଶ କରିଛନ୍ତି। ଗୁରୁବାର ଦକ୍ଷିଣ ଆଫ୍ରିକାର ଡର୍ବାନରେ ହେବାକୁ ଥିବା ଆଇସିସିର ବୋର୍ଡ ମିଟିଂ ପାଇଁ ବୁଧବାର ଏକତ୍ରିତ ହେବା ଅବସରରେ ଜୟ ଶାହା ଓ ଜାକା ଅଶ୍ରଫ ଏହି ପ୍ରସଙ୍ଗରେ ଆଲୋଚନା କରିଥିଲେ। ବିଗତ ମାସରେ ଅଶ୍ରଫ ପିସିବି ଦାୟିତ୍ୱ ଗ୍ରହଣ କରିବା ପରେ ହାଇବ୍ରିଡ୍ ମଡେଲକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ପୂର୍ବତନ ପିସିବି ମୁଖ୍ୟ ନଜମ ସେଠୀ ହାଇବ୍ରିଡ୍ ମଡେଲ୍‌ର ପ୍ରସ୍ତାବ ଦେଇଥିଲେ। ଏହି ମଡେଲ ଅନୁସାରେ ଭାରତ ଏହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ। ଜୟ ଶାହାଙ୍କ ସହିତ ଆଲୋଚନା ପରେ ହାଇବ୍ରିଡ୍ ମଡେଲରେ ଖେଳିବା ପାଇଁ ସହମତି ପ୍ରକାଶ କରିଛି ପିସିବି।

ଆସନ୍ତା ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୧୭ ତାରିଖ ମଧ୍ୟରେ ଏସିଆ କପ୍ ପାକିସ୍ତାନ ଓ ବାଂଲାଦେଶରେ ଅନୁଷ୍ଠିତ ହେବ। ଲିଗ୍ ମ୍ୟାଚ୍ ମଧ୍ୟରୁ ୪ଟି ପାକିସ୍ତାନରେ ଓ ୯ଟି ମ୍ୟାଚ୍ ଶ୍ରୀଲଙ୍କାରେ ଖେଳାଯିବ। ଯଦି ଉଭୟ ଭାରତ ଓ ପାକିସ୍ତାନ ଫାଇନାଲରେ ପ୍ରବେଶ କରନ୍ତି ତେବେ ଫାଇନାଲ ମ୍ୟାଚ୍ ମଧ୍ୟ ଶ୍ରୀଲଙ୍କାରେ ଖେଳାଯିବ ବୋଲି ଧୂମାଲ କହିଛନ୍ତି। ଏହା ସହିତ ବିଭିନ୍ନ ପାକିସ୍ତାନୀ ମିଡିଆରେ ଏସିଆ କପ୍‌କୁ ନେଇ ପ୍ରକାଶିତ ଖବରକୁ ମଧ୍ୟ ଧୂମାଲ ଖାରଜ କରିଛନ୍ତି। ପାକିସ୍ତାନ କ୍ରୀଡାମନ୍ତ୍ରୀଙ୍କ ବୟାନ ଅନୁସାରେ ଭାରତ ପାକିସ୍ତାନ ଗସ୍ତ କରିବ ବୋଲି କିଛି ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିବା ବେଳେ ଏହାକୁ ଗୁଜବ ବୋଲି କହିଛନ୍ତି ଧୂମାଲ। ଏଭଳି କୌଣସି ଆଲୋଚନା ହୋଇନାହିଁ। ଭାରତ ପାକିସ୍ତାନ ଗସ୍ତ କରିବାର କୌଣସି ସମ୍ଭାବନା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ୨୦୧୦ ଏସିଆ କପ୍ ସଂସ୍କରଣ ଭଳି ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଶ୍ରୀଲଙ୍କାର ଡାମ୍ବୁଲାରେ ଖେଳାଯିବ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ